# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୫/୨୦୧୮ (୨୦ ପୃଷ୍ଠା) | Sambalpur, Tuesday, December 25/ 2018 | ★★

୧୫ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଟି୨୦ ଦଳରେ ଧୋନୀ**

ମହେନ୍ଦ୍ର ସିଂ ଧୋନୀ ସୋମବାର ଘୋଷିତ ଭାରତୀୟ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

୧୯

୧୧

**'ଛପକ୍' ପାଇଁ ଉତ୍ସାହିତ ଦୀପିକା**

ବଲିଉଡ ଅଭିନେତ୍ରୀ ଦୀପିକା ପାଡୁକୋନ୍ 'ଛପକ୍'ରେ ଅଭିନୟ ପାଇଁ ଉତ୍ସାହିତ ହୋଇପଡିଛନ୍ତି।



# ପାଇକମାଟିରୁ ପରିବର୍ତ୍ତନର ଆହ୍ୱାନ

**ଭୁବନେଶ୍ୱର, (ବ୍ୟୁରୋ) / ଖୋର୍ଦ୍ଧା ଅଫିସ,୨୪।୧୨**



ଆଇଆଇଟି କ୍ୟାମ୍ପସ୍ ପରିସରରେ ସୋମବାର ଆୟୋଜିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ଉତ୍ସବର ଏକ ବିଶେଷ ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। (ରିପୋର୍ଟ ପୃଷ୍ଠା-୨)

- ବୁଲେଇବଙ୍କେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ
- ଚାଷୀ,ଚିଟ୍‌ଫଣ୍ଡ,ପିସି ପ୍ରସଙ୍ଗରେ ସମାଲୋଚନା
- ଭ୍ରଷ୍ଟାଚାର ଦାନବକୁ ଦାନାପାଣି ନେଇ ପ୍ରଶ୍ନ

ଓଡ଼ିଶାର ବିକାଶ ପାଇଁ ପରିବର୍ତ୍ତନର ଆବଶ୍ୟକତା ରହିଛି। ସେହି ପରିବର୍ତ୍ତନ ରାଜ୍ୟବାସୀଙ୍କ ଆଶୀର୍ବାଦ ଏବଂ ସହଯୋଗରୁ ସମ୍ଭବ ହୋଇପାରିବ। ବିକାଶର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାରେ ଭାଜପାକୁ ବିଜୟୀ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଖୋର୍ଦ୍ଧାସ୍ଥିତ ନାଇଜର ପଡିଆରେ ଭାଜପା ପକ୍ଷରୁ ଆୟୋଜିତ ସ୍ୱାଭିମାନ ସମାବେଶରେ ବକ୍ତବ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଶାସକ ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଟାର୍ଗେଟ କରି ନ ଥିଲେ ମଧ୍ୟ ପରୋକ୍ଷରେ ଚାଷୀ, ପିସି, ଚିଟ୍‌ଫଣ୍ଡ, ସ୍ୱଚ୍ଛତା ଏବଂ ଆୟୁଷ୍ମାନ ଯୋଜନା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏପରି କି ଓଡ଼ିଶାରେ ଭ୍ରଷ୍ଟାଚାର ଏବଂ ଦୁର୍ନୀତିର ଦାନବ ରହିଛି, ଏହାକୁ କିଏ ଦାନାପାଣି ଦେଉଛି ବୋଲି ମୋଦି ପ୍ରଶ୍ନ କରିଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି।

ନିଜ ୩୫ ମିନିଟ୍ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଓଡ଼ିଆ ଚାଷୀଙ୍କୁ ସେମାନଙ୍କ ଉପଯୁକ୍ତ ମୂଲ୍ୟ ମିଳିନାହିଁ। କୃଷକଟିଏ ପାଣି ପାଇଁ ତହଳବିକଳ ହେଉଛି। ଚାଷୀଙ୍କ କଲ୍ୟାଣ ପାଇଁ ଏନ୍‌ଡିଏ ସରକାର ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରିଛି। ଧାନ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୨ ପ୍ରତିଶତ ବୃଦ୍ଧି କରାଯାଇଛି। ହେଲେ ଓଡ଼ିଶାରେ ଚାଷୀମାନେ ଉଚିତ ମୂଲ୍ୟ ପାଉନାହାନ୍ତି। ଯାହା ଫଳରେ ସେମାନେ ପଡ଼ୋଶୀ ରାଜ୍ୟକୁ ପଳାଉଛନ୍ତି। ରାଜ୍ୟ ସରକାର ୧୦ ଲକ୍ଷ ହେକ୍ଟର ଜମିରେ ଜଳସେଚନ କରିବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ମାତ୍ର ୨୨,୦୦୦ ହେକ୍ଟର ଜମିରେ ସୀମିତ ରହିଛି। ରାଜ୍ୟର ଏକ ତୃତୀୟାଂଶ ବ୍ଲକରେ ୭୦ ପ୍ରତିଶତ ଜଳସେଚନ ସୁବିଧା ନାହିଁ। ଅପରପକ୍ଷରେ ଏନ୍‌ଡିଏ ସରକାର ଚାଷୀଠାରୁ ମଣ୍ଡିରେ ଧାନ ନେବା ପର୍ଯ୍ୟନ୍ତ ବ୍ୟବସ୍ଥାର କମ୍ପ୍ୟୁଟରୀକରଣ କରିଥିବା ମୋଦି କହିଛନ୍ତି। ସେହିପରି ସ୍ୱଚ୍ଛତାରେ ସାରା ଦେଶ ୯୭ ପ୍ରତିଶତ କାର୍ଯ୍ୟ ହାସଲ କରିସାରିଛି, ମାତ୍ର ଓଡ଼ିଶା ଅନ୍ୟ ପଛୁଆ ରାଜ୍ୟଠାରୁ ବି ପଛରେ ପଡିଯାଇଛି। ଓଡ଼ିଶାର ଜନସାଧାରଣ ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ପଳାଇ ଯିବା ପାଇଁ ବାଧ୍ୟ ହେଉଛନ୍ତି। ରାଜ୍ୟର ପିଲା କୁପୋଷଣ ଏବଂ ପୁଷ୍ଟିହୀନତାର ଶିକାର ହୋଉଛନ୍ତି। ରାଜ୍ୟରେ ଡାକ୍ତରୀ ସିଟ୍ ଖାଲି ପଡୁଛି। ଆନ୍ଦୋଳନ ନ କଲେ ଶିକ୍ଷକଙ୍କୁ ଦରମା ମିଳୁନାହିଁ। ରାଜ୍ୟରେ ଚିଟ୍‌ଫଣ୍ଡଠାରୁ ଆରମ୍ଭ କରି ପିସି କାରବାର ବ୍ୟାପକ ଭାବେ ଜୋର ଚାଲିଛି। ଏହିଭଳି ଭ୍ରଷ୍ଟାଚାର ଦାନବକୁ କିଏ ଦାନାପାଣି ଦେଉଛି ବୋଲି ମୋଦି ସମବେତ ଜନତାଙ୍କୁ ପ୍ରଶ୍ନ କରିଛନ୍ତି।

ନିଜ ଶାସନ କାଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଲମ୍ବା ତାଲିକା ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେହିପରି ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ନ କରିବାକୁ ନେଇ ମଧ୍ୟ ମୋଦି ବର୍ଷିଛନ୍ତି। ସେ କହିଛନ୍ତି ଯେ, ☞ପୃଷ୍ଠା-୪

## ପିପିଲି ପୀଡିତାଙ୍କୁ ମିଳିଲାନି ନ୍ୟାୟ
# ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

- କ୍ରାଇମବ୍ରାଞ୍ଚର ଢ଼ିଲା ତଦନ୍ତ
- ରାୟକୁ ନେଇ ଅସନ୍ତୋଷ ପ୍ରକାଶ କଲେ ପରିବାର ଲୋକେ
- ନ୍ୟାୟ ପାଳିକା ଉପରେ ଭରସା ତୁଟାଇଲେ

ବହୁ ଚର୍ଚ୍ଚିତ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। କ୍ରାଇମବ୍ରାଞ୍ଚର ଢିଲା ତଦନ୍ତ ଓ ତଥ୍ୟ ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତ ସୁକାନ୍ତ ପ୍ରଧାନ ଓ ଭାଇ ପ୍ରଶାନ୍ତ ପ୍ରଧାନଙ୍କୁ ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କୋର୍ଟ ୬୭ଜଣ ସାକ୍ଷ୍ୟ,୧୫ ଜଣ ଡାକ୍ତରଙ୍କ ବୟାନ ଓ ୪୯ ଡକ୍ୟୁମେଣ୍ଟକୁ ଆଧାର କରି ତାଙ୍କ ରାୟ ଶୁଣାଇଛନ୍ତି। କିନ୍ତୁ କୋର୍ଟଙ୍କ ଏହି ରାୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପୀଡିତାଙ୍କ ପରିବାର। ଆମକୁ ନ୍ୟାୟ ମିଳିଲାନି ବୋଲି ପୀଡିତାଙ୍କ ମାଆ କହିଛନ୍ତି।

୨୦୧୧ ନଭେମ୍ବର ୨୮ରେ ଘଟିଥିଲା ଏହି ଲୋମଟାଙ୍କୁରା ଘଟଣା। ଯୁବତୀ ଜଣକ ଶୌଚ ହେବା ପାଇଁ ଯାଇଥିବାବେଳେ ତାଙ୍କୁ କେତେଜଣ ଯୁବକ ଟେକିନେଇ ବଳାତ୍କାର କରିଥିଲେ। ସକାଳୁ ସ୍ଥାନୀୟ ଲୋକେ ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ବିଲରୁ ଉଦ୍ଧାର କରି ପିପିଲି ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ପୀଡିତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘଦିନ କୋମାରେ ରହିବା ପରେ ୨୦୧୨ ଜୁନ୍ ୨୧ରେ ସେ ସେଠାରେ ଆଖି ବୁଜିଥିଲେ। ପ୍ରଥମେ ପୋଲିସ ପୀଡିତାଙ୍କ ଭାଇଙ୍କ ଅଭିଯୋଗକୁ ଗ୍ରହଣ କରି ନ ଥିଲା। ରାଜ୍ୟ ମାନବିକ ଅଧିକାର କମିଶନଙ୍କ ହସ୍ତକ୍ଷେପ ପରେ ପିପିଲି ପୋଲିସ ଆଇପିସି ଦଫା ୩୦୭, ୩୬୭, ୩୪୧, ୫୦୬ ଏବଂ ଏସିଏସ୍‌ଟି ଧାରା ୩ରେ ମାମଲା (ନଂ.୧୦/୧୨) ରୁଜୁ କରିଥିଲା। ଚାରିଆଡୁ ଚାପ ପଡ଼ିବା ପରେ ପୋଲିସ ପ୍ରଶାନ୍ତ ପ୍ରଧାନ, ଗୁଣ ସ୍ୱାଇଁ ଓ ପ୍ରେମାନନ୍ଦ ସ୍ୱାଇଁଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ସୁକାନ୍ତ ପ୍ରଧାନଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ କରି ଦୁଇ ଅଭିଯୁକ୍ତ ଦୁଇଭାଇ ସୁକାନ୍ତ ଓ ପ୍ରଶାନ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ହେଲେ ଗୁଣ ଓ ପ୍ରେମାନନ୍ଦଙ୍କ ସଂପୃକ୍ତି ନେଇ ସାକ୍ଷ୍ୟପ୍ରମାଣ ନ ମିଳିବାରୁ ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ପୋଲିସ ଓ ନ୍ୟାୟିକ ବ୍ୟବସ୍ଥା ☞ପୃଷ୍ଠା-୪

## ଘନ କୁହୁଡ଼ି ଯୋଗୁ ସିରିଜ ଦୁର୍ଘଟଣା: ୮ ମୃତ

**ଝାଜ୍ଜର(ହରିୟାଣା),୨୪।୧୨(ପି.ଟି.)**

ଘନ କୁହୁଡ଼ି ଯୋଗୁ ରୋହତକ-ରେୱାରି ଜାତୀୟ ରାଜପଥରେ ସୋମବାର ସକାଳେ ସ୍କୁଲ ବସ୍ ସମେତ ୫୦ଟି ଗାଡ଼ି ମଧ୍ୟରେ ସିରିଜ ଦୁର୍ଘଟଣା ହୋଇଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୭ ଜଣ ମହିଳା ହୋଇଥିବାବେଳେ ଆହତଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ହରିୟାଣାର ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଅସୁରଙ୍କ ପ୍ରାଦୁର୍ଭାବ**

### ଆଜିର ମନ୍ତବ୍ୟ

"କ୍ଷମତା କେତେକ ବ୍ୟକ୍ତିଙ୍କ ପାଇଁ ଅକ୍ସିଜେନ୍ ଭଳି। ଏହା ବିନା ସେମାନେ ବଞ୍ଚିପାରିବେ ନାହିଁ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ନଭେମ୍ବର ମାସରେ ଦେଶରୁ ସାମଗ୍ରୀ ରପ୍ତାନୀ ୦.୮୦% ବୃଦ୍ଧି ଘଟି ୨୬.୫ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ

**CBSE Exam Mate**

ପୃଷ୍ଠା -୧୫

■ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୭ ଦିନିଆ ଅର୍ଥନୈତିକ ଅବରୋଧ ଆରମ୍ଭ

**ବଲାଙ୍ଗୀର ଅଫିସ,୨୪।୧୨**

- ଜିଲାସ୍ତରୀୟ ସମସ୍ତ ସରକାରୀ ଅଫିସ ବନ୍ଦ
- ବ୍ୟାଙ୍କ, ଡାକଘର, ସ୍କୁଲ କଲେଜ, ବୀମା ପ୍ରତିଷ୍ଠାନରେ ତାଲା
- ଏଟିଏମ୍‌ରେ ଟଙ୍କା ନାହିଁ, ଲୋକେ ହଇରାଣ
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ଦିନକୁ ଦିନ ଜୋର ଧରିବାରେ ଲାଗିଛି। ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ସୋମବାର ୨୨ ଦିନରେ ପହଞ୍ଚିଥିବାବେଳେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯାଇଛି । ସୋମବାରଠାରୁ ଆରମ୍ଭ ହୋଇଛି ସପ୍ତାହ ବ୍ୟାପୀ ଅର୍ଥନୈତିକ ଅବରୋଧ। ଏହି ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଫଳରେ ଆଗାମୀ ୭ ଦିନ ଧରି ଜିଲା ସଦର ମହକୁମାର ସମସ୍ତ ସରକାରୀ ଅଫିସ, ଡାକଘର, ବ୍ୟାଙ୍କ ଓ ବୀମା ପ୍ରତିଷ୍ଠାନ ବନ୍ଦ ରହିବ। ଏନେଇ ସକାଳ ୯ଟାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେଶନ୍, ବଲାଙ୍ଗୀର ଆକ୍ସନ କମିଟି, ଅଟୋରିକ୍ସା ଚାଳକ ସଂଘ କର୍ମକର୍ତ୍ତାମାନେ ସମସ୍ତ ସରକାରୀ କାର୍ଯ୍ୟାଳୟ ସମେତ ବ୍ୟାଙ୍କ, ପ୍ରଧାନ ଡାକଘର ସମ୍ମୁଖରେ ପିକେଟିଂ କରି ବନ୍ଦ କରିଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଅର୍ଥନୈତିକ ଅବରୋଧ ଜାରି ରହିବ।

ଏହି ବନ୍ଦ ପାଳନର ପ୍ରଥମ ଦିନରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସମସ୍ତ ବ୍ୟାଙ୍କର ଏଟିଏମ୍ କାଉଣ୍ଟରରେ ଟଙ୍କା ନାହିଁ । ଲୋକେ ଟଙ୍କା ଉଠାଇ ନ ପାରି ହଇରାଣ ହରକତ ହେଉଛନ୍ତି । ଗତ ୩ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରି ଅଫିସ, ଯୋଗାଣ କାର୍ଯ୍ୟାଳୟ, ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସିଭିଲ କୋର୍ଟରେ କାର୍ଯ୍ୟବନ୍ଦ କରାଯାଇଛି। ଫଳରେ ଜିଲାର ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି । ଏବେ ଜିଲା ସଦର ମହକୁମାର ସମସ୍ତ ଅଫିସ ବନ୍ଦ କରାଯିବା ପରେ ପ୍ରଶାସନିକ କଳ ଅଚଳ ହୋଇପଡିଛି । ଏଭଳି ଅଚଳାବସ୍ଥାକୁ କିଭଳି ଦୂର କରାଯିବ ସେନେଇ କାହାର କୌଣସି ଉଦ୍ୟମ ନାହିଁ। ସରକାର ମଧ୍ୟ ଏଦିଗରେ କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନ ଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ଓ ଧାରଣାରେ ସୋମବାର ବିଭିନ୍ନ ସଙ୍ଗଠନର ଶତାଧିକ ପ୍ରତିନିଧି ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ନବଗଠିତ ବଲାଙ୍ଗୀର ବାଇପାସ୍ କମିଟି ସଭାପତି ସରୋଜ ଦଲାଇ, ସମ୍ପାଦକ ହରିବନ୍ଧୁ ନାୟକଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ଆନ୍ଦୋଳନରେ ☞ପୃଷ୍ଠା-୪

# ପ୍ରଚଣ୍ଡ ଶୀତ: ଆହୁରି ଥରେଇବ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

- ୧୦ ଡିଗ୍ରୀ ତଳେ ୧୧ ସହର
- ଫୁଲବାଣୀରେ ୬.୫ ଡିଗ୍ରୀ
- ଉତ୍ତର ଓଡ଼ିଶାରେ ଶୀତ ଲହରି

ପ୍ରଚଣ୍ଡ ଶୀତରେ ଥରୁଛି ସାରା ରାଜ୍ୟ। ସଞ୍ଜ ନଇଁବା ମାତ୍ରେ ମାଡ଼ି ଆସୁଛି ପ୍ରବଳ ଥଣ୍ଡା । ସକାଳ ୧୦ଟା ଯାଏ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଦେହମୁଣ୍ଡ ଥରାଇ ଦେଉଛି। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ସବୁଠି ପ୍ରଚଣ୍ଡ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସୋମବାର ରାଜ୍ୟରେ ସର୍ବନିମ୍ନ ପାରଦ ୭ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୧ ସହରରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଫୁଲବାଣୀରେ ସର୍ବନିମ୍ନ ୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗିବାଡି ୭, ଟିଟିଲାଗଡ଼ ୯, ସୋନପୁର ୮, ବାଲେଶ୍ୱର ୯.୧, ଭୁବନେଶ୍ୱର ୯.୯, ଅନୁଗୋଳ ୭.୬, ଝାରସୁଗୁଡ଼ା ୯.୫, କେନ୍ଦୁଝର ୭.୨, ସମ୍ବଲପୁର ୯.୫, ସୁନ୍ଦରଗଡ଼ ୯, ଚାନ୍ଦବାଲି ୧୦.୭, କଟକ ୧୦.୪, ବାରିପଦା ୧୦, ହୀରାକୁଦ ୧୦.୩, ତାଳଚେର ୧୦, ଭବାନୀପାଟଣା ୧୦.୫ ଏବଂ ବଲାଙ୍ଗୀରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ରାଜ୍ୟକୁ ଉତ୍ତର ପୂର୍ବ ଦିଗରୁ ଥଣ୍ଡା ବାୟୁ ପ୍ରବାହିତ ହେଉଛି। ଆସନ୍ତା ଦୁଇତିନି ଦିନ ଯାଏ ଉତ୍ତର ଓଡ଼ିଶାରେ ପ୍ରଚଣ୍ଡ ଶୀତ ଲହରି ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏଥିସହିତ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ଶୀତ ଆହୁରି ଥରେଇବ। ସର୍ବନିମ୍ନ ତାପମାତ୍ରା ୧ରୁ ୨ ଡିଗ୍ରୀ ତଳକୁ ଖସିବ ବୋଲି ପୂର୍ବାନୁମାନ କରାଯାଇଛି।


NATIONAL EGG CO-ORDINATION COMMITTEE | 24.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 88 | 142 | 152 |
| DKL | 88 | 142 | 152 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 89 | 144 | 154 |

*Conditions Apply

Eggs Retail Price- 53/-Dozen

Issued in the Interest of Consumers





# ନୂଆ ଭାରତ ବିକାଶରେ ଓଡ଼ିଶା ହେବ ଇଞ୍ଜିନ

## ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ଓଡ଼ିଶାର ବିକାଶ ପାଇଁ ଆମେ ସଂକଳ୍ପବଦ୍ଧ। ଏ ଦିଗରେ ଅଧିକ ପାଦେ ଆଗକୁ ଯାଇ ୧୪ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଶିଳାନ୍ୟାସ ଓ ଲୋକାର୍ପିତ କରାଯାଇଛି। ଏହି ପ୍ରକଳ୍ପ ମଧ୍ୟରେ ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ, ଗ୍ୟାସ୍ ଯୋଗାଣ, ସଡ଼କ ଓ ସାଂସ୍କୃତିକ ଐତିହ୍ୟ ପରିଯୋଜନା ଆଦି ରହିଛି। ଓଡ଼ିଶାର ପ୍ରଗତି ଓ ଜନଜୀବନକୁ ସୁଗମ କରିବାରେ ଏହିସବୁ ଯୋଜନା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନୂଆ ଭାରତର ବିକାଶରେ ଓଡ଼ିଶା ଇଞ୍ଜିନ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଅନୁଗୁଳସ୍ଥିତ ଆଇଆଇଟି କ୍ୟାମ୍ପସ ପରିସରରେ ସୋମବାର ପ୍ରଧାନମନ୍ତ୍ରୀ ମୋଦି ଭିଡିଓ କନଫେରନ୍ସିଂ ଜରିଆରେ ୧୪ହଜାର ୫୨୩କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ସେଥିମଧ୍ୟରେ ଆଇଆଇଟିର ନୂତନ କ୍ୟାମ୍ପସ୍, ଇଏସ୍ଆଇ ହସ୍ପିଟାଲର ଶଯ୍ୟା ବୃଦ୍ଧି, ଲଳିତଗିରି ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଉଦ୍‌ଘାଟିତ ହୋଇଛି। ସେହିପରି ପାଇକ ବିଦ୍ରୋହ ସ୍ମାରକ ମୁଦ୍ରା ଓ ଡାକଟିକଟ ଉନ୍ମୋଚିତ ହୋଇଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ଗବେଷଣା ଚେୟାର ସ୍ଥାପନ କରାଯାଇଛି। ୪୫୦୦ କୋଟି ଟଙ୍କାର ସଡ଼କ ପ୍ରକଳ୍ପର ଆଧାରଶିଳା ସ୍ଥାପନ ସାଙ୍ଗକୁ ଗ୍ୟାସ୍ ପାଇପ୍‌ଲାଇନ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରାଯାଇଛି।

ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଓଡ଼ିଶା ସମେତ ପୂର୍ବଭାରତର ବିକାଶ ହେଉଛି ଆମର ସଂକଳ୍ପ। ପୂର୍ବ ଭାରତକୁ ଦକ୍ଷିଣ ଏସିଆର ପ୍ରବେଶ ଦ୍ୱାର ରୂପେ ଗଢ଼ି ତୋଳିବା ପାଇଁ ଉଦ୍ୟମ ଜାରି ରହିଛି। ଆଇଆଇଟିର ନୂତନ କ୍ୟାମ୍ପସ୍ ଉଦ୍‌ଘାଟନ କରି ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। ଏଥିରେ ୧୨୬୦କୋଟି ଟଙ୍କା ବିନିଯୋଗ ହୋଇଛି। ଯୁବପିଢ଼ିଙ୍କ ପାଇଁ ଏହା ସ୍ୱପ୍ନର ସେଣ୍ଟର ହେବ ଏବଂ ସେମାନଙ୍କ ରୋଜଗାରର ନୂଆ ମାଧ୍ୟମ ପାଲଟିବ। ଆଗାମୀ ଦିନରେ ଏଠାରୁ ଉଚ୍ଚସ୍ତରୀୟ ଇଞ୍ଜିନିୟର ବାହାରି ବିକାଶରେ ଯୋଡ଼ି ହେବେ। ଆଧୁନିକ ଟେକ୍ନୋଲୋଜି ଉଦ୍ଭାବନ କରିବାରେ ଆଇଆଇଟି, ନାଇଜର ଏବଂ ଆଇଜର ରାଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଭୁବନେଶ୍ୱର ଇଏସ୍ଆଇ ହସ୍ପିଟାଲର ୫୦ ଶଯ୍ୟାରୁ ୧୦୦କୁ ବୃଦ୍ଧି କରାଯିବା ସହ ଆଧୁନିକ ଭିତ୍ତିଭୂମି ମଧ୍ୟ ସ୍ଥାପନ କରାଯାଇଛି। ବର୍ତ୍ତମାନ ସାରା ଦେଶରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ଅଧୀନରେ ଓଡ଼ିଶାରେ ୧୧୫୦ଟି ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ର ଖୋଲାଯିବ। କେନ୍ଦ୍ର ସରକାର ଓଡ଼ିଶାରେ ସଡ଼କ ନେଟୱର୍କ ୧୦ ହଜାର କିଲୋମିଟରକୁ ସମ୍ପ୍ରସାରିତ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ଏହା ରାଜ୍ୟରେ ଉଦ୍ୟୋଗ ବିକାଶ ତଥା ପରିବହନ ସୁବିଧାକୁ ସୁଗମ କରିବ। ଓଡ଼ିଶାରେ ତୈଳ ଓ ପ୍ରାକୃତିକ ବାଷ୍ପ ଉଦ୍ୟୋଗର ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଓଡ଼ିଶା ଖୁବ୍ ଶୀଘ୍ର ପେଟ୍ରୋଲିୟମ ଶିଳ୍ପର ପ୍ରମୁଖ ହବ୍ ହେବାକୁ ଯାଉଛି। ଏଥିରେ ପାରାଦୀପ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କେନ୍ଦ୍ର ସରକାର ସବୁଘରକୁ ଏଲ୍‌ପିଜି ଯୋଗାଣ ଲକ୍ଷ୍ୟର ନିକଟବର୍ତ୍ତୀ ହେଉଛନ୍ତି ବୋଲି ସେ କହିଛନ୍ତି।

ସୂଚନାଥାଉ କି, ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନାରେ ଉତ୍ତରପ୍ରଦେଶରୁ ଓଡ଼ିଶା ପର୍ଯ୍ୟନ୍ତ ପାଇପ ଲାଇନ ବିଛାଯାଉଛି। ଜଗଦୀଶପୁର-ହଳଦିଆ-ବୋକାରୋ-ଧାମରା ସେକ୍ସନ ଅନ୍ତର୍ଗତ ବୋକାରୋ-ଅନୁଗୁଳ ସେକ୍ସନ ଗ୍ୟାସ୍ ପାଇପଲାଇନ ପ୍ରକଳ୍ପକୁ ମଧ୍ୟ ପ୍ରଧାନମନ୍ତ୍ରୀ ଏହି ଅବସରରେ ଶିଳାନ୍ୟାସ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ୫ଟି ଏବଂ ଝାଡଖଣ୍ଡର ୬ଟି ଜିଲା ଉପକୃତ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ଗବେଷଣା କେନ୍ଦ୍ର ପାଇଁ କେନ୍ଦ୍ର ସରକାର ୫କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଏହି ଚେୟାର ମାଧ୍ୟମରେ ରାଷ୍ଟ୍ରବାଦୀ ଆନ୍ଦୋଳନ ଏବଂ ଓଡ଼ିଶାର ଆଦିବାସୀମାନଙ୍କ ସାମାଜିକ-ଆର୍ଥିକ ପରିବର୍ତ୍ତନ ଉପରେ ଗବେଷଣା କରାଯିବ। ସେହିପରି ୯.୫କୋଟି ଟଙ୍କା ବ୍ୟୟରେ ନିର୍ମିତ ଲଳିତଗିରି ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଦେଶ ବିଦେଶରୁ ଗବେଷକ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସମାରୋହରେ ପ୍ରଧାନମନ୍ତ୍ରୀ ରିମୋଟ ଜରିଆରେ ଏନ୍ଏଚ୍-୧୬ର ୩ଟି ସ୍ଥାନ ଯଥା ଚଣ୍ଡିଖୋଲ-ଭଦ୍ରକ ସେକ୍ସନକୁ ୬ ଲେନ, ଖଣ୍ଡଗିରିରେ ଫ୍ଲାଏଓଭର, ଟାଙ୍ଗୀ-ପୁଇଁତୋଳା ସେକ୍ସନର ୬/୪ ଲେନ୍ ଏବଂ ଏନ୍ଏଚ୍-୫୫ ଅନ୍ତର୍ଗତ କଟକ-ଅନୁଗୋଳ ସେକ୍ସନର ୪ ଲେନ୍ କାର୍ଯ୍ୟ ପାଇଁ ଆଧାରଶିଳା ସ୍ଥାପନ କରିଛନ୍ତି। ସେହିପରି ସମାରୋହ ସ୍ଥଳରୁ ୧୬୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବ୍ରହ୍ମପୁର ଆଇଜର କ୍ୟାମ୍ପସ୍ ପାଇଁ ଆଧାରଶିଳା ସ୍ଥାପନ କରାଯାଇଥିଲା। ଏହିସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ନ୍ୟୁ ଇଣ୍ଡିଆର ଅଭ୍ୟୁଦୟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସବୁ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ। ବକ୍ସି ଜଗବନ୍ଧୁଙ୍କ ସ୍ମୃତିଚାରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବକ୍ସି ଓଡ଼ିଶା ମାଟିର ମହାନ ସନ୍ତାନ ଥିଲେ। ତାଙ୍କ ବୀରତ୍ୱ ଓ ବଳିଦାନର ତୁଳନା ନାହିଁ। ବରୁଣେଇରେ ପାଇକ ବିଦ୍ରୋହର ସ୍ମାରକୀ ପାଇଁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇଦେବେ। ପାଇକ ବିଦ୍ରୋହ ସାରା ଦେଶରେ ଚିରସ୍ମରଣୀୟ। ପାଇକ ସଂଗ୍ରାମକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରଦାନ କରାଯାଉ। ଏହା ପାଇକମାନଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମଙ୍କ ସମେତ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଉପସ୍ଥିତ ଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ସ୍ୱାଗତ ଭାଷଣରେ କହିଛନ୍ତି, ଏହି ମାଟିରୁ ଓଡ଼ିଶା ବିକାଶର ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ଏହାର ଅଂଶ ସ୍ୱରୂପ ପ୍ରଧାନମନ୍ତ୍ରୀ ୧୪ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପମାନ ଶୁଭାରମ୍ଭ କରୁଛନ୍ତି। କେନ୍ଦ୍ର ସରକାର ୪ର୍ଥ ଶିଳ୍ପ ବିପ୍ଳବରୁ ପଞ୍ଚମ ପିଢ଼ି ଆଡକୁ ଅଗ୍ରସର ହେଉଛନ୍ତି। ଓଡିଶାର ବିକାଶରେ ପ୍ରଧାନମନ୍ତ୍ରୀଙ୍କ ଭବିଷ୍ୟଦୃଷ୍ଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ସେ କହିଛନ୍ତି।


ଅନୁଗୁଳସ୍ଥିତ ଆଇଆଇଟି କ୍ୟାମ୍ପସରେ ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ପାଇକ ବିଦ୍ରୋହ ସ୍ମାରକ ମୁଦ୍ରା ଉନ୍ମୋଚନ କରୁଛନ୍ତି।


ସମାରୋହରେ ଉପସ୍ଥିତ ଜନସାଧାରଣ।


ନୂତନ ଆଇଆଇଟି କୋଠା

# ଭାଜପା ସ୍ୱାଭିମାନ ସମାବେଶର ଝଲକ





ଖୋର୍ଦ୍ଧାସ୍ଥିତ ନାଇଜର ପଡ଼ିଆରେ ସୋମବାର ଅନୁଷ୍ଠିତ ଭାଜପାର ସ୍ୱାଭିମାନ ସମାବେଶରେ ଦଳୀୟ ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଖଣ୍ଡା ଉପହାର ଦେଉଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳୀୟ ନେତା କେ.ଭି. ସିଂହଦେଓ ଏବଂ ସୁରେଶ ପୂଜାରୀ।


ସମାବେଶରେ ମୋଦିଙ୍କ ମୁଖା ପିନ୍ଧଥିବା ଭାଜପା ମହିଳା କର୍ମୀ।


ଯୋଗଦେଇଥିବା ଭାଜପା କର୍ମୀ, ସମର୍ଥକ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ

# ବିଜେଡିର ପାଣ୍ଠି ଚିନ୍ତା

- ମାସକ ଦରମା ଦାନ କରିବାକୁ ଦଳୀୟ ଏମ୍‌ପି, ବିଧାୟକଙ୍କୁ ଚିଠି ଲେଖିଲେ ନବୀନ
- ୨୦୦ ନୂତନ ସଦସ୍ୟ ସଂଗ୍ରହ କରିବାକୁ ନେତା, କର୍ମୀଙ୍କୁ ଆହ୍ବାନ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳ(ବିଜେଡି) ୨୧ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି। ଏ ନେଇ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ତେବେ ଖର୍ଚ୍ଚ ତୁଲାଇବାକୁ ଦଳୀୟ ପାଣ୍ଠି ନାହିଁ। ଆଗକୁ ସାଧାରଣ ନିର୍ବାଚନ ଆସୁଛି । ଏଥିରେ ବହୁ ଅର୍ଥ ଖର୍ଚ୍ଚ ହେବାର ସମ୍ଭାବନା ରହିଛି। ସେହି ଅର୍ଥ କେଉଁଠୁ ଯୋଗାଡ଼ କରାଯିବ ସେ ଚିନ୍ତା ଏବେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଘାରିଛି। ଦଳ ପାଇଁ ମାସକର ଦରମା ଦେବାକୁ ମୁଖ୍ୟମନ୍ତ୍ରୀ ଏମ୍‌ପି ଏବଂ ବିଧାୟକମାନଙ୍କୁ ଅନୁରୋଧ କରି ସୋମବାର ଏକ ଚିଠି ଲେଖିଛନ୍ତି। ପ୍ରତିଷ୍ଠା ଦିବସ ପୂର୍ବରୁ ରାଜ୍ୟ କର୍ମକର୍ତ୍ତା, ଜିଲା ପର୍ଯ୍ୟବେକ୍ଷକ, ବିଧାୟକ ପ୍ରାର୍ଥୀ, ଜିଲା ସଭାପତି, ଛାମୁଆ ସଂଗଠନର ରାଜ୍ୟ, ବ୍ଲକ ଓ ନଗର ସଭାପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ଦଳୀୟ ଫଣ୍ଡକୁ ପାଣ୍ଠି ଯୋଗାଇବା ସହିତ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଏମ୍‌ପି ଓ ବିଧାୟକ ନିଜର ମାସକ ଦରମା ଦଳୀୟ ପାଣ୍ଠିକୁ ଚେକ୍ ଆକାରରେ ପ୍ରଦାନ କରି ଦଳର ଆର୍ଥିକ ଶକ୍ତିକୁ ମଜଭୁତ କରିବାକୁ ବିଜେଡି ସଭାପତି ଆହ୍ବାନ ଦେଇଛନ୍ତି। ଏଥିସହିତ ବିଜେଡିର ସମର୍ଥକ ଓ ଶୁଭେଚ୍ଛୁମାନଙ୍କ ନିକଟରୁ ମଧ୍ୟ ଚେକ୍ କିମ୍ବା ଅନଲାଇନ ମାଧ୍ୟମରେ (www.bjdodisha.org.in)ରେ ଦାନ ଗ୍ରହଣ କରିବାକୁ ଜିଲା ସଭାପତିମାନଙ୍କୁ ପରାମର୍ଶ ଦେଇଛନ୍ତି। ଯେଉଁ ଶୁଭେଚ୍ଛୁ ଓ ସମର୍ଥକମାନେ ଦଳୀୟ ପାଣ୍ଠିକୁ ଅନୁଦାନ ଦେବେ ସେହି ଅର୍ଥ ଆୟକର ଆଇନ ୧୯୬୧-୨୦୧୭ର ସେକ୍ସନ ୮୦ ଜିଜିସି ଅନୁଯାୟୀ ସମ୍ପୂର୍ଣ୍ଣ ଆୟକର ମୁକ୍ତ ହେବ । ଦଳର କୋଷାଧ୍ୟକ୍ଷ ସୁବାସ ସିଂ ସହାୟତା ରାଶିର ରସିଦ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଦାନ ଦେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପରିମାଣ ଧାର୍ଯ୍ୟ କରାଯାଇ ନାହିଁ। ଯେଉଁ ବ୍ୟକ୍ତି ନିଜ ଇଚ୍ଛା ଅନୁଯାୟୀ ଯାହା ଦେବେ ତାହା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ଲୋକମାନଙ୍କର ଭଲ ପାଇବା ହେଉଛି ଦଳ ପାଇଁ ଶକ୍ତି। ବିଜେଡି ରାଜ୍ୟରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ରାଜ୍ୟବାସୀଙ୍କ କଲ୍ୟାଣ ଏବଂ ରାଜ୍ୟର ବିକାଶ ପାଇଁ ଦଳ ସବୁବେଳେ ନିଷ୍ପତ୍ତି ନେଇଥାଏ। ରାଜ୍ୟର କଲ୍ୟାଣ ପାଇଁ ଆମେ କେବେ ଜାତୀୟ ଦଳଙ୍କ ଅନୁଦାନକୁ ଅପେକ୍ଷା କରି ନାହୁଁ । ବିଜୁ ବାବୁଙ୍କ ଜନ୍ମ ଦିବସ ମାର୍ଚ୍ଚ ୫, ୨୦୧୫ରୁ ଆରମ୍ଭ ହୋଇଥିବା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ଦଳ ପକ୍ଷରୁ ରକ୍ତଦାନ କରାଯାଉଛି। ପ୍ରାୟ ୩ ଲକ୍ଷ ରକ୍ତଦାତାଙ୍କ ଠାରୁ ସଂଗୃହୀତ ରକ୍ତ ଯୋଗୁ ବହୁ ମୂଲ୍ୟବାନ ଜୀବନ ରକ୍ଷା କରାଯାଇଛି। ଏହା ମୋତେ ସର୍ବାଧିକ ଆତ୍ମ ସନ୍ତୋଷ ଦେଇଛି ବୋଲି ନବୀନ କହିଛନ୍ତି।

ବିଜେଡି ଇତିମଧ୍ୟରେ ବେଶ୍ ଶକ୍ତିଶାଳୀ ହୋଇଛି। ଓଡ଼ିଶାର ଛାତ୍ର, ଯୁବତୀଯୁବକ, କୃଷକ,ମହିଳା, ସଂଖ୍ୟାଲଘୁ, ଅନୁସୂଚିତ ଜାତି ଏବଂ ଜନଜାତି, ଆଇନଜୀବୀ, ଶ୍ରମିକମାନଙ୍କ ଭଲ ମନ୍ଦର ସାଥୀ ହେବା ପାଇଁ ବିଜେଡି ସ୍ୱତନ୍ତ୍ର ସାମ୍ମୁଖ୍ୟ ଗଠନ କରିଛି। ବିଜୁ ବାବୁଙ୍କ ନୀତି ଓ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଏବଂ ବିକାଶ ପାଇଁ ବିଜେଡି ସାଲିସ ବିହୀନ ସଂଗ୍ରାମ ଜାରି ରଖିଛି ବୋଲି ନବୀନ କହିଛନ୍ତି। ଦଳରେ ନୂଆ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରି ପ୍ରତି ପଞ୍ଚାୟତ ତଥା ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରୁ ଅତି କମ୍‌ରେ ୨୦୦ ନୂତନ ସଭ୍ୟ ଦଳରେ ସାମିଲ କରାଇବାକୁ ମୁଖ୍ୟମନ୍ତ୍ରୀ ଦଳୀୟ କର୍ମୀ ଓ ନେତାମାନଙ୍କୁ ଆହ୍ବାନ ଦେଇଛନ୍ତି।







# ମହାପ୍ରଭୁଙ୍କୁ ଦର୍ଶନ କଲେ କେସିଆର୍

ପୁରୀ ଅଫିସ,୨୪।୧୨

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ସପତ୍ନୀକ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କେସିଆର୍ ପତ୍ନୀ କେ. ଶୋଭାଙ୍କ ସହ କଡ଼ା ସୁରକ୍ଷା ମଧ୍ୟରେ ଆସି ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେମାନଙ୍କୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, କୌଳିକ ପଣ୍ଡା ମହାବୀର ପ୍ରତିହାରୀ ଓ ଇପ୍‌ସିତ ପ୍ରତିହାରୀ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଶ୍ରୀମନ୍ଦିର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀଙ୍କ ସମେତ ପୋଲିସ ଅଧିକାରୀ ସେମାନଙ୍କୁ ଶ୍ରୀମନ୍ଦିର ଭିତରକୁ ନେଇଥିଲେ। ବାଇଶପାହାଚ, ଘଣ୍ଟିଦ୍ୱାର ଦେଇ ସେମାନେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଯାଇଥିଲେ। ସେହି ସମୟରେ ସକାଳ ଧୂପ ଛେକ ଡାକିବାକୁ ଯାଇଥିବାରୁ ଭିତର କାଠ ଦର୍ଶନ ବନ୍ଦ ଥିଲା। କିନ୍ତୁ କେସିଆର୍ ନିକଟରୁ ଦର୍ଶନ କରିବାକୁ ଚାହିଁଥିଲେ। ତେଣୁ ସେଠାରୁ ଫେରି ପ୍ରଥମେ ବେଢ଼ା ପରିସର ବିଭିନ୍ନ ମନ୍ଦିର ପରିଦର୍ଶନ କରିଥିଲେ। ବେଢ଼ା ପରିକ୍ରମା କରିସାରି ପୁଣି ଭିତରକୁ ଯାଇ ଭିତରକାଠ ନିକଟରୁ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୧ ଘଣ୍ଟା ମନ୍ଦିରରେ ବିତାଇବା ପରେ ଭୁବନେଶ୍ୱର ଫେରିଯାଇଥିଲେ। କେସିଆର୍‌ଙ୍କ ସହ ତାଙ୍କ ରାଜନୈତିକ ସଚିବ ଶେରି ସୁବାସ ରେଡ୍ଡୀ, ଏମ୍‌ପି ସନ୍ତୋଷ କୁମାର, ବିଧାୟକ ପ୍ରଶାନ୍ତ ରେଡ୍ଡୀ ପ୍ରମୁଖ ସାମିଲ ଥିଲେ।

ଏ ସମ୍ପର୍କରେ ପୈତୃକ ପଣ୍ଡା ଇପ୍‌ସିତ ପ୍ରତିହାରୀ, ମହାବୀର ପ୍ରତିହାରୀ କହିଛନ୍ତି ଯେ, ସେ ସତ୍ୟନାରାୟଣ ମନ୍ଦିର, ବଟ ଗଣେଶ, ବିମଳା, ସରସ୍ୱତୀ, କାନପତା ହନୁମାନ, ମହାଲକ୍ଷ୍ମୀ ପ୍ରଭୃତି ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ବେଢ଼ା ପରିକ୍ରମା ପରେ ଭିତର କାଠ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଅତ୍ୟନ୍ତ ଖୁସି ହୋଇଥିଲେ। ଏଥିସହ ପୈତୃକ ପଣ୍ଡାଙ୍କ ଖାତାରେ ଦସ୍ତଖତ କରିବା ସହ ନିଜ ପରିବାର ସଦସ୍ୟଙ୍କ ନାମ ମଧ୍ୟ ସେଥିରେ ତେଲୁଗୁ ଭାଷାରେ ଲେଖିଥିଲେ। ଏଥିସହ ପୈତୃକ ପଣ୍ଡାଙ୍କୁ ଦକ୍ଷିଣା ମଧ୍ୟ ଦେଇଥିଲେ। ଫେରିବା ବେଳେ କେସିଆରଙ୍କୁ ପତିତପାବନ ବାନା, ପ୍ରସାଦ ଓ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ପୁସ୍ତକ ପ୍ରଦାନ କରାଯାଇଥିଲା।



ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

### ଭେଟ ହୋଇଗଲେ ନେତା-ଜନତା

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସମୟରେ ନିଜ ରାଜ୍ୟର କେତେଜଣ ଲୋକଙ୍କୁ ଦେଖିଥିଲେ। ସତ୍ୟନାରାୟଣ ମନ୍ଦିର ନିକଟରେ ସେମାନଙ୍କ ସହ କିଛି ସମୟ ଭାବ ବିନିମୟ କରିଥିଲେ। ଏକ ବାହାର ରାଜ୍ୟରେ ନେତା ଓ ଜନତାଙ୍କ ମଧ୍ୟରେ ମିଳନ ବେଶ୍ ଆନନ୍ଦଦାୟକ ଥିଲା।




# ଆଇଏଏସ୍ ସ୍ତରରେ ଅଦଳ ବଦଳ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳ ବଦଳ କରାଯାଇଛି। ସୋମବାର ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୨ ବ୍ୟାଚ ଆଇଏଏସ ଚନ୍ଦ୍ରଶେଖର କୁମାରଙ୍କୁ ରାଜ୍ୟ ପଣ୍ୟାଗାର ନିଗମ(ଓଏସ୍‌ଡବ୍ଲ୍ୟୁସି)ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ୧୯୯୩ ବ୍ୟାଚ ଆଇଏଏସ ନିକୁଞ୍ଜ କିଶୋର ଧଳଙ୍କୁ ରାଜସ୍ୱ ବିଭାଗ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ନିକୁଞ୍ଜ ଅବକାରୀ ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିବେ। ସେହିପରି ୧୯୯୯ ଭାସ୍କାର ଜ୍ୟୋତି ଶର୍ମାଙ୍କୁ ବିଜ୍ଞାନ ଓ କାରିଗରି ବିଭାଗର ସଚିବ ଭାବେ ବଦଳି କରାଯାଇଛି।











ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ................................



ରୋମି
ପରିବାରବର୍ଗ



ମଣ୍ଟୁ
ପରିବାରବର୍ଗ



ମହେଶ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନେରେଡି, କାଟ୍ରାଗୁଡା ଅଞ୍ଚଳ ଅନୁଧ୍ୟାନ କଲା ଟ୍ରିବ୍ୟୁନାଲ କମିଟି

## ବଂଶଧାରା ଜଳ ବିବାଦ

**ଗୁଣପୁର/ପାରଳାଖେମୁଣ୍ଡି, ୨୪।୧୨(ଡ଼ି.ଏନ.ଏ/ସ୍ୱ.ପ୍ର)**
ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ଚାଲିଥିବା ବଂଶଧାରା ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଟ୍ରିବ୍ୟୁନାଲ କମିଟିର ଏକ ୩ ଜଣିଆ ଟିମ୍ ସୋମବାର ଗଜପତି ଜିଲା ପାରଳାଖେମୁଣ୍ଡିରେ ଆସି ପହଞ୍ଚିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ମୁକୁନ୍ଦକମ୍ ଶର୍ମାଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ୨ ଅବସରପ୍ରାପ୍ତ ବିଚାରପତି ବି.ଏନ୍. ଚତୁର୍ବେଦୀ ଓ ପ୍ରତିଭାରାଣୀ ରହିଛନ୍ତି। ସେମାନଙ୍କ ସହ ଓଡ଼ିଶା ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ଅକ୍ଷୟ ବାନାର୍ଜୀଙ୍କ ସମେତ ଓଡ଼ିଶା ସରକାରଙ୍କ ୩ ଜଣ ଓକିଲ, ଆନ୍ଧ୍ରର ୨ ଜଣ ଓକିଲ ମଧ୍ୟ ଉପସ୍ଥିତ ଥିଲେ । ଏମାନେ ପ୍ରଥମେ ବଂଶଧାରା ନଦୀର ବିବାଦୀୟ ଅଞ୍ଚଳ ତଥା ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଅନ୍ତର୍ଗତ ହିରମଣ୍ଡଳମ୍ ନିକଟସ୍ଥ ଗୋଟ୍ଟା ବ୍ୟାରେଜ୍, ସୀମାନ୍ତବର୍ତ୍ତୀ ନେରେଡିଗୁଡା ଓ କାଟ୍ରାଗୁଡାର ବିବାଦୀୟ ଅଞ୍ଚଳ ପରିଦର୍ଶନ କରି ସମସ୍ତ ବିଷୟ ଅନୁଧ୍ୟାନ କରିଛନ୍ତି। ମଙ୍ଗଳବାର ଏହି ଟିମ୍ କାଶୀନଗର ବ୍ଲକ ଗସ୍ତରେ ଯାଇ ବଂଶଧାରା ନଦୀର ବିବାଦୀୟ ଅଞ୍ଚଳ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି। ଉକ୍ତ କମିଟିର ଗସ୍ତକୁ ନେଇ ବିଭିନ୍ନ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଥିବାବେଳେ ବିବାଦ ସମାଧାନ ଦିଗରେ ରାସ୍ତା ବାହାରିବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ବଂଶଧାରା ଜଳକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଦୀର୍ଘବର୍ଷ ହେଲା ବିବାଦ ଲାଗିରହିଛି। ଏହାର ସମାଧାନ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ଟ୍ରିବ୍ୟୁନାଲ ଗଠନ ପରେ ଏକ ପ୍ରତିନିଧି ଦଳ ୨୦୧୩ ଏପ୍ରିଲ ୨୩ ତାରିଖରେ ଆନ୍ଧ୍ରର ନେରେଡି ଏବଂ କାଟ୍ରାଗୁଡା ଅଞ୍ଚଳ ପରିଦର୍ଶନ କରିଥିଲେ । ଏହାପରେ ୨୦୧୭ ସେପ୍ଟେମ୍ବର ୧୩ ତାରିଖରେ ଟ୍ରିବ୍ୟୁନାଲ ଦଳ ରାୟ ପ୍ରକାଶ କରିଥିଲେ । ଟ୍ରିବ୍ୟୁନାଲ ଦଳ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ମିଳିଥିଲା, ଯାହା ଆନ୍ଧ୍ର ସପକ୍ଷରେ ଯାଇଥିଲା । ଏହାପରେ ରାଜ୍ୟ ସରକାର ଏ ଦିଗରେ ପ୍ରତିବାଦ ଜଣାଇଥିଲେ ।

## ହରିହର ଶୁକ୍ଳା ପାଇବେ 'ଝୁମୁକା ପୁରସ୍କାର'

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**
ଓଡ଼ିଶାର ସ୍ୱନାମଧନ୍ୟ ଶିଶୁ ସାହିତ୍ୟିକ ତଥା ଭାରତ ସରକାରଙ୍କ ଭାରୀ ଉଦ୍ୟୋଗ ବିଭାଗ ଅନୁସଚିବ ହରିହର ଶୁକ୍ଳାଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାପୂର୍ଣ୍ଣ 'ଝୁମୁକା ପୁରସ୍କାର-୨୦୧୮' ପ୍ରଦାନ କରାଯିବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ସୋମବାର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଏହାବ୍ୟତୀତ ସାହିତ୍ୟିକା ମନୋରମା ମିଶ୍ର ଓ ଲେଖକ ସୁଶାନ୍ତ କୁମାର ସେନାପତିଙ୍କୁ 'ଝୁମୁକା ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯିବ। ଡିସେମ୍ବର ୩୦ ତାରିଖ ପୂର୍ବାହ୍ନରେ ରାଜ୍ୟ ଅଭିଲେଖାଗାରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବ ବୋଲି ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ କହିଛନ୍ତି। ଏହି ସମାରୋହରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଲେଖିକା ପ୍ରଫେସର ଜୟନ୍ତୀକା ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୁଳିକରି ହତ୍ୟା

**ଚୌଦ୍ୱାର, ୨୪।୧୨(ଡି.ଏନ୍.ଏ.):** କଟକ ଜିଲା ଚୌଦ୍ୱାର ଥାନା ଅନ୍ତର୍ଗତ ବରମପୁର ପଞ୍ଚାୟତ କମଙ୍ଗ ଗ୍ରାମର ନନ୍ଦଖାଲିଆ ନିକଟରେ ସୋମବାର ରାତି ପ୍ରାୟ ୮ଟାରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ଷଣ୍ଢପଡ଼ିଆ ମୁଣ୍ଡାସାହିର ବିଭୀଷଣ ସିଂ(୪୫)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୁଣ୍ଡାସାହିର ୩ ଜଣ ଯୁବକ ବିଭୀଷଣଙ୍କୁ ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମୁଣ୍ଡାସାହିର ୩ଜଣ ଯୁବକ ସୋମବାର ରାତି ପ୍ରାୟ ୮ଟାରେ ବିଭୀଷଣଙ୍କୁ ମାଛ ଧରିବା ପାଇଁ କମଙ୍ଗ ଗ୍ରାମ ନିକଟସ୍ଥ ନନ୍ଦଖାଲିଆକୁ ଡାକି ନେଇଥିଲେ। ପୂର୍ବ ଶତ୍ରୁତା ଓ ମାଛ ଧରିବାକୁ କେନ୍ଦ୍ରକରି ପ୍ରଥମେ ସେମାନଙ୍କ ମଧ୍ୟରେ ବଚସା ଓ ପରେ ଝଗଡ଼ାର ସୂତ୍ରପାତ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ୩ ଜଣଙ୍କ ମଧ୍ୟରୁ ଜଣେ ଯୁବକ ପାଖରେ ରଖିଥିବା ଏକ ପିସ୍ତଲ ବାହାର କରି ବିଭୀଷଣ ଉପରକୁ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ବିଭୀଷଣଙ୍କ ମୃତ୍ୟୁ ଘଟିଥିଲା। ଘଟଣାପରଠାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ପ୍ରଥମ ପୃଷ୍ଠାରୁ...

### ପାଇକମାଟିରୁ...

ଆୟୁଷ୍ମାନ ଯୋଜନା ଦ୍ୱାରା ଦେଶର ଯେ କୌଣସି ନାଗରିକ ସ୍ୱାସ୍ଥ୍ୟ ସୁବିଧା ପାଇପାରିବ। ଓଡ଼ିଶାର ଯଦି କୌଣସି ବ୍ୟକ୍ତି ଲକ୍ଷ୍ନୌରେ ଥାଇ କର୍କଟ ରୋଗରେ ପୀଡିତ ହୋଇଥିବ, ତେବେ ସେ ସେଠାରେ ମାଗଣା ଚିକିତ୍ସା ହୋଇପାରିବ। ଆୟୁଷ୍ମାନ ଯୋଜନା ଲାଗୁ ଦ୍ୱାରା ରାଜ୍ୟରେ ମେଡିକାଲ ଭିତ୍ତିଭୂମି ବୃଦ୍ଧି ପାଇବା ସହ ନୂଆ ରୋଜଗାର ସୃଷ୍ଟି ହେବ। ଏହି ଯୋଜନା ଦ୍ୱାରା ୨ରୁ ୩ ବର୍ଷ ମଧ୍ୟରେ ଅନେକ ଦୁରାରୋଗ୍ୟରେ ପୀଡିତ ଥିବା ୬ ଲକ୍ଷ ରୋଗୀ ସୁଫଳ ପାଇସାରିଲେଣି। ହେଲେ ଓଡ଼ିଶା ଏପର୍ଯ୍ୟନ୍ତ ସେଥିରେ ସାମିଲ ହୋଇ ନ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଛନ୍ତି। ୧୯୯୯ ମସିହାରେ ମହାବାତ୍ୟା ସମୟରେ ଓଡ଼ିଶାକୁ ସହାୟତା ଏବଂ ରାଜ୍ୟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ସଫଳ ରୂପାୟନ ବାଜପେୟୀଙ୍କ ସମୟରେ ହୋଇଥିବା ମୋଦି ଦୋହରାଇଛନ୍ତି। ଓଡ଼ିଶାର ପ୍ରଗତି ପାଇଁ ଭାରତ ସରକାର ସଚେତନ ଅଛନ୍ତି। ଯୋଗାଯୋଗ,ଉଚ୍ଚଶିକ୍ଷା,ସ୍ୱାସ୍ଥ୍ୟ, ତୈଳ ଏବଂ ଗ୍ୟାସ ବାବଦକୁ ପୂର୍ବାପେକ୍ଷା ୫ ଗୁଣା ଅଧିକା ଅନୁଦାନ ଆସୁଛି। ରାଜ୍ୟର ୩୫ ଲକ୍ଷ ମହିଳାଙ୍କୁ ମାଗଣା ଗ୍ୟାସ ସଂଯୋଗ ଦିଆଯାଇଛି। ଯାହା ଅତୀତରେ ମାତ୍ର ୨୦ରୁ ୨୨ ପ୍ରତିଶତ ଥିଲା, ତାହା ଏବେ ୭୦ ପ୍ରତିଶତରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି। ୧୯ ଜିଲାରେ ପାଇପ ଯୋଗେ ଗ୍ୟାସ ଯୋଗାଇ ଦେବା ବ୍ୟବସ୍ଥା କରାଯାଉଛି। ଆଇଆଇଟି, ଆଇଆଇଏମ୍ ଏବଂ ଆଇଆଇଏସ୍‌ଇଆର ଭଳି ଅନୁଷ୍ଠାନ ରାଜ୍ୟକୁ ନୂତନ ଉଚ୍ଚତା ପ୍ରଦାନ କରିଛି। ରାଜ୍ୟରେ ୯୦ରୁ ଅଧିକ ଏକଲବ୍ୟ ସ୍କୁଲ ହେବ। ପ୍ରାୟ ୧୨,୦୦୦ରୁ ଅଧିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ହୋଇସାରିଛି। ୧୮ ଲକ୍ଷରୁ ଅଧିକ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମାରୁ ଫାଇଦା ପାଇଛନ୍ତି। ଏନ୍‌ଡିଏ ଶାସନ ସମୟରେ ଚାଷୀଙ୍କ ପାଇଁ ୧୭୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିବା ମୋଦି କହିଛନ୍ତି।

ପାରାଦୀପ-ହାଇଦ୍ରାବାଦ ପାଇପଲାଇନ, ପାରାଦୀପରେ ପ୍ଲାଷ୍ଟିକ ପାର୍କ, ଭଦ୍ରକରେ ଟେକ୍ସଟାଇଲ ପାର୍କ, ଚଣ୍ଡିଖୋଲରେ ପ୍ରସ୍ତାବିତ ତୈଳ ପ୍ରକଳ୍ପ ଏବଂ ବରଗଡ଼ରେ ପ୍ରସ୍ତାବିତ ବାଓ ଫିଲ୍ଟର ପ୍ଲାଣ୍ଟ ରାଜ୍ୟର ବିକାଶକୁ ଆଗକୁ ନେବ। କେନ୍ଦ୍ର ସରକାର ଇଏସ୍‌ଆଇ ହସ୍ପିଟାଲର ଶଯ୍ୟା ସଂଖ୍ୟା ୫୦ରୁ ୧୦୦କୁ ବୃଦ୍ଧି କରାଯାଇଛି। ବିଗତ ୩ ମାସରେ ଦ୍ୱିତୀୟଥର ପାଇଁ ଓଡ଼ିଶା ମାଟିକୁ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବାକୁ ସୁଯୋଗ ପାଇଥିବାରୁ ସେ ଧନ୍ୟ ମଣୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

### ଘନ କୁହୁଡ଼ି...

ଝାଜ୍ଜରରେ ଏକ ଫ୍ଲାଏ ଓଭର ନିକଟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଯୋଗୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ମୃତକ ୮ ଜଣ ଏକ ଏସ୍‌ୟୁଭିରେ ଦିଲ୍ଲୀ ଉପକଣ୍ଠ ନଜଫଗଡ଼ ଯାଉଥିଲାବେଳେ ଏକ ଟ୍ରକ ସହ ଧକ୍କା ହୋଇଥିଲା। କୁହୁଡିରେ ରାସ୍ତା ଦୃଶ୍ୟ ହେଉ ନ ଥିବାରୁ ଅନ୍ୟ ଗାଡିଗୁଡିକ ପଛକୁ ପଛ ପିଟି ହୋଇଯାଇଥିଲେ। ହରିୟାଣା କୃଷିମନ୍ତ୍ରୀ ଓମପ୍ରକାଶ ଧାଙ୍କର ହସ୍ପିଟାଲ ଯାଇ ଆହତମାନଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ମୃତକ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୧ ଲକ୍ଷ ଟଙ୍କା ସହାୟତା ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସୋମବାର ସକାଳେ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଘନ କୁହୁଡି ଯୋଗୁ ରାସ୍ତା ଭଲ ଭାବେ ଦୃଶ୍ୟ ହେଉ ନ ଥିଲା।

### ଦୁଇ ଅଭିଯୁକ୍ତ...

ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଘଟଣାର ତଦନ୍ତ କରି ଜଷ୍ଟିସ ପି.କେ ମହାନ୍ତି କମିଶନ ୨୦୧୬ ମାର୍ଚ୍ଚ ୩୦ରେ ସରକାରଙ୍କୁ ଚୂଡାନ୍ତ ତଦନ୍ତ ରିପୋର୍ଟ ଦେଇଥିଲେ। ଏହାପରେ ତତ୍‌କାଳୀନ ଥାନାଧିକାରୀ ଅମୂଲ୍ୟ ଚମ୍ପତିରାୟଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା। ରିପୋର୍ଟ ଏଯାଏ ସାର୍ବଜନୀନ ହୋଇପାରି ନ ଥିବାବେଳେ ଏବେ ଅନ୍ୟ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। କୋର୍ଟଙ୍କ ଏହି ରାୟ ପରେ ପୀଡିତାଙ୍କ ମାଆ କହିଛନ୍ତି ଯେ, ତାଙ୍କର ନ୍ୟାୟ ପାଳିକା ଉପରେ ଭରସା ତୁଟି ଯାଇଛି। ଏଠି ଅର୍ଥ ଓ ବାହୁ ବଳରେ ସବୁ କିଛି ବଦଳିଯାଉଛି। ପୀଡିତାଙ୍କ ପାଇଁ ମାମଲା ପରିଚାଳନା କରୁଥିବା ଆଇନଜୀବୀ କାମଦେବ ତ୍ରିପାଠୀ କହିଛନ୍ତି, ଦୁଇ ପକ୍ଷଙ୍କ ଯୁକ୍ତି କୋର୍ଟ ଶୁଣିବା ପରେ ଏହି ରାୟ ଦେଇଛନ୍ତି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କ ଓକିଲ ସିର୍ଦ୍ଧାଥ ଦାସ କହିଛନ୍ତି, କ୍ରାଇମବ୍ରାଞ୍ଚର ଢିଲା ତଦନ୍ତ ଯୋଗୁ କୋର୍ଟ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ଘଟଣାରେ ସେମାନଙ୍କ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ କୌଣସି ତଥ୍ୟ ଓ ପ୍ରମାଣ ଦେଇପାରି ନ ଥିଲା ବୋଲି ଆଇନଜୀବୀ ଦାସ କହିଛନ୍ତି।

### ୭ ଦିନିଆ ଅର୍ଥନୈତିକ...



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଯୋଗଦେଇ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ଏପରି କି ସହରରେ ଶୀଘ୍ର ବାଇପାସ୍ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଟିଟିଲାଗଡ଼ ମିଟର ରିଡର ସଂଘର ପ୍ରଦୀପ ହୋତା, ଏସ୍.ଏନ. ବେହେରା, ପ୍ରହ୍ଲାଦ ଯୋଶୀଙ୍କ ସହ ବହୁ ସଦସ୍ୟ ଆନ୍ଦୋଳନରେ ଯୋଗଦେଇଥିଲେ। ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ, ଆଡଭୋକେଟ୍ ସରୋଜ ଗୁପ୍ତା, ରତନ ମହାରଣା, ସମାଜକର୍ମୀ ବିକ୍ରମାନନ୍ଦ ବହିଦାର ଓ ଅନ୍ୟମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ନଶିବ୍ ଖାନ୍ ନାମକ ଜଣେ ଯୁବକ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମୁଣ୍ଡନ ହୋଇଥିଲେ ।

## କଟକରେ ୧୨ଘଣ୍ଟାର ଅପରେଶନ ଗଜରାଜ

# ହାତୀ ଭୟରେ ୧୫ ଘଣ୍ଟା

କଟକ ଅଫିସ, ୨୪।୧୨- ସହରମୁହାଁ ହେଉଛନ୍ତି ହାତୀ। କେତେବେଳେ ନଦୀ ପାର ହୋଇ ତ ଆଉ କେତେବେଳେ ଟ୍ରେଞ୍ଚ ଡେଇଁ ସହରର ଜନବସତିକୁ ପଶି ଆସୁଛନ୍ତି ହାତୀ ପଲ। କଟକ ସହରକୁ ପଶିଆସିଥିବା ଏକ ଦନ୍ତା ହାତୀକୁ ନେଇ ସୋମବାର ସକାଳୁ ଆତଙ୍କ ଖେଳିଯାଇଥିଲା। ସିଡିଏ ୮ ନମ୍ବର ଅନ୍ତର୍ଗତ କାଜୁ ଜଙ୍ଗଲରେ ଲୁଚି ରହିଥିବା ହାତୀକୁ ଘଉଡ଼ାଇବାକୁ ଯାଇ ବନ ବିଭାଗ ଆରମ୍ଭ କରିଥିଲା ଅପରେଶନ ଗଜରାଜ। ୧୨ ଘଣ୍ଟା ପରେ ଏହି ଅପରେଶନ ସଫଳ ହୋଇଥିଲା। ରାତି ପ୍ରାୟ ୯ଟାରେ ହାତିଟି କାଜୁ ଜଙ୍ଗଲରୁ ବାହାରିବା ପରେ ଆଠଗଡ଼ ଜଙ୍ଗଲରେ ଛଡ଼ାଯାଇଥିଲା। ଫଳରେ ୧୫ ଘଣ୍ଟା ଧରି କଟକ ସହରବାସୀ ଭୟ ଓ ଆଶଙ୍କାରେ ରହିଥିଲେ।ସୋମବାର ଭୋର୍ ସମୟରେ ଏକ ଦନ୍ତା ହାତୀ କାଜୁ ଜଙ୍ଗଲରେ ଥିବା ଲୋକେ ଦେଖିବା ପରେ ଖବର ଚାରିଆଡେ ପ୍ରଚାରିତ ହୋଇଯାଇଥିଲା। ଘଟଣାସ୍ଥଳକୁ ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ମର୍କତନଗର ଥାନାର କର୍ମଚାରୀମାନେ ପହଞ୍ଚିବା ପରେ ହାତୀଧରା ଅଭିଯାନ ଆରମ୍ଭ ହୋଇଥିଲା। ଘଞ୍ଚ କାଜୁ ବଣ ଭିତରେ ହାତୀଟି ରହିଥିବାରୁ ତିନିପାର୍ଶ୍ୱରେ ଟାୟାର ଜାଳି ଓ ବାଣ ଫୁଟାଇ ବାହାରକୁ ଆଣିବାକୁ ଚେଷ୍ଟା କରିଥିଲେ ବନ ୭ରୁ ୮ ଘଣ୍ଟାର ପରିଶ୍ରମ ପରେ ହାତୀଟି କାଜୁ ବଣ ବାହାରକୁ ଆସି କିଛି ବାଟ ଦୌଡ଼ିବା ପରେ ଜନଗହଳିକୁ ଦେଖି ପୁଣି ଜଙ୍ଗଲ ଭିତରକୁ ପଶିଯାଇଥିଲା। ସନ୍ଧ୍ୟା ହୋଇଯିବାରୁ ଗଜରାଜ ଅପରେଶନ ବାଧାପ୍ରାପ୍ତ ହୋଇଥିଲା। ତଥାପି ହାତୀ ଧରିବାକୁ ଉଦ୍ୟମ ଜାରି ରହିଥିଲା। ପୋଲିସ ଓ ବନ କର୍ମଚାରୀ ଜଗି ରହି ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ ଘର ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ। ଆଖପାଖ ଅଞ୍ଚଳର ଲୋକେ ଛାତ ଉପର ଓ ବିଭିନ୍ନ ସ୍ଥାନରେ ଜଗି ରହିଥିଲେ। ଘରୁ ବାହାରକୁ ଯାଇଥିବା ଲୋକଙ୍କୁ ପରିବାର ସଦସ୍ୟ ଫୋନ୍ କରି ସତର୍କ କରାଇଥିଲେ। ତେବେ ମିଳିଥିବା ଶେଷ ସୂଚନା ମୁତାବକ ରାତି ପ୍ରାୟ ସାଢେ ୯ଟାରେ ଦନ୍ତା ହାତୀଟି କାଜୁ ବଣ ବାହାରକୁ ଆସିଥିଲା। ବନ କର୍ମଚାରୀମାନେ ତାକୁ କାବୁ କରିବା ପରେ ଆଠଗଡ଼ ଜଙ୍ଗଲକୁ ରାସ୍ତା ଦେଖାଥିଲେ। ପରେ ହାତୀଟି ଆଠଗଡ଼ ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଏହାପରେ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରଦ୍ୱାରା ଜଣାଇ ଦିଆଯିବା ପରେ ସହରବାସୀ ଆଶ୍ୱସ୍ତ ହୋଇଥିଲେ। ଜଣେ ବନ କର୍ମଚାରୀଙ୍କ କହିବାନୁଯାୟୀ, ହାତୀଟି ରାସ୍ତା ଭୁଲି ଆଠଗଡ଼ ଅଞ୍ଚଳରୁ ଏଠାକୁ ପଶି ଆସିଥିଲା। ଦିନରେ ଉଦ୍ଧାର ସମୟରେ ଲୋକଙ୍କ ଗହଳି ଜମୁଥିବାରୁ ହାତୀଟି ଭୟଭୀତ ହୋଇ ଜଙ୍ଗଲରୁ ବାହାରୁ ନ ଥିଲା। ଅନ୍ଧାର ହେବା ପରେ ଅପରେଶନ ଗଜରାଜ ସଫଳ ହେଲା।


## classified

automobile

real estate

**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-10187

**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/-ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

Booking one lakh simplex 2BHK 1200 sqft. land 20,50,000/- near Tankapani road, Sai Temple. 7735738102. D-10132

Immediate sale 1815 sqft. 30' road gharabari boundry residential plot at Mouza Bhaula near Dhauli Temple. Contact: 9861995518. D-63212

Gharabari boundary plot infront of Krupajal Engineering Collage, Bhubaneswar: 9090899281, 8908805482. D-65415

3000 sqft. bounded gharabari plot sale at Nandan Bihar near Big Bazaar, Patia, Bhubaneswar. Contact Owner: 9438423370, 9348439022. D-63889

ସୁନ୍ଦରପଦା Hitech ପାଖରେ 50ft. revenue ରାସ୍ତାଠାରୁ 2500 sqft.ର ୩ଟି ଘରବାରି ପାଚେରି ପ୍ଲଟ ବିକ୍ରିହେବ sqft. 600/-. 9777236619. D-65309

Plot for sale 5km. from Khordha town (Sai Sanatan Nagar), price-199/- p.sqft including registration, electricity. 9861793775, 9078013099. D-65271

Individual duplex at Patia (80 lac), Jharapada (75 lac) with Bank loan facility for immediate sale. Details: 9937850303. D-10207

Double storied building at Rasulgarh, Bhubaneswar. Only genuine buyers are requested to call. Contact: 9777617166. D-10206

2000sqft. plot (10nos) at Sankarpur, Vipul garden backside, Ghatikia, Bhubaneswar (electricity, supply water, 30ft. road): 7381564227. D-65417

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

Plot sale near AIIMS Hospital Bhubaneswar with 30'road. 8456850883. D-65311


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ବେବି**

ଶୁଭ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଭବିଷ୍ୟତ ଜୀବନ ସୁଖମୟ ଓ ସମୃଦ୍ଧିମୟ ହେଉ ଏହାହିଁ ପ୍ରାର୍ଥନା।
**ଶୁଭେଚ୍ଛା ସହ: ଜେଜେବାପା-ନଟ ଜେନା, ଜେଜେମା-ପଲିଆ ଜେନା, ବାପା-ପ୍ରମୋଦ ଜେନା, ମା-ଅଞ୍ଜନା ଜେନା, ବନ୍ଧୁ ଓ ପରିବାରବର୍ଗ।**

ଧ-୧୦୨୦୫

## ସପ୍ତମ ଜନ୍ମଦିନ ଶୁଭେଚ୍ଛା



ଜନ୍ମଦିନ - ୨୫-୧୨-୨୦୧୮

**ଦେବୀ ପ୍ରସାଦ ଦାଶ (ସାଇ)**

ଅରଣ୍ୟବିହାର, ବିଡ଼ିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ମନ ଆକାଶରେ ନିରାଶାର ନିବିଡ଼ ଅମାବାସ୍ୟାରେ ତୁ ଆଶା ଚନ୍ଦ୍ରମାର ଉଜ୍ଜଳ ଜ୍ୟୋତ୍ସ୍ନା । ମନ ଉପବନରେ ତୁ ପ୍ରସ୍ଫୁଟିତ ପୁଷ୍ପର ମହକ । ବିଜନ କେଳାରେ ତୁ ମନଲୋଭା କୋକିଳର କୁଜନ । ତୋର ଶୈଶବର ମନୋହର ମହକରେ ଅତିବାହିତ ଆଜିର ସାତଟି ବସନ୍ତ । ତୋର ପ୍ରତିଟି ପଦପାତରେ ଅନ୍ତହିନ ବସନ୍ତର ବର୍ଣ୍ଣବିଭା ଫୁଟି ଉଠୁ ଓ ଯୋଗୀରାଜ ଶିରିଡ଼ି ନିବାସୀ ସାଇନାଥଙ୍କର ଶୁଭାଶିର୍ବାଦ ତୋର ଆଗାମୀ ଜୀବନର ଚଳାପଥକୁ କୁସୁମିତ କରୁ ।

ବାବା, ବୋଉ, ଜେଜେମା, ଚିତ୍ତକାକା, ପ୍ରଶନ୍ନକାକା, ମିଲିଖୁଡ଼ି, ଅଜା, ଆଇ, ଦିପୁ ମାମୁଁ, ପିପି ମାଇଁ, ଗାପୁଲଭାଇ, ମିଲନ୍ ଭାଇ ଓ ପୁତୁଲିଦିଦି ।

ଧ-୧୦୨୧୧

## 13th Birthday Wish



**Suryakant Patra**
**(Suraj)**

Wishing you a day filled with happiness and a year filled with joy.

***Happy Birthday***

ଧ-୧୦୨୦୩

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରଫୁଲ କୁମାର ଛୋଟରାୟ**

ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୨୩।୦୫।୧୯୨୩
ତିରୋଧାନ: ୧୬।୧୨।୨୦୧୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।

ଧ-୬୪୬୭୧

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ବିଦ୍ୟୁଲତା ଛୋଟରାୟ**

ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୧୯।୦୫।୧୯୩୪
ତିରୋଧାନ: ୧୪।୧୨।୨୦୧୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।

ଧ-୬୪୬୭୨

### ସପ୍ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍**

**N2-146, IRC Village, BBSR-15**

ଆବିର୍ଭାବ: ୦୩।୦୪।୧୯୭୪
ତିରୋଧାନ: ୨୫।୧୨।୨୦୧୧
ଚାହୁଁ ଚାହୁଁ ବିତିଗଲା ସାତୋଟି ବରଷ, ଫେରିଲନି ତୁମେ ଆଉ ଆତ୍ମୀୟଙ୍କ ପାଶ। ଭୁଲିପାରୁନାହୁଁ ତୁମ ହସହସ ମୁହଁ, ଭୁଲିକି ପାରିବୁ ତୁମ ଅନାବିଳ ସ୍ନେହ। ସଦ୍‌ଗତି କାମନା କରୁ ଅମର ଆତ୍ମାର, ଈଶ୍ୱରଙ୍କ ନିକଟରେ ନିତି ନିରନ୍ତର।
ଶୋକସନ୍ତପ୍ତ: ବାପା, ବୋଉ, ଇପସା, ଶ୍ରେୟା, ଈଶାନ ଓ ପରିବାରବର୍ଗ।

ଧ-୧୦୧୯୩

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ରାହୁ ସହ ଚନ୍ଦ୍ରଙ୍କ ସଂଯୋଗ କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ଭୁଲ୍ ବୁଝାମଣା ହେତୁ ପରିବାରରେ କଳହର ଆଶଙ୍କା ରହିଛି। ଯାନବାହନରେ ତ୍ରୁଟିଜନିତ ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟସ୍ଥଳକୁ ଯାଇପାରିବେ ନାହିଁ। ଆଶା କରିଥିବା କାର୍ଯ୍ୟଟିରେ ସଫଳତା ପାଇବା ସକାଶେ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ।

**ବୃଷ** - ବିଭିନ୍ନ ପ୍ରକାର ଝାମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ପାରିବାରିକ ଶାନ୍ତି ହରାଇବେ। ବାକି ପଡିଥିବା କାମକୁ ଶେଷ କରିବାକୁ ଚିନ୍ତିତ ଥିଲାବେଳେ ନୂଆ କାମଟିଏ ହାତକୁ ନେଇପାରନ୍ତି। ଦେଣନେଣ କାରବାରରେ କୌଣସି ମହିଳାଙ୍କ ସହ ମତାନ୍ତର ଘଟିପାରେ। ସରକାରୀ କ୍ଷେତ୍ରରୁ ଅର୍ଥ ଏବଂ ଆନୁଷ୍ଠାନିକ କାମରୁ ସମ୍ମାନ ପାଇ ପାରନ୍ତି।

**ମିଥୁନ** - ପାପଗ୍ରହଯୁକ୍ତ ଧନାଧିପତି କାରଣରୁ ଅର୍ଥ ସମ୍ବନ୍ଧୀୟ କୌଣସି ଆଲୋଚନାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଦାବେଳେ ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବା ପାଇଁ ସାହସ ଜୁଟେଇ ପାରିବେ ନାହିଁ। ସନ୍ତାନଙ୍କ କୃତି ଓ କୃତିତ୍ୱଜନିତ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** - ସପ୍ତମାଧିପ ଶତ୍ରୁଯୁକ୍ତ କାରଣରୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବିବାଦୀୟ ସ୍ଥିତିରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ପାଇଁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ** - ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇପାରନ୍ତି। ଆମଦାନୀ କାରବାର, ଲୌହ ଓ ତୈଳ ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଆପଣଙ୍କ ସେବା ଲାଭକରି ପଡ଼ୋଶୀ କିମ୍ବା ସହଯାତ୍ରୀଟି କୃତ୍ୟକୃତ୍ୟ ହୋଇଯିବ। ଉଚ୍ଚଶିକ୍ଷା, ନୂତନ କର୍ମାରମ୍ଭରେ ସଫଳତା ପାଇବେ।

**କନ୍ୟା** - ପାପଗ୍ରହ କର୍ମସ୍ଥାନକୁ ଅବଲୋକନ କରୁଥିବାରୁ କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସିପାରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ଆର୍ଥିକ ଦିଗଟି ପୂର୍ବ ପରି ରହିବ। ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିବା ଯୋଗୁ ଝଗଡ଼ା ଲାଗିପାରେ।

**ତୁଳା** - କୌଣସି କଥାରେ ଅଭାବ ନ ଥିଲେ ମଧ୍ୟ ପାରିବାରିକ ବିଶୃଙ୍ଖଳା ଯୋଗୁ ମାନସିକ ସ୍ଥିତି ବିଗିଡ଼ିଯିବ। ପାରସ୍ପରିକ ମତଭେଦ ଯୋଗୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ସାମ୍ନା କରିବାକୁ ପଡିପାରେ। ବନ୍ଧୁଙ୍କ ସମ୍ବନ୍ଧରେ କୌଣସି ବିବାଦୀୟ ଖବର ପାଇପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବ।

**ବିଛା** - ଆକସ୍ମିକ ଭାବେ କୌଣସି ମହିଳାଙ୍କ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ରବି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଯୋଗୁ ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ପରିସ୍ଥିତି ବିଗିଡ଼ିଯିବାର ଆଶଙ୍କା ରହିଛି। ସଭାସମିତି କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଲେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିବେ।

**ଧନୁ** - ବୃହସ୍ପତି ଦୃଷ୍ଟ ମଙ୍ଗଳ ହେତୁ ଆପୋସ ମିଳାମିଶାରୁ ବିବାଦ ସମାଧାନର ସୂତ୍ର ବାହାରିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ କିନ୍ତୁ ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ କୈଫିୟତ ତଲବ ହୋଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ପ୍ରତିଶ୍ରୁତି ଦେଇ କାମ ହାସଲ ସକାଶେ ବନ୍ଧୁଙ୍କ ମନରେ ବିଶ୍ୱାସ ଦୃଢ଼ୀଭୂତ କରିପାରନ୍ତି।

**ମକର** - ମନକାରକ ଚନ୍ଦ୍ର ବିଚ୍ଛେଦାତ୍ମକ ଗ୍ରହ ରାହୁଙ୍କ ସଂଯୋଗ ହେତୁ ବନ୍ଧୁଙ୍କ ପରାମର୍ଶକୁ ହେୟଜ୍ଞାନ ମନେକରିବେ। ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବା ଫଳରେ ପ୍ରତ୍ୟେକ କାର୍ଯ୍ୟ ସାଧନରେ ବ୍ୟତିକ୍ରମ ସୃଷ୍ଟିହେବ। ଅଫିସ୍‌ରେ ବିବାଦ ବୃଦ୍ଧି ପାଇବା କାରଣରୁ କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ।

**କୁମ୍ଭ** - ଆଜିର ଆଲୋଚନା ସମୟରେ ଭଲ୍ ସମ୍ପର୍କ ଥିବା ବନ୍ଧୁ ସାଧାରଣ କଥାରେ ବିଗିଡ଼ି ଯାଇପାରନ୍ତି। ବ୍ୟବସାୟରେ ସଫଳତା ହାସଲ କଲେ ବିଶେଷ ହଇରାଣ ହରକତ ହେବାକୁ ପଡିପାରେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**ମୀନ** - କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମ୍ନା କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ କେତେକାଂଶରେ ଉପକୃତ ହେବେ।

ଆଜି ପୌଷ କୃଷ୍ଣ ତୃତୀୟା ମଙ୍ଗଳବାର, ଡିସେମ୍ବର ୨୫ ତାରିଖ, ଖ୍ରୀଷ୍ଟମାସ ଓ ବଡ଼ଦିନ ପର୍ବ, ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମକର ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୯।୦୪ମି. ଗତେ ଘ.୧୦।୨୫ମି. ମଧ୍ୟେ, ଘ.୧୧।୪୫ମି. ଗତେ ଘ.୧।୦୬ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୨୫ମି. ଗତେ ଘ.୧୧।୪୬ମି. ମଧ୍ୟେ, ଘ.୨।୨୮ମି. ଗତେ ଘ.୩।୪୯ମି. ମଧ୍ୟେ ମାହେନ୍ଦ୍ରବେଳା।



ନିନ୍ଦିତ କର୍ମ ଯେ କରନ୍ତି, ଜୀବନ
ଥାଇ ସେ ମରନ୍ତି।
- ଜଗନ୍ନାଥ ଦାସ

## କୌଣସି ପ୍ରଭାବ ପଡ଼ିବ ନାହିଁ: ବିଜେଡି

ଭୁବନେଶ୍ୱର,(ବ୍ୟୁରୋ)/ ପୁରୀ ଅଫିସ, ୨୪।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତର କୌଣସି ରାଜନୈତିକ ପ୍ରଭାବ ପଡିବ ନାହିଁ। ଓଡ଼ିଶାର ଜନସାଧାରଣ ବିଜୁ ଜନତା ଦଳ ପ୍ରତି ଅଜସ୍ର ଆଶୀର୍ବାଦ ଓ ସଦିଚ୍ଛା ଦୀର୍ଘ ୧୯ ବର୍ଷ ହେବ ଦେଇ ଆସିଛନ୍ତି। ତାହା ଆଗାମୀ ଦିନରେ ବଳବତ୍ତର ରହିବ ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ସସ୍ମିତ କହିଛନ୍ତି ଯେ, ନବୀନବାବୁଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶର ପ୍ରକ୍ରିୟା ଜାରି ରହିଛି। ଆଗକୁ ଏହି ପ୍ରକ୍ରିୟା ବଳବତ୍ତର ରହିବ। ସେହିପରି ରାଜସ୍ୱ ମନ୍ତ୍ରୀ ତଥା ପୁରୀ ବିଧାୟକ ମହେଶ୍ୱର ମହାନ୍ତି ମଧ୍ୟ ମୋଦିଙ୍କ ଗସ୍ତକୁ ପ୍ରଭାବହୀନ ବୋଲି ଅଭିହିତ କରିଛନ୍ତି।

■ ପୁଣି ଏକ ବିଶ୍ୱ ରେକର୍ଡ ଅପେକ୍ଷାରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ

# ବିଶାଳ ସାଣ୍ଟାରେ ପ୍ଲାଷ୍ଟିକ ବର୍ଜନର ବାର୍ତ୍ତା

ପୁରୀ ଅଫିସ,୨୪।୧୨

ବଡ଼ଦିନର ଅବ୍ୟବହିତ ପୂର୍ବରୁ ସୋମବାର ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଛନ୍ତି ବିଶାଳ ସାଣ୍ଟା କ୍ଲଜ। ଖ୍ରୀଷ୍ଟମାସ ଅବସରରେ ପରିବେଶକୁ ସୁସ୍ଥ ରଖିବା ସହ ପ୍ଲାଷ୍ଟିକ ବର୍ଜନ ଲାଗି ସେ ବିଶ୍ୱବାସୀଙ୍କୁ ବାର୍ତ୍ତା ଦେଇଛନ୍ତି। ଏଥିସହ ବଡ଼ଦିନର ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ବାଲି ଏବଂ ପ୍ଲାଷ୍ଟିକ ବୋତଲରେ ତିଆରି ହୋଇଥିବା ଏହି ବିଶାଳ ବାଲୁକା କଳା ମାଧ୍ୟମରେ ପୁଣି ଏକ ବିଶ୍ୱ ରେକର୍ଡ ରଚିବା ଲାଗି ପ୍ରୟାସ କରିଛନ୍ତି ସୁଦର୍ଶନ।

ପାନ୍ଥନିବାସ ନିକଟସ୍ଥ ମଡେଲ ବିଚ୍‌ରେ ସୁଦର୍ଶନ ପ୍ରସ୍ତୁତ କରିଛନ୍ତି ଏହି ବିଶାଳ ସାଣ୍ଟା କ୍ଲଜ। ଏହାର ଉଚ୍ଚତା ୩୦ଫୁଟ ରହିଥିବା ବେଳେ ଚଉଡ଼ା ୧୦୦ ଫୁଟ ରହିଛି। ଏକ ବିଶାଳ ସାଣ୍ଟା ବସିଥିବା ବେଳେ ଏହାର ଦୁଇପାର୍ଶ୍ୱରେ ଖ୍ରୀଷ୍ଟମାସ ଟ୍ରି ମଧ୍ୟ ପ୍ରସ୍ତୁତ କରାଯାଇଛି। ସାଣ୍ଟାର ଠିକ୍ ତଳେ ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ଲାଗି ବାର୍ତ୍ତା ରହିଛି। ଏଥିସହ ପ୍ରଭୁ ଯିଶୁଙ୍କ ଉପରେ ଆଧାରିତ ବାଲୁକା କଳା ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟର ୪୦ ଜଣ ଛାତ୍ରୀଛାତ୍ରଙ୍କ ସହ ନିଜେ ଏହାକୁ ପ୍ରସ୍ତୁତ କରିଛନ୍ତି। ଏଥିଲାଗି ୨ ଦିନ ସମୟ ଲାଗିଥିବା ବେଳେ ୮୦୦ ଟନ୍ ବାଲି ଏବଂ ୧୦ ହଜାର ପ୍ଲାଷ୍ଟିକ ବୋତଲ ବ୍ୟବହାର କରାଯାଇଛି।

ବାଲୁକା କଳା ସମ୍ପର୍କରେ ସୁଦର୍ଶନ କହିଛନ୍ତି, ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ବଡ଼ଦିନଠାରୁ ନୂଆବର୍ଷ ପର୍ଯ୍ୟନ୍ତ ଏଠାରେ ବାଲୁକା କଳା ମହୋତ୍ସବ ଆୟୋଜନ କରାଯାଇଛି। ବାଲୁକା କଳା ମାଧ୍ୟମରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକ କିପରି ଆକୃଷ୍ଟ ହେବେ ସେହି ଚେଷ୍ଟା କରିଆସିଛୁ। ବର୍ତ୍ତମାନ ପ୍ଲାଷ୍ଟିକ ପ୍ରଦୂଷଣକୁ ନେଇ ସାରା ବିଶ୍ୱବାସୀ ଚିନ୍ତିତ। ତେଣୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲାଗି ବାଲୁକା କଳା ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ବାଲି ଏବଂ ପ୍ଲାଷ୍ଟିକରେ ତିଆରି ହୋଇଥିବା ଏହା ବିଶ୍ୱର ସବୁଠୁ ବଡ଼ ସାଣ୍ଟା କ୍ଲଜ। ଏଥିପାଇଁ ରେକର୍ଡ ଏଜେନ୍ସିକୁ ଚିଠି ଲେଖାଯାଇଛି। ଏଥିରେ ବ୍ୟବହାର କରାଯାଇଥିବା ୧୦ ହଜାର ପ୍ଲାଷ୍ଟିକ ବୋତଲ ଉତ୍ସବ ସରିବା ପରେ ରିସାଇକ୍ଲିଂ ପାଇଁ ଆମେ ହସ୍ତାନ୍ତର କରିବୁ। କିନ୍ତୁ ପ୍ଲାଷ୍ଟିକ ବର୍ଜନ ଲାଗି ସଚେତନ କରିବା ନେଇ ଏହି ପ୍ଲାଷ୍ଟିକ ବୋତଲ ବ୍ୟବହାର କରାଯାଇଛି ବୋଲି କହିଛନ୍ତି ସୁଦର୍ଶନ।

ସୂଚନାଥାଉ କି, ପୂର୍ବରୁ ସୁଦର୍ଶନ ବିଶ୍ୱ ରେକର୍ଡ, ଗିନିଜ୍ ୱାର୍ଲ୍ଡ ରେକର୍ଡ, ଏକାଧିକ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସର ଅଧିକାରୀ ହୋଇଛନ୍ତି। ଏଥିସହ ୬୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିୟନଶିପ୍ ଏବଂ ମହୋତ୍ସବରେ ଭାଗ ନେଇ ଦେଶ ପାଇଁ ଅନେକ ପୁରସ୍କାର ଜିତି ଗୌରବ ଆଣିପାରିଛନ୍ତି।




ପୁରୀ ବେଳାଭୂମିରେ ସୋମବାର ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବିଶାଳ ସାଣ୍ଟା କ୍ଲଜ।

ସିଣ୍ଡିକେଟ୍ ବ୍ୟାଙ୍କ
SyndicateBank
କ୍ଷେତ୍ରୀୟ କାର୍ଯ୍ୟାଳୟ-୧
ଭୁବନେଶ୍ୱର-୭୫୧ ୦୧୯
ସଂଶୋଧନ ପତ୍ର
ତା.୦୭.୧୨.୨୦୧୮ ରିଖ ଦୈନିକ ଖବର କାଗଜ "ଧରିତ୍ରୀ"ରେ ପ୍ରକାଶିତ ଆମର ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ତା.୨୬.୧୨.୨୦୧୮ ରିଖ ପରିବର୍ତ୍ତେ ତା.୨୮.୧୨.୨୦୧୮ ରିଖକୁ ଘୁଞ୍ଚାଇ ଦିଆଯାଇଅଛି। ଅନ୍ୟାନ୍ୟ ତଥ୍ୟାବଳୀ ଅପରିବର୍ତ୍ତିତ।
ତା : ୨୪.୧୨.୨୦୧୮
କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ

CLASSIFIED DISPLAY

GANDHI MEMORIAL COLLEGE OF EDUCATION
Raipur, Bantalab Jammu
NAAC Accredited, Affiliated to University of Kashmir & UGC Recognized
Kashmir University Announces Online Admission
B.Ed Session 2018-20
OPEN FROM 3rd Dec. 18
Eligibility: 45% (Open) 40% (Reserved). Last date of filing on-line Forms without late fee is 31st Dec. 2018.
Online facility for filing up forms is also available in the College Premises.
For guidance Contact: 9796247170, 9622126800, 7051961670 Email: admgmcej@gmail.com

SKIN
POLISHING / REJENUVATION
FOR ALL YOUR QUERIES :
9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK,

TRISAKHA GREEN
(FARM HOUSE PLOTS)
On Bhubaneswar-Puri Road Near Mangalpur NH 316
- Well Developed Homestead Plot.
- For Future Investment Purpose.
- Entire Project is Electrifield.
- Bank Finance is also available.
- Reasonable Price.
- First Possession then Registration.
Rs. 190/- Per Sq. ft
Mob: 7326837199, 9861747353

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

ନୂଆବର୍ଷର ପାର୍ଟି ପ୍ଲେ-ୱିନ୍ ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
only Effect No Side Effect
ଉଦ୍ଦୀପନ।
ଅଭାବର ବଡ଼ କାରଣ ହେଉଛି ପୁରୁଷଙ୍କଠାରେ ଉତ୍ସାହର ଅଭାବ, ଶୀଘ୍ରପତନ, ଇନ୍ଦ୍ରିୟ ଦୁର୍ବଳତା, ଉତ୍ତେଜନାର ଅଭାବ, ନପୁଂସକତା ହୋଇଥାଏ, ଏପରି ସମସ୍ତ ସମସ୍ୟା ଦୂରକରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ବ୍ୟବହାର କରନ୍ତୁ ଓ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
Play Win Capsule
Play Win Oil
A Quality Product by Rajnish Wellness Limited
ପ୍ଲେ-ୱିନ୍ କ୍ୟାପ୍‌ସୁଲ
Super Stockist Mahendra Pharma / ODD
ତେଲ କ୍ୟାପ୍‌ସୁଲ
www.playwincapsule.com
Helpline : 09321790671
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ!!

ସମ୍ବଲପୁରୀ ବସ୍ତ୍ରାଳୟ
ଖ୍ରୀଷ୍ଟ ମାସ ଓ ନବବର୍ଷ
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ବିଶେଷ ସରକାରୀ ରିହାତି
10%+20%
ଅବଧି
ତା୨୧।୧୨।୨୦୧୮ ରୁ ତା୦୧।୦୧।୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ, ସୁଟସେଟ
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନଲାଇନ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କରେ ଉପଲବ୍ଧ ଅଟେ।
୧. ଭୁକ୍ତା ପ୍ରଦର୍ଶନୀ, ସାପ୍ତାହିକ ବଜାର ପାଖ, ଭୁକ୍ତା
୨. ଲୋଇସିଙ୍ଗା ପ୍ରଦର୍ଶନୀ, ବସଷ୍ଟାଣ୍ଡ ପାଖ, ଲୋଇସିଙ୍ଗା
୩. ପଡିଆବାହାଲ ପ୍ରଦର୍ଶନୀ, ସାପ୍ତାହିକ ବଜାର ପାଖ, ପଡିଆବାହାଲ
୪. ରାଜଗାଙ୍ଗପୁର ପ୍ରଦର୍ଶନୀ, କମ୍ୟୁନିଟି ସେଣ୍ଟର, ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ, ରାଜଗାଙ୍ଗପୁର
୫. ନାକଟିଦେଉଳ ପ୍ରଦର୍ଶନୀ, ଗ୍ରାମପଞ୍ଚାୟତ ପାଖ, ନାକଟିଦେଉଳ
୬. ନୂଆପଡା ପ୍ରଦର୍ଶନୀ, ବସଷ୍ଟାଣ୍ଡ ପାଖ, ନୂଆପଡା
୭. ପଦ୍ମପୁର ପ୍ରଦର୍ଶନୀ, କଚେରି ଛକ, ପଦ୍ମପୁର



# ଅସୁରଙ୍କ ପ୍ରାଦୁର୍ଭାବ

ଯେତେବେଳେ ଆସୁରିକ ଶକ୍ତିର ପ୍ରାଦୁର୍ଭାବ ବୃଦ୍ଧିପାଏ, ସେତେବେଳେ ସବୁ ଅସୁର ଏକାଠି ହୋଇ ସମାଜକୁ ଦମନ କରିବାକୁ ଚେଷ୍ଟା କରନ୍ତି। ତାହାର ସଦ୍ୟ ଉଦାହରଣ ଏବେ ପୁନର୍ବାର ପିପିଲିରେ ୨୦୧୧ରେ ଘଟିଥିବା ଗଣବଳାତ୍କାର ଘଟଣା ସମ୍ପର୍କିତ ଅଦାଲତଙ୍କ ରାୟରୁ ସ୍ପଷ୍ଟ ଜଣାପଡୁଛି। ସେତେବେଳେ ପିପିଲିର ଆଇଆଇସି ଥିବା ଅମୂଲ୍ୟ ଚମ୍ପତିରାୟଙ୍କୁ ଅତି ଲୋକଦେଖାଣିଆ ଭାବେ ସରକାର ଚାକିରିରୁ ନିଲମ୍ବନ କରିଥିଲେ। ରାଜନୈତିକ ସମ୍ପୃକ୍ତି ଥିବା ହେତୁ ସେହି ଘଟଣାକୁ ଲୁଚାଇ ଦେବାର ଉଦ୍ୟମ ସେତେବେଳେ ଜଣାପଡ଼ିଥିଲା। ଇତିମଧ୍ୟରେ ଦୀର୍ଘ ୭ ବର୍ଷ ବିତିଗଲା। ଅତି ସହଜରେ ଗଣମାଧ୍ୟମ ସେହି ଘଟଣାରୁ ଦୂରେଇଗଲା। ଜନସାଧାରଣ ମଧ୍ୟ ଭୁଲିଗଲେ। ସାକ୍ଷୀଙ୍କୁ ସୁରକ୍ଷିତ ରଖିବାର କୌଣସି ବ୍ୟବସ୍ଥା କରାଗଲା ନାହିଁ। ପୋଲିସର ଅନୁସନ୍ଧାନ ଓ ଅଦାଲତରେ ସାକ୍ଷ୍ୟ ପ୍ରମାଣ କେଉଁଭଳି ପ୍ରଭାବିତ ହୋଇଥିବ, ତାହା ଅନୁମାନ କରିବା କଷ୍ଟକର ନୁହେଁ।

ଏବେ ଘଟଣା ସମ୍ପର୍କରେ ମନେପକାଇ ଦିଆଯାଇପାରେ। ପୁରୀ ଜିଲା ପିପିଲିର ଅର୍ଜୁନଗୋଦା ଗ୍ରାମରେ ୨୦୧୧ ନଭେମ୍ବର ୨୯ରେ ଜଣେ ଯୁବତୀ ଗଣବଳାତ୍କାରର ଶିକାର ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ସେ କୋମା ସ୍ତରକୁ ଚାଲିଯାଇଥିଲେ। ଶେଷରେ ୨୦୧୨ ଜୁନ୍ ୨୧ରେ କଟକ ବଡ଼ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ଲୋମହର୍ଷଣକାରୀ ଘଟଣାର ଦୁଇ ମୁଖ୍ୟ ଅପରାଧୀଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲା ଜଜ୍ ୨୦୧୮ ଡିସେମ୍ବର ୨୪ରେ ପ୍ରମାଣ ଅଭାବରୁ ମୁକ୍ତ କରି ଦେଇଛନ୍ତି। ଯୁବତୀ ବଳାତ୍କାର ହେବା ଓ ପରେ ତାଙ୍କ ପ୍ରାଣ ଯାଇଥିଲେ ମଧ୍ୟ ତାହାକୁ ପ୍ରମାଣସିଦ୍ଧ କରାଯାଇ ନ ପାରିବା ପୋଲିସ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଝିଅକୁ ହରାଇ ପାଖାପାଖି ୭ ବର୍ଷ ଧରି ମାନସିକ ଯନ୍ତ୍ରଣା ପାଇଥିବା ପରିବାରବର୍ଗଙ୍କ ପାଇଁ ଏହି ରାୟ ଶକ୍ତ ଧକ୍କା ପହଞ୍ଚାଇଛି। ଭୟରେ କେହି କିଛି କହିବେ କି ନାହିଁ, ତାହା ଜାଣିହେବ ନାହିଁ। କିନ୍ତୁ ବାସ୍ତବତାକୁ ଜନସାଧାରଣ ଏବେ ଭୁଲିବେ ନାହିଁ।

ସେତେବେଳର ଘଟଣାକୁ ମନେପକାଇ ଆଜିର ରାୟକୁ ଦେଖିଲେ ବିସ୍ମିତ ହେବାକୁ ପଡୁଛି। ଯେଉଁଭଳି ଢଙ୍ଗରେ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ପରେ ତଣ୍ଟିଚିପି ହତ୍ୟା ଉଦ୍ୟମ କରାଯାଇଥିଲା, ତାହା ଅନେକଙ୍କ ମନରୁ ଲିଭି ନ ଥିବ। ପ୍ରାଥମିକ ସ୍ତରରେ ପିପିଲି ଥାନାରେ ମାମଲା ରୁଜୁ ହୋଇପାରି ନ ଥିଲା। ଏହି ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିବା ପରେ ବିଭିନ୍ନ ସଙ୍ଗଠନ ରାସ୍ତାକୁ ଓହ୍ଲାଇଥିଲେ। ରାଜ୍ୟ ମାନବ ଅଧିକାର କମିଶନ ଘଟଣାରେ ହସ୍ତକ୍ଷେପ କରିବା ପରେ ମାମଲା ରୁଜୁ କରାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତଙ୍କୁ ମିଶାଇ ୮ ଜଣଙ୍କ ନାମରେ ଅଭିଯୋଗପର୍ଦ୍ଦ ମଧ୍ୟ ଦାଖଲ କରିଥିଲା। କିନ୍ତୁ ଏହି ମାମଲା ପ୍ରମାଣ ଅଭାବରୁ ଖାରଜ ହେବାର ଅର୍ଥ ହେଉଛି ଯେ, ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥା ଜାଣିଶୁଣି ଦୁର୍ବଳ ରିପୋର୍ଟ ଦେଇଛି। ଏହି ପ୍ରଚ୍ଛଦପଟରେ କୁନ୍ଦୁଲି ପୀଡ଼ିତାଙ୍କ କଥା ମଧ୍ୟ ମନେପଡ଼େ। ଗଣବଳାତ୍କାରର ଶିକାର ହୋଇ ମାନସିକ ଯନ୍ତ୍ରଣାରେ ଜର୍ଜରିତ ହୋଇଯାଇଥିବା ନବମ ଶ୍ରେଣୀ ଝିଅ କେଉଁଆଡୁ କିଛି ନ୍ୟାୟ ନ ପାଇବାରୁ ଶେଷରେ ୨୦୧୮ ଜାନୁୟାରୀ ୨୨ରେ ଆତ୍ମହତ୍ୟାର ବାଟ ବାଛି ନେଇଥିଲେ। ଜାନୁୟାରୀ ୨୩ରେ ଏହି ସ୍ତମ୍ଭରେ ଆମେ 'ଆତ୍ମହତ୍ୟା' ଶୀର୍ଷକରେ ଲେଖା ପ୍ରକାଶ କରିଥିଲୁ। ନ୍ୟାୟିକ ଓ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ହେବା ସତ୍ତ୍ୱେ କୌଣସି ଫଳାଫଳ ଦେଖିବାକୁ ମିଳିଲା ନାହିଁ। ନାବାଳିକା ଯଥେଷ୍ଟ ସାହସ ଦେଖାଇ ଲଢ଼ିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ମିଛୁଆ ଆଖ୍ୟା ଦିଆଯାଇଥିଲା। ପୋଲିସଠାରୁ ଆରମ୍ଭ କରି ସ୍ଥାନୀୟ ଲୋକେ ଯେଉଁମାନେ ତାଙ୍କ କଥାକୁ ସନ୍ଦେହ କଲେ, ସେଥିପାଇଁ ସମସ୍ତେ ଦାୟୀ ବୋଲି ଆମେ ଏଥିରେ ଉଲ୍ଲେଖ କରିଥିଲୁ। ଆଜିର ପିପିଲି ବଳାତ୍କାର ଘଟଣାର ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ମୁକ୍ତ କରିଦିଆଯିବା ବିଷୟ ଶୁଣିବା ପରେ ସମସ୍ତେ ବ୍ୟବସ୍ଥା ସମ୍ପର୍କରେ ବୁଝିଯାଇଥିବେ।

କେବଳ ଓଡ଼ିଶା ନୁହେଁ, ଦେଶବ୍ୟାପୀ ପୋଲିସ ଓ ନ୍ୟାୟ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ସନ୍ଦେହ ବଢ଼ିବାରେ ଲାଗିଛି। ୨୦୦୫ରେ ଗୁଜରାଟରେ ସୋହରାବୁଦ୍ଦିନ୍ ଶେଖ୍ ମିଥ୍ୟା ଏନ୍‌କାଉଣ୍ଟରରେ ଅଭିଯୁକ୍ତ ଥିବା ସମସ୍ତ ପୋଲିସ ଅଧିକାରୀଙ୍କୁ ନିକଟରେ କୋର୍ଟ ନିର୍ଦ୍ଦୋଷ ଘୋଷଣା କରିବା ନ୍ୟାୟିକ ବ୍ୟବସ୍ଥାର ବିଫଳତାକୁ ସୂଚାଉଛି। ଏହିପରି ବହୁ ଆପରାଧିକ ମାମଲାରେ ଦୋଷୀ ଛାଡ଼ ପାଇଯିବା ଓ ପୀଡ଼ିତା ବା ପୀଡ଼ିତ ଯନ୍ତ୍ରଣା ଭୋଗିବା ଯେପରି ହୋଇଗଲାଣି ଗତାନୁଗତିକ ଧାରା। ଅର୍ଥ, ବାହୁ ଓ କ୍ଷମତା ବଳରେ ନ୍ୟାୟକୁ ଏପଟସେପଟ କରାଯାଉଥିବାରୁ ବ୍ୟବସ୍ଥା ଏବେ ବିଶ୍ୱାସର ସଙ୍କଟରେ ପଡ଼ିଯାଇଛି। ଅସତ୍ୟର ଧାରାରେ ଯାଉଥିବା ପୋଲିସ ଏବଂ ପ୍ରଶାସନ ପ୍ରମାଣ କରିଦେଉଛି ଯେ, ଦୁଷ୍ଟ ଶକ୍ତିର ପ୍ରାଦୁର୍ଭାବ ବଢୁଛି।

## ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ନବୀନର ମେରୁଦଣ୍ଡ ଅତୀତର
ଭବିଷ୍ୟର ଶାସକ ହେ ପୁରାତନ
ବହୁ ସାଧନାର ଫଳେ ସଞ୍ଚିଗଲ
ସମାଜର ସ୍ତରେ ସ୍ତରେ ଗୁନ୍ଥିଲ ଯେ
ଜାଗ୍ରତ ସଂସ୍କାର
ଶ୍ରଦ୍ଧା ନମସ୍କାର।
କ୍ଷୀଣ ଅବଶେଷ
ହେ ପଳିତ କେଶ !
ଯେ ସବୁ ବିଧାନ
କ୍ରିୟା ଅନୁଷ୍ଠାନ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | | 0 | | | | | | | |
| 0 | | | | | 7 | B | | 5 | | 1 | 6 | | 4 | |
| B | | 9 | | | | | E | | | 2 | | 6 | C | |
| | 2 | 1 | 8 | | 3 | | D | | | 9 | | | | |
| | | | | C | | | 7 | | E | B | | 5 | | 3 |
| | A | B | 4 | | | | | C | | 0 | | | 8 | |
| | 8 | | | | 0 | A | | | | 3 | 9 | | | |
| 3 | 5 | | | | | | | | | | | | | |
| 1 | | | | | | | | 2 | | 7 | | E | | 6 |
| | | | | D | 5 | 6 | | 4 | | 8 | 1 | C | 3 | |
| 4 | | | | | A | | 2 | D | C | | | 8 | 9 | |
| E | 6 | | | 8 | | | | | | | | 7 | | |
| | | | C | | | 5 | 4 | | B | E | | D | | |
| | | D | | E | | 8 | A | | 4 | | | | 1 | |
| 2 | B | | 0 | | | | | | 9 | | 7 | 4 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | C | 0 | 1 | 6 | E | 9 | D | A | 7 | 5 | 2 | 8 | 3 | 4 |
| 9 | 8 | 2 | 3 | A | 5 | E | 4 | C | 1 | 6 | D | B | 7 | 0 |
| 6 | 4 | 3 | 9 | 0 | C | 5 | 7 | 8 | B | A | E | 1 | 2 | D |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |

ଗତକାଲିର ଉତ୍ତର

# ଗ୍ରାହକ ସୁରକ୍ଷା ଗଣତନ୍ତ୍ର ରକ୍ଷା



ସହଦେବ ସାହୁ

ପ୍ରତିବର୍ଷ ଡିସେମ୍ବର ୨୪ ତାରିଖକୁ ଆମେ 'ଜାତୀୟ ଖାଉଟି ଅଧିକାର ଦିବସ' ଭାବେ ପାଳନ କରୁ ଏବଂ ସରକାରୀ ବିଜ୍ଞାପନରେ ଶୁଣୁ 'ଜାଗୋ ଗ୍ରାହକ ଜାଗୋ'। ଉତ୍ତମ ସାମଗ୍ରୀ ଓ ଉତ୍ତମ ସେବା ପାଇବା ତୁମର ଅଧିକାର, ଯିଏ ଖିଲାପ କରୁଛି ତା' ନାଁରେ ନାଲିସ କର ; ସିଏ ସରକାର ହୁଅନ୍ତୁ ବା ଘରୋଇ କମ୍ପାନୀ କି ସମବାୟ ସଂସ୍ଥା। ସେ ଘର ପାଖର ପଡ଼ିଶା ହେଉ କି ସହରୀ ଚିଟ୍‌ଫଣ୍ଡ ମାଲିକ ହେଉ କି ବିଶ୍ୱସ୍ତରୀୟ ବହୁରାଷ୍ଟ୍ରୀୟ କମ୍ପାନୀ, କାହାରିକୁ ଛାଡ଼ ନାହିଁ। ସାମଗ୍ରୀ ବା ସେବା ଯୋଗାଣକାରୀମାନେ ଆଉ 'ଗରାଖ ଈଶ୍ୱର' ଉକ୍ତିରେ ବିଶ୍ୱାସ କରୁନାହାନ୍ତି, 'ପଇସା ହିଁ ଭଗବାନ' ଭାବି ଗ୍ରାହକକୁ ଠକିବାର ବିଭିନ୍ନ କୌଶଳ ବାହାର କରୁଛନ୍ତି। ସରକାରୀ କର୍ମଚାରୀମାନେ ବି ନାଗରିକଙ୍କୁ ଯଥାସମୟରେ ତାଙ୍କର ହକ୍ ଦେବାକୁ କର୍ତ୍ତବ୍ୟ ବୋଲି ମନେକରୁ ନାହାନ୍ତି। ସବୁଠାରୁ ବଡ଼ ଦୁଃଖର ବିଷୟ ଯେ, ଉତ୍କୋଚ ନେଇଥିବା ଉପରିସ୍ଥ ଅଧିକାରୀ ବା ନେତାଙ୍କ ଇଙ୍ଗିତ କାରଣରୁ ଆମ ଦେଶର ନିୟାମକ ଅଧିକାରୀମାନେ ଚୁପ୍ ରହୁଛନ୍ତି। ରାଜନୈତିକ ଦଳଗୁଡ଼ିକ ମୋଟା ଅଙ୍କର ନିର୍ବାଚନୀ ଚାନ୍ଦା ପାଇଗଲେ ଚାନ୍ଦା ଦେଇଥିବା କମ୍ପାନୀ ଓ ବ୍ୟକ୍ତିମାନଙ୍କ ପ୍ରତି ନିୟାମକ କର୍ମକର୍ତ୍ତାଙ୍କୁ ଶିଥିଳ କରିଦେଉଛନ୍ତି ; ସିବିଆଇ ଭଳି ଅଥରିଟିର ତଦନ୍ତକାରୀ ଅଧିକାରୀଙ୍କୁ ବି ବଦଳି କରିଦେଉଛନ୍ତି। ଗ୍ରାହକର ସୁରକ୍ଷା ଦେଉଥିବା ଆଇନର ଖିଲାପକାରୀଙ୍କ ପ୍ରତି କେବଳ ବିଭାଗୀୟ ନିରୀକ୍ଷକ ନୁହେଁ, ପୋଲିସ, କମ୍ପାନୀ ନିୟନ୍ତ୍ରକ, ବିଚାର ବିଭାଗ ବି କୋହଳ ହେଉଥିବାର ଉଦାହରଣ ଅଛି। ଗ୍ରାହକ–ଶୋଷଣ ସୀମା ପାର ହୋଇ ଗ୍ରାହକର ମୃତ୍ୟୁର କାରଣ ହେଲେ ସରକାର ଚେତୁଛନ୍ତି କିମ୍ବା ବିଦେଶରେ କ୍ଷତିଗ୍ରସ୍ତ ଗ୍ରାହକମାନେ ଜିତିବାର ଖବର ବହୁଳ ପ୍ରଚାର ହେଲେ ଆମ ଦେଶର ସରକାରୀ କଳ ସକ୍ରିୟ ହୁଅନ୍ତି। ପେପ୍‌ସୀ କୋଲା ଭଳି ମୃଦୁପାନୀୟ ଆମେରିକାର ସ୍କୁଲମାନଙ୍କରେ ବାରଣ ହୋଇଥିଲେ ବି ଆମ ଦେଶରେ ସେଗୁଡିକ ଆଭିଜାତ୍ୟର ଚିହ୍ନ ହୋଇ ରହିଛି। ଆମ ଦେଶରେ ବହୁଳ ପ୍ରସାରିତ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ କମ୍ପାନୀର ବେବି ପାଉଡର ଓ ବେବି ସାମ୍ପ ଉଦାହରଣ ଦେଖନ୍ତୁ। ପିଲାଙ୍କୁ ଭଲ ବୋଲି ଏତେ ପ୍ରଚାରିତ ଯେ ବଡ଼ମାନେ, ବିଶେଷତଃ ପିଲାର ମା'ମାନେ ବି ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ବେବି ପାଉଡର ବ୍ୟବହାର କରନ୍ତି ; ଗାଧୋଇ ସାରିଲା ପରେ ଦେହକୁ ଶୁଖିଲା ରଖିବା ପାଇଁ ଚଡ଼ିରେ, ରୁମାଲରେ ବେବି ପାଉଡର ଛିଞ୍ଚନ୍ତି। ବେବି ପାଉଡରରେ ଯେଉଁ ଟାଲକମ୍ ବ୍ୟବହାର ହୁଏ, ତାହା ଖଣିରୁ ଉତ୍ତୋଳନ ବେଳେ ତହିଁରେ ଆଜ୍‌ବେଷ୍ଟସ୍ ମିଶିଥାଏ ଏବଂ ଆଜ୍‌ବେଷ୍ଟସ୍ କର୍କଟ ରୋଗର କାରଣ ବୋଲି ଡାକ୍ତରମାନଙ୍କୁ ଜଣା। ବେବି ପାଉଡର ତିଆରିରେ ଆଜ୍‌ବେଷ୍ଟସକୁ ପୂରାପୂରି କାଢ଼ିଦେବା କଥା ଏବଂ କାଢ଼ିଦେଇ ବେବି ପାଉଡର ତିଆରି କରୁଛି ବୋଲି କମ୍ପାନୀ ଦାବି କରୁଥିଲା। ଅଳ୍ପ ଦିନ ତଳେ ଆମେରିକାର ଆଲାବାମା ରାଜ୍ୟର ଜଣେ ୬୨ ବର୍ଷୀୟା ମହିଳା ଜରାୟୁ କର୍କଟରେ ଆକ୍ରାନ୍ତ ହୋଇଥିବାର କାରଣ ୩୫ ବର୍ଷ କାଳ ଜେଆଣ୍ଡଜେ ବେବି ପାଉଡର ବ୍ୟବହାର ବୋଲି ଅଭିଯୋଗ କରି ନାଲିସ କରିଥିଲେ ଏବଂ ଶେଷରେ ମୃତ୍ୟୁବରଣ କରିଥିଲେ। ନମୁନା ପରୀକ୍ଷା କରି ଦେଖାଗଲା ବେବି ପାଉଡର ସମ୍ପୂର୍ଣ୍ଣ ଆଜ୍‌ବେଷ୍ଟସମୁକ୍ତ ନୁହେଁ। ରଏଟର ପରିବେଷିତ ଖବରରୁ ପ୍ରକାଶ ଯେ, ଜେଆଣ୍ଡଜେ କମ୍ପାନୀ ଅଭିଯୋଗକାରିଣୀଙ୍କ ପରିବାରକୁ ୭୨ ମିଲିୟନ୍ ଡଲାର (ପ୍ରାୟ ୫୦ କୋଟି ୪୦ ଲକ୍ଷ ଟଙ୍କା) କ୍ଷତିପୂରଣ ଦେବାକୁ ଆମେରିକାର କୋର୍ଟ ରାୟ ଦେଇଛି। ପାଠକମାନେ ଆହୁରି ଆଶ୍ଚର୍ଯ୍ୟ ହେବେ ଯେ ଜନ୍‌ସନ ଆଣ୍ଡ ଜନ୍‌ସନ କମ୍ପାନୀର ବେବି ସାମ୍ପରେ ଫର୍ମାଲଡିହାଇଡ୍ ଭଳି କର୍କଟରୋଗକାରୀ କେମିକାଲ ମିଶିଛି। ସେଥିପାଇଁ ବି ଲୋକେ ନାଲିସ କଲେଣି। ଏ ଖବର ପାଇ ସପ୍ତାହକ ତଳେ ଆମ ଦେଶର ସେଣ୍ଟ୍ରାଲ ଡ୍ରଗ୍‌ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନର ଅଧିକାରୀମାନେ ଜେଆଣ୍ଡଜେର କାରଖାନା ଉପରେ ଚଢାଉ କରି ଉତ୍ପାଦିତ ଦ୍ରବ୍ୟର ନମୁନା ନେଇଛନ୍ତି। ଏତେ ଦିନରେ ଆମ ସରକାରଙ୍କ ନିଦ ଭାଙ୍ଗିଥିଲେ ବି ଯାଞ୍ଚର ଫଳ କମ୍ପାନୀ ବିରୋଧରେ ଯିବା ନେଇ ସନ୍ଦେହ ରହିଛି। କାରଣ କେତେ ପରିମାଣର ଆଜ୍‌ବେଷ୍ଟସ ଭାରତୀୟମାନେ ସହିପାରିବେ ତା' ଉପରେ ବିତର୍କ ହୋଇପାରେ, ସତେଯେପରି ଭାରତୀୟମାନଙ୍କ ଜୀବନ ଆମେରିକୀୟ ଜୀବନଠାରୁ ନ୍ୟୂନ। ଆମେ ଜାଣିଛୁ– ପେପ୍‌ସୀ ଓ କୋକାକୋଲା ଭଳି ପାନୀୟରେ କୀଟନାଶକ ଭଳି ଦୂଷିତ ଜିନିଷ ଅଛି ବୋଲି ଅଭିଯୋଗର ତଦନ୍ତ କରି ଆମ କେନ୍ଦ୍ର ସରକାର କହିଥିଲେ, ୟୁରୋପୀୟ ସଂଘର ମାନକ ତୁଳନାରେ ମିଶ୍ରଣ–ମାତ୍ରା ବେଶି ଥିଲେ ହେଁ ଭାରତୀୟ ମାନକ ମାପରେ ମାତ୍ରାଧିକ ନୁହେଁ। ଆମର ତତ୍କାଳୀନ କେନ୍ଦ୍ରମନ୍ତ୍ରୀ କୋକାକୋଲା କମ୍ପାନୀକୁ କ୍ଲିନ୍‌ଚିଟ୍ ଦେଇଥିଲେ ବୋଲି ଆମ ପିଲାଏ ମୃଦୁପାନୀୟ ପିଇ ପିଇ ମେଦବହୁଳତା ରୋଗର ଶିକାର ହେବେ। ଜେଆଣ୍ଡଜେ କ୍ଷେତ୍ରରେ ତଦନ୍ତର ସେହିଭଳି ଅବସ୍ଥା ହେବନି ତ!

ଅଥଚ ଆମ ଦେଶରେ ଗ୍ରାହକକୁ ଆମେରିକା ଭଳି ଖର୍ଚ୍ଚବହୁଳ ମକଦ୍ଦମା କରିବାକୁ ପଡିବ ନାହିଁ। ୧୯୮୬ରୁ ଲାଗୁ ହୋଇଥିବା ଗ୍ରାହକ ସୁରକ୍ଷା ଆଇନ ଅନୁଯାୟୀ ଠକାମି, ଜାଲିଆତି, ଅପମିଶ୍ରଣ ବା ଅନ୍ୟ ପ୍ରକାର ଶୋଷଣର ଶିକାର ହୋଇଥିବା ଲୋକ କମ୍ ଖର୍ଚ୍ଚରେ ଖାଉଟି ଅଦାଲତକୁ ଯାଇପାରିବ। ସେ ଦାବି କରୁଥିବା କ୍ଷତିର ପରିମାଣ ଅନୁଯାୟୀ ଫି' ଦେଇ ଜିଲା ବା ରାଜ୍ୟସ୍ତରର ବା ଜାତୀୟ ଖାଉଟି ଅଦାଲତକୁ ଯାଇପାରିବ। ଏ ଆଇନଟି ଏକ ଯୁଗାନ୍ତକାରୀ ଏବଂ ପ୍ରଗତିଶୀଳ ବ୍ୟବସ୍ଥା। ବେସରକାରୀ, ସରକାରୀ ଓ ସମବାୟ ସବୁ କ୍ଷେତ୍ର ଏହାର ଅନ୍ତର୍ଭୁକ୍ତ। ସବୁ ପ୍ରକାରର ସାମଗ୍ରୀ ଓ ସେବା ପ୍ରତି ଏ ଆଇନ ଲାଗୁ। ଆଗରୁ ଖାଉଟି ବା ସେବା–ଗ୍ରହଣକାରୀ ଭେଦରେ ଭିନ୍ନ ଭିନ୍ନ ସୁରକ୍ଷା ଆଇନ ଥିଲା: ଯଥା ଉଚ୍ଚତା ବଢ଼ାଇବା ହର୍ଲିକ୍ସ ପିଇ ପିଲାଏ ଡେଉଁଥିବା ବା ପାହାଡ଼ ଉପରୁ କୁକୁର ଛୁଆକୁ ଉଦ୍ଧାର କରିପାରି ଯୁବକଟିଏ ପେପ୍ସୀ ପିଇବା ଭଳି ଭ୍ରମାତ୍ମକ ବିଜ୍ଞାପନ ବିରୋଧରେ ସ୍ୱତନ୍ତ୍ର ଆଇନ ଥିଲା। ସାମଗ୍ରୀର ବିକ୍ରି ବଢାଇବା ପାଇଁ ତାହାର ଯାଦୁକରୀ ପ୍ରଭାବ ଅଛି ବୋଲି ଆପତ୍ତିଜନକ ବିଜ୍ଞାପନ ଦେବା ବିରୋଧରେ ଏ ଆଇନ ଥିଲା। ଏବେ ତାକୁ ରଦ୍ଦ ନ କରି ତାହାଠାରୁ ସହଜ ଆଇନ ହୋଇଛି ୧୯୮୬ର ଗ୍ରାହକ ସୁରକ୍ଷା ଆଇନ। କିନ୍ତୁ ଆମ ସରକାର ଏଭଳି ବିଜ୍ଞାପନ ବିରୋଧରେ ପଦକ୍ଷେପ ନେଉନାହାନ୍ତି। ଆମେରିକାର ସ୍କୁଲମାନଙ୍କରେ ପେପ୍‌ସୀ ଭଳି ମୃଦୁପାନୀୟ ବାସନ୍ଦ ହୋଇଥିଲେ ହେଁ ଆମ ଦେଶରେ ତାହା ଆଭିଜାତ୍ୟର ଚିହ୍ନ। ପାନୀୟ କମ୍ପାନୀ ଲୋକଙ୍କୁ ଭୂତାଉଛି ବୋଲି ଜାଣି ମଧ୍ୟ ଆମେ ଚୁପ୍ ରହୁଛୁ।

୧୯୮୬ର ଆଇନରେ ଗ୍ରାହକ କେବଳ ଜଣେ ଖରିଦ୍‌ଦାର ନୁହେଁ, ସେ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ରୋଗୀ ହୋଇପାରେ, ବିଦ୍ୟାଳୟରେ ଭର୍ତ୍ତି ହୋଇଥିବା ପିଲା ହୋଇପାରେ, ରେଳ ବା ବିମାନରେ ଟିକେଟ କରିଥିବା ଲୋକ ଅବା ଫୋନ୍ ସେବା କି ଟେଲିଭିଜନ୍ ସେବା ନେଇଥିବା ଲୋକ ହୋଇପାରେ, ବୀମା କରିଥିବା ଲୋକ ହୋଇପାରେ, ସରକାରୀ ବା ପ୍ରଶାସନିକ ସେବା କି ଅନୁଦାନ ପାଇବାର ହକ୍ ଥିବା ଯଥା– ଇନ୍ଦିରାଆବାସ ଘର ପାଇବାର ହିତାଧିକାରୀ ବି ହୋଇପାରେ। ଜଗତ୍‌ସିଂହପୁରର ବୃନ୍ଦାବନ ଜୁନିୟର କଲେଜରେ ଆବଶ୍ୟକ ଭିତ୍ତିଭୂମି ନାହିଁ ବୋଲି ଶୁଣାଣି କରି ଜିଲା ଖାଉଟି ଅଦାଲତ ସେ କଲେଜର ପରିଚାଳନା ମଣ୍ଡଳୀ ଅଧ୍ୟକ୍ଷ ଥିବା ଉପଜିଲାପାଳଙ୍କୁ ଡକାଇଥିଲେ। ସେ ଉପସ୍ଥିତ ହୋଇ ନ ଥିବାରୁ ତାଙ୍କୁ ଗିରଫ କରି ହାଜର କରିବାକୁ ଜିଲାର ଏସ୍‌ପିଙ୍କୁ ଖାଉଟି ଅଦାଲତ ଏକ ପରଓ୍ୱାନା ଜାରି କରିଛନ୍ତି ବୋଲି ଖବର ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ କଲେଜ ଶୋଷଣ କରୁଥିବା ଅଭିଯୋଗର ଏକ ଶୁଣାଣି ପ୍ରମାଣ ଦିଏ, କିପରି ଲୋକଙ୍କୁ ଠକିବାର ବେଳ ସରିଆସୁଛି। କିନ୍ତୁ ଏଥିଲାଗି ଶୋଷଣଗ୍ରସ୍ତ ଲୋକେ ଏକୁଟିଆ ହେଉ ବା ଦଳବଦ୍ଧ ଭାବେ ଲଢ଼େଇ ଜାରି ରଖିବା ଦରକାର।

ଗ୍ରାହକ ସୁରକ୍ଷାର ଏଭଳି ଭିନ୍ନ ଭିନ୍ନ ଦିଗ ଆଲୋଚନା କଲେ ଆମେ ଦେଖିବା, ୧୯୮୬ର ଆଇନଟି ଆମ ଗଣତନ୍ତ୍ରକୁ ଦୃଢ଼ କରିବାର ସୁଯୋଗ ସୃଷ୍ଟି କରିଛି। ଦଳ ପାଇଁ ଚାନ୍ଦା ଦେଇ ବା ନେତାଙ୍କୁ ହାତକରି ଯେଉଁ ବ୍ୟକ୍ତି ବା କର୍ମଚାରୀ ବା ସଂସ୍ଥା ଲୋକଙ୍କୁ ଶୋଷଣ କରିବାର ଚେଷ୍ଟା କରୁଛି, ତା' ବିରୋଧରେ ଖାଉଟି ଅଦାଲତକୁ ସହଜରେ ଓ ସ୍ୱଳ୍ପ ଖର୍ଚ୍ଚରେ ଯାଇହେବ। ନେତାମାନଙ୍କର କଳାକାରନାମା ଏ ଅଦାଲତ ଜରିଆରେ ପଦାରେ ପଡ଼ିଲେ ସେମାନଙ୍କର ଦେଶ ସମ୍ପତ୍ତିକୁ ଲୁଟ୍ କରିବା ଚେଷ୍ଟା ଓ ଲୋକଙ୍କୁ ଅବହେଳା କରିବା ସ୍ୱଭାବ ଉପରେ ଲଗାମ୍ ଲଗାଯାଇପାରିବ।

ଇମେଲ୍: sahadevasahoo@gmail.com

# ତୁମର ରାଜ୍ୟ ଆସୁ

ବଡ଼ଦିନ ଉପଲକ୍ଷେ



ସୁଧୀରାଜ ରାଉତ

କୌଣସି ଭୁଲ ନ ଥାଇ ଲୋକଟି ମୋତେ ଅପମାନିତ କଲା, ପ୍ରତିକ୍ରିୟା ପ୍ରକାଶ ନ କରି ଚାଲିଆସିଲି। ଆଉ ଦିନେ ଲୋକଟି ରାସ୍ତାରେ ଦେଖାହେଲା, ବିନମ୍ର ହୋଇ ଭୁଲ ପାଇଁ କ୍ଷମା ମାଗିଲା। ହସି ହସି କହିଲି କେହି ଯଦି ତୁମକୁ ଅପମାନିତ କରେ, ତାକୁ କ୍ଷମା କରିବ। ଆମ ସଭିଙ୍କ ଜୀବନରେ ଏ ପୃଥିବୀରେ ପ୍ରେମ ଓ କ୍ଷମାର ବହୁ ଆବଶ୍ୟକତା ରହିଛି।

ପ୍ରେମ ଓ କ୍ଷମାର ଅନେକ ପରୀକ୍ଷା ପୃଥିବୀରେ ହୋଇଛି ସତ କିନ୍ତୁ ସେଦିନ ପ୍ରବହମାନ ସମୟ ମୁହୂର୍ତ୍ତେ ଅଟକିଗଲା, ଅବାକ୍ ହୋଇଗଲା– ଯେଉଁମାନେ ତାଙ୍କୁ କ୍ରୁଶବିଦ୍ଧ କରୁଛନ୍ତି ସେହିମାନଙ୍କ ପାଇଁ ତାଙ୍କ ହୃଦୟରେ ଅସୀମ ପ୍ରେମ ଦେଖି, ତାଙ୍କ ମୁହଁରୁ କ୍ଷମାର ଉଚ୍ଚାରିତ ଶବ୍ଦ ଶୁଣି: ପରମେଶ୍ୱର ଏମାନେ ଅଜ୍ଞାନ, ଏମାନଙ୍କୁ କ୍ଷମା କରିଦିଅ। ସେଥିପାଇଁ ତାଙ୍କ ଜନ୍ମରୁ, ଯିଶୁଖ୍ରୀଷ୍ଟଙ୍କ ଜନ୍ମରୁ ସମୟର ନୂଆ ଗଣତି ଆରମ୍ଭ ହେଲା। ଏଇ ନୂଆ ଗଣନା ଅନୁଯାୟୀ ୨୦୧୮ ବର୍ଷ ତଳେ ସେ ଜନ୍ମ ହୋଇଥିଲେ। ଦୀର୍ଘ ଏତେ ବର୍ଷ ପରେ ବି ତାଙ୍କ ଶିକ୍ଷାକୁ ଆମେ ପୃଥିବୀବାସୀ କେତେ ବା ଜୀବନରେ କାର୍ଯ୍ୟକାରୀ କରିପାରିଛୁ? ଅନ୍ୟର ସାମାନ୍ୟ ଗାଳିକୁ କ୍ଷମା କରିବାକୁ ଆଜି ବି ପୃଥିବୀର ୯୯ ଭାଗ ଲୋକଙ୍କର ସାମର୍ଥ୍ୟ ନାହିଁ। କାହିଁକି ?

ସେହି ଈଶ୍ୱରପୁତ୍ରଙ୍କ ଉକ୍ତିରେ ଆସ ଏହାର ଉତ୍ତର ଖୋଜିବା। ମୁଁ ତୁମ୍ଭମାନଙ୍କୁ କହୁଛି ଶତ୍ରୁମାନଙ୍କୁ ପ୍ରେମ କର। ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର। ଯେଉଁମାନେ ତୁମ୍ଭମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ପ୍ରେମ କଲେ ତୁମ୍ଭମାନଙ୍କର କି ପୁରସ୍କାର ? କରଗ୍ରାହୀମାନେ କ'ଣ ତାହା କରନ୍ତି ନାହିଁ? ଆମ୍ଭମାନଙ୍କ ପ୍ରେମ କରଗ୍ରାହୀର ହିସାବ ଭଳି। ଜୀବନରେ ପ୍ରେମର ସୁମଧୁର ବଂଶୀସ୍ୱର ଏଯାଏ ଆମେ ଶୁଣିନାହୁଁ। ପ୍ରେମ ପ୍ରତିଦାନରେ କିଛି ଚାହେଁ ନାହିଁ, ଦେବାରେ ହିଁ ତା'ର ଆନନ୍ଦ। ଏଇ ପବିତ୍ର ଅନୁଭବ ଏବେ ବି ଆମଠାରେ ଅପହଞ୍ଚ। ଅପହଞ୍ଚ କିଭଳି ନ ହେବ? ମିଥ୍ୟାର ମହଲ ଉପରେ ଆମ୍ଭମାନଙ୍କ ଜୀବନ ଯେ ଠିଆହୋଇଛି। ମାଥିଉଙ୍କର ସେଇ ଅନୁପମ ଉକ୍ତି– ସଇତାନ ତାହାଙ୍କୁ ଗୋଟିଏ ଉଚ୍ଚ ପର୍ବତ ଉପରକୁ ଘେନିଯାଇ ଜଗତର ସମସ୍ତ ରାଜ୍ୟ ଓ ଐଶ୍ୱର୍ଯ୍ୟ ଦେଖାଇ କହିଲା, ତୁମେ ଯେବେ ଆମକୁ ଭୂମିଷ୍ଠ ପ୍ରଣାମ କରିବ ଆମେ ଏହିସବୁ ତୁମକୁ ଦେବୁ। ଯିଶୁ ତାଙ୍କୁ କହିଲେ ଦୂର ହ ସଇତାନ...। ଆମ୍ଭେମାନେ ତ ସାମାନ୍ୟ ସ୍ୱାର୍ଥ ପାଇଁ ସଇତାନକୁ ଶହେ ପ୍ରଣାମ କରିବାକୁ ପ୍ରସ୍ତୁତ।

ଯିଶୁ କହୁଥିଲେ ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ। ପୁଣି କହୁଥିଲେ ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧି କାଟି ଚୋରି ନ କରନ୍ତି, ସେହି ସ୍ୱର୍ଗରେ ଆପଣା ନିମନ୍ତେ ଧନ ସଞ୍ଚୟ କର। କାରଣ ଯେଉଁଠାରେ ତୁମର ଧନ ସେହିଠାରେ ମଧ୍ୟ ତୁମର ମନ। ଧନସମ୍ପଦରୁ ଓହରିଯିବାକୁ ଯିଶୁ କହୁନାହାନ୍ତି ବରଂ ଧନଐଶ୍ୱର୍ଯ୍ୟ ଆମର ସତ୍ୟକୁ, ପ୍ରେମକୁ କେନ୍ଦ୍ରକରି ଗଢ଼ିଉଠୁ ବୋଲି ସେ ଚାହାନ୍ତି। ଏହା ହିଁ ଆମ ସଭିଙ୍କୁ ସତ୍ୟ–ଶିବ–ସୁନ୍ଦରର ଜୀବନ ଦେଇପାରିବ। ଏହିଭଳି ଭବ୍ୟ ଜୀବନ ପ୍ରାପ୍ତ ହେବା ପାଇଁ ଯିଶୁ ଦେଖେଇଥିବା ସରଳ, ସହଜ ପଥ ତାଙ୍କ ଭାଷାରେ ମାଗ, ତୁମକୁ ଦିଆଯିବ। ଖୋଜ ତୁମ୍ଭେମାନେ ସନ୍ଧାନ ପାଇବ, ଦ୍ୱାରରେ ଆଘାତ କର ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ। ପ୍ରକୃତରେ ଜୀବନରେ ଆମେ ଯାହା ମାଗିଛୁ, ଯାହା ଖୋଜିଛୁ ତାହା ହିଁ ପାଇଛୁ। କେବେ ତ ଆମେ ମାଗିନାହୁଁ ପ୍ରେମ, ମାଗିନାହୁଁ ସତ୍ୟ, ମାଗିନାହୁଁ ବିଶ୍ୱାସ। ଆମେ କେବେ ଆମ ଅନ୍ଧାର ଅତୀତକୁ ଫିଙ୍ଗିଦେଇ ଆଲୁଅର ନୂଆ ଜୀବନ ମାଗିନାହୁଁ।

ଜଣେ କହିଲେ ହେ ପ୍ରଭୁ! ପ୍ରଥମେ ଯାଇ ମୋର ମୃତ ପିତାଙ୍କୁ ସମାଧି ଦେବାକୁ ଅନୁମତି ଦିଅନ୍ତୁ। କିନ୍ତୁ ଯିଶୁ ତାଙ୍କୁ କହିଲେ– ମୋର ଅନୁଗମନ କର, ମୃତକମାନଙ୍କୁ ଆପଣା ଆପଣା ମୃତ ଲୋକଙ୍କୁ ସମାଧି ଦେବା ପାଇଁ ଛାଡ଼ିଦିଅ। ଏଭଳି କାବ୍ୟିକ, ତାତ୍ତ୍ୱିକ, ଭାବୋଦ୍ଦୀପକ ଆହ୍ୱାନ ପ୍ରେମର ପରମପୁରୁଷ ଯିଶୁ ହିଁ ଦେଇପାରନ୍ତି। ଅତୀତକୁ ଫିଙ୍ଗିଦେଇ ମୋର ଅନୁଗମନ କର ବୋଲି କହିପାରନ୍ତି। ଯଦି ସେହି ପ୍ରେମର ପାରାବାର ପରମେଶ୍ୱର ଆମ ଅନ୍ଧାର ଅତୀତକୁ କୃପାକରି ଆମଠାରୁ ଛଡ଼ାଇ ନିଅନ୍ତି ଆମେ କେତେ ଅଭିଯୋଗ ନ କରୁ, ରୋଦନ ନ କରୁ। କିନ୍ତୁ ଆମେ ଏ ପର୍ଯ୍ୟନ୍ତ ପ୍ରେମକୁ, ପରମେଶ୍ୱରଙ୍କୁ କେତେବା ବୁଝିଛେ? ଯିଶୁଙ୍କର ସେହି ଅମୃତ କାବ୍ୟିକ ଶବ୍ଦ ମୁଁ ଦ୍ରାକ୍ଷାଲତା ଏବଂ ମୋର ପିତା କୃଷକ। ମୋଠାରେ ଥିବା ଯେକୌଣସି ଶାଖାରେ ଯଦି ଫଳ ନ ଫଳେ ତାହା ସେ କାଟିପକାନ୍ତି, ଯେଉଁ ଶାଖାରେ ଫଳ ଫଳେ ଅଧିକ ଫଳିବା ନିମନ୍ତେ ସେ ତାହା ପରିଷ୍କାର କରନ୍ତି। ଆମେ ସମସ୍ତେ ଦ୍ରାକ୍ଷାଲତା ଭଳି। ପରମେଶ୍ୱର କୃପାକରି ଆମର ଅନାବନା କାମନାର ଲଟା ସବୁକୁ, ଅନ୍ଧାର ଅତୀତ ସବୁକୁ କାଟିପକାନ୍ତି। ଆମେ ଯେଭଳି ନୂଆ ହୋଇ ବଞ୍ଚିପାରୁ ଏବଂ ପ୍ରେମର ଓ ସତ୍ୟର ନିକଟତର ହୋଇପାରୁ।

ତୁମର ରାଜ୍ୟ ଆସୁ, କିଭଳି ଆସିବ? ପ୍ରଥମେ ଆମ ହୃଦୟରେ, ଆମ ଜୀବନରେ ସେ ଅବତରି ଆସିଲେ ଯାଇ ପୃଥିବୀରେ ତାଙ୍କର ଐଶ୍ୱର୍ଯ୍ୟମୟ ରାଜ୍ୟ ପ୍ରତିଷ୍ଠା ହେବ। ସେହି ଶାଶ୍ୱତ ପ୍ରେମିକଙ୍କ ଶୁଭ ଜନ୍ମଦିନରେ ଆସ ଆମେ ତାଙ୍କ ଶିକ୍ଷାର ଜୀବନ୍ତ ଉଦାହରଣ ହୋଇ ଉଠିବା। ଉପନିଷଦ୍‌ର 'ସୋଽହଂ' (ସେ ହିଁ ମୁଁ) ଉକ୍ତି ଭଳି ଯିଶୁଙ୍କ ଉକ୍ତି 'ମୁଁ ଏବଂ ମୋର ସ୍ୱର୍ଗର ପିତା ଏକ'। ଏହି ଅନୁଭବ ଆମ ସଭିଙ୍କୁ ପ୍ରାପ୍ତ ହେଉ।

ଇନ୍ଦ୍ରାବତୀ, ନବରଙ୍ଗପୁର,
ମୋ– ୯୮୬୧୯୬୯୬୭୮

## ଏଇ ଭାରତରେ

ଆମ ଦେଶର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଚଳଣି ଦେଖିବାକୁ ମିଳେ। ପ୍ରାଚୀନ ପ୍ରଥା ଓ ପରମ୍ପରାକୁ ସ୍ଥାନୀୟ ଲୋକେ ସମ୍ମାନ ଜଣାଇଥାଆନ୍ତି। ଏହା ଉଲ୍ଲଂଘନ କଲେ ଦଣ୍ଡ ଭୋଗିବାକୁ ହୋଇଥାଏ। କେତେକ ଅଞ୍ଚଳରେ ସାମାଜିକ ଚଳଣି ଅତି କଠୋର ହେଲେ ବି ଏହାକୁ ପାଳନ କରିବାକୁ ପଡେ। ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ବି ପ୍ରାଚୀନ ପରମ୍ପରାକୁ ଲୋକେ ଭୁଲିପାରି ନାହାନ୍ତି। ପାରମ୍ପରିକ ଚଳଣିକୁ କୌଣସି ବ୍ୟକ୍ତି ନ ମାନିଲେ ତାଙ୍କୁ ସମାଜରୁ ବାସନ୍ଦ କରାଯିବା ସହିତ କଠୋର ଦଣ୍ଡବିଧାନ ମଧ୍ୟ କରାଯାଇଥାଏ। ଏପରି ଏକ ରାଜ୍ୟ ହେଉଛି ଛତିଶଗଡ। ସେଠାରେ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ଏହି ଅଞ୍ଚଳରେ ମହିଳାଙ୍କୁ ବ୍ଲାଉଜ ପିନ୍ଧିବାକୁ ବାରଣ କରାଯାଇଥାଏ। ବ୍ଲାଉଜ ପିନ୍ଧିଲେ ମହିଳାଙ୍କ ପ୍ରତି କଠୋର ଦଣ୍ଡବିଧାନ କରାଯାଏ। ତେଣୁ ଅନିଚ୍ଛା ସତ୍ତ୍ୱେ କେତେକ ମହିଳା ବିନା ବ୍ଲାଉଜରେ ଶାଢ଼ି ପିନ୍ଧନ୍ତି। କେହି କେହି କହନ୍ତି ବିନା ବ୍ଲାଉଜରେ ଶାଢ଼ି ପିନ୍ଧିବା ସହଜ ଏବଂ ଏଥିପାଇଁ କମ୍ ସମୟ ଲାଗିଥାଏ। ଅନ୍ୟପକ୍ଷରେ ଜଙ୍ଗଲରେ ପ୍ରବଳ ଗରମ ହୁଏ। ଏଥିରୁ ରକ୍ଷା ପାଇବା ପାଇଁ ଜନଜାତିର ମହିଳାମାନେ ବ୍ଲାଉଜ ପିନ୍ଧନ୍ତି ନାହିଁ। ଏହି ବର୍ଗର ମହିଳାମାନେ ଚାଷକାମ ସହିତ ଘରକାମ ମଧ୍ୟ କରିଥାଆନ୍ତି। ତେଣୁ ସବୁକାମ ସହଜରେ କରିବା ପାଇଁ ମହିଳାମାନେ କେବଳ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି ବୋଲି ଅନେକେ କହିଥାଆନ୍ତି। ଏପରି ଏକ ସାମାଜିକ ଚଳଣି ଏଠାରେ ପ୍ରାୟ ଏକ ହଜାର ବର୍ଷରୁ ଅଧିକ ଦିନ ହେଲା ଚଳିଆସୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଡିସେମ୍ବର ୧୯୯୩

- ସିକ୍ୟୁରିଟି ହେରଫେର ଘଟଣାର ତଦନ୍ତ କରୁଥିବା ମିଳିତ ସଂସଦୀୟ କମିଟି ରିପୋର୍ଟ ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂହ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି।
- କୃଷି ଓ ବୈଷୟିକ କ୍ଷେତ୍ରରେ ପାରସ୍ପରିକ ସହଯୋଗ ପାଇଁ ଭାରତ ଓ ଇସ୍ରାଏଲ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- କଂଗ୍ରେସ (ଇ)ର ଶ୍ରୀନିବାସ ତିୱାରୀ ମଧ୍ୟପ୍ରଦେଶର ନୂଆ ବାଚସ୍ପତି ରୂପେ ନିର୍ବାଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଉଜ୍ଜ୍ୱଳା ଯୋଜନା ଓ ବିଜୁଳି ଦର ବୃଦ୍ଧି

ମହାଶୟ,

ଉଜ୍ଜ୍ୱଳା ଯୋଜନା ସହ ବିଜୁଳି ଦର ବୃଦ୍ଧିର ସମ୍ପର୍କ ଅଛି। ଉଜ୍ଜ୍ୱଳା ଯୋଜନାରେ ଘରେ ଘରେ ଗ୍ୟାସ ସିଲିଣ୍ଡର ବଣ୍ଟନ କରାଗଲା। ପ୍ରଥମଥର ଗ୍ୟାସ୍ ସରିଗଲା ପରେ ପ୍ରାୟ ଶତକଡା ୯୦ ଭାଗ ଘରେ ଆଉ ନୂଆ ଗ୍ୟାସ ଅଣାଗଲା ନାହିଁ। ଏହି ଉଜ୍ଜ୍ୱଳା ସିଲିଣ୍ଡରର ଫାଇଦା ଉଠାଇଲେ ହୋଟେଲ, ଫାଷ୍ଟଫୁଡ୍ ବ୍ୟବସାୟୀ ଓ ଅନ୍ୟାନ୍ୟ ଲୋକେ। ତେଣେ ଉଜ୍ଜ୍ୱଳା ଯୋଜନାରେ ଥିବା ଲୋକେ 'ହୁକ୍' ଦ୍ୱାରା ବିଜୁଳି ଆଣି ହିଟର ମାଧ୍ୟମରେ ରୋଷେଇ କଲେ। ଏହି କାର୍ଯ୍ୟ ଉଜ୍ଜ୍ୱଳା ଯୋଜନା ପୂର୍ବରୁ ମଧ୍ୟ ହେଉଥିଲା। କିନ୍ତୁ ଯୋଜନା ପରେ ଏହା ବଢ଼ିଗଲା। ସହରର ବସ୍ତି ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଏହି ବିଜୁଳି ଚୋରି ଅଭ୍ୟାସଗତ। ଏହାର କୁପ୍ରଭାବରୁ ବିଜୁଳି ଦର ବି ବୃଦ୍ଧି ଘଟୁଛି। ମୂଲ୍ୟବୃଦ୍ଧିର ବୋଝ ପଡୁଛି ମଧ୍ୟବିତ୍ତ ପରିବାର ଉପରେ।

ସଦାନନ୍ଦ ଭୋଇ, ବୁଢ଼ାରଜା, ସମ୍ବଲପୁର

### ଶସ୍ତା ଯୋଜନାର ଗତି କୁଆଡେ

କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଦିନ ନୂଆ ନୂଆ ଯୋଜନା ଘୋଷଣା କରୁଛନ୍ତି। ସରକାର ଋଣକରି ଘିଅ ଖାଇବା ସହିତ ଲୋକଙ୍କୁ ଖୁଆଉଛନ୍ତି। ନିର୍ବାଚନ ପରେ ଯୋଜନାଗୁଡିକ ଚାଲିବ କେମିତି ? ଏତେ ଅର୍ଥ ଆସିବ କେଉଁଠୁ ? ଲୋକମାନେ ସବୁବେଳେ ସରକାରଙ୍କୁ ଆଶା କରି ରହିବେ। ଗୁଡାଏ ଋଣ କରି, ଖଣିଖାଦାନ ବିକ୍ରିକରି, ରାଷ୍ଟ୍ରାୟତ୍ତ ସଂସ୍ଥାରୁ ଅଂଶଧନ ବିକ୍ରିକରି ଅର୍ଥ ଆଣି ଦେଶ ବା ରାଜ୍ୟ ଚଳେଇବା ଅବାସ୍ତବ। ଶସ୍ତା ରାଜନୀତି ବନ୍ଦ ନ କଲେ ଭବିଷ୍ୟତରେ ସରକାର ହୀନସ୍ତା ହେବେ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଗଣତନ୍ତ୍ର ନା ସଂରକ୍ଷଣତନ୍ତ୍ର

ଗୋଟିଏ ଗଣତନ୍ତ୍ର ଦେଶରେ ସମସ୍ତେ ସମାନ। ଏହା ଆମ ଦେଶରେ ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ତା'ର କାରଣ ସଂରକ୍ଷଣ ନୀତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୫୦ ପ୍ରତିଶତ ଭିତରେ ସଂରକ୍ଷଣ ନୀତି ସବୁଠି ପାଳନ ହେଉନାହିଁ। ଏବେ ଦେଶରେ ମହିଳା ସଂରକ୍ଷଣ ଲାଗି ଆମ ମୁଖ୍ୟମନ୍ତ୍ରୀ ଅଣ୍ଟା ଭିଡ଼ିଛନ୍ତି। ସୁତରାଂ ସବୁ କ୍ଷେତ୍ରରେ ସଂରକ୍ଷଣ ନୀତି ଲାଗୁହେବାରୁ ଆମ ଗଣତନ୍ତ୍ର ଦେଶକୁ ସଂରକ୍ଷଣତନ୍ତ୍ର କହିଲେ ଭୁଲ୍ ହେବ ନାହିଁ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ଡଙ୍କାରୀରୁ ୫୮.୬୨ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ଆଦାୟ ମାମଲା

# ୧୭ ଗଲେଣି, ସରକାର କ୍ଷତିରେ

ଯାଜପୁର ଅଫିସ,୨୪।୧୨

ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ବେଆଇନ କଳାପଥର ଖାଦାନରେ ୨୦୦୨ରୁ ୨୦୧୫ ପର୍ଯ୍ୟନ୍ତ ପରିବେଶଗତ ମଞ୍ଜୁରୀ ନ ଥାଇ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ ହୋଇଛି। ଏହାକୁ ୨୦ ଜଣ ତହସିଲଦାର ଆଖିବୁଜି ସମର୍ଥନ କରି ଆସିଛନ୍ତି। ଏହି ବେଆଇନ କଳାପଥର ଉତ୍ତୋଳନ ବାବଦକୁ ୫୮ କୋଟି ୬୨ ଲକ୍ଷ ୭୯ ହଜାର ୬୩୩ ଟଙ୍କା ଅତିରିକ୍ତ ରାଜସ୍ୱ ଜମା କରିବାକୁ ଡିମାଣ୍ଡ ନୋଟିସ ହୋଇଛି। ହେଲେ ଏହି ନୋଟିସ ଜାରି କରିବାର ଅଢେଇ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଉପରୋକ୍ତ ଅତିରିକ୍ତ ରାଜସ୍ୱ ଆଦାୟ ହୋଇ ପାରିନାହିଁ। ବରଂ ଧର୍ମଶାଳା ତହସିଲ କୋର୍ଟରେ ଏହା ବିଚାରାଧୀନ ରହିଛି। ଅନ୍ୟପକ୍ଷେ ଡଙ୍କାରୀରେ ଏହି ବେଆଇନ ଖାଦାନ ବନ୍ଦ ହେବାର ଭୟରେ ଦେଶର ୪ର୍ଥ ସର୍ବବୃହତ୍ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପାଇଁ ଜମି ଯୋଗାଇ ଦେବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛି।

ଡଙ୍କାରୀ ପାହାଡରେ ଜଙ୍ଗଲ ଓ ପରିବେଶ ଅନୁମତି ବିନା କଳାପଥର ଉତ୍ତୋଳନ ଉପରେ ଜିଲା ପ୍ରଶାସନ ହିସାବ ମାଗିଥିଲା। ଧର୍ମଶାଳା ତହସିଲ ଓ ଖଣି ବିଭାଗ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଯୁଗ୍ମ ତଦନ୍ତ ସହାୟତାରେ ପ୍ରକୃତ ରାଜସ୍ୱ ହାନି ସହ ଅନ୍ୟାନ୍ୟ ସରକାରୀ କ୍ଷତିର ଆକଳନ କରିବାକୁ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକଙ୍କୁ ତତ୍କାଳୀନ ଜିଲାପାଳ ସତ୍ୟକୁମାର ମଲ୍ଲିକ ତାଙ୍କ ପତ୍ରସଂଖ୍ୟା ୫୫୪୭/୩।୧୨।୨୦୧୫ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଖଣି ବିଭାଗ ପକ୍ଷରୁ ମାଇନିଂ ଅଫିସର ଅସୀତ କୁମାର ବେହେରାଙ୍କ ନେତୃତ୍ୱରେ ବୈଷୟିକ କର୍ମଚାରୀଙ୍କୁ ନେଇ ୨୦୧୬ ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ଡଙ୍କାରୀ ପାହାଡର ଉତ୍ତୋଳିତ ଖାଦାନର ମାପଚୁପ ହୋଇଥିଲା। ଖଣି ବିଭାଗର ପତ୍ରସଂଖ୍ୟା ୫୧୪/୧୫।୩।୨୦୧୬ରେ ମାପଚୁପର ସବିଶେଷ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ରିପୋର୍ଟରେ ୭୩,୩୮,୦୧୨.୫୦ କ୍ୟୁବିକ ମିଟର ଖନନ ହୋଇଥିବା ଦର୍ଶାଯାଇଥିଲା। ୨୦୦୨-୦୩ ରୁ ୨୦୧୫-୧୬(୨୦୧୫ ନଭେମ୍ବର ମାସ ସୁଦ୍ଧା) ଲିଜ୍‌ଧାରୀ ଶ୍ରୀବାସ ଜେନା ଡଙ୍କାରୀରୁ କଳାପଥର ଉତ୍ତୋଳନ କରୁଥିଲେ। ଏହି ସମୟ ମଧ୍ୟରେ ୧୪,୧୫,୯୯୬ କ୍ୟୁବିକ ମିଟର କଳାପଥର ଉତ୍ତୋଳନ ଉପରେ ମାତ୍ର ୬ କୋଟି ୬୪ ଲକ୍ଷ ୮୯ ହଜାର ୯୦୮ ଟଙ୍କା ରାଜସ୍ୱ ବାବଦକୁ ସେ ଜମା କରିଥିଲେ। ତେବେ ବାକି ୫୯,୨୨,୦୧୬.୫ କ୍ୟୁବିକ ମିଟର ଖନନ ଉପରେ ରାଜସ୍ୱ ଫାଙ୍କି ହୋଇଛି। ଏଭଳି ଭାବରେ କ୍ୟୁବିକମିଟର ପିଛା ୯୯ ଟଙ୍କା ହିସାବରେ ୫୮ କୋଟି ୬୨ ଲକ୍ଷ ୭୯ ହଜାର ୬୩୩ ଟଙ୍କା ୫୦ ପଇସା ରାଜସ୍ୱହାନି ହୋଇଥିବା ଖଣି ବିଭାଗ ପକ୍ଷରୁ ଆକଳନ ହୋଇଥିଲା।ସୂଚନାଯୋଗ୍ୟ ଯେ, ଡଙ୍କାରୀ ପାହାଡରୁ ମାସକୁ ୫୦୦ ମେଟ୍ରିକଟନ ଗ୍ରାନାଇଟ ପଥର ଉତ୍ତୋଳନ କରିବାକୁ ସାରୋଇ ଗ୍ରାମର ଶ୍ରୀବାସ ଜେନାଙ୍କୁ ୨୦୧୨ରୁ ୫ ବର୍ଷ ପାଇଁ ଲିଜ ଦିଆଯାଇଥିଲା। କିନ୍ତୁ ଲିଜଧାରୀ ଜେନା ଜଙ୍ଗଲ ଓ ପରିବେଶ ଅନୁମତି ନେଇ ନ ଥିଲେ। ଏନେଇ ବୋର୍ଡ ପକ୍ଷରୁ ୧୮।୮।୨୦୧୪ ତାରିଖରେ ଜଙ୍ଗଲ ଓ ପରିବେଶ ଅନୁମତି ଆଣିବାକୁ ଲିଜଧାରୀ ଜେନାଙ୍କୁ ପତ୍ର ଦିଆଯାଇଥିଲା। କିନ୍ତୁ ବୋର୍ଡର ନିର୍ଦ୍ଦେଶକୁ ନ ମାନି ଲିଜ୍‌ଧାରୀ ମନଇଚ୍ଛା ୱାଗନ ଡ୍ରିଲିଂ କରି ପଥର ଉତ୍ତୋଳନ କରୁଥିଲେ; ଯଦ୍ଦ୍ୱାରା ଡଙ୍କାରୀ ପାହାଡରେ ଗଭୀର ଗର୍ତ୍ତ ସୃଷ୍ଟି ହୋଇଥିଲା। ୨୦୦୦ ମସିହାରୁ ୨୦୧୬ ମଧ୍ୟରେ ଧର୍ମଶାଳା ତହସିଲରେ ୧୭ ଜଣ ତହସିଲଦାର ଅବସ୍ଥାପିତ ହୋଇଛନ୍ତି। କିନ୍ତୁ ସେହି ଅଧିକାରୀମାନେ ଜାଣିଶୁଣି ଆଖିବୁଜି ଦେଇଥିଲେ। ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ତହସିଲଦାର ପତ୍ରସଂଖ୍ୟା ୧୮୭୮/୨୮।୫।୨୦୧୬ରେ ସାରୋଇ ଗ୍ରାମର ଲିଜଧାରୀ ଜେନାଙ୍କୁ ଉପରୋକ୍ତ ଅତିରିକ୍ତ ରାଜସ୍ୱ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୩ ଜଣ ତହସିଲଦାର ଅବସ୍ଥାପିତ ହୋଇଛନ୍ତି। ହେଲେ ଅତିରିକ୍ତ ରାଜସ୍ୱ ଆଦାୟ ହୋଇ ପାରିନାହିଁ। ଅନ୍ୟପକ୍ଷେ ଲିଜଧାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତୁରନ୍ତ ଅତିରିକ୍ତ ରାଜସ୍ୱ ଆଦାୟ ପାଇଁ ପୁନଃ ଆକଳନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ପରବର୍ତ୍ତୀ ପଦକ୍ଷେପ କିଛି ଗ୍ରହଣ ହୋଇନାହିଁ। ୨୦୧୬ରୁ ଇତିମଧ୍ୟରେ ପ୍ରଶାସନକୁ ବୁମେରାଂ କରିବାକୁ ଲିଜଧାରୀ ଡଙ୍କାରୀରେ ହୋଇଥିବା ଗର୍ତ୍ତକୁ ମାଟି ପକାଇ ପୋତି ଦେଉଥିବା ସୂଚନା ମିଳିଛି। ଏପରିକି ଡଙ୍କାରୀ ପାହାଡ ପାଦଦେଶରେ ତୈଳ ଭଣ୍ଡାର ପ୍ରତିଷ୍ଠା ହେଲେ ରାଜ୍ୟ ସରକାର କଳାପଥର ଖାଦାନରୁ ପ୍ରାୟ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି। ଖାଲି ସେତିକି ନୁହେଁ, ସ୍ଥାନୀୟ ରାଜନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପାଇଁ ମାସିକ ଚାନ୍ଦା ବନ୍ଦ ହୋଇଯିବାର ଆଶଙ୍କା କରି ତୈଳ ଭଣ୍ଡାର ପାଇଁ ଆବଶ୍ୟକ ୪୦୦ ଏକର ଜମି ଯୋଗାଇ ଦେବାରେ ଷଡଯନ୍ତ୍ର ଚାଲିଥିବା ମତପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଶୀତଲ ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଛନ୍ତି କାଗଜପତ୍ର ଦେଖିଲା ପରେ ମାମଲାରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା କହିହେବ।



INCUMBENCY CHART OF TAHSILDARS - DHARMASALA

| SL NO | NAME OF THE OFFICERS | | PERIOD FROM | TO |
|---|---|---|---|---|
| 01 | SRI PRAVAT KU. LENKA | O.A.S | 02.10.88 | 18.05.89 |
| 02 | SRI GURU CHARAN NAYAK | O.A.S | 19.05.89 | 09.10.91 |
| 03 | SRI PRAFULLA KU. MOHAPATRA | O.A.S | 10.10.91 | 31.12.93 |
| 04 | SRI DANBIR PRUSTY | O.A.S | 01.01.94 | 31.05.96 |
| 05 | SRI BIJAY KU. RAY | O.A.S | 01.06.96 | 23.11.96 |
| 06 | SRI NATABAR NAYAK | O.A.S | 24.11.96 | 17.07.98 |
| 07 | SRI NIRODA KU. MISHRA | O.A.S | 18.07.98 | 24.08.98 |
| 08 | SRI BIKASH CH. MOHAPATRA | O.A.S | 25.08.98 | 25.09.00 |
| 09 | SRI SARAT CH. PANDA | O.A.S | 25.09.00 | 21.07.03 |
| 10 | SRI CHITTARANJAN MOHANTY | O.A.S | 21.07.03 | 18.08.03 |
| 11 | SRI NIRAKAR SAMAL | O.A.S | 18.08.03 | 08.03.04 |
| 12 | SRI SUBODHA CH. ACHARYA | O.A.S | 08.03.04 | 10.03.04 |
| 13 | SRI BRAJA KISHORE PATTANAIK | O.A.S | 10.03.04 | 11.08.04 |
| 14 | SRI HARISH CH. NAYAK | O.A.S | 11.08.04 | 05.02.05 |
| 15 | SMT. SUMITRA SENAPATI | O.A.S | 05.02.05 | 23.02.05 |
| 16 | SRI SUBODHA CH. MOHAPATRA | O.A.S | 23.02.05 | 16.03.05 |
| 17 | SRI HARISH CH. NAYAK | O.A.S | 16.03.05 | 20.06.08 |
| 18 | SRI AJOY KU. DAS | O.A.S | 20.06.08 | 19.12.08 |
| 19 | SRI ASHOK KU. BEHURIA | O.A.S | 19.12.08 | 8.03.10 |
| 20 | SRI DILLIP KU BAL | O.A.S | 8.03.10 | 24.6.11 |
| 21 | SRI RABINDRA KU. SABAT | O.A.S | 24.6.11 | 12.6.12 |
| 22 | SRI AMBIKA PRASAD DASH | O.A.S | 13.6.12 | 26.7.12 |
| 23 | SRI ARUN KUMAR BEHERA | O.A.S | 26.7.12 | 24.9.13 |
| 24 | SRI ULLAS KUMAR SETHI | O.R.S (I/c) | 25.9.13 | 22.10.13 |
| 25 | SRI RANJAN KUMAR JENA | O.A.S 1(JB) | 23.10.13 | 8.8.16 |
| 26 | SRI ABANI KUMAR SAHU | O.A.S | 8.8.16 | 2.9.16 |
| 27 | SRI PRAVAS KUMAR BEHURA | O.A.S | 2.9.16 | 3.9.18 |
| 28 | SMT. SHEETAL AGARWAL | O.R.S (I/c) | 3.9.18 | |

■ ନିର୍ଦ୍ଦେଶ ସତ୍ତ୍ୱେ ହୋଇପାରୁନି ରାଜସ୍ୱ ଆଦାୟ
■ ବଳି ପଡୁଛି ପ୍ରସ୍ତାବିତ ତୈଳ ସଂରକ୍ଷଣ ଭଣ୍ଡାର





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାତି ଦହିଖିଆ ଜରକୁ**
**ଏକୁଟିଆ ଘର ଚୋରକୁ**
**କନିଆଁ ମାଇପ ପରକୁ**
**ଆଷାଢ଼ ମାସରେ ବିହନ ବୁଣିଲେ**
**ନ ଅଣ୍ଟଇ ରାଜା କରକୁ।**

ରାତିରେ ଦହି ଖାଇଲେ ଜ୍ୱର ହୋଇଥାଏ। ଗାଁମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସର୍ବଦା ଆଖେଇଥାଏ। ସ୍ୱଳ୍ପ ବୟସ୍କା ବିବାହିତା କନ୍ୟା ସମୟକ୍ରମେ ପରପୁରୁଷର ପ୍ରୀତିରେ ମଜ୍ଜି ରହିବାର ଆଶଙ୍କା ରହିଥାଏ। ସେହିପରି ଆଷାଢ଼ ମାସରେ ବିହନ ବୁଣିଲେ ଚାଷରୁ ସେତେ ଭଲ ଉପାର୍ଜନ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ରଜା ଖାଉଥାଏ ରସଗୋଲା**
**ଯା'ର ହେଲା ଦି' ମାଇପ**
**ସେ ଜିଇଁ ଥାଉଁ ଥାଉଁ ମଲା।**

ଦି' ନାଆରେ ଗୋଡ଼ଦେଲେ ପରିଣତି ସାଂଘାତିକ ହୋଇଥାଏ। ସେହିପରି ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ପରବର୍ତ୍ତୀ ସମୟରେ ଅନେକ ଦୁର୍ଦ୍ଦଶା ଭୋଗ କରିବାକୁ ବାଧ ହୋଇଥାନ୍ତି। ଦୁଇସ୍ତ୍ରୀର ମନ ନେଇ ଚଳି ନ ପାରିବା କାରଣରୁ ପରିଣତି ବା ଅବସ୍ଥା ଅନେକ ସମୟରେ ଅଣାୟତ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନିରାଶ କଲେ ବିଦେଶୀ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

■ ୧୫ ହଜାର ବଦଳରେ ଆସିଲେ ୧୫୦୦
■ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମାଲେସିଆରୁ ସର୍ବାଧିକ ପର୍ଯ୍ୟଟକ

ହକି ବିଶ୍ୱକପ୍ ପାଇଁ ହୋଇଥିଲା ବ୍ୟାପକ ପ୍ରସ୍ତୁତି ଦେଶ ଓ ବିଦେଶରୁ ୨୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବିଶ୍ୱକପ୍ ଦେଖିବାକୁ ଆସିବେ ବୋଲି ଆକଳନ କରାଯାଇଥିଲା। ସେହି ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଦିନରାତି ଏକ କରି ପ୍ରସ୍ତୁତି କାର୍ଯ୍ୟ କରାଯାଇଥିଲା। ବିଦେଶୀ ଦର୍ଶକଙ୍କ ରହଣିରେ ଯେପରି କୌଣସି ସମସ୍ୟା ନ ହୁଏ, ସେଥିଲାଗି ଭୁବନେଶ୍ୱର ସହ କଟକ ଏବଂ ପୁରୀର ବିଭିନ୍ନ ହୋଟେଲକୁ ପ୍ରସ୍ତୁତ ରଖାଯାଇଥିଲା। ହେଲେ ଆଶାନୁଯାୟୀ, ଆସିଲେନି ବିଦେଶୀ ପର୍ଯ୍ୟଟକ। ରାଜ୍ୟ ସରକାର ୧୫ ହଜାର ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଆଶା କରିଥିବା ବେଳେ ଆସିଲେ ମାତ୍ର ୧୫୦୦। କମିଶନରେଟ୍ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ବିଶ୍ୱକପ୍‌ର ୭ ଦିନ ପୂର୍ବରୁ ଅର୍ଥାତ୍ ନଭେମ୍ବର ୨୧ରୁ ଡିସେମ୍ବର ୧୭ ମଧ୍ୟରେ ମାତ୍ର ୧୫୬୭ଜଣ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ଅନ୍ୟପକ୍ଷରେ ଏହି ସମୟରେ କୋଣାର୍କ ମହୋତ୍ସବ, ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଆଶାନୁରୂପ ହୋଇ ନ ଥିବାରୁ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ଏକ ଶକ୍ତ ଧକ୍କା ଲାଗିଥିବା କୁହାଯାଉଛି।

ବିଶ୍ୱକପ୍‌ରେ ବହୁଳ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଥିଲେ ରାଜ୍ୟ ସରକାର। ଏଥିପାଇଁ ୬ ମାସ ପୂର୍ବରୁ ଘନ ଘନ ବୈଠକ କରାଯାଇଥିଲା। ୧୫ ହଜାର ବିଦେଶୀଙ୍କ ସମେତ ୩୦ ହଜାର ପର୍ଯ୍ୟଟକଙ୍କ ଆଗମନ ଆକଳନ କରି ହୋଟେଲିୟରମାନଙ୍କ ସହ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଥିଲେ। ଏଥିରେ ୧୬ଟି ଦେଶର କ୍ରୀଡ଼ାବିତ୍, ସେମାନଙ୍କ ଅଫିସିଆଲ୍, ସମର୍ଥକ ଏବଂ ଦର୍ଶକ ସାମିଲ ଥିଲେ। ଏଥିପାଇଁ ରାଜ୍ୟ ଓ ଦେଶ ବାହାରେ ବିଭିନ୍ନ କ୍ୟାମ୍ପେନ୍ ସହ ରୋଡ୍ ଶୋ'ର ଆୟୋଜନ କରାଯାଇଥିଲା। ଏକାଧିକ ଟ୍ରେଡ୍ ଓ ଟ୍ରାଭେଲ ବଜାରରେ ଓଡ଼ିଶା ଅଂଶଗ୍ରହଣ କରି ବିଶ୍ୱକପ୍ ହକିର ପ୍ରଚାର ପ୍ରସାର କରିଥିଲା। ବିଶ୍ୱକପ୍‌ର ହୋଷ୍ଟ୍ ପାର୍ଟନର ଥିବା ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ନୂଆ ସ୍ପୋର୍ଟସ ଟୁରିଜମ୍ କ୍ୟାମ୍ପେନ୍ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' ଆରମ୍ଭ କରାଯାଇ ଦେଶ ବାହାରେ ବ୍ରାଣ୍ଡିଂ କରାଯାଇଥିଲା। ଏହାବ୍ୟତୀତ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ରୋଡ୍ ଶୋ', ଲଣ୍ଡନରେ ୱାର୍ଲ୍ଡ ଟ୍ରାଭେଲ୍ ମାର୍କେଟ ଏବଂ ମାଲେସିଆରେ ପିଏଟିଏ ୨୦୧୮ରେ ମଧ ଓଡ଼ିଶା ଭାଗନେଇ ବିଶ୍ୱକପ୍‌ର ପ୍ରଚାର ପ୍ରସାର କରିଥିଲା। ୨୦୧୪ରେ ନେଦରଲାଣ୍ଡରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍‌ରେ ପ୍ରାୟ ୧୫ ହଜାର ବିଦେଶୀ ଦର୍ଶକ ଯୋଗଦେଇଥିବାରୁ ଓଡ଼ିଶା ମଧ ୧୦ରୁ ୧୫ ହଜାର ବିଦେଶୀ ଦର୍ଶକଙ୍କୁ ଆଶା କରିଥିଲା। ଯଦି ଏତେ ସଂଖ୍ୟକ ପର୍ଯ୍ୟଟକ ଓଡ଼ିଶା ଆସିଥାଆନ୍ତେ, ତା'ହେଲେ ଅତିକମ୍‌ରେ ୧୫ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଥାଆନ୍ତା। ହେଲେ ନଭେମ୍ବର ୨୧ରୁ ଡିସେମ୍ବର ୧୭ ତାରିଖ ସୁଦ୍ଧା ମାତ୍ର ୧୫୬୭ଜଣ ବିଦେଶୀଙ୍କ ପାଦ ଓଡ଼ିଶା ମାଟିରେ ପଡ଼ିଥିଲା।

ଅନ୍ୟପକ୍ଷରେ ବିଶ୍ୱକପ୍ ପାଇଁ ଓଡ଼ିଶା ଆସିଥିବା ୧୫୦୦ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶ ୟୁରୋପ ମହାଦେଶରୁ ଆସିଥିଲେ। ପୋଲିସର ଫର୍ମ 'ସି' ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ମାଲେସିଆରୁ ସର୍ବାଧିକ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ତେବେ ଦେଶ ମଧ୍ୟରୁ ପଞ୍ଜାବ, ରାଜସ୍ଥାନ, ଦିଲ୍ଲୀ ଏବଂ ଦକ୍ଷିଣ-ପୂର୍ବ ଭାରତରୁ ଅଧିକ ପର୍ଯ୍ୟଟକ ବିଶ୍ୱକପ୍ ବେଳେ ଓଡ଼ିଶା ଆସିଥିଲେ। ସବୁ ମ୍ୟାଚ୍‌ରେ କଳିଙ୍ଗ ଷ୍ଟାଡିୟମ୍ ଗ୍ୟାଲେରିରେ ଭରପୂର ଦର୍ଶକ ରହିଥିଲେ ବି ଭାରତ ଏବଂ ପାକିସ୍ତାନ ମ୍ୟାଚ୍‌ଗୁଡ଼ିକରେ ସର୍ବାଧିକ ଦର୍ଶକଙ୍କୁ ଦେଖିବାକୁ ମିଳିଥିଲା।

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଡ଼ା ପଦକ୍ଷେପ

# ଅଗ୍ରସେନ ସ୍ପଞ୍ଜ ଆଇରନ କାରଖାନାକୁ ବନ୍ଦ ନିର୍ଦ୍ଦେଶ

ସୁନ୍ଦରଗଡ଼,୨୪।୧୨(ଡି.ଏନ୍.ଏ.)

ବାୟୁ ପ୍ରଦୂଷଣ ଆଇନ୍‌କୁ ଠିକ୍ ଭାବେ ପାଳନ କରିବାରେ ଅବହେଳା ଯୋଗୁ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକର ମାଣ୍ଡିଆକୁଦରସ୍ଥିତ ମେସର୍ସ ଅଗ୍ରସେନ ସ୍ପଞ୍ଜ ପ୍ରାଇଭେଟ ଲିମିଟେଡକୁ ବନ୍ଦ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୋମବାର ବୋର୍ଡ ପକ୍ଷରୁ ଚିଠିସଂଖ୍ୟା ୧୫୩୦୩ ତା ୨୪।୧୨।୨୦୧୮ ରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସମସ୍ତ ଷ୍ଟିଲ ଓ ସ୍ପଞ୍ଜ କାରଖାନା ଗୁଡିକପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ କାରଖାନାରେ ସମସ୍ତ ପ୍ରକାର ଆନୁସାଙ୍ଗିକ ବ୍ୟବସ୍ଥା ଓ ପରିଚାଳନା ପାଇଁ ଅନଲାଇନ୍ ମନିଟରିଂ ସିଷ୍ଟମ କରାଯିବା ପାଇଁ ଗତ ଅଗଷ୍ଟ ୭ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆଦେଶ କରାଯାଇଥିଲା। ମାତ୍ର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଭୁବନେଶ୍ୱର ମୁଖ୍ୟାଳୟର ଏକ ସ୍ୱତନ୍ତ୍ର ଟିମ୍ ଗତ ଡିସେମ୍ବର ୫ ତାରିଖରେ ଅଗ୍ରସେନ ସ୍ପଞ୍ଜ କାରଖାନାକୁ ଅଚାନକ ପରିଦର୍ଶନ କରି ନିୟମ ମୁତାବକ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଯେଉଁ ଆନୁସଙ୍ଗିକ ବ୍ୟବସ୍ଥା ରହିବା କଥା ତାହା ସନ୍ତୋଷଜନକ ନ ଥିବା ଏହି ଟିମ ଜାଣିବାକୁ ପାଇଥିଲେ। ବାୟୁ ପିସିବି ଆକ୍ଟ ୧୯୮୧କୁ କାର୍ଯ୍ୟକାରୀ କରିବାରେ ସଂପୃକ୍ତ କାରଖାନା କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରୁଥିବା ନେଇ ବୋର୍ଡ ଜାଣିବାକୁ ପାଇଥିଲା। ଏହି କାରଖାନାରୁ ଉତ୍ପାଦନକୁ ବନ୍ଦ ରଖିବା ପାଇଁ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ଏହି ନିର୍ଦ୍ଦେନାମା ଜାରି କରାଯାଇଛି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
An ISO Certified Company 9001:2015
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE





• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

ଘରେ ବସି SMS JOB
Mobile Telecom କମ୍ପାନୀରେ
ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ
15000 ରୁ 35000 ମାସିକ
ଏହା ସହିତ ଲାପ୍‌ଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ
କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397
8084682610

FINANCE
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗ୍ରୁପଋଣ ମାତ୍ର ୨୪ ଘଣ୍ଟାରେ । 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336
9114377090

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact :
18001200 02563
Ansal Bhavan, Connaught Place, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ





ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9897037205

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍





ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।





A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ



## ସଂକ୍ଷେପରେ

### ବୁର୍ଲା ଆମର ଉତ୍ସବ ଉଦ୍‌ଘାଟିତ

ଚିପିଲିମା, ୨୪।୧୨ (ଡି.ଏନ୍.ଏ.)-ବୁର୍ଲା ସହରର ଭାରତୀ କ୍ଲବ ପଡିଆରେ ଆମର ଉତ୍ସବ- ୨୦୧୮ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆମର ଉତ୍ସବ କମିଟିର ସଭାପତି ଗିରିଜା ଶଙ୍କର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ସୁରେଶ୍ୱର ମିଶ୍ର ଓ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ମନୋଜ ମହାପାତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । କମିଟିର ଉପଦେଷ୍ଟା ଆଇନଜୀବୀ ପ୍ରମୋଦ କୁମାର ଦାସ ଉତ୍ସବର ଲକ୍ଷ୍ୟ ତଥା ଆଭିମୁଖ୍ୟ ନେଇ ସୂଚନା ଦେଇଥିଲେ। କମିଟିର ଅଧକ୍ଷ ଡ. ଅରବିନ୍ଦ ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ କୁମାର ହୋତାଙ୍କୁ ସମ୍ମାନୀତ କରାଯାଇଥିଲା । ପରେ ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ର, ହୀରାଖଣ୍ଡ ସାଂସ୍କୃତିକ ଅନୁଷ୍ଠାନ, ମାଁ ସମଲେଶ୍ୱରୀ ସାଂସ୍କୃତିକ ଦଳ ପ୍ରମୁଖ ନାଚ ଗୀତ ପରିବେଷଣ କରିଥିଲେ। ପୂଜାପରିମିତା ସାହୁ ଓ ଚିତ୍ତରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଚୈତନ୍ୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଡ. ମହେନ୍ଦ୍ର ଦାସ, ସତ୍ୟବ୍ରତ ସାହୁ, ଓକିଲ ଶମାରୀ, ଅଶ୍ୱିନୀ ପ୍ରଧାନ, ରବି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଶ୍ରୀ ହନୁମତ ଶକ୍ତି ମହାଯଜ୍ଞ ଉଦ୍‌ଯାପିତ

ଚିପିଲିମା, ୨୪।୧୨ (ଡି.ଏନ୍.ଏ.)- ସମ୍ବଲପୁର ଚିପିଲିମା କୃଷି ମହାବିଦ୍ୟାଳୟ କଡରେ ଚାରପାଲି ହନୁମତି ଶକ୍ତି ଜାଗରଣ ସମିତି ପକ୍ଷରୁ ଆୟୋଜିତ ଶ୍ରୀ ହନୁମତ ଶକ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ କଳସ ଶୋଭାଯାତ୍ରା ସହ ମହା ହିନ୍ଦୁ ସମ୍ମିଳନୀର ଆୟୋଜନ ହୋଇଥିଲା। ରାମଚନ୍ଦ୍ର ନାଏକ ସମ୍ମିଳନୀ ଉଦ୍ଦେଶ୍ୟ ସମ୍ପର୍କରେ ଶ୍ରୀରାମଙ୍କ କଥା ମୃତ ନେଇ ପ୍ରବଚନ ରଖିଥିଲେ । ଏହି ଅବସରରେ ବିଧି ମୁତାବକ ଶ୍ରୀରାମ, ହନୁମାନଙ୍କ ପୂଜାର୍ଚ୍ଚନା ହୋଇଥିଲା। ହନୁମାନ ଚାଳିଶା ପାଠ, ହବନ୍, ଆରତୀ, ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ସୁଧାଂଶୁଶେଖର ପାଣିଗ୍ରାହୀ ପୂଜା ପରିଚାଳନା କରିଥିଲେ। ମୁରଲୀ ଛୁରିଆ, ଆନନ୍ଦ ଛୁରିଆ, ଲକ୍ଷ୍ମୀ ମହାକୁଡ ପ୍ରମୁଖ ସପତ୍ନୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ବ୍ଲକ ଅଧକ୍ଷା ସୀତା ଛୁରୀଆ, ଉପାଧକ୍ଷ ସୁଷମା ସାହୁ, ଜିଲାପରିଷଦ ସଦସ୍ୟ ସଂଯୁକ୍ତା ପ୍ରଧାନ, ସରପଞ୍ଚ ବିଶ୍ୱବନ୍ଧ୍ୟା ବଡ଼େଇ, ମନଜିତ୍ କଅର ପ୍ରମୁଖ ଯୋଗ ଦେଇଥିଲେ।

### ଲପଙ୍ଗାରେ ବିଶାଶହେ ସମାଜର ବନ୍ଧୁମିଳନ

ରେଙ୍ଗାଲି, ୨୪।୧୨ (ଡି.ଏନ୍.ଏ)- ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ପ୍ରାଚୀନ ପୀଠ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ବିଶାଶହେ ସମାଜର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଉତ୍ସବରେ ଠେଲକଲୋଇ ଥାନା ଅଧିକାରୀ ସୁବାସଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ବିଶାଶହେ ସମାଜର ୭୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ୨୬ଜଣ ବୟସ୍କ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଆଲୋଚନା କରାଯାଇଥିଲା । ଜଗନ୍ନାଥ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ପ୍ରଶାନ୍ତ ସାହୁ, ଅଶୋକ ସାହୁ, ସମାରୁ ସାହୁ, ଅକ୍ଷୟ ପ୍ରଧାନ, ମହେନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ପାତ୍ର, ବିଶ୍ୱସେନ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ମହେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣିତ ଦିବସ

ହୀରାକୁଦ, ୨୪।୧୨ (ଡି.ଏନ୍.ଏ.)- ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି । ଉକ୍ତ ଦିବସରେ ମହତ୍ତ୍ୱ ଉପରେ ବିଦ୍ୟାଳୟର ସଭାପତି ଅବନୀ ବଲ୍ଲଭ ଆଚାର୍ଯ୍ୟ ମାର୍ଗ ଦର୍ଶନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ବିଶ୍ୱନାଥ ମିଶ୍ର, ଗୁରୁମା ମମତା ପଣ୍ଡା ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଗଣିତ ଉପରେ ଅବଦାନର ଆଲୋକପାତ କରିଥିଲେ । ଶିଶୁ ଭଉଣୀଭାଇମାନେ ଉକ୍ତ ଦିବସରେ ତାତ୍ପର୍ଯ୍ୟ ଓ ପ୍ରକଳ୍ପରେ ମଧ ଭାଗ ନେଇଥିଲେ । ଏଥିରେ ବିଦ୍ୟାଳୟର ବୈକୁଣ୍ଠ ବାଗ, ବୀରେନ୍ଦ୍ର ପାଣିଗ୍ରାହୀ, ମୀନା ବାରିକ, ବବିତା ବିଶ୍ୱାଳ, ସୁଧାଂଶୁ ବିଶ୍ୱାଳ, ନମିତା ପ୍ରଧାନ, ପ୍ରିୟରଞ୍ଜନ ଧଳ, ଚଏନୁ ପଧାନ, ସଙ୍ଗୀତା ଚୌଧୁରୀ ଓ ଅନ୍ୟ ଗୁରୁମା ଗୁରୁଜୀମାନେ ସହଯୋଗ କରିଥିଲେ।

# ପ୍ରଥମରୁ ୫ମ ପର୍ଯ୍ୟନ୍ତ ଅଛନ୍ତି ମାତ୍ର ୬ ଛାତ୍ରୀଛାତ୍ର

ସମ୍ବଲପୁର,୨୪।୧୨(ବ୍ୟୁରୋ)



ଯୁଯୁମୁରା ବ୍ଲକ ହାତୀଛପଲ ଗ୍ରାମରେ ୬ ଜଣ ପିଲା ପାଠ ପଢୁଛନ୍ତି ।

ସମ୍ବଲପୁର ଜିଲାରେ ଶିକ୍ଷା ବ୍ୟବସ୍ଥାରେ ବିଭିନ୍ନ ବ୍ୟତିକ୍ରମ ରହୁଥିବା ଅନେକ ସମୟରେ ଅଭିଯୋଗ ହୋଇଥାଏ । ମୁଖ୍ୟତଃ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବକୁ ନେଇ ଗ୍ରାମବାସୀ ଓ ଅଭିଭାବକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥାନ୍ତି । ହେଲେ ଜିଲାର ଯୁଯୁମୁରା ବ୍ଲକ ନୂଆବରଗାଁମାଳ ପଞ୍ଚାୟତ ହାତୀଛପଲ ଗ୍ରାମର ପ୍ରାଥମିକ ସ୍କୁଲ ଏହାଠାରୁ ଭିନ୍ନ। ଏଠି ପ୍ରଥମରୁ ୫ମ ଶ୍ରେଣୀ ଯାଏ ରହିଛି। ହେଲେ ମାତ୍ର ୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ପ୍ରଦୀପ ପଣ୍ଡା ଓ ବିକାଶ ମେହେର ନାମକ ୨ ଜଣ ଶିକ୍ଷକ ଅଛନ୍ତି । ପ୍ରଦୀପ ଘେନୁପାଲି ସିଆରସିି ଭାବେ ନିଯୁକ୍ତି ପାଇଛନ୍ତି। ଏଣୁ କାର୍ଯ୍ୟବ୍ୟସ୍ତତା ଯୋଗୁ ପ୍ରାୟ ସମୟରେ ସ୍କୁଲରେ ଅନୁପସ୍ଥିତ ରହିଥାନ୍ତି । ବିକାଶ ହିଁ ୫ ଟି ଶ୍ରେଣୀର ପିଲାଙ୍କୁ ପାଠ ପଢାଇଥାନ୍ତି । ପ୍ରଥମ ଶ୍ରେଣୀରେ ୨ ଜଣ, ୨ୟ ଶ୍ରେଣୀରେ ୨ ଜଣ, ତୃତୀୟ ଶ୍ରେଣୀରେ ଜଣେ, ଚତୁର୍ଥ ଶ୍ରେଣୀରେ ଜଣେ ଅଧ୍ୟୟନ କରୁଛନ୍ତି। ମୋଟ ୬ ଜଣ ଛାତ୍ରୀଛାତ୍ର ଗୋଟିଏ କୋଠରୀରେ ହିଁ ପାଠ ପଢନ୍ତି । ଚଳିତ ବର୍ଷ ପଞ୍ଚମ ଶ୍ରେଣୀରେ ଛାତ୍ରୀଛାତ୍ର ନାହାନ୍ତି। ସ୍କୁଲରେ ପିଲା କମ୍ ଥିବା

**ହାତୀଛପଲ ପ୍ରାଥମିକ ସ୍କୁଲ**

- ପିଲାଙ୍କୁ ପଢାଉଛନ୍ତି ଦୁଇ ଜଣ ଶିକ୍ଷକ
- ମିନି ଅଙ୍ଗନୱାଡି କେନ୍ଦ୍ର ଖୋଲିବା ଦାବି

ସମ୍ପର୍କରେ ଜିଲା ଓ ବ୍ଲକ ଶିକ୍ଷା ବିଭାଗ ଅବଗତ ଅଛି। ସ୍କୁଲ ପରିଦର୍ଶନ କରି ପାଖ ସ୍କୁଲକୁ ପିଲାମାନଙ୍କୁ ପଠାଇବାକୁ ପ୍ରତିଶ୍ରୁତି ଦିଆଯାଇଛି। ହେଲେ ବର୍ଷ ବର୍ଷ ବିତି ଯାଇଥିଲେ ମଧ କୌଣସି ଫଳ ମିଳୁନାହିଁ। ୧୯୯୯ ମସିହାରେ ଏହି ସ୍କୁଲ ନିର୍ମାଣ ହୋଇଥିଲା । ହାତୀଛପଲ ଗ୍ରାମ ସହିତ ପାଖ ଗୁଜୁରାତିପଡା ଓ ଅନ୍ୟ ପଡାର ପିଲାମାନେ ପଢିବାକୁ ଆସୁଥିଲେ । ବେଶ୍ କିଛି ବର୍ଷ ସ୍କୁଲ ଭଲ ଭାବେ ଚାଲିଥିଲା । ହେଲେ ଏହି ସ୍କୁଲକୁ ଆସିବାକୁ ହେଲେ ନାଳ ପାରି ହେବାକୁ ପଡୁଥିଲା। ପରେ ସରକାରଙ୍କ ଆଦିବାସୀ ହଷ୍ଟେଲ ସ୍କୁଲ ଓ ଅଞ୍ଚଳରେ ମିଶିନାରୀ ସ୍କୁଲ ଗୁଡିକ ଖୋଲିଯିବାରୁ ଏବେ ପିଲାଙ୍କ ସଂଖ୍ୟା କମି କମି ଯାଉଛି । ତେବେ ୧୦ ଜଣ ଛାତ୍ରୀଛାତ୍ର ଥିବା ସ୍କୁଲଗୁଡିକ ବନ୍ଦ କରିଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ସେହି ସ୍କୁଲରେ ପଢୁଥିବା ପିଲାମାନଙ୍କୁ ପାଖ ସ୍କୁଲ କିମ୍ବା ହଷ୍ଟେଲ ଥିବା ସ୍କୁଲରେ ନାମ ଲେଖାଇବାର ବ୍ୟବସ୍ଥା କରିବାକୁ ନିୟମ ରହିଛି। ହେଲେ ଏଠି ସେ ନିୟମ ଲାଗୁ କରାଯାଉନି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯିବ। ତାହା ପରେ ଯାଇ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଏହି ଗାଁରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ଏଣୁ ଗର୍ଭବତୀ, ପ୍ରସୂତି, ୧ରୁ ୬ ବର୍ଷ ପର୍ଯ୍ୟନ୍ତ ପିଲାମାନେ ସରକାରୀ ସୁବଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଣୁ ଗାଁ ଲୋକଙ୍କ ଦାବି ଯେ, ପାଖ ସ୍କୁଲକୁ ପିଲାଙ୍କୁ ପଠାଇବାକୁ ଜିଲା ଶିକ୍ଷା ବିଭାଗ ବ୍ୟସ୍ଥା କରୁ। ସେହିଭଳି ଗାଁରେ ଏକ ଅଙ୍ଗନୱାଡି ଖୋଲାଯାଉ।

## ■ ବକ୍ସମା ପଞ୍ଚାୟତରେ ସରକାରୀ ଘରକୁ ଉପହାସ

# ଝାଟିମାଟି କୁଡିଆରେ ଫୁଲଙ୍କ ପରିବାର

କୁଚିଣ୍ଡା, ୨୪।୧୨ (ଡି.ଏନ୍.ଏ.)

ଗରିବ ପରିବାରକୁ ଘରଟିଏ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଜ୍ୟ ସରକାର ବିଜୁ ପକ୍କା ଘର ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ସରକାରୀ କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଏବଂ ତେଲିଆ ମୁଣ୍ଡରେ ତେଲ ନୀତି ଯୋଗୁଁ ଏହି ସବୁ ଯୋଜନା ପ୍ରହସନରେ ପରିଣତ ହୋଇଛି। ଗରିବ ପରିବାର ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏହିପରି ଏକ ସଦ୍ୟ ଉଦାହରଣ ହେଉଛନ୍ତି କୁଚିଣ୍ଡା ବ୍ଲକ ବକ୍ସମା ଗ୍ରାମ ପଞ୍ଚାୟତ କଟୁନଗର ଗ୍ରାମର ଫୁଲ ମୁଣ୍ଡା (୪୦)ଙ୍କ ପରିବାର । ଫୁଲ ମୁଣ୍ଡାଙ୍କ ପରିବାର ବକ୍ସମା ଗ୍ରାମର କଟୁନଗର ଗ୍ରାମରେ ଏକ ଝାଟିମାଟିର ଛପର କୁଡିଆରେ ଦୀର୍ଘ ଦିନ ହେବ ବାସ କରି ଆସୁଛନ୍ତି । ଗତ ୫ବର୍ଷ ତଳେ ସ୍ୱାମୀ ଭୀଷ୍ମ ମୁଣ୍ଡା ରୋଗାକ୍ରାନ୍ତ ହୋଇ ଆର ପାରିକୁ ଚାଲିଗଲେ। ୩ ପୁଅଙ୍କ ସହିତ ଫୁଲ କୁଡିଆରେ ବାସ କରୁଛନ୍ତି । ଫୁଲ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି । ବିପିଏଲ, ଭୋଟର କାର୍ଡ ଏବଂ ଆଧାର କାର୍ଡ ମଧ୍ୟ ରହିଛି । ଏହା ସତ୍ତ୍ୱେ କେଉଁ କାରଣରୁ ତାଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ମିଳୁନାହିଁ ତାହାର କାରଣ ଖୋଦ ଫୁଲ ବି ଜାଣିପାରୁ ନାହାନ୍ତି। ଏଠାରେ ବକ୍ସମା ପଞ୍ଚାୟତରେ ବହୁ ପରିବାର ଦୁଇଟି ଲେଖାଏଁ ଘର ପାଇଥିବାର ଉଦାହରଣ ରହିଛି। ହେଲେ ଫୁଲ ମୁଣ୍ଡାଙ୍କୁ କାହିଁକି ଘର ଖଣ୍ଡିଏ ମିଳିନାହିଁ ତାହା ସମସ୍ତଙ୍କୁ ଚକିତ କରୁଛି। ଏ ବାବଦରେ କୁଚିଣ୍ଡା ବିଡିଓ ନିଶି ପୁନମ ମିଞ୍ଜଙ୍କୁ ଯୋଗାଯୋଗ କରିବାରୁ ସେ ଏପରି ଅଭିଯୋଗ ପାଇନାହାନ୍ତି। ତେବେ ଘଟଣାର ତଦନ୍ତ କରି ଫୁଲଙ୍କୁ ସ୍ୱତନ୍ତ୍ର ବିଜୁ ପକ୍କା ଘର ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି।



ନିଜ କୁଡିଆ ଆଗରେ ଫୁଲ ମୁଣ୍ଡା।

## ■ ଲିଟିଲ ମିସ୍ ସମ୍ବଲପୁର-୨୦୧୮

# ମୁକୁଟ ପିନ୍ଧିଲେ କେହେକାଶା ପରୱିନ୍

ସମ୍ବଲପୁର, ୨୪।୧୨ (ବ୍ୟୁରୋ)

ତପସ୍ୱିନୀ ପ୍ରେକ୍ଷାଳୟଠାରେ ଲିଟିଲ ମିସ୍ ସମ୍ବଲପୁର-୨୦୧୮ର ମୁକୁଟ ପିନ୍ଧିଛନ୍ତି କେହେକାଶା ପରୱିନ୍। ସେ ମିସ୍ ଫଟୋଜନିକ୍, ମିସ ପରଫର୍ମର୍, ମିସ୍ ପରଫେକ୍ଟ ଭାବେ ମଧ ପୁରସ୍କୃତ ହୋଇଥିଲା । ପ୍ରିୟାଂଶି ସାହୁ ପ୍ରଥମ ରନର୍ସଅପ୍ ଓ ଅରୋଶିଖା ବିଶୋଇ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ସେହିପରି ପ୍ରିୟାଂଶି ସାହୁ ମିସ୍ ଉଇଟ୍‌କିଟ୍, ଆଦ୍ୟାଶା ମଞ୍ଜୁରୀ ପଟ୍ଟନାୟକ ମିସ କଷ୍ଟ୍ୟୁମ୍, ଶ୍ରଦ୍ଧା ଦାଶ ମିସ୍ ଟ୍ୟାଲେଣ୍ଟ, ତାନିଶି କେଡିଆ ମିସ୍ ବ୍ୟୁଟିଫୁଲ୍ ହେୟାର, ଆହାନା ଜଲାନ୍ ମିସ୍ ସ୍ମାଇଲ୍, ବି. ଚିତ୍ତସ୍ୱରୂପା ମିସ କ୍ୟାଟୱକ୍, ପ୍ରଜ୍ଞାମିତା ବହିଦାର ମିସ୍ ପବ୍ଲିକ ଡିମାଣ୍ଡ, ଆଶିକା ପୁରୀ ମିସ ଚକୋଲେଟି, ଅରୋଶିଖା ବିଶୋଇ ବେଷ୍ଟ ଆପ୍ରୋଚ ବିଜେତା ହୋଇଛନ୍ତି । ଆୟୋଜକ ଶ୍ରଦ୍ଧା ଫାଉଣ୍ଡେସନ ଅଧକ୍ଷା ଅନିତା ଷଡଙ୍ଗୀଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦିପକ କୁମାର ବେହେରା ମୁଖ୍ୟଅତିଥି ଓ ଜିଲାପାଳ ସମର୍ଥ ବର୍ମା, ମାନସ ରଞ୍ଜନ ଷଡଙ୍ଗୀ, ବୁଲକରି ଇଣ୍ଡିଆର ସମ୍ବଲପୁର ମୁଖ୍ୟ ଅମିତ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସୂର୍ଯ୍ୟପ୍ରକାଶ ଗୁରୁ ଓ ରତୁପୂର୍ଣ୍ଣା ଷଡଙ୍ଗୀଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା । ଏମ. ଶାନ୍ତିସୁଦ୍ଧା, ଡ. ଦେବସ୍ମିତା ମିଶ୍ର, ନିଲମ୍ ଆନନ୍ଦ, ଅସୀମ୍ କୁମାର ପ୍ରଧାନ, ଉତ୍ତମ ସିଂ ଓ ଉଦୟ ଭରଦ୍ୱାଜ ଏବଂ ଡା. ହରପ୍ରସନ୍ନ ତ୍ରିପାଠୀ ବିଚାରକ ଥିଲେ । ଅଜୟ ପଣ୍ଡା, ଅମିତ ପତି, ଶାନ୍ତନୁ ବାନାର୍ଜୀ, ପ୍ରଦୀପ୍ତ ପଟେଲ, ଚନ୍ଦନ ସରାଫ, ସୁପ୍ରଭା ସାହାଣି, ରୁଚିରଞ୍ଜନ ଷଡଙ୍ଗୀ, ଦେବେନ୍ଦ୍ର ପଟ୍ଟନାୟକ, ଦିଲୀପ ପଣ୍ଡା, ଲିପନ ସ୍ୱାଇଁ, ଟିକେଶ୍ ପଟେଲ, ଭୋଲା ମହତମ୍ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୬୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।



ସମ୍ବଲପୁର ଲିଟିଲ୍ ମିସ୍ କେହେକାଶା ପରୱିନ୍‌ଙ୍କୁ ଅତିଥିମାନେ ମୁକୁଟ ପିନ୍ଧାଉଛନ୍ତି ।

### ଚାଷୀ ଆତ୍ମହତ୍ୟା ଘୋଷଣା ସହ ସୁବିଧା ଦାବି

ପଡିଆବାହାଲ, ୨୪।୧୨ (ଡି.ଏନ୍.ଏ.)

ଘିନୁପାଲି ପଞ୍ଚାୟତ ବୁରୋମାଲ ଗ୍ରାମର କୁଳମଣି ମିର୍ଦ୍ଧାଙ୍କ ବିଷ ପାନ ଜନିତ ଆତ୍ମହତ୍ୟାକୁ ଉପଯୁକ୍ତ ତଦନ୍ତ କରି ଚାଷୀ ଆତ୍ମହତ୍ୟା ଘୋଷଣା କରାଯାଉ। ତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ମିଳୁ। ତାଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ଓ ପକ୍କା ଘର ସହ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉ। କୃଷକ ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ରାମଚନ୍ଦ୍ର ମେହେର, ଦାମୋଦର କର, ସରୋଜ ସାହୁ, ନଳିକିଶୋର ସାହୁ ପ୍ରମୁଖ ଦାବି କରିଛନ୍ତି।

### ବନ୍ଧୁମିଳନରେ ମନେ ପକେଇଲେ ପୁରୁଣା ସ୍ମୃତି

ବାମରା, ୨୪।୧୨ (ସ୍ୱ.ପ୍ର.)

ବାମରା ଉଚ୍ଚ ବିଦ୍ୟାଳୟ ୧୯୮୨ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ ନିକଟସ୍ଥ ଗୁଡକାବାହାଲ ଡ୍ୟାମ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଲୋକନାଥ ପ୍ରସାଦ ଦାସ, ଶରତ ମାଝୀ, ଜ୍ଞାନ ରଞ୍ଜନ ମହାନ୍ତି, ପ୍ରଶାନ୍ତ କୁମାର ଦାସ, ଉଲ୍ଲାସକର ବୋଷଙ୍କ ସହିତ ୩୦ଜଣ ଯୋଗ ଦେଇଥିଲେ । ପ୍ରଥମେ ସ୍ୱର୍ଗତ ଯୋଗେଶ୍ୱର ଡିଲା, ଉତ୍ତମ କୁମାର ବିଷଞ୍ଚୀ, ପ୍ରଦୀପ କୁମାର ନାୟକଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସମସ୍ତେ ନିଜ ନିଜ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇଥିଲେ। ଅଶୋକ କୁମାର ଅଗ୍ରୱାଲ, ରାମରତନ ଅଗ୍ରୱାଲ, ସୁନ୍ଦରଲାଲ ବେହେରା, ଲଳିତ ମେହେର, ହରିବନ୍ଧୁ ନାଏକ, ବୁଦ୍ଧଦେବ ରଣା, ଦେବଦତ୍ତ ପାଣି, ଧନେଶ୍ୱର ନାଏକ, ଅଶୋକ ସାହୁ, ପ୍ରଶ୍ନ ମୁଣ୍ଡୁ, ଗୋକୁଳ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

# ଜୟ ଦୁର୍ଗା କଲେଜ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ପଡିଆବାହାଲ, ୨୪।୧୨ (ଡି.ଏନ୍.ଏ)

ଯୁଯୁମୁରା ବ୍ଲକ ଅନ୍ତର୍ଗତ ପଡିଆବାହାଲସ୍ଥିତ ଜୟ ଦୁର୍ଗା ମହାବିଦ୍ୟାଳୟରେ ପ୍ରଶିକ୍ଷିକା ପ୍ରୀତି ଭେଙ୍ଗ୍ରା ୮୨ଜଣ ଛାତ୍ରୀଙ୍କୁ ୧୨ଦିନ କାଳ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଛନ୍ତି । ଉଦ୍‌ଯାପନୀ ସଭାରେ ଜୟଦୁର୍ଗା କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ସତ୍ୟବାଦୀ ପଟେଲ ଅଧକ୍ଷତା କରିଥିଲେ। ଅଧ୍ୟାପକ ଅମିତ ନାଗ ସଂଯୋଜନା କରିଥିଲେ। ବରିଷ୍ଠ ଅଧ୍ୟାପକ ଅକ୍ଷୟ ମହାପାତ୍ର, ପ୍ରସନ୍ନ ସାହୁ ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ।




ଆତ୍ମରକ୍ଷା ତାଲିମ ଶିବିରରେ ଅତିଥିଙ୍କ ଗହଣରେ ଜଣେ ଛାତ୍ରୀଙ୍କୁ ଟ୍ରେନର ପ୍ରମାଣପତ୍ର ଦେଉଛନ୍ତି।

# ଖଲିଆପାଲିରେ ପାର୍କ ନିର୍ମାଣ ପାଇଁ ଭୂମି ପୂଜା

ପଡିଆବାହାଲ, ୨୪।୧୨ (ଡି.ଏନ୍.ଏ.)

ବାହାମ ପଞ୍ଚାୟତ ଖଲିଆପାଲି ଛକ ଶନି ମନ୍ଦିର ଓ ହନୁମାନ ମନ୍ଦିର ନିକଟରେ ଏକ ପାର୍କ ପ୍ରତିଷ୍ଠା ହେବ। ଏଥିପାଇଁ ଭୂମି ପୂଜା କରାଯାଇଛି। ମୋହିତ ନାୟକ, ବାହାମ ସରପଞ୍ଚ ମିତ୍ରଭାନୁ ପଧାନ, ଭାଜପା କୃଷକ ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଶୋକ କୁମାର ପୁରୋହିତ, ଡା. ରାଜାରାମ ଷଡଙ୍ଗୀ, ଅମ୍ବରିଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଭୟ କୁମାର ନାୟକ ଏବଂ ସଞ୍ଜୀବ କୁମାର ପଣ୍ଡା ପୂଜା କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ସୁପକାର, ସଚିତା ନାୟକ, ପ୍ରବୀଣ ସରକାର, ଆଶୁତୋଷ ନାୟକ, ଜୟହନୁମାନ ଘଣ୍ଟବାଦ୍ୟ ଦଳ ସଦସ୍ୟ, ରତ୍ନଜ୍ୟୋତି ଯୁବକ ସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।



ପାର୍କ ନିର୍ମାଣ ପାଇଁ ଭୂମିପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ।

### ହାତୀ ଭାଙ୍ଗିଲେ ୩ ବଖରା ଘର

ରେଢ଼ାଖୋଲ,୨୪।୧୨(ଡି.ଏନ୍.ଏ.)

ବଡବାହାଲ ରେଞ୍ଜ ଅନ୍ତର୍ଗତ ଟାଲ ଗ୍ରାମରେ ରବିବାର ରାତିରେ ଏକ ହାତୀ ପଲ ଉପଦ୍ରବ କରି ୩ ବଖରା ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ହାତୀ ପଲ ଟାଲ ଗ୍ରାମର ଲକ୍ଷ୍ମଣ ମାଝି, ବାବାଜୀ ମାଝି ଓ କମଳ ମାଝିଙ୍କ ଘର ଭାଙ୍ଗିବା ସହିତ ଘର ଭିତରେ ଥିବା ଧାନ ଚାଉଳ ଖାଇ ଦେଇଛନ୍ତି। ହାତୀ ପଲକୁ ଦେଖି ପରିବାର ଲୋକ ଭୟଭୀତ ହୋଇ ପଳାଇ ଯାଇଥିଲେ। ଗ୍ରାମବାସୀ ହାତୀଙ୍କୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ ହେଁ ହାତୀ ପଲ ଘର ଗୁଡିକୁ ଭାଙ୍ଗି ଦେଇଥିଲେ। ଗ୍ରାମବାସୀ ଏ ନେଇ ରେଞ୍ଜ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହିତ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ

ରେଢ଼ାଖୋଲ,୨୪।୧୨(ଡି.ଏନ୍.ଏ.)

ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି। ଗୋପୀନାଥ ଖିଲାରୀ ମାତୃପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଯୋଗୀନ୍ଦ୍ର ପଣ୍ଡାଙ୍କ ସମେତ ଅପା,ଭାଇମାନ ଖେଳ ପରିଚାଳନା କରିଥିଲେ। ତହସିଲଦାର ରୁବି ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଅଧକ୍ଷା ପ୍ରମୋଦା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବିଶ୍ୱାଳ ସଭା ପରିଚାଳନା କରିଥିଲେ। ସରୋଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୩ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା

ପଡିଆବାହାଲ, ୨୪।୧୨ (ଡି.ଏନ୍.ଏ.)

ଯୁଯୁମୁରା ବ୍ଲକ୍ ନୂଆମୁଣ୍ଡା ଗାଁର ୩ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଛି। ଜୟମତି ମିର୍ଦ୍ଧା, ଶୋଭା ମିର୍ଦ୍ଧା ଓ ସୁମିତ ମିର୍ଦ୍ଧାଙ୍କ ପରିବାରକୁ ଏହି ସହାୟତା ମିଳିଛି। ଯୁଯୁମୁରା ବ୍ଲକ୍ ପ୍ରଶାସନ ଡଙ୍ଗରପଡା ସରପଞ୍ଚ ଶକୁନ୍ତଳା ବଡ଼ାଇଙ୍କ ଉପସ୍ଥିତିରେ ଏହି ସହାୟତା ଦେଇଛି। ଗତ ଶନିବାର ଏକ ମିନିଟ୍ରକରେ ଗାଁର ୪୦ ଜଣ ନୂଆବରଗାଁମାଳ ନିକଟରେ ଥିବା ଏକ ଅସୁସ୍ଥ ଦନ୍ତାହାତୀକୁ ଦେଖିବାକୁ ଯାଉଥିଲେ। ହେଲେ ହିରୋ ଗାଁ ନିକଟ ବୁର୍ଲାଣିରେ ମିନିଟ୍ରକଟି ଓଲଟି ପଡିଥିଲା। ଫଳରେ ଜୟମତି, ଶୋଭା ଓ ସୁମିତଙ୍କ ମୃତ୍ୟୁ ଘଟିଥିଲା।

# ୧୭ କୋଟି ଟଙ୍କାର ଟେଣ୍ଡର ଫିକ୍ସିଂ ଚକ୍ରାନ୍ତ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି । ପ୍ରାୟ ୧୭ କୋଟି ୪୨ ଲକ୍ଷ ଟଙ୍କାର ପ୍ରକଳ୍ପ କାମକୁ ଫିକ୍ସିଂ କରିବାର ଷଡଯନ୍ତ୍ର ଚାଲିଛି। ମୁହଁ ଦେଖି କେତେ ଜଣ ଠିକାଦାରଙ୍କୁ ସୁହାଇଲା ଭଳି ଏହି ଟେଣ୍ଡର କରାଯାଇଛି । ଏଥିରେ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଶି ସରକାରୀ ଟଙ୍କା ଲୁଟ୍ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। କିଛି ରାଜନୈତିକ ବ୍ୟକ୍ତିଙ୍କ ଏଥିରେ ସିଧାସଳଖ ସମ୍ପୃକ୍ତି ରହିଛି । ଏଭଳି ଟେଣ୍ଡର ଡାକିବାରେ ମୋଟା ଅଙ୍କର ପିସି କାରବାର ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଛି। ନିର୍ବାଚନ ପୂର୍ବରୁ କାମ ବାଣ୍ଟି ଚାନ୍ଦା ଆଦାୟ କରିବାକୁ ଏହି ମହାଦୁର୍ନୀତି ପାଇଁ ଯୋଜନା ପ୍ରସ୍ତୁତ

**ଗ୍ରାମ୍ୟଉନ୍ନୟନ ବିଭାଗରେ ଦୁର୍ନୀତି**

- ବଡ ଠିକାଦାରଙ୍କୁ ସୁହାଇଲା ଭଳି କାମ
- ଠିକାଦାର-ଅଧିକାରୀଙ୍କ ଭିତରେ ମଧୁଚନ୍ଦ୍ରିକା
- ରାଜନୈତିକ ସମ୍ପୃକ୍ତି ରହିଥିବା ଅଭିଯୋଗ

ହେଉଛି। ସମ୍ବଲପୁର ଜିଲାରେ ହାତ ଗଣତି ୨/୩ ଜଣ ଠିକାଦାର ଅଛନ୍ତି, ଯେଉଁମାନେ ଏହି କାମ ପାଇଁ ଟେଣ୍ଡର ପକାଇବା ପାଇଁ ଯୋଗ୍ୟ ରହିଛନ୍ତି । ତେଣୁ ସେମାନଙ୍କୁ ପ୍ରୋତ୍ସାହନ ଦେବାକୁ ବିଭାଗ ଏଭଳି ଟେଣ୍ଡର କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସମ୍ବଲପୁର ଜିଲାରେ କେବେ ବି ୧୦ କୋଟି ଟଙ୍କାରୁ ଅଧିକ ଗୋଟିଏ ପ୍ୟାକେଜରେ ଟେଣ୍ଡର ହୋଇ ନାହିଁ । ୨/୪ କୋଟିର ଭିନ୍ନ ଭିନ୍ନ ପ୍ୟାକେଜ କରି ଟେଣ୍ଡର କରାଯାଇଥାଏ। ଫଳରେ କାମ ଶୀଘ୍ର ହୋଇଥାଏ । ଏକାଧିକ ଠିକାଦାର କାମ ମଧ ପାଇଥାନ୍ତି । ଏହା ଦ୍ୱାରା କାମର ମାନ ଠିକ୍ ରହେ। ହେଲେ ଜଣେ ଠିକାଦାର କାମ କଲେ ପ୍ରକଳ୍ପ ବିଳମ୍ବ ହେବ ଓ ମନ ଇଚ୍ଛା କାମ କରିବ । କାମରେ ସ୍ଥାୟିତ୍ୱ ରହିବ ନାହିଁ। ତେଣୁ ଏହି ଟେଣ୍ଡରକୁ ବାତିଲ କରାଯାଇ ଆଉ ଥରେ ପ୍ୟାକେଜ ଅନୁସାରେ ଟେଣ୍ଡର କରାଯିବା ଆବଶ୍ୟକତା ଅଛି।

ରେଢାଖୋଲ ବ୍ଲକରେ ଗୋଟିଏ ରାସ୍ତା ଓ ୩ଟି ବ୍ରିଜକୁ ନେଇ ଓଆର ୨୮-୨୮୭ ଏଣ୍ଡ ଏଲବି ୨୧, ୨୨, ୨୩କୁ ନେଇ ଗୋଟିଏ ପ୍ୟାକେଜ କରାଯାଇ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଛି। ରେଢାଖୋଲଠାରୁ ତାଇନାଲି ରାସ୍ତା ନିର୍ମାଣ ଲାଗି ୯ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି। ତାଲନାଲି- କୁଦାନାଳି ରାସ୍ତା ମଝିରେ ପଡୁଥିବା କୁଦମୁଣ୍ଡିଆ ନାଳ ଉପରେ ବ୍ରିଜ ତିଆରି ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ଅଟକଳ ରହିଛି। ନଦିଆମ ନଳିଆ ଉପରେ ବ୍ରିଜ ପାଇଁ ୨ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟ ବରାଦ ଅଛି। ବଲଦାବୁଡି ନାଲା ଉପରେ ବ୍ରିଜ ଉପରେ ୨ କୋଟି ୪୬ ଲକ୍ଷ ଟଙ୍କାଙ୍କର ଏକ ବ୍ରିଜ ତିଆରି ପାଇଁ ପ୍ରସ୍ତାବ ରହିଛି। ଏହିଭଳି ଭାବେ ମୋଟ ୧୭ କୋଟି ୪୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ଅଟକଳରେ ଟେଣ୍ଡର ଡକା ଯାଇଛି। ତେବେ ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଏସ.କେ. ପାତ୍ରଙ୍କୁ ପଚାରିବା ଗୋଟିଏ ପ୍ୟାକେଜରେ କେବେ ୧୦ କୋଟିରୁ ଅଧିକ ଟଙ୍କା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଟେଣ୍ଡର ହେଇ ନ ଥିବା କଥା ସ୍ୱୀକାର କରି ଫିକ୍ସିଂ ଅଭିଯୋଗକୁ ଏଡାଇ ଯାଇଥିଲେ । ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ହେବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନିୟନ୍ତ୍ରିତ ବଜାର କମିଟି, ଅନୁଗୋଳ

## ବିଜ୍ଞାପନ

ବିଜ୍ଞାପନ ନଂ. ୫୭/ତା. ୧୭.୧୨.୨୦୧୮

## (୨୦୧୮-୧୯ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀ ଭାଇମାନଙ୍କ ପାଇଁ ବିଶେଷ ସୂଚନା)

ଏତଦ୍ୱାରା ଅନୁଗୋଳ ସବଡିଭିଜନ ଅନ୍ତର୍ଗତ ଅନୁଗୋଳ, ବଣ୍ଡରପାଳ ଓ ଛେଣ୍ଡିପଦା ବ୍ଲକର ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ୨୦୧୮-୧୯ ଖରିଫ ବିପଣନ ବର୍ଷରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ, **ଅନୁଗୋଳଙ୍କ ଆନୁକୂଲ୍ୟରେ** ମୋଟ ୪୭ ଗୋଟି ସେବା ସମବାୟ ସମିତିମାନଙ୍କ ଦ୍ୱାରା ଧାନ କ୍ରୟ କେନ୍ଦ୍ର ଖୋଲାଯାଇ ଚାଷୀମାନଙ୍କଠାରୁ ସିଧାସଳଖ ଧାନ **କ୍ରୟ *ତା- ୧୪.୧୨.୨୦୧୮*** ରିଖଠାରୁ କରାଯିବାର ବ୍ୟବସ୍ଥା କରାଯାଇଅଛି । ଚାଷୀଭାଇମାନେ ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତିର ସମ୍ପାଦକ ତଥା ଧାନ କ୍ରୟ ଅଧିକାରୀଙ୍କ ସହିତ ଯୋଗାଯୋଗ ପୂର୍ବକ ନିଜ ନିଜର ବଳକା ଧାନ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ କରିପାରିବେ ।

ଚାଷୀଭାଇମାନେ ସେମାନଙ୍କର ବଳକା ଓ ବିକ୍ରିଯୋଗ୍ୟ ଧାନକୁ ଭଲ ଭାବରେ ଶୁଖାଇ, ସଫାସୁତୁରା ଓ ବ୍ୟବସାୟ ଉପଯୋଗୀ କରି **ଭୋଟର ପରିଚୟ ପତ୍ର, କିଷାନ କ୍ରେଡିଟ କାର୍ଡ, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ଓ ଆଧାର କାର୍ଡଗୁଡ଼ିକ** ପରିଚୟ ପତ୍ର ଭାବରେ ବ୍ୟବହାର କରି ଧାନ ବିକ୍ରି କରିପାରିବେ । ଚାଷୀଭାଇମାନଙ୍କୁ ଅନୁରୋଧ କ୍ରୟ କେନ୍ଦ୍ରକୁ ଧାନ ଆଣିବା ପୂର୍ବରୁ ସମ୍ପୃକ୍ତ ସମବାୟ ସମିତିରୁ ଅଗ୍ରିମ ଟୋକନ୍ ନେଇ ନିର୍ଦ୍ଦିଷ୍ଟ ଦିନରେ ଧାନ ବିକ୍ରି ପାଇଁ ଆଣିବେ । ଚାଷୀଭାଇମାନେ ନିର୍ଦ୍ଧାରିତ ଧାନ କ୍ରୟ କେନ୍ଦ୍ରଗୁଡ଼ିକୁ ସକାଳ ୮ ଘଟିକା ଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଧାର୍ଯ୍ୟ ଦିବସମାନଙ୍କରେ ଧାନ ବିକ୍ରୟ ପାଇଁ ଆଣିବେ । ଧାନ କ୍ରୟ କେନ୍ଦ୍ରଗୁଡ଼ିକ ସରକାରୀ ଛୁଟି ଦିବସଗୁଡ଼ିକରେ ବନ୍ଦ ରହିବ । ପୂର୍ବାହ୍ନ ୮ ଘଟିକାଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଅଣାଯାଇଥିବା ଧାନ କେବଳ ଗ୍ରହଣ କରାଯିବ । ସେବା ସମବାୟ ସମିତି ଧାନକ୍ରୟ କେନ୍ଦ୍ରର ବିବରଣୀ ସଂଯୋଜିତ ଗ୍ରାମପଞ୍ଚାୟତ ଏବଂ ରାଜସ୍ୱ ଗ୍ରାମର ବିବରଣୀ ନିମ୍ନରେ ପ୍ରଦାନ କରାଗଲା (ସଂଲଗ୍ନିତ) ।

| କ୍ର.ନଂ | ଧାନ କ୍ରୟ କେନ୍ଦ୍ରର ନାମ | ଧାନକେନ୍ଦ୍ରଗୁଡ଼ିକ ସହିତ ସଂଲଗ୍ନ କରାଯାଇଥିବା ଗ୍ରାମପଞ୍ଚାୟତମାନଙ୍କ ନାମ | ଧାନକେନ୍ଦ୍ରଗୁଡ଼ିକ ସହିତ ସଂଲଗ୍ନ କରାଯାଇଥିବା ଗ୍ରାମମାନଙ୍କ ନାମ | ଧାନ କ୍ରୟ ପାଇଁ ପ୍ରତ୍ୟେକ ମାସରେ ଧାର୍ଯ୍ୟ ଦିବସ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ଅନୁଗୋଳ ବ୍ଲକ୍ | | | | |
| ୧ | ବଡକନ୍ତକୁଳ | ବଡକନ୍ତକୁଳ | ବଡକନ୍ତକୁଳ, ସାନକନ୍ତକୁଳ, ଜାମ୍ବୁଗାଡ଼ିଆ, ତଳବେହେରାସାହି, କଞ୍ଚା | ଶୁକ୍ରବାର |
| | | ଖୃଣ୍ଡା | ମରଣ୍ଡା, ମହିକୁପଡ଼ା | |
| ୨ | ବଡ଼କେରା | ବଡ଼କେରା | ବଡ଼କେରା, ତୁମୁଣି, ରୁଗୁଡିଆପଡ଼ା, ଚମ୍ପତିମୁଣ୍ଡା, ଗୁରଙ୍ଗ, ପାଞ୍ଚିଆସାହି, ଶାସନ ଦଳବେହେରାସାହି | ଶନିବାର |
| ୩ | ବେଡାଶାସନ | ବେଡାଶାସନ | ବେଡ଼ାଶାସନ, ହମାମିରା, ଚଟିଆଗଜି, ଗୋବିନ୍ଦପୁର | ସୋମବାର |
| | | ବସଲା | ବସଲା, ଧନୁର୍ଜୟପୁର | |
| ୪ | ବେନ୍ତପୁର | କାଙ୍ଗୁଲା-ବେନ୍ତପୁର | ବେନ୍ତପୁର, କାଙ୍ଗୁଲା, ନୂଆସାହି, ବାର୍‌ସିଂହା | ଶୁକ୍ରବାର ଓ ଶନିବାର |
| | | ଅଙ୍ଗାରବନ୍ଧ | ବାଦିବାହାଳ, ଯଦୁପୁର, ଅଙ୍ଗାରବନ୍ଧ, ଖଣ୍ଡହତା | |
| ୫ | ଗଡ଼ତରାସ | ଗଡ଼ତରାସ | ଗଡ଼ତରାସ, ନୁଖୁରିପଦା, ଅରାଡିହ | ମଙ୍ଗଳବାର |
| | | ବଡ଼କନ୍ତକୁଳ | ନୂଆକ୍ଷେତା, ଶାରୁଆଳି, ରାଇଗୁଡ଼ା | |
| ୬ | ଇଙ୍କରବନ୍ଧ | ଇଙ୍କରବନ୍ଧ | ଇଙ୍କରବନ୍ଧ, ସଟରାଙ୍ଗ, ନୂଆପଡ଼ା, ବଡ଼କଂଜିନି | ସୋମବାର |
| | | ବଲାସିଂହା | ବଲାସିଂହା, ଫୁଲପାଳ, ସୁରାବ, ତାଳସାହି, ପଣ୍ଡପୁର, ବିଶ୍ୱନାଥପୁର, କଂସନାଳି, ହାଣ୍ଡିହ | |
| ୭ | ଜଗନ୍ନାଥପୁର | ଜଗନ୍ନାଥପୁର | ଜଗନ୍ନାଥପୁର, ଟାକରସିଂହା, କୁଲାଙ୍ଗି, ହିଂସ୍ରିଡା, ବୃତି, ତରଭା, ଅସନବାହାଳ | ବୁଧବାର |
| | | ବଲଙ୍ଗ | ଲବଙ୍ଗି, କୁକୁଡ଼ା, ପମ୍ପାସର | |
| ୮ | କରମଙ୍ଗାସାହି | ମାଟିଆ ସାହି | ବଡ଼ଦାଣ୍ଡସାହି, କରମଙ୍ଗାସାହି, ସୁଦସାହି, ଗଉଡ଼ସାହି, ମଦନମୋହନପାଟଣା, ବଣିଆସାହି, ବ୍ରାହ୍ମଣସାହି, ମାଟିଆସାହି, ନୂଆବଡ଼ଦାଣ୍ଡସାହି, ଶରିସପାଳ | ଶୁକ୍ରବାର |
| ୯ | ଖାଲଗାଁ | ଶଙ୍ଖପୁର | ଶଙ୍ଖପୁର, ଖାଲଗାଁ | ଶୁକ୍ରବାର |
| | | ବାରଗୌଣିଆ | ବାରଗୌଣିଆ, ବନ୍ଦାଣପଶି, ବଡ଼ହିଂସର, ସାନହିଂସର, ମାଗୁରଖାଲ | |
| | | ତଳଗଡ଼ | ତଳଗଡ଼, କନ୍ତମେଘ, ରଗୁଡ଼ିଆପଡ଼ା, ପୋଡ଼ାସାହି | |
| | | ବନ୍ତଲା | ବନ୍ତଲା, କରାରପୁର, ଶାହାରାଗୁଡ଼ା, ନାରାୟଣପୁର | |
| | | ବଲଙ୍ଗ | ବଲଙ୍ଗ, ତଳିସିରା | |
| ୧୦ | ଖଲାରୀ | ଖଲାରୀ | ଖଲାରୀ, ଖମାର, ଗୋପୀନାଥପୁର, ଆଙ୍କୁଲା, ସୁସୁଡ଼ା | ବୁଧବାର |
| | | ଛେଳିଆପଡ଼ା | ଛେଳିଆପଡ଼ା, ନୂଆଗାଁ, ଅମାନ୍ତପୁର | |
| ୧୧ | ଖୃଣ୍ଡା | ଖୃଣ୍ଡା | ଖୃଣ୍ଡା, ବଣାମିରା, ତାଳପଦା, ସୁରେନ୍ଦ୍ରପୁର, ତେଲିଭୁଇଁ | ମଙ୍ଗଳବାର |
| | | ବାରଗୌଣିଆ | କଲେଇପଦା | |
| | | ଗଡ଼ତରାସ | ଜାମୁଣ୍ଡା | |
| ୧୨ | କୁମୁରୀସିଂହା | କୁମୁରୀସିଂହା | କୁମୁରୀସିଂହା, କାବୁଲିପାଳ, ବଲ୍ଲଭପୁର, ସିଙ୍ଘାଯୋଡ଼ି, ପାଟେଳି, ରାମବେରେଣି, ବଡ଼ବାହାଳ, ଭଗତପୁର | ଶନିବାର |
| | | ବାଲୁଅକଟା | ବାଲୁଅକଟା, ସରଧାପୁର, ସାବଳଭଙ୍ଗା, ସାବଳଭଙ୍ଗା, ଜଙ୍ଗଲ, ଶ୍ୟାମସୁନ୍ଦରପୁର, ବଳରାମପୁର | |
| | | ଇଙ୍କରବନ୍ଧ | ସାନକଜିନି, ସାନକଜିନି ଜଙ୍ଗଲ, ସାରଙ୍ଗପୁର | |
| ୧୩ | ପୋକତୁଙ୍ଗା | ପୋକତୁଙ୍ଗା | ପୋକତୁଙ୍ଗା, କରଡ଼ାସିଂହ, ହିଡିସିଂହ, ତାବଡ଼ା, ହିଂସଲୋଇ, ଚନ୍ଦନପୁର, କରତପଟା | ବୁଧବାର |
| | | ନନ୍ଦପୁର | ମାନପୁର, ନନ୍ଦପୁର, ମଧୁପୁର, ମାଧପୁର, ବ୍ରହ୍ମପୁର | |
| | | ଧୋକୁଟା | ଧୋକୁଟା, ଲାଛବନ୍ଧ, ଗୋପାଳପୁର, କନ୍ହେଇନଗର, ଗୋବିନ୍ଦପୁର | |
| ୧୪ | ରନ୍ତଲେଇ | ରନ୍ତଲେଇ | ରନ୍ତଲେଇ, ଚନ୍ଦ୍ରବାହାଳ, ମୁଷାପାପୁଲି, ପଞ୍ଚମହଲା, ହରିବେରିଣି, ନୂଆମୌଜା, ମାଳିସାହି, କର୍ଣ୍ଣପୁର | ସୋମବାର |
| ୧୫ | ଟାଇଁସି | ଟାଇଁସି | ଟାଇଁସି, କଣ୍ଟାବେଡ଼ା, ନୂଆପଡ଼ା, ହିଞ୍ଜାଗୋଳା, ହିଞ୍ଜାଡୋଲି, ଶୋରିଷପାଳ, ଭଗତପୁର, ବଡ଼ତଇଲା, ବରଗୋଠ | ଶୁକ୍ରବାର |
| | | କୋଠଭୁଇଁ | କୋଠଭୁଇଁ, ଡଲାସିଂହା, କୁମୁରୀ, ବାଘମୁଣ୍ଡା, ଲଇମୁଣ୍ଡା, ଓଲାବେରି, ସକ୍ରିଡ଼ା, ଦଲକି, ତେନ୍ତୁଳିପଦା, ଥୁକୁଲି | |
| | | ଅନ୍ତୁଲିଆ | ଅନ୍ତୁଲିଆ, ଲକ୍ଷ୍ମଣପୁର, ଗଞ୍ଜାଡ଼ା, ଭାଲୁମୁଣ୍ଡା, କଦଳୀବେରେଣି, ଦଣ୍ଡସିଂହା, ରୋଡ଼ସିଂହା ଖଇରମୁଣ୍ଡା, ତାବଡ଼ା, ହିଂସାଲୋଇ | |
| ବଣ୍ଡରପାଳ ବ୍ଲକ୍ | | | | |
| ୧ | ବଡ଼କେରଜାଙ୍ଗ | ବଡ଼କେରଜାଙ୍ଗ | ବଡ଼କେରଜାଙ୍ଗ, ଜାମୁଣ୍ଡା, ଜାମୁଣ୍ଡା ଜଙ୍ଗଲ | ମଙ୍ଗଳବାର |
| | | ସାନକେରଜାଙ୍ଗ | ଗୋଲାବନ୍ଧ, ଡାବରଧୁଆ, ପଥୁରିଆ, ବେହେରାଭୁଇଁ, ବାସୁଦେବପୁର, କୁଲେଇ | |
| | | କଞ୍ଚୁରା | କଞ୍ଚୁରା, ବିମଳବେଡ଼ା, ନାକଚଣିପାଳ, ବଣୁଆସାହି | |
| ୨ | ବଳରାମପ୍ରସାଦ | ବଳରାମପ୍ରସାଦ | ବଳରାମପ୍ରସାଦ, ପିଙ୍ଗୁଆ, ଲକ୍ଷ୍ମଣପୁର | ସୋମବାର ଓ ମଙ୍ଗଳବାର |
| | | ଭୋଗବେରଣୀ | ଭୋଗବେରଣୀ, କେନ୍ଦୁପାଲି, ଦୟାନିଧିପୁର, ପାଣିଟୋଲ, ଖମାଣ, କୁସପଙ୍ଗି | |
| | | କୁଲାଡ଼ | କୁଲାଡ଼, ଗିରାଙ୍ଗ | |
| | | କୁକୁଡାଙ୍ଗ | ତେନ୍ତୋଲୋଇ, ଟେଣ୍ଟୋଇ, ଏକଘରିଆ | |
| ୩ | ବନ୍ଧା | ବନ୍ଧା | ବନ୍ଧା, ଝଜିରିବାହାଳ | ଶନିବାର |
| | | ବଣ୍ଡରପାଳ | ଚଉରିଡିହ | |
| ୪ | ବୁଢ଼ାପଙ୍କ | ବୁଢ଼ାପଙ୍କ | ବୁଢ଼ାପଙ୍କ, ଚେଣ୍ଟୁସାହି, ତେନ୍ତୁଳିହତା, ବଗଚର, ମଝିକା, ପନ୍ଦରଭରଣିଆ, ଅପର୍ତ୍ତିପୁର | ସୋମବାର |
| | | ଗୋତମରା | ଗୋତମରା, ଡାଉମାଣିଆ, ଶାଳଗାଡ଼ିଆ, ଆଟଳପୁର | |
| | | ଭୋଗବେରଣୀ | ଭୋଗବେରଣୀ, ନାରାୟଣଚନ୍ଦ୍ରପୁର, ନିରାକାରପୁର | |
| ୫ | ଫୁଲପଡ଼ା | ଫୁଲପଡ଼ା | ଫୁଲପଡ଼ା, ସାନ୍ତରାପୁର, ରାମିମୁଣ୍ଡା, କଲଣ୍ଡାପାଳ, କୁସନା, ରଙ୍କାସିଙ୍ଗା, ତିଲିପଙ୍ଗା, ଗିରିଧିବାସିଆ | ବୁଧବାର |
| | | ବଉଳିଗଡ଼ | ଯୁହାରପୁର, ଶିମିଳିଛୁଇଁ | |
| ୬ | ଗଡ଼ସନ୍ତ୍ରି | ଗଡ଼ସନ୍ତ୍ରି | ଗଡ଼ସନ୍ତ୍ରି, ଭଗତପୁର, ବଉଖାଲି, ଗଙ୍ଗିମାଟି | ଶୁକ୍ରବାର |
| | | ତୁଳସୀପାଳ | ତୁଳସୀପାଳ, ଲଙ୍ଗୁଳିଆବେଢ଼ା, କଙ୍କିନାଳି | |
| | | ବଉଳି | ଅରାହାଟ, ପୁରିକିଆ | |
| | | କଡ଼ଲା | କଡ଼ଲା | |
| ୭ | ଗଡ଼ ତଳମୂଳ | ଗଡ଼ ତଳମୂଳ | ଗଡ଼ ତଳମୂଳ, ତଳମୂଳ ଶାସନ, ତଳମୂଳ ପଟଣା, ତଳମୂଳ ଚନ୍ଦନପୁର, ଚକ୍କୁରିଆପାଳ, କଇଁଛ ବାହାଳ, ଦୁର୍ଗାପ୍ରସାଦପୁର, ଖଜୁରୀଆ, ଖନ୍ଦାନାଳି, ନାଉପାଳ, ହରିଚନ୍ଦା ବସ୍ତି, ନୂଆସାହି | ଶୁକ୍ରବାର ଓ ଶନିବାର |
| | | ମହୀଧରପୁର | ମହୀଧରପୁର, ସେରେଣାବେଡ଼ା | |
| ୮ | ଜରାସିଂହା | ଜରାସିଂହା | ଜରାସିଂହା | ସୋମବାର |
| | | କୁମଣ୍ଡ | କୁମଣ୍ଡ | |
| | | କରଡ଼ାଗାଡିଆ | କରଡ଼ାଗାଡିଆ, କୁଶାସିଂହା, ପରତରା | |
| | | ବେଣାଗାଡିଆ | ବେଣାଗାଡିଆ, ବେଡ଼ାସର, ମଝିକା | |
| ୯ | କୁଇଓ | ନତଡ଼ା | ନତଡ଼ା, ଆମ୍ବପାଳ, ବେଠିଆନାଳି, ବଡ଼ଝରଣ | ଶୁକ୍ରବାର |
| | | ସାକୋସିଂହା | କୁଇଓ, ଜାମୁନାଳି, ସୁବର୍ଣ୍ଣପୁର | |
| ୧୦ | ନୂଆହତା | ନୂଆହତା | ନୂଆହତା, ଯୋରାଗାଡ଼ିଆ, ନରେନ୍ଦ୍ରପୁର, ଗଣ୍ଡିଗାଡିଆ, ବୀରବାହାନପୁର, ତାଳବାହାଳ | ଶନିବାର |
| | | ବନ୍ଧା | ବଣ୍ଡରପାଳ | |
| | | ନୂଆଗାଁ | ନୂଆଗାଁ | |
| ୧୧ | ରଙ୍କାସିଂହା | କୁକୁଡାଙ୍ଗ | ରଙ୍କାସିଂହା, କୁକୁଡାଙ୍ଗ, ରଜନୀପାଳ | ମଙ୍ଗଳବାର ଓ ବୁଧବାର |
| | | କୁରୁଡୋଲ | ଘୁଞ୍ଚାପାଳ, ନୂଆପଡ଼ା | |
| | | ସାକୋସିଂହା | ସାକୋସିଂହା, ସୁଲେଇନାଳ, କ୍ଷୀରକୋଳିପଶି | |
| ୧୨ | ତୁବେ | ତୁବେ | ତୁବେ, ଡେରଜାଙ୍ଗ, ଜୋକୁବ | ଶନିବାର |
| | | ସାନ୍ତରାପୁର | ସାନ୍ତରାପୁର, ମରାଡିରା, ଅମାନ୍ତପୁର, ସାନହିଂସର, ରାଉତାଳ, ଜରଡ଼ା, ଦୁଧିଆବେଡ଼ା | |
| | | ବଡ଼କେରଜାଙ୍ଗ | ପରିପରା | |
| | | କଞ୍ଚୁରା | ବଡ଼ହିଂସର | |
| ୧୩ | ତୁରଙ୍ଗ | କାଣ୍ଡସର | କାଣ୍ଡସର, କନ୍ୟାବେଡ଼ା | ଶନିବାର |
| | | କୁରୁଡୋଲ | ତୁରଙ୍ଗ, କରବେରିଣି | |
| | | କୁମଣ୍ଡ | ରାଣିଗୋଡ଼ା | |
| ଛେଣ୍ଡିପଦା ବ୍ଲକ୍ | | | | |
| ୧ | ବାଗେଡ଼ିଆ | ବାଗେଡ଼ିଆ | ବାଗେଡ଼ିଆ, ବାମନାଳୀ | ମଙ୍ଗଳବାର ଓ ବୁଧବାର |
| | | ଶିମିଳିପାଳ | ଶିମିଳିପାଳ, ସାପୁଇନାଳୀ | |
| | | ବରସାହି | ବରସାହି, ଦଶହରାସାହି, ଖମାର, ଗୋଦରାସାହି | |
| | | ବସନ୍ତପୁର | ବସନ୍ତପୁର, ଡେଉଁରିଆ ଝରଣ, ଘୁଣ୍ଟୁଣିପଶି | |
| | | ପାତ୍ରପଡ଼ା | ପାତ୍ରପଡ଼ା, ପିପଳବାହାଳ, ରାଇପାଳ, ଖଇରବେରିଣି | |
| ୨ | ବାଲିପଟା | ବାଲିପଟା | ବାଲିପଟା, ନାଉପଦା, ପଳାଶବଣିଆ, ଚନ୍ଦ୍ରପୁର, ହଟିଆନାଳୀ, କିସିଣ୍ଡା | ମଙ୍ଗଳବାର ଓ ବୁଧବାର |
| | | ମାଛକୁଟା | ଧଉରାଖମଣ | |
| | | କୁଶକିଳା | ଦୁବନାଳୀ | |
| ୩ | ବରପଦା | ବରପଦା | ବରପଦା, ଗୋପୀନାଥପୁର, ଗୋପୀବଲ୍ଲଭପୁର, ଚାକୁଣ୍ଡାପାଳ | ଶନିବାର |
| | | କୋରଡ଼ା | ଝିଣ୍ଡିପାଳ | |
| ୪ | ବ୍ରାହ୍ମଣବିଲ | ବ୍ରାହ୍ମଣବିଲ | ବ୍ରାହ୍ମଣବିଲ, ଭାଗଲକଟା, ବାଲିନାଳି, କରଡ଼ାବାହାଳି, ଖଳିପଶି, ଖଜୁରୀଆଖାଲ, ଭାଲୁଖମଣ, ଧଉରାଖମଣ | ଶୁକ୍ରବାର |
| | | କୁକୁରପେଟା | କଣିଡିହ, କରଡ଼ାବାହାଳ, କୁସୁମସାହି, କୁଞ୍ଜବିହାରୀପୁର, ଫୁଲଝରି | |
| ୫ | ଚାଙ୍ଗୁଡିଆ | ଚାଙ୍ଗୁଡିଆ | ଚାଙ୍ଗୁଡିଆ, ସନ୍ତରାବନ୍ଧ, ବଡବେରେଣା, କଙ୍ଗୁରପାଳ | ଶନିବାର |
| | | କମ୍ପସଲା | କମ୍ପସଲା, କେନ୍ଦୁପଶି, ଅନ୍ଧାରିକଟା, କଇଁଛପଦା, ପୁରିଆବେଢ଼ା, ମଣ୍ଟୁଆ, ହରିହରପୁର, ହରିବେରିଣି | |
| ୬ | ଛେଣ୍ଡିପଦା | ଛେଣ୍ଡିପଦା | ଛେଣ୍ଡିପଦା, ମାମୁରିଆ, କୁମ୍ଭାରସାହି, ସାପୁଇସାହି, ଖଙ୍ଗୁରିଆ, ସାଲୁଇଖମଣ | ମଙ୍ଗଳବାର ଓ ବୁଧବାର |
| | | ମାଛକୁଟା | ମାଛକୁଟା, ପୋଡ଼ାପଡ଼ା | |
| | | ବାହାଳସାହି | ବାହାଳସାହି, ଦଉରି, ଗୋହିରାପଶି, ମୁଣ୍ଡମାଳସାହି, ଗୁଳାଗାଡ଼ିଆ, ଲଙ୍ଗୁଳି, ଛୋଟ-ଟେଣ୍ଟୁଲି | |
| | | କମ୍ପସଲା | କମ୍ପସଲା, ଶାଳଖମଣ | |
| ୭ | ଡଙ୍ଗାପାଳ | ନୂଆଗାଁ | ଡଙ୍ଗାପାଳ, ଜରିପାଳ | ମଙ୍ଗଳବାର |
| | | ପାତ୍ରପଡ଼ା | ଭେଜିଡିହ | |
| ୮ | ଦୁର୍ଗାପୁର | ଦୁର୍ଗାପୁର | ଦୁର୍ଗାପୁର, ଟାଙ୍ଗିରିସାହି, ପାଣସାହି | ଶନିବାର |
| | | କୋରଡ଼ା | କୋରଡ଼ା, ପୁଟଗାଡ଼ିଆ | |
| | | କତଡ଼ା | କତଡ଼ା, ବକଳା, ପିତାଚରି, ଟେଣ୍ଟୁଲୋଇ, କନ୍ଧକୋରଡ଼ା | |
| ୯ | କଙ୍କରେଇ | କଙ୍କରେଇ | କଙ୍କରେଇ, ପିତଖମଣ, ଛୋଟବେରିଣି | ମଙ୍ଗଳବାର ଓ ବୁଧବାର |
| | | ରାଇଝରଣ | ରାଇଝରଣ, ଧୋବାମଳିଆ, କାଉଁସିଡିପ, ଗୋଳାଗାଡ଼ିଆ | |
| | | ନିଶା | ନିଶା, ବାଲିଚନ୍ଦ୍ରପୁର, ମାଳିବ୍ରାହ୍ମଣି, କାଳିଆକଟା, ପାଣପୁର | |
| ୧୦ | କୋଶଳା | କୋଶଳା | ଷଣ୍ଢପାଳ, ଶିମିଳିସାହି, ବହିନାଳି, ଚକ୍ରଧରପୁର, ଜଳଟାପ | ମଙ୍ଗଳବାର |
| | | ବରପଦା | ନାଣ୍ଡିଛୋଡ଼, ଗୋପୀନାଥପୁର | |
| ୧୧ | କୁଶକିଳା | କୁଶକିଳା | କୁଶକିଳା, ଦୁବନାଳୀ, ସାନ କୁଶକିଳା | ସୋମବାର |
| ୧୨ | ନୂଆଗାଁ | ନୂଆଗାଁ | ନୂଆଗାଁ, ତେଲିସାହି, ଭଟପାଳ, ଲୁଣମାଟି | ଶନିବାର |
| | | କଣଲୋଇ | କଣଲୋଇ, କର୍ଣ୍ଣପାଳ, ମାରୁଡିପ | |
| ୧୩ | ପରଙ୍ଗ | ପରଙ୍ଗ | ପରଙ୍ଗ, ଭୁବନପୁର, ରାମଡିହି, ମୁକୁନ୍ଦପୁର | ବୁଧବାର |
| ୧୪ | ପାତ୍ରପଡ଼ା | ପାତ୍ରପଡ଼ା | ପାତ୍ରପଡ଼ା | ଶୁକ୍ରବାର |
| ୧୫ | ପାଟକୁମୁଣ୍ଡା | ପାଟକୁମୁଣ୍ଡା | ପାଟକୁମୁଣ୍ଡା, ଭାଲୁଖାଇଡିପ, ବାଘୁଆବୋଲ, ବିଜାପଦା | ଶୁକ୍ରବାର |
| ୧୬ | ରାମଚନ୍ଦ୍ରପୁର | ଟାଙ୍ଗିରି | ନୂଆପଡ଼ା, ନୂଆପଡ଼ା ଜଙ୍ଗଲ | ସୋମବାର |
| | | ପାଟକୁମୁଣ୍ଡା | ତେବୁଡୁ, ତେବୁଡୁ ଜଙ୍ଗଲ, ଡାଙ୍ଗୁରମୁଣ୍ଡା, ରାମଚନ୍ଦ୍ରପୁର, ସୁନ୍ଦରପାଳ, କେଇଜାଙ୍ଗ | |
| ୧୭ | ଟାଙ୍ଗିରି | ଟାଙ୍ଗିରି | ଟାଙ୍ଗିରି, ସରପାଳ, ବାରମାଞ୍ଜା, ବାରମାଞ୍ଜା ଜଙ୍ଗଲ, ପୁରୁଣାଗଡ଼, ପୁରୁଣାଗଡ଼ ଜଙ୍ଗଲ | ବୁଧବାର |
| | | ମାଛକୁଟା | ପାଣପୋଷି | |
| ୧୮ | ତେଣ୍ଟୁଲୋଇ | ତେଣ୍ଟୁଲୋଇ | ତେଣ୍ଟୁଲୋଇ, ଗୋପୀନାଥପୁର, ଟେଣ୍ଟୁଲେଇ-କୋଡ଼ାସାହି, ହାଣ୍ଡିଗୋଡା | ସୋମବାର |
| | | କୁକୁରପେଟା | କୁକୁରପେଟା, ନୂଆମୌଜା | |
| | | ଛେଣ୍ଡିପଦା | ଛେଣ୍ଡିପଦା ଜଙ୍ଗଲ | |
| ୧୯ | ତୁକୁଡ଼ା | ତୁକୁଡ଼ା | ତୁକୁଡ଼ା, ସଦାନନ୍ଦପୁର, ଓଡ଼କପା | ମଙ୍ଗଳବାର |
| | | ଜରପଡ଼ା | ଜରପଡ଼ା, ଜରପଡ଼ା ପାଣସାହି, ଗୋବିନ୍ଦପୁର | |
| | | ପରା | ପରା, ପରା ଜଙ୍ଗଲ | |
| | | ଓଗି | ଓଗି, ମାଳିସାହି | |
| | | ଜେରେଙ୍ଗ ଦେଡୁରୀସାହି | ଜେରେଙ୍ଗ ଦେଡୁରୀସାହି, ଲକ୍ଷ୍ମୀଧରପୁର, ଭାଗିରଥୀପୁର, ସାଉରିଆ | |

**ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏଫ୍.ଏ.କ୍ୟୁ):-**

ସରକାରଙ୍କ ଦ୍ୱାରା ଚଳିତ ୨୦୧୮-୧୯ ଖରିଫ ବିପଣନ ବର୍ଷ ପାଇଁ ନିର୍ଦ୍ଧାରିତ ଏଫ୍.ଏ.କ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଗଲା ।

| | |
|---|---|
| ସାଧାରଣ କିସମ ଧାନ (ଏଫ୍.ଏ.କ୍ୟୁ) - | କ୍ୱିଣ୍ଟାଲ ପ୍ରତି - ଟ.୧୭୫୦/-ଙ୍କା |
| ଗ୍ରେଡ୍ 'ଏ' କିସମ ଧାନ - | କ୍ୱିଣ୍ଟାଲ ପ୍ରତି - ଟ.୧୭୭୦/-ଙ୍କା |

**ଧାନର ଗୁଣାତ୍ମକମାନ:-**

ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମ ଆକାର ଏବଂ ଏକ କିସମର ହୋଇଥିବା ଆବଶ୍ୟକ । ଏହା ପୋକରା ଦୁର୍ଗନ୍ଧ ଓ ବିଷାକ୍ତମୁକ୍ତ ହୋଇଥିବ ।

| କ୍ରମିକ ସଂଖ୍ୟା | ଧାନରେ ମିଶ୍ରିତ ବା ବାହ୍ୟପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| ୨ | କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ପଦାର୍ଥ | ୧% |
| ୩ | ଖରାପ, ବେରଙ୍ଗୀ, ପାଣି ଫୁଲା ବା ପୋକା ଇତ୍ୟାଦି | ୫% |
| ୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫ | ଗ୍ରେଡ-ଏରେ ସରୁଧାନରେ ମିଶ୍ରିତ ମୋଟା ଧାନର ପରିମାଣ | ୬% |
| ୬ | ଆର୍ଦ୍ରତା ଓ ଜଳୀୟ ଅଂଶ | ୧୭-୦% |

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଯେଉଁ ଚାଷୀମାନେ ନିଜର ତଥ୍ୟ **ରାଜ୍ୟ ସରକାରଙ୍କ** ଖାଦ୍ୟ ଯୋଗାଣ ବିଭାଗ ୱେବସାଇଟରେ ପଞ୍ଜୀକରଣ କରିଥିବେ, କେବଳ ସେମାନଙ୍କଠାରୁ ସରକାର ଏଫ୍.ଏ.କ୍ୟୁ ଧାନ କ୍ରୟ କରିବେ । ***ଧାନ ବିକ୍ରି ଅର୍ଥ ସିଧାସଳଖ PPAS ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ Account ରେ ୨୪ ଘଣ୍ଟାରୁ ୭୨ ଘଣ୍ଟା ମଧ୍ୟରେ ଜମା ହୋଇଯିବ।*** ସେଥିପାଇଁ ଚାଷୀମାନେ ବ୍ୟାଙ୍କ ପାସବହିର ନକଲ ସାଙ୍ଗରେ ଆଣିଥିବେ । ଅସୁବିଧା ସ୍ଥଳେ ସହାୟତା ପାଇଁ ନିମ୍ନପ୍ରଦତ୍ତ ବିଭାଗୀୟ ଅଧିକାରୀଙ୍କୁ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

| | |
|---|---|
| ଜିଲ୍ଲା ଯୋଗାଣ ଅଧିକାରୀ, ଅନୁଗୋଳ | ୯୪୩୮୨୦୦୦୩୧ |
| ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଅନୁଗୋଳ ମଣ୍ଡଳ, ଅନୁଗୋଳ | ୮୨୪୯୦୨୦୧୩୬ |
| ସହକାରୀ ଯୋଗାଣ ଅଧିକାରୀ, ଅନୁଗୋଳ | ୯୪୩୭୫୪୮୦୯୩ |

ସ୍ୱା/-ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ଅନୁଗୋଳ

ସ୍ୱା/-ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଅନୁଗୋଳ



"ଅସହିଷ୍ଣୁତା ପ୍ରସଙ୍ଗରେ ମୋଦି ସରକାରଙ୍କୁ ସମାଲୋଚନା କରିଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଭାରତଠାରୁ ଅନ୍ତର୍ଭୁକ୍ତି ରାଜନୀତି ଓ ସଂଖ୍ୟାଲଘୁଙ୍କ ଅଧିକାର ନେଇ ରହିଥିବା ବ୍ୟବସ୍ଥା ବିଷୟରେ ଶିକ୍ଷା ଗ୍ରହଣ କରନ୍ତୁ ।

- ଆଶାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ

## ସଂକ୍ଷେପରେ

### ମୁଜାଫରନଗର ଦଙ୍ଗା ଅଭିଯୁକ୍ତଙ୍କ ମୃତଦେହ ଉଦ୍ଧାର

**ମୁଜାଫରନଗର,୨୪।୧୨(ପି.ଟି.)-** ୨୦୧୩ରେ ଉତ୍ତରପ୍ରଦେଶର ମୁଜାଫରନଗରରେ ଘଟିଥିବା ଦଙ୍ଗାର ଅନ୍ୟତମ ଅଭିଯୁକ୍ତ ସୋଦାନ ସିଂ(୬୦)ଙ୍କ ଝୁଲନ୍ତା ମୃତଦେହ ରବିବାର ସନ୍ଧ୍ୟାରେ ସିଖୋଡ଼ା ଗ୍ରାମସ୍ଥ ଏକ ଘରୁ ପୋଲିସ ଜବତ କରିଛି। ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ପୁଅ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଅଭିଯୋଗ ଆଧାରରେ ଅନୁପ, ରାଜେଶ, ସୁନୀଲ କୁମାର ଏବଂ ରାଜଗୋପାଳଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ରାଜସ୍ଥାନରେ ଶପଥ ନେଲେ ୨୩ ମନ୍ତ୍ରୀ

**ଜୟପୁର,୨୪।୧୨(ପି.ଟି.)-** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସୋମବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ଏଥିରେ କଂଗ୍ରେସର ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳର ଜଣେ ବିଧାୟକଙ୍କ ସମେତ ୨୩ ମନ୍ତ୍ରୀ ଭାବେ ସାମିଲ ହୋଇଛନ୍ତି। ୧୩ କ୍ୟାବିନେଟ୍ ମନ୍ତ୍ରୀ ଓ ୧୦ ରାଜ୍ୟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ କଲ୍ୟାଣ ସିଂ ସେମାନଙ୍କୁ ପଦର ଗୋପନୀୟତା ପାଠ କରାଇଛନ୍ତି। ମନ୍ତ୍ରୀମାନେ ହିନ୍ଦୀରେ ଶପଥ ପାଠ କରିଥିଲେ। ରାଜଭବନରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଏବଂ ବରିଷ୍ଠ କଂଗ୍ରେସ ନେତା ଉପସ୍ଥିତ ରହିଥିଲେ।

### କପଡ଼ା ଗୋଦାମରେ ଅଗ୍ନିକାଣ୍ଡ, ୪ ମୃତ



**ମୁମ୍ବାଇ,୨୪।୧୨(ପି.ଟି.)-** ମୁମ୍ବାଇର କାଣ୍ଡିଭାଲିସ୍ଥିତ ଏକ କପଡ଼ା ଗୋଦାମରେ ଅଗ୍ନିକାଣ୍ଡ ଘଟି ୪ଜଣ ପ୍ରାଣ ହରାଇଛନ୍ତି। ଏମ୍ଆଇଡିସି ବସ୍ଷ୍ଟପ୍ ନିକଟ ଦାମୁ ନଗରଠାରେ ରହିଥିବା ଏହି ଗୋଦାମରେ ରବିବାର ଅପରାହ୍ଣ ୪ଟା ସମୟରେ ନିଆଁ ଲାଗିଥିଲା। ମୃତକମାନଙ୍କୁ ଚିହ୍ନଟ କରାଯାଇନାହିଁ। ସୋମବାର ଗୋଦାମର କାଛ ତଳୁ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ନିଶାଦଙ୍କ ପରଲୋକ

**ନୂଆଦିଲ୍ଲୀ,୨୪।୧୨(ପି.ଟି.)-** ପୂର୍ବତନ କେନ୍ଦ୍ରମନ୍ତ୍ରୀ କ୍ୟାପଟେନ ଜୟ ନାରାୟଣ ପ୍ରସାଦ ନିଶାଦ (୮୮)ଙ୍କ ସୋମବାର ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ସକେତ୍‌ସ୍ଥିତ ମ୍ୟାକ୍ସ ହସ୍ପିଟାଲ୍‌ରେ ସେ ଚିକିତ୍ସିତ ହେଉଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। ବିହାର ମୁଜାଫରପୁରରୁ ସେ ଏମ୍‌ପି ଥିଲେ। ବର୍ତ୍ତମାନ ତାଙ୍କ ପୁଅ ଅଜୟ ନିଶାଦ୍ ଉକ୍ତ ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି।

### ଇତିହାସର ଆଇନାରେ

### ଡିସେମ୍ବର ୨୫ର ପ୍ରମୁଖ ଘଟଣା

୧୯୯୧ ଡିସେମ୍ବର ୨୫ରେ ସୋଭିଏତ୍ ୟୁନିୟନ୍ ରାଷ୍ଟ୍ରପତି ମିଖାଇଲ୍ ଗୋର୍ବାଚୋଭ୍ ନିଜ ପଦରୁ ଇସ୍ତଫା ଦେଇଥିଲେ। ଗୋର୍ବାଚୋଭ୍ ୧୯୩୧ ମାର୍ଚ୍ଚ ୨ରେ ଜନ୍ମଗ୍ରହଣ କରିଥିଲେ। ସେ ରୁଷୀୟ ନାଗରିକ ଏବଂ ସର୍ବୋପରି ସୋଭିଏତ୍ ରାଜନେତା। ସେ ସୋଭିଏତ୍ ୟୁନିୟନ୍‌ର ଅଷ୍ଟମ ତଥା ଶେଷ ନେତା। ଆଦର୍ଶରେ ସମାଜବାଦୀ ନେତା ଗୋର୍ବାଚୋଭ୍ ୧୯୮୫ରୁ ୧୯୯୧ ପର୍ଯ୍ୟନ୍ତ ସୋଭିଏତ୍ ୟୁନିୟନ୍‌ର ଗଭର୍ନିଂ କମ୍ୟୁନିଷ୍ଟ ପାର୍ଟିର ଜେନେରାଲ ସେକ୍ରେଟାରି ଥିଲେ।

୧୯୩୨ ଡିସେମ୍ବର ୨୫ରେ ଚାଇନାର ଗାଁସୁ ପ୍ରଦେଶରେ ୭.୬ ତୀବ୍ରତାର ଭୂକମ୍ପ ହେବା ଫଳରେ ୨୭୫ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ବିଧ୍ୱଂସକାରୀ ଭୂମିକମ୍ପ ଯୋଗୁ ୧୧୬୭ଟି ଘର ଭାଙ୍ଗିଯିବା ସହିତ ୩୨୦ଜଣ ଆହତ ହୋଇଥିଲେ।

## ଜୋର ଧରିଲା ତୃତୀୟ ସାମ୍ମୁଖ୍ୟ ଉଦ୍ୟମ

# ଦଳ ଖୋଜୁଛନ୍ତି କେସିଆର୍

**କୋଲକାତା,୨୪।୧୨(ପି.ଟି.)**

ଲୋକ ସଭା ନିର୍ବାଚନ ଆଉ ମାତ୍ର ୪ ମାସ ବାକି ଥିବାବେଳେ ଏବେ ତୃତୀୟ ସାମ୍ମୁଖ୍ୟ ଗଠନ ଉଦ୍ୟମ ଜୋର ଧରିଛି। ଗୋଟିଏ ପଟେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ କଂଗ୍ରେସ ସମେତ ବିଭିନ୍ନ ଅଣଭାଜପା ଦଳକୁ ଏକାଠି କରିବାକୁ ଯୋଜନା ଚଳାଇଥିବା ବେଳେ ଅନ୍ୟ ପଟେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆର୍ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଅଣକଂଗ୍ରେସ ଏବଂ ଅଣଭାଜପା ଦଳଗୁଡ଼ିକୁ ନେଇ ତୃତୀୟ ସାମ୍ମୁଖ୍ୟ ଗଢ଼ିବା ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି।

ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ପୁନର୍ବାର କ୍ଷମତାକୁ ଆସିବା ପରେ କେସିଆର୍ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ସେ ତାଙ୍କ ପୁଅକୁ ଦଳର କାର୍ଯ୍ୟକାରୀ ସଭାପତି କରିବା ପରେ ଏବେ ଜାତୀୟ ରାଜନୀତିରେ ମନୋନିବେଶ କରିଛନ୍ତି।

### ମମତାଙ୍କ ସହ ଆଲୋଚନା



ଏହି କ୍ରମରେ କେସିଆର ବିଭିନ୍ନ ଦଳଙ୍କୁ ଏକାଠି କରିବା ଲାଗି ରବିବାରଠାରୁ ୪ ଦିନିଆ ଗସ୍ତରେ ବାହାରିଛନ୍ତି। ସେ ପ୍ରଥମେ ବିଶାଖାପାଟଣାସ୍ଥିତ ରାଜଶ୍ୟାମଳା ମନ୍ଦିର ଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ପରେ ଭୁବନେଶ୍ୱର ଆସି ରବିବାର ସନ୍ଧ୍ୟାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଦେଶ ବିକଳ୍ପ ଚାହୁଁଛି ବୋଲି ଏହି ଅବସରରେ କେସିଆର୍ କହିଥିଲେ। ବିଜେଡି ଉଭୟ ଭାଜପା ଏବଂ କଂଗ୍ରେସଠାରୁ ସମ ଦୂରତ୍ୱ ରକ୍ଷା କରି ଆସୁଛି। ସୋମବାର କେସିଆର କୋଲକାତା ଯାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି। ସଂଘୀୟ ସାମ୍ମୁଖ୍ୟ ଲାଗି ଆଲୋଚନା ଅବ୍ୟାହତ ରହିବ ବୋଲି ଏହି ଅବସରରେ କେସିଆର ଗଣମାଧ୍ୟମକୁ କହିଛନ୍ତି। ମଙ୍ଗଳବାରଠାରୁ କେସିଆର ନୂଆଦିଲ୍ଲୀ ଯାଇ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ସହ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଏସ୍‌ପି ନେତ୍ରୀ ମାୟାବତୀ ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଭେଟିବେ। ଏଥିସହିତ ସେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଅରୋରା ଏବଂ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ଉପା ମଧ୍ୟରେ ମୁଖ୍ୟତଃ ଲଢ଼େଇ ହେବାକୁ ଥିବା ବେଳେ ଏହାର ବିକଳ୍ପ ଭାବେ ତୃତୀୟ ସାମ୍ମୁଖ୍ୟର ପରିକଳ୍ପନା କରାଯାଉଛି। ଏଥିପାଇଁ ଚନ୍ଦ୍ରାବାବୁ ନାଇଡୁଙ୍କ ଆବାହକତ୍ୱରେ କଂଗ୍ରେସ ସମେତ କେତେକ ବିରୋଧୀ ଦଳ କେତେକ କାର୍ଯ୍ୟକ୍ରମରେ ଏକାଠି ହୋଇଥିଲେ। ଉପେନ୍ଦ୍ର କୁଶୱାହା ମଧ୍ୟ ଏନ୍‌ଡିଏ ଛାଡି ଉପାରେ ସାମିଲ ହୋଇଛନ୍ତି।

## ଅଲ୍-ଅଜିଜିଆ ଦୁର୍ନୀତି ମାମଲା

# ଶରିଫ୍‌ଙ୍କୁ ୭ ବର୍ଷ ଜେଲ

**ଇସ୍‌ଲାମାବାଦ,୨୪।୧୨(ପି.ଟି.)**



ଅଲ୍-ଅଜିଜିଆ ଷ୍ଟିଲ ମିଲ୍‌ସ ଦୁର୍ନୀତି ମାମଲାରେ ପାକିସ୍ତାନର ଏକ ଅଦାଲତ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛି। ତେବେ ବହୁଚର୍ଚ୍ଚିତ ପାନାମା ପେପର୍ସ ଦୁର୍ନୀତି ସହ ଜଡ଼ିତ ପୁଞ୍ଜିନିବେଶ ଦୁର୍ନୀତି ମାମଲାରେ ପ୍ରମାଣ ଅଭାବରୁ ତାଙ୍କୁ ଦୋଷମୁକ୍ତ କରାଯାଇଛି। ଗତ ୧୯ ତାରିଖରେ ଉତ୍ତରଦାୟୀ ଅଦାଲତର ଜଜ୍ ମହମ୍ମଦ ଅର୍ଶାଦ ମଲିକ ୨ଟି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଅଲ-ଅଜିଜିଆ ମାମଲାରେ ଶରିଫ ସମ୍ପୃକ୍ତ ଥିବାର ଯଥେଷ୍ଟ ପ୍ରମାଣ ରହିଛି। ଏହି ମାମଲାରେ ସେ ଆର୍ଥିକ କାରବାରର ପ୍ରମାଣ ଦେଖାଇବାରେ ବିଫଳ ହୋଇଥିଲେ ବୋଲି ଜଜ୍ କହିଛନ୍ତି। ଏହି ମାମଲାରେ ଶରିଫଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ସହ ୨.୫ ନିୟୁତ ଡଲାର ଜରିମାନା କରାଯାଇଛି। ଦଣ୍ଡ ଘୋଷଣା ପରେ ଶରିଫଙ୍କୁ ସଙ୍ଗେ ସଙ୍ଗେ ରାୱଲପିଣ୍ଡିର ଅଡିଆଲା ଜେଲ୍ ପଠାଇ ଦିଆଯାଇଛି। ତେବେ କୋର୍ଟ ରାୟ ବିରୋଧରେ ଶରିଫ ଚାହିଁଲେ ଉପର କୋର୍ଟରେ ଅପିଲ୍ କରିପାରିବେ।

ପାନାମା ପେପର୍ସ ମାମଲାରେ ୨୦୧୭ ଜୁଲାଇରେ ସୁପ୍ରିମକୋର୍ଟ ଶରିଫଙ୍କୁ ଅଯୋଗ୍ୟ ଘୋଷଣା କରିବା ପରେ ସେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ନ୍ୟାଶନାଲ୍ ଆକାଉଣ୍ଟେବିଲିଟୀ ବ୍ୟୁରୋ ତାଙ୍କ ବିରୋଧରେ ସେହିବର୍ଷ ସେପ୍ଟେମ୍ବର ୮ରେ ଆଭେନଫିଲ୍ଡ ସମ୍ପତ୍ତି ମାମଲା, ଫ୍ଲାଗସିପ୍ ନିବେଶ ମାମଲା ଏବଂ ଅଲ୍-ଅଜିଜିଆ ଇସ୍ପାତ ମାମଲା ରୁଜୁ କରିଥିଲା। ଗତ ଜୁଲାଇରେ ଆଭେନଫିଲ୍ଡ ସମ୍ପତ୍ତି ଦୁର୍ନୀତି ମାମଲାରେ କୋର୍ଟ ଶରିଫଙ୍କୁ ୧୧ ବର୍ଷ, ତାଙ୍କ କନ୍ୟା ମରୟାମ୍‌ଙ୍କୁ ୮ ବର୍ଷ ଏବଂ ଜ୍ୱାଇଁ ତଥା ଅବସରପ୍ରାପ୍ତ କ୍ୟାପ୍ଟେନ ଏମ. ସଫଦରଙ୍କୁ ବର୍ଷେ ଜେଲ୍‌ଦଣ୍ଡ ହୋଇଥିଲା। ଏହି ମାମଲାରେ ଦୁର୍ନୀତି ଉପାୟରେ ଶରିଫ ଲଣ୍ଡନରେ ୪ଟି ବିଳାସପୂର୍ଣ୍ଣ ଫ୍ଲାଟ କିଣିଥିଲେ। ପରେ ଇସ୍‌ଲାମାବାଦ ହାଇକୋର୍ଟ ସେପ୍ଟେମ୍ବର ମାସରେ ସେମାନଙ୍କୁ ଜାମିନରେ ଛାଡିଥିଲେ।

# ଶାହଙ୍କୁ ସୁପ୍ରିମକୋର୍ଟ ଭରସା

**ନୂଆଦିଲ୍ଲୀ,୨୪।୧୨(ପି.ଟି.)**

ପଶ୍ଚିମବଙ୍ଗରେ ଭାଜପାର ରଥଯାତ୍ରା ଲାଗି କୋଲକାତା ହାଇକୋର୍ଟ ଅନୁମତି ନ ଦେବାରୁ ଦଳ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ଏହି ରଥଯାତ୍ରା କାର୍ଯ୍ୟକ୍ରମ ଲାଗି ସୁପ୍ରିମକୋର୍ଟ ଏବେ ଶେଷ ଭରସା। ତେବେ ବଡ଼ଦିନ ଛୁଟି ଥିବାରୁ ରେଜେଷ୍ଟ୍ରି ଅଧିକାରୀ ଜରୁରୀ ଶୁଣାଣି କରାଯାଇପାରିବ ନାହିଁ ବୋଲି କହିଛନ୍ତି।

### ରଥଯାତ୍ରା ଲାଗି ଜରୁରୀ ଶୁଣାଣି ଆବେଦନ ଅଗ୍ରାହ୍ୟ



ପଶ୍ଚିମବଙ୍ଗରେ ରଥଯାତ୍ରା କରିବା ଲାଗି ରାଜ୍ୟ ସରକାର ଅନୁମତି ନ ଦେବାରୁ ଭାଜପା କୋଲକାତା ହାଇକୋର୍ଟକୁ ଯାଇଥିଲା। ଜଣିକିଆ ଖଣ୍ଡପୀଠ ରଥଯାତ୍ରା ପାଇଁ ଅନୁମତି ଦେଇଥିବା ବେଳେ ଡିଭିଜନ ବେଞ୍ଚ ଉକ୍ତ ରାୟକୁ ଖାରଜ କରିଦେଇଥିଲେ।

# କମ୍ପ୍ୟୁଟର ଯାଞ୍ଚ ନିର୍ଦ୍ଦେଶ ବିରୋଧରେ ମାମଲା

**ନୂଆଦିଲ୍ଲୀ,୨୪।୧୨(ପି.ଟି.)**

ଯେକୌଣସି କମ୍ପ୍ୟୁଟର ଯାଞ୍ଚ ଲାଗି କେନ୍ଦ୍ର ସରକାର ୧୦ଟି କେନ୍ଦ୍ରୀୟ ଏଜେନ୍ସୀକୁ ଦାୟିତ୍ୱ ଦେଇଥିବାବେଳେ ଏହାକୁ ଚାଲେଞ୍ଜ କରି ସୋମବାର ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ ହୋଇଛି। ଏ ସମ୍ପର୍କିତ ସରକାରଙ୍କ ଡିସେମ୍ବର ୨୦ ବିଜ୍ଞପ୍ତିକୁ ଖାରଜ କରିବା ଲାଗି ଆଇନଜୀବୀ ମନୋହର ଲାଲ୍ ଶର୍ମାଙ୍କ ପକ୍ଷରୁ ପିଟିଶନ୍ ଦାଏର ହୋଇଛି।



ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ସୂଚନା ପ୍ରଯୁକ୍ତି ଆଇନ ଅଧୀନରେ ସିବିଆଇ, ଇଣ୍ଟେଲିଜେନ୍ସ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସମେତ ୧୦ଟି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସୀକୁ କମ୍ପ୍ୟୁଟର ଯାଞ୍ଚ ଲାଗି କ୍ଷମତା ପ୍ରଦାନ କରାଯାଇଛି। ଏଭଳି ବିଜ୍ଞପ୍ତି ବେଆଇନ ଏବଂ ଅସାମ୍ବିଧାନିକ ବୋଲି ଶର୍ମା ତାଙ୍କ ପିଟିଶନରେ ଦର୍ଶାଇଛନ୍ତି। ସୂଚନା ପ୍ରଯୁକ୍ତି ଆଇନର ବ୍ୟବସ୍ଥା ଅନୁଯାୟୀ ଯେକୌଣସି ବ୍ୟକ୍ତିବିଶେଷଙ୍କ ବିରୋଧରେ ଅପରାଧିକ ମାମଲା କିମ୍ବା ତଦନ୍ତରୁ ଉକ୍ତ ଏଜେନ୍ସୀକୁ ବାଦ୍ ଦେବା ଲାଗି ଆବେଦନରେ ଉଲ୍ଲେଖ ରହିଛି।

## ଫୁର୍‌ସତ

# ବାଜପେୟୀଙ୍କ ସ୍ମୃତିରେ ୧୦୦ ଟଙ୍କିଆ ମୁଦ୍ରା

**ନୂଆଦିଲ୍ଲୀ:**

ଡିସେମ୍ବର ୨୫ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ୯୪ତମ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଏକ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଛନ୍ତି।




ଏଥିପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାଜପେୟୀଙ୍କ ଦୀର୍ଘଦିନର ସହଯୋଗୀ ତଥା ବିଶିଷ୍ଟ ନେତା ଏଲ୍.କେ. ଆଡଭାନୀ, ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ, ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏବଂ ଭାଜପା ସଭାପତି ଅମିତ ଶାହ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀ ଦୀର୍ଘଦିନ ଅସୁସ୍ଥ ରହିବାପରେ ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ଚଳିତ ବର୍ଷ ଅଗଷ୍ଟରେ ତାଙ୍କର ପରଲୋକ ଘଟିଥିଲା। ସେତେବେଳେ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା।

# ସର୍କସରେ ପ୍ରାଣୀ ପ୍ରଦର୍ଶନ ନିଷିଦ୍ଧ ପାଇଁ ଆବେଦନ

**ନୂଆଦିଲ୍ଲୀ:**

ସର୍କସରେ ପଶୁପକ୍ଷୀ ପ୍ରଦର୍ଶନ ନିଷିଦ୍ଧ କରିବା ପାଇଁ କେନ୍ଦ୍ରର ପ୍ରସ୍ତାବକୁ ସମର୍ଥନ କରି ପଶୁ ଅଧିକାର ସଂସ୍ଥା 'ପେଟା' ଇଣ୍ଡିଆ ପକ୍ଷରୁ ସୋମବାର ପରିବେଶ ମନ୍ତ୍ରଣାଳୟ ନିକଟରେ ଏକ ଆବେଦନ ଦାଖଲ କରାଯାଇଛି। ଉକ୍ତ ଆବେଦନ ପତ୍ରରେ ସ୍କୁଲ୍, କଲେଜ ଛାତ୍ରୀଛାତ୍ର ଓ ସେଲିବ୍ରିଟିଙ୍କ ସମେତ ୮,୦୦୦ ବ୍ୟକ୍ତି ସ୍ୱାକ୍ଷର କରିଛନ୍ତି।

ଭ୍ରାମ୍ୟମାଣ ସର୍କସ ଦଳ କିମ୍ବା କୌଣସି ପ୍ରଦର୍ଶନୀରେ ପଶୁପକ୍ଷୀଙ୍କୁ ବ୍ୟବହାର ନ କରିବା ଲାଗି କେନ୍ଦ୍ର ସରକାର ନିକଟରେ




ଏକ ପ୍ରସ୍ତାବ ଦେଇଥିଲେ। ଏହାକୁ ପଶୁ ଅଧିକାର କର୍ମକର୍ତ୍ତାମାନେ ସମର୍ଥନ କରିବା ସହିତ ଏହା 'ପ୍ରଗତିସୂଚକ ଏବଂ ପ୍ରଶଂସନୀୟ' ବୋଲି ବର୍ଣ୍ଣନା କରିଛନ୍ତି। ପିପୁଲ ଫର୍ ଛାତ୍ରୀଛାତ୍ରଙ୍କ ସମେତ ରବିନା ଟଣ୍ଡନ, ସୋନୁ ସୁଦ୍, ଶିଳ୍ପା ଶେଟ୍ଟୀ କୁନ୍ଦ୍ରା, ଜନ୍ ଆବ୍ରାହାମ୍, ଆର. ମାଧବନ୍, ଦିୟା ମିର୍ଜା ଏବଂ ସନ୍ନି ଲିଓନ୍‌ଙ୍କ ଭଳି ବହୁ ସେଲିବ୍ରିଟି ଉକ୍ତ ଆବେଦନ ପତ୍ରରେ ସ୍ୱାକ୍ଷର କରିଥିବା ଦି ଇଥିକାଲ ଟ୍ରିଟମେଣ୍ଟ ଅଫ୍ ଆନିମଲ୍ସ (ପେଟା)ପକ୍ଷରୁ ପ୍ରକାଶ କରାଯାଇଛି। ଦର୍ଶକଙ୍କ ମନମୁଗ୍ଧ କରିବା ପାଇଁ ପଶୁପକ୍ଷୀଙ୍କୁ ଉତ୍ତେଜିତ କରିବା, ଚିଡେଇବା ଏବଂ ଯନ୍ତ୍ରଣାସିକ୍ତ ଦଣ୍ଡଦେବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପେଟା ଇଣ୍ଡିଆର ସହଯୋଗୀ ନିର୍ଦ୍ଦେଶକ ସଚିନ୍ ବାଙ୍ଗେରା ଉକ୍ତ ଆବେଦନରେ ନିବେଦନ କରିଛନ୍ତି।



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୭ | ୯.୧ |
| ଚାନ୍ଦବାଲି | ୨୫.୬ | ୧୦.୭ |
| କଟକ | ୨୬.୪ | ୧୦.୪ |
| ପାରାଦ୍ୱୀପ | ୨୬.୩ | ୧୨.୧ |
| ଭୁବନେଶ୍ୱର | ୨୮.୩ | ୯.୯ |
| ଗୋପାଳପୁର | ୨୬.୬ | ୧୪.୮ |
| ପୁରୀ | ୨୭.୦ | ୧୩.୬ |
| ଅନୁଗୋଳ | ୨୪.୧ | ୭.୬ |
| ବାରିପଦା | ୨୩.୪ | ୧୦.୦ |
| ଝାରସୁଗୁଡ଼ା | ୨୬.୭ | ୯.୫ |
| କେନ୍ଦୁଝର | ୨୩.୭ | ୭.୨ |
| ସମ୍ବଲପୁର | ୨୭.୪ | ୯.୫ |
| ସୁନ୍ଦରଗଡ଼ | ୨୩.୦ | ୯.୦ |
| ହୀରାକୁଦ | ୨୬.୯ | ୧୦.୩ |
| ତାଳଚେର | ୨୯.୫ | ୧୦.୦ |
| ଭବାନୀପାଟଣା | ୨୬.୩ | ୧୦.୫ |
| ବଲାଙ୍ଗୀର | ୨୫.୫ | ୧୦.୦ |
| କୋରାପୁଟ | ୨୫.୦ | ୧୧.୬ |
| ଫୁଲବାଣୀ | ୨୪.୪ | ୬.୫ |
| ଟିଟିଲାଗଡ଼ | --- | ୯.୦ |
| ମାଲକାନଗିରି | ୩୦.୨ | ୧୬.୦ |
| ସୋନପୁର | ୨୭.୦ | ୮.୦ |
| ଦାରିଙ୍ଗିବାଡ଼ି | ୨୪.୦ | ୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# 'ଛପକ୍' ପାଇଁ ଉତ୍ସାହିତ ଦୀପିକା

**ମୁମ୍ବାଇ:**

ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ୍ 'ଛପକ୍'ରେ ଅଭିନୟ ପାଇଁ ଉତ୍ସାହିତ ହୋଇପଡିଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଜଣେ ବ୍ୟକ୍ତିଙ୍କ କରୁଣ କାହାଣୀ ଉପରେ ଏହା ପର୍ଯ୍ୟବସିତ।

ଜୀବନରେ ଜଣେ ପ୍ରବଳ ମାନସିକ ଧକ୍କା ଖାଇବା ସହିତ ପରବର୍ତ୍ତୀ ପରିସ୍ଥିତିରେ କିପରି ନିର୍ଣ୍ଣାୟକ ବିଜୟ ହାସଲ କରେ ସେହି ପ୍ରସଙ୍ଗକୁ ନେଇ ସିନେମାର କାହାଣୀ ଗଢ଼ିଉଠିଛି। ଫକ୍ ଷ୍ଟାର ଷ୍ଟୁଡିଓର ମିଳିତ ସହଯୋଗରେ କାର୍ଯ୍ୟକରିବା ପାଇଁ ଦୀପିକା ଉତ୍ସାହିତ ଥିବା ସୋମବାର ଟୁଇଟର ଯୋଗେ ପ୍ରକାଶ କରିଛନ୍ତି। ମେଘନା ଗୁଲଜାରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏସିଡ୍ ଆକ୍ରମଣର ଶିକାର ଲକ୍ଷ୍ମୀ ଅଗ୍ରୱାଲଙ୍କ ଜୀବନ କାହାଣୀକୁ ଆଧାର କରି ଉକ୍ତ ଫିଲ୍ମ ପ୍ରସ୍ତୁତ ହୋଇଛି। ଫକ୍ସ ଷ୍ଟାର ଦ୍ୱାରା ପ୍ରସ୍ତୁତ ଏହି ହିନ୍ଦୀ ପ୍ରୋଜେକ୍ଟରେ ବିକ୍ରାନ୍ତ ମାସି ମଧ୍ୟ କାମ କରୁଛନ୍ତି। ବିକ୍ରାନ୍ତଙ୍କ ଚରିତ୍ର ବର୍ଣ୍ଣନା କରିବାକୁ ଯାଇ ଗୁଲଜାର କହନ୍ତି, ସେ ହେଉଛନ୍ତି ଜଣେ ଦକ୍ଷିଣ ଭାରତୀୟ ବ୍ୟକ୍ତି। ସେ ଅଭିନେତା ହେବାପାଇଁ ସବୁ ତ୍ୟାଗ କରିବାକୁ ନିଷ୍ପତ୍ତି ନେଇ ଏସିଡ୍ ଆକ୍ରମଣ ବିରୋଧରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ବିକ୍ରାନ୍ତ ଏଭଳି ଏକ ଭୂମିକାରେ ଅଭିନୟ କରୁଥିବାରୁ ଦୀପିକା ଏବଂ ଗୁଲଜାର ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



“ ଗେରୁଆ ବସ୍ତ୍ର ପିନ୍ଧି, ମୁଣ୍ଡ ଲଣ୍ଡାକରି କେହି ସନ୍ନ୍ୟାସୀ ହୋଇଯାଏ ନାହିଁ ଯେଉଁ ବ୍ୟକ୍ତି ସକଳ କାମନା ପରିତ୍ୟାଗ କରିପାରିଛି ସେ ହିଁ କେବଳ ସନ୍ନ୍ୟାସୀ।

- ସତ୍ୟସାଇବାବା

**ସଂକ୍ଷେପରେ**

## ଚୂଡ଼ାମଣି ରଥ ଉଦୟନ ନାଟ୍ୟ ସମ୍ମାନ ପାଇଁ ମନୋନୀତ



ଚୂଡ଼ାମଣି ରଥ ।

ସମ୍ବଲପୁର, ୨୪।୧୨ (ବ୍ୟୁରୋ): ନାଟ୍ୟକାର ଚୂଡ଼ାମଣି ରଥଙ୍କୁ ଉଦୟନ ନାଟ୍ୟ ସମ୍ମାନ- ୨୦୧୮ ପ୍ରଦାନ କରିବାକୁ ମନୋନୀତ କରାଯାଇଛି । ସେ ଝାରବିଲେଇ, ଚଡକ, ଜିଭେଁଦେୟା, ଲହଙ୍ଗେର୍, ଜଁକ୍ ଭଳି ସମ୍ବଲପୁରୀ ନାଟକ ମଞ୍ଚସ୍ଥ କରି ପୁରସ୍କୃତ ହୋଇଛନ୍ତି । ଭଟଲି କେଶେଇପାଲି ମୁନଲାଇଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସେ ନାଟ୍ୟକାର, ଅଭିନେତା, ନାଟ୍ୟ ନିର୍ଦ୍ଦେଶକ, ପ୍ରଯୋଜକ ଓ ନାଟ୍ୟବିତ। ତେବେ ସମ୍ବଲପୁର ଯୁବ ଉଦୟନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବୀର ସୁରେନ୍ଦ୍ର ସାଏ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ସୋମବାର ଏ ନେଇ ଯୁବ ଉଦୟନ ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି ।

## ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ସ୍ପେନ୍ ଯିବେ

ସମ୍ବଲପୁର, ୨୪।୧୨ (ବ୍ୟୁରୋ)- ବିଶାଖାପାଟଣାରେ ହୋଇଥିବା ଇନ୍ ଲାଇନ୍ ସ୍କେଟିଂ ପ୍ରତିଯୋଗିତାରେ ଶାସନସ୍ଥିତ ବୈଦିକ ଇଣ୍ଟର ନ୍ୟାଶନାଲ ସ୍କୁଲର ନବମ ଶ୍ରେଣୀ ଛାତ୍ର ଅମିତାଭ ମୟଙ୍କ କୁଜୁର ସଫଳତା ହାସଲ କରିଛନ୍ତି । ଆସନ୍ତା ମେ ମାସରେ ସ୍ପେନ୍‌ଠାରେ ଅନ୍ତର୍ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବାକୁ ସେ ମନୋନୀତ ହୋଇଛନ୍ତି।

## ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ

# ୫ ଦିନରେ ମଞ୍ଚସ୍ଥ ହେବ ୧୫ ନାଟକ







ସୋମବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାକୁ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ଉଦ୍‌ଘାଟନ କରି ବକ୍ତବ୍ୟ ଦେଉଛନ୍ତି (ବାମ) । ସମ୍ବଲପୁରୀ ନାଟକ ପ୍ରତିଯୋଗିତାରେ ବଡକର୍ଲେ ବୀଣାପାଣି ନାଟ୍ୟକଳା ସଂସଦ କଳାକାରମାନେ ଓ ‘ମାଇଁ ବାପା’ ନାଟକ ମଞ୍ଚସ୍ଥ କରୁଛନ୍ତି (ମଝି) । ଆରଣ୍ୟକ ମଞ୍ଚରେ ପାଟବୁକା ନାଟକର ଏକ ଦୃଶ୍ୟ ।

**ସମ୍ବଲପୁର, ୨୪।୧୨ (ବ୍ୟୁରୋ)**

ବୀର ସୁରେନ୍ଦ୍ର ସାଏ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା- ୨୦୧୮ ସୋମବାର ରାତିରେ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦ୍‌ଘାଟିତ ହୋଇଯାଇଛି । ଆୟୋଜକ ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ । ସମ୍ବଲପୁରୀ ଭାଷା, ସଂସ୍କୃତି, ପରମ୍ପରା ନୃତ୍ୟ, ଗୀତର ପ୍ରଚାରପ୍ରାସର ଦିଗରେ ଯୁବ ଉଦୟନ ଏହି ପ୍ରତିଯୋଗିତା ମାଧ୍ୟମରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ପ୍ରକୃତ ପକ୍ଷେ ଏହା ଏକ ଭାଷା ଆନ୍ଦୋଳନର ଭିତ୍ତିଭୂମି। ଏହି ଧାରା ଜାରି ରଖିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଡ. ଶ୍ୟାମସୁନ୍ଦର ଧର, ଭବାନୀଶଙ୍କର ଦାଶ ରହିଛନ୍ତି। ଉଦ୍‌ଘାଟନୀ ରଜନୀରେ ସୁବର୍ଣ୍ଣପୁର ଜିଲା ବଡକର୍ଲେ ବୀଣାପାଣି ନାଟ୍ୟକଳା ସଂସଦ କଳାକାରମାନେ ନାଟକ ଓ ‘ମାଇଁ ବାପା’ ମଞ୍ଚସ୍ଥ କରିଥିଲେ । ସୁମନ୍ତ ଭୋଇ ରଚନା, ନିର୍ଦ୍ଦେଶନା ଓ ପରିକଳ୍ପନା କରିଥିଲେ । ଦ୍ୱିତୀୟ ନାଟକ ଭେଡେନର ଉଦିଆଁତରା ସାଂସ୍କୃତିକ ଅନୁଷ୍ଠାନ ମହେନ୍ଦ୍ର ସେଠଙ୍କ ରଚିତ ନାଟକ ପାଟବୁକା ମଞ୍ଚସ୍ଥ କରିଥିଲା। ହୀରାକୁଦ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ତୃତୀୟ ନାଟକ ଜାଇଫୁଲ ମଞ୍ଚସ୍ଥ କରିଥିଲା। ଏହାକୁ ବିରୁପାକ୍ଷ ପ୍ରଧାନ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ତେବେ ଏହି ପ୍ରତିଯୋଗିତା ଚଳିତ ମାସ ୨୯ ତାରିଖ ପୁରସ୍କାର ବିତରଣ ଉତ୍ସବ ହେବ । ସୂଚନାଯୋଗ୍ୟ ଯେ, ୨୫ରେ ସମ୍ବଲପୁର ଆର୍ଟସ୍ ଆସୋସିଏସନ୍ ପରିଚୟ ପକ୍ଷରୁ ଶର୍ମିଷ୍ଠା, ବେଲପାହାଡ ଏସଡିଏ ମିରର୍ ଥ୍ରୀଏଟର୍ ଏପ୍ରିଲ-୨୭, ପଦ୍ମପୁର ଲୁ ଅନୁଷ୍ଠାନର ଧାନଫୁଲ, ୨୬ରେ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମର ବୈଷ୍ଣବ ଜନ ତୋ, ବରଗଡ ସମର୍ପଣ ନାଟ୍ୟ ଅନୁଷ୍ଠାନର ଛାଁଚି, ପଦ୍ମପୁର ଅବର୍ନିଗୁଡା ନାଟ୍ୟ ସଂସଦର ଓନ୍‌ଲି ଏଜୁକେସନ୍, ୨୭ରେ ବରପାଲି ତୁଲୁଣ୍ଡିର ସୀତା ଠାବ, ସହେଲା ଡ୍ରାମା ଚେତନାର ବାବୁ ଖରଚା, ବୁର୍ଲା ଆନନ୍ଦ ବିହାର କ୍ଲବର ଚକଡା, ୨୮ରେ ସୁବର୍ଣ୍ଣପୁର ନାଟ୍ ପକ୍ଷରୁ ମାନ୍ୟବର ଗାଡଭାଲୁ, ସମ୍ବଲପୁର ସ୍ୱର କାରୁବାକି ଏବଂ ଭଟଲି ମୁନଲାଇଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ କେଶାଇବାହାଲ କଳାକାରମାନେ ନାଟକ ନାସ୍ତି ପ୍ରଗ୍ୟାଁ ସମପ୍ରଭା ମଞ୍ଚସ୍ଥ କରିବା କାର୍ଯ୍ୟକ୍ରମ ରହିଛି ।

## ଜିଲାସ୍ତରୀୟ ବାର୍ଷିକ କ୍ରୀଡା ଉଦ୍‌ଯାପିତ

# ସମ୍ବଲପୁର ଆଥ୍‌ଲେଟିକ୍ କ୍ଲବ୍ ୩ ବର୍ଗରେ ଚାମ୍ପିୟନ

**ସମ୍ବଲପୁର, ୨୪।୧୨ (ବ୍ୟୁରୋ)**

ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ୫୫ତମ ଜିଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି । ସମ୍ବଲପୁର ଆଥଲେଟିକ୍ କ୍ଲବ ବାଳିକା ୨୦ ବର୍ଷରୁ କମ୍, ବାଳକ ୨୦ ବର୍ଷରୁ କମ୍ ଓ ମହିଳା ବର୍ଗରେ ଚାମ୍ପିୟନ ହୋଇଛି । ସେହିପରି ଅଇଁଠାପାଲି ଆଶ୍ରମ ସ୍କୁଲ ବାଳିକା ୧୪ ଓ ୧୬ ବର୍ଷରୁ କମ୍‌ରେ ଚାମ୍ପିୟନ ଟ୍ରଫି ହାସଲ କରିଛି । ୧୮ ବର୍ଷରୁ କମ୍ ବାଳିକା ବର୍ଗରେ ସମ୍ବଲପୁର ସରକାରୀ ମହିଳା କଲେଜ, ୧୪ ଓ ୧୬ ବର୍ଷରୁ କମ୍ ବାଳକରେ ଆଦିତ୍ୟ ରେସିଡେନ୍ସିଆଲ୍ ସ୍କୁଲ, ୧୮ ବର୍ଷରୁ କମ୍ ବାଳକରେ ବିକାଶ ଦ୍ କନଷ୍ଟେପ୍ଟ ସ୍କୁଲ ଏବଂ ପୁରୁଷ ବର୍ଗରେ ସମ୍ବଲପୁର ଜିଲା ପୋଲିସ ଦଳଗତ ଚାମ୍ପିୟନ ହୋଇଛି। ମାର୍ଚ୍ଚପାଷ୍ଟରେ ସମ୍ବଲପୁର ମହାନଗର ନିଗମ, ରେଢ଼ାଖୋଲ, କୁଚିଣ୍ଡା, ବାମରା, ଜମନକିରା, ମାନେଶ୍ୱର, ଧନକଉଡା, ନାକଟିଦେଉଳ, ରେଙ୍ଗାଲି, ଯୁଯୁମୁରା ବ୍ଲକର ୫୦୩ ବାଳକ, ପୁରୁଷ ଓ ୧୯୫ ଜଣ ବାଳିକା, ମହିଳା କ୍ରୀଡାବିତ ଭାଗ ନେଇଥିଲେ । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଉତ୍ସବ ଅନୁିଷ୍ଠତ ହୋଇଥିଲା। ଜିଲା କ୍ରୀଡା ସଂଘ ଆଥଲେଟିକ୍ ସମ୍ପାଦକ ସୁନ୍ଦରମଣି ବାରିକ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ଜିଲା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସୀତାଂଶୁ ତ୍ରିପାଠୀ ମୁଖ୍ୟଅତିଥି, ତ୍ୟାଗ ସଭାପତି ଦୁର୍ଗା ପାଢ଼ୀ, କ୍ରୀଡା ସଂଗଠକ ବିଶ୍ୱମ୍ଭର ବହିଦାର ଓ ଆଇନଜୀବୀ ଗୋବିନ୍ଦ ନାରାୟଣ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପୁରସ୍କୃତ କରିଥିଲେ । ଉପସଭାପତି ଦିଲୀପ କୁମାର ବିଶି, ଫୁଟବଲ ସମ୍ପାଦକ ଅବଦୁଲ ଗଫାର୍, ଗେମ୍ସ ସମ୍ପାଦକ ପ୍ରଶାନ୍ତ ସେଠ, କାଉନସିଲ ସଭ୍ୟ ମନୋଜ ଭୋଇ, ସୁନୀଲ ସାହୁ, ଅମୂଲ୍ୟ କୁମାର ମିଶ୍ର, ବିକାଶ ମିଶ୍ର, ସୁବୋଧ କୁମାର ସାହୁ, ସୟଦ ଜିନ୍ଦା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜଗବନ୍ଧୁ ବେହେରା, ସତ୍ୟରଞ୍ଜନ ପଣ୍ଡା ଓ ବଦ୍ରିନାରାୟଣ ପୁରୋହିତ ଏବଂ ରେଖା ଦେ ମାର୍ଚ୍ଚପାଷ୍ଟ ପରିଚାଳନା କରିଥିଲେ। ଇଭେଣ୍ଟ ଗୁଡିକୁ ୫୦ଜଣ ଖେଳ ଶିକ୍ଷକ ପରିଚାଳନା କରିଥିଲେ । ମନୋରଞ୍ଜନ ପାଢ଼ୀ ଓ କାର୍ତ୍ତିକେଶ୍ୱର ପ୍ରଧାନ ଉତ୍ସବରେ ସଂଯୋଜନା କରିଥିଲେ । ଏହି ଅବସରରେ ଭୀଷ୍ମ ପାଣିଗ୍ରାହୀ ଓ କ୍ଷୀରୋଦ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ସୋମବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ମାର୍ଚ୍ଚ ପାଷ୍ଟରେ କ୍ରୀଡାବିତ୍।



ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ୩ଟି ବର୍ଗରେ ଦଳଗତ ଚାମ୍ପିୟନ ସମ୍ବଲପୁର ଆଥ୍‌ଲେଟିକ୍ କ୍ଲବର କ୍ରୀଡାବିତମାନେ ଟ୍ରଫି ସହ ।



ବାଳିକା ୧୪ ଓ ୧୬ ବର୍ଷ ବର୍ଗରେ ଚାମ୍ପିୟନ ଅଇଁଠାପାଲି ଆଶ୍ରମ ସ୍କୁଲର କ୍ରୀଡାବିତଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।



୧୪ ଓ ୧୬ ବର୍ଷ ବର୍ଗରେ ଚାମ୍ପିୟନ ହୋଇଥିବା ଆଦିତ୍ୟ ରେସିଡେନ୍ସିଆଲ୍ ସ୍କୁଲର ବାଳକମାନେ ।



ବାଳକ ୧୮ ବର୍ଷ ବର୍ଗରେ ଚାମ୍ପିୟନ ବିକାଶ ସ୍କୁଲ ଟ୍ରଫି ସହ।



ପୁରୁଷ ବର୍ଗରେ ଚାମ୍ପିୟନ ହୋଇଥିବା ସମ୍ବଲପୁର ଜିଲା ପୋଲିସ ଦଳ ।



୧୮ ବର୍ଷ ବର୍ଗରେ ଚାମ୍ପିୟନ ହୋଇଥିବା ସମ୍ବଲପୁର ମହିଳା କଲେଜ ଦଳ ।



ଅନ୍ୟର ଯେଉଁ ଗୁଣଟି ଖରାପ ବୋଲି ବିଚାରୁଛ, ସେ ଗୁଣଟି ତୁମର ଅଛି କି ନାହିଁ ପ୍ରଥମେ ଦେଖିନେଲେ, ସେ ଲୋକଙ୍କୁ ତୁମେ ମଧ୍ୟ ସୁଧାରି ଦେଇ ପାରିବ ।

– ଇମରସନ



## ସଂକ୍ଷେପରେ

### ମାନେଶ୍ୱରରେ ବିଜେଡିର ବୈଠକ

ସମ୍ବଲପୁର,୨୪।୧୨(ବ୍ୟୁରୋ) ମାନେଶ୍ୱର ମାର୍କେଟୟାର୍ଡ ପରିସରରେ ବିଜେଡିର ବୈଠକ ଅନୁଷ୍ଠିତ ହୋଇଯାଇଛି । ରେଙ୍ଗାଲି ବିଧାୟକ ରମେଶ ପଟୁଆ ଏଥିରେ ଅଧକ୍ଷତା କରିଥିଲେ । ପ୍ରଥମେ ବିଜେଡି ନେତା ଏମଭି ପ୍ୟାରିରାଜଙ୍କୁ ମନେ ପକାଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଆର୍ତ୍ତତ୍ରାଣ ବାଗ, ମାନଭଞ୍ଜନ ପସାୟତ, ଗୋପ ରଞ୍ଜନ ପଣ୍ଡା, ରାମ ସାଗର ସାହୁ, ସନ୍ତୋଷ ପାଢ଼ୀ, ପ୍ରହଲାଦ ସୋହେଲା, ନିବୀନ ସିଂ, ବିଜୟ ସାହୁ, ନିରୋଜ ଦୀକ୍ଷିତ, ମଦନ ପୂଜାରୀ, ରାଜକୁମାର ମୁଣ୍ଡା, ଚିତ୍ତରଞ୍ଜନ ମୁଣ୍ଡା, ବିରଞ୍ଚି ଲୁହା, ଅଶ୍ୱିନୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗଣ୍ଡା ସମାଜ ବିକାଶରେ ସାମିଲ ହେବାକୁ ଆହ୍ୱାନ

ସମ୍ବଲପୁର,୨୪।୧୨(ବ୍ୟୁରୋ) ସିନ୍ଦୂରପଙ୍କରେ ଜିଲା ଲାଖ ଘର ଗଣ୍ଡା ସମାଜର ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ଭାବାନୀ ଶଙ୍କର ସୋହେଲା ସଭାପତିତ୍ୱ କରିଥିଲେ। ଗଣ୍ଡା ସମାଜ ପକ୍ଷରୁ ସମସ୍ତଙ୍କୁ ସମାଜର ବିକାଶରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା । ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଣ୍ଡିଆ, ହରିହର ମହାନନ୍ଦ, ପ୍ରଫୁଲ ମଗର, ଦେବାନନ୍ଦ ଭୋସାଗର, ଉପେନ୍ଦ୍ର ବାଗ, ତ୍ରିଲୋଚନ ମହାନନ୍ଦ, ସୁଶୀଲ ଚାନ୍ଦ, ସୁବାସ ସିଂ, ଦଳଗଞ୍ଜନ ହାତୀ, ପ୍ରୀତି ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### କାଳିଆ ଯୋଜନା ଏକ ନିର୍ବାଚନୀ ଚାଲ୍

ସମ୍ବଲପୁର, ୨୪।୧୨ (ବ୍ୟୁରୋ)– ଦୀର୍ଘ ବର୍ଷ ହେବ କୃଷି ଓ କୃଷକଙ୍କ ଅବସ୍ଥା ବିପର୍ଯ୍ୟୟ ହୋଇ ପଡିଛି । ୧୮ ବର୍ଷ ପରେ ରାଜ୍ୟ ସରକାର କୃଷକମାନଙ୍କ ନିମନ୍ତେ କାଳିଆ ଯୋଜନା ଘୋଷଣା କରିଛନ୍ତି । ଏହା ରାଜ୍ୟରେ କ୍ଷମତାସୀନ ବିଜେଡି ଦଳର ନିର୍ବାଚନୀ ଚାଲ୍। ସୋମବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲା ସମ୍ପାଦକ ନଟୁଗୋପାଳ ପାତ୍ର ଏକ ପ୍ରେସ ବିବୃତିରେ ଏହା କହିଛନ୍ତି।

# ମହଙ୍ଗା ପଡ଼ିଲା ଟଙ୍କା ଲୋଭ, ୩ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଡାକ୍ତରଖାନାରୁ ରବିବାର ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ସୋମବାର ତାଙ୍କୁ ଗିରଫ କରିଛି। ସେ ହେଲେ ଧନୁପାଲି ଥାନା ଅଧୀନ ସରଲାର ପ୍ରଶାନ୍ତ ପ୍ରଧାନ। ଅନ୍ୟ ପକ୍ଷେ ତାଙ୍କର ଦୁଇ ଜଣ ସହଯୋଗୀ ଯୁଯୁମୁରା ଥାନା ଡଙ୍ଗରପଡାର ଦଳଗଞ୍ଜନ ନାଏକ ଓ ରେଙ୍ଗାଲକାନୀର ପ୍ୟାରୀ ମୋହନ ପ୍ରଧାନଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଏ ନେଇ ଏକ ମାମଲ (ନଂ.୫୧୧/୧୮) ରୁଜୁ ହୋଇଛି। ଜଣେ ବ୍ୟକ୍ତିଙ୍କଠାରୁ ଏମାନେ ଠକି ନେଇଥିବା ୩୨ହଜାର ୫୨୦ ଟଙ୍କା ପୋଲିସ ଜବତ କରିଛି।

ଅନୁଗୋଳ ଜିଲା ଛେଣ୍ଡିପଦା ସମାଲମଲିହା ଗ୍ରାମର ଜିତେନ୍ଦ୍ର କୁମାର ନାଏକ ନିଜ ଭଉଣୀଙ୍କ ପାଇଁ କ୍ୟାନସର ଔଷଧ କିଣିବାକୁ ମେଡିକାଲ ପରିସର ଭିତରେ ଥିବା ତାରିଣୀ ମେଡିଶିନ ଦୋକାନକୁ ଆସିଥିଲେ । ହେଲେ ଔଷଧନ ଥିବା ଦୋକାନୀ କହିଥିଲେ । ସେ ଚିନ୍ତାରେ ଫେରୁଥିବା ସମୟରେ ପ୍ରଶାନ୍ତ ଦେଖି କାରଣ ପଚାରି ଥିଲେ। ଚିନ୍ତାର କାରଣ ଜଣାପଡିବା ପରେ ଡାକ୍ତରଙ୍କ ସହିତ ଭଲ ସମ୍ପର୍କ ରହିଛି। ସେ କ୍ୟାନସର ଔଷଧ ଯୋଗାଇ ଦେଇ ପାରିବେ ବୋଲି ଜିତେନ୍ଦ୍ରଙ୍କୁ କହିଥିଲେ। ଏହାପରେ ପ୍ରଶାନ୍ତ ନିଜ ଦୁଇ ଜଣ ସାଙ୍ଗ ପ୍ୟାରୀ ମୋହନ ଓ ଦଳଗଞ୍ଜନଙ୍କୁ ଡାକିଥିଲେ । ସେମାନେ ଔଷଧ ଆଣିଦେବାକୁ ୩୨ ହଜାର ୫୨୦ ଟଙ୍କା ନେଇଥିଲେ। ହେଲେ ଦୀର୍ଘ ସମୟ ଧରି ନ ଫେରିବାକରୁ ସନ୍ଦେହ ସୃଷ୍ଟି ହୋଇଥିଲା। ପ୍ରଶାନ୍ତଙ୍କୁ ଜିତେନ୍ଦ୍ର ଟଙ୍କା ମାଗିଥିଲେ। ଫଳରେ ଉଭୟଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା । ଏହି ଘଟଣା ସିଡିଏମଓ କଲ୍ୟାଣ କୁମାର ଗୁପ୍ତାଙ୍କ ପାଖରେ ପହଞ୍ଚିଥିଲା । ପରେ ପୋଲିସ ପହଞ୍ଚି ପ୍ରଥମେ ପ୍ରଶାନ୍ତ ଓ ପରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଟାଉନ ଥାନା ପରିସରରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ଏହି ସୂଚନା ଦେଇଛନ୍ତି।



ସମ୍ବଲପୁର ଟାଉନ ଥାନା ପରିସରରେ ପୋଲିସ ଅଧିକାରୀଙ୍କ ହେପାଜତରେ ୩ ଅଭିଯୁକ୍ତ।

## ରେଲୱେ ଜିଏମ୍‌ଙ୍କ ଗସ୍ତ ପୂର୍ବରୁ ତରବରିଆ କାମ

# ୨ ଦିନରେ ଉଠିଗଲା ପିଚୁ

ବାମରା, ୨୪।୧୨ (ସ୍ୱ.ପ୍ର.)

ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନ ବାମରା ରେଳ ଷ୍ଟେଶନଠାରେ ଜିଏମଙ୍କ ଗସ୍ତ ପୂର୍ବରୁ ତରବରିଆ ଭାବେ ସୌନ୍ଦର୍ଯ୍ୟକରଣ କରାଯାଉଛି। ସବୁ କାମ ଅତି ନିମ୍ନମାନର ହେଉଛି । ଏହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ବାମରା ରେଳ ଷ୍ଟେଶନ ପୂର୍ବ ଓ ପଶ୍ଚିମ ରେଳ ଫାଟକରେ। ଗତ ୨ଦିନ ତଳେ ଉଭୟ ଫାଟକଠାରେ ରାସ୍ତା ନିର୍ମାଣ ସହ ପିଚୁ କାର୍ଯ୍ୟ କରାଯାଇଥିଲା । ମାତ୍ର ରାସ୍ତା ନିର୍ମାଣର ୨ ଦିନ ନ ପୂରୁଣୁ ରାସ୍ତାରୁ ପିଚୁ ଉଠି ଗଲାଣି। ରାସ୍ତାଟି ପୁଣି ଥରେ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଆସନ୍ତା ଜାନୁୟାରୀ ୪ ତାରିଖ ଦିନ ଦକ୍ଷିଣ ପୂର୍ବ ରେଳୱେ ଜିଏମ ଝାରସୁଗୁଡା, ବାଗଡିହି ଓ ବାମରା ରେଳ ଷ୍ଟେଶନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଷ୍ଟେଶନ ଗୁଡିକ ସୌନ୍ଦର୍ଯ୍ୟକରଣ ଓ ମରାମତି କାର୍ଯ୍ୟ କରାଯାଉଛି । ବାମରା ରେଳ ଷ୍ଟେଶନରେ ମଧ୍ୟ ବିଭିନ୍ନ ନିର୍ମାଣ କାର୍ଯ୍ୟ ତରବରିଆ ଭାବରେ ହେଉଛି। ରେଳ ଷ୍ଟେସନ ଗୁଡିକୁ ଲାଗି ରହିଥିବା ବିଭିନ୍ନ ଫାଟକ (ଲେଭଲ କ୍ରସିଂ)ଠାରେ ରାସ୍ତା ନିର୍ମାଣ କରାଯାଇଥିଲା । ମାତ୍ର ଉକ୍ତ କାମ ଗୁଡିକ ଏତେ ନିମ୍ନମାନର ହୋଇଛି ଯେ, ରାସ୍ତା ନିର୍ମାଣ ୨ଦିନ ନ ପୂରୁଣୁ ରାସ୍ତାରୁ ପିଚୁ ଉଠି ଯାଇ ଅବସ୍ଥା ଯାହାକୁ ତାହା ହୋଇଛି । ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ କାମ ଗୁଡିକୁ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଝାରସୁଗୁଡା ଏଡିଇନ ମନୀଷ ଗୁପ୍ତାଙ୍କ ସହ ଯୋଗାଯୋଗ କରାଯିବାରୁ ଭାରି ଯାନ ଚଳାଚଳ ଯୋଗୁ ପିଚୁ ଉଠି ଯାଇଥିବ। ପୁଣି ଏହାକୁ ମରାମତି କରାଯିବ ବୋଲି କହିଥିଲେ ।

## ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ପ୍ରଫୁଲ୍ଲଙ୍କୁ ସହାୟତା ମିଳିଲା

ରେଢ଼ାଖୋଲ,୨୪।୧୨(ଡି.ଏନ.ଏ.)

ରେଢ଼ାଖୋଲ ବନଖଣ୍ଡ ବଡବାହାଲ ରେଞ୍ଜ ଅଧୀନତ୍ରିବଣପୁର ସେକ୍ସନର ଝମକରେଇ ଗ୍ରାମରେ ଗୁରୁବାର ରାତିରେ ଏକ ଦନ୍ତା ହାତୀ ପ୍ରଫୁଲ୍ଲ କୁଲୁଙ୍କ ଘର ଭାଙ୍ଗି ଦେଇଥିଲା। ଏହା ସହିତ ସେ ତାଙ୍କ ଭଉଣୀ ବାହାଘର କରାଇବାକୁ ଘରେ ରଖିଥିବା ଘରକରଣା ଜିନିଷପତ୍ର ମଧ୍ୟ ହାତୀଟି ଭାଙ୍ଗି ଦେଇଥିଲା। ଏ ନେଇ ପ୍ରଫୁଲ୍ଲ ବନ ବିଭାଗ ନିକଟରେ ଅଭିଯୋଗ କରଥିଲେ। ଡିଏଫଓ ସଂଗ୍ରାମ କେଶରୀ ବେହେରା ଜିଲାପାଳ ସମର୍ଥ ବର୍ମାଙ୍କ ସହ ଆଲୋଚନା କରିଥିଲେ। ଶେଷରେ ରେଡକ୍ରସ ପକ୍ଷରୁ ସୋମବାର ପ୍ରଫୁଲ୍ଲଙ୍କୁ ୨୦ ହଜାର ଟଙ୍କାର ତତ୍କାଳ ସହାୟତା ପ୍ରଦାନ କରାଯାଇଛି। ଉପଜିଲାପାଳ ବିଶିକେସନ ଦେହୁରୀ ପ୍ରଫୁଲ୍ଲଙ୍କୁ ୨୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ବଡବାହାଲ ରେଞ୍ଜର ଦିଲ୍ଲୀପ ଧଳ, ତ୍ରିବଣପୁର ଫରେଷ୍ଟର ବେଣୁଧର ବେହେରା ଏହି ସମୟରେ ଉପସ୍ଥିତ ଥିଲେ।



ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ପ୍ରଫୁଲ୍ଲଙ୍କୁ ଉପଜିଲାପାଳ ସହୟତା ପ୍ରଦାନ କରୁଛନ୍ତି ।

# ସୋନପୁରକୁ ହରାଇ ବୀରମହାରାଜପୁର ସେମିଫାଇନାଲରେ

ରେଢ଼ାଖୋଲ/ଅମରପାଲି,୨୪।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବଡମାଳ ହାଇସ୍କୁଲ ପଡିଆରେ ଚାଲିଥିବା ୧୮ ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ସୋନପୁରକୁ ହରାଇ ବୀରମହାରାଜପୁର ସେମିଫାଇନାଲକୁ ପ୍ରବେଶ କରିଛି। ବୀରମହାରାଜପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୩ ରନ କରିଥିଲା। ଦଳ ପକ୍ଷରୁ ଯଦୁଲାଲ ନନ୍ଦ ୩୪ ବଲ ଖେଳି ୬୯ ରନ ସଂଗ୍ରହ କରିଥିଲେ। ଶଶାଙ୍କ ଚନ୍ଦ୍ର କର ୨୭ ବଲରୁ ୪୨ ରନ ସଂଗ୍ରହ କରିଥିଲେ। ଏସ୍‌ଡିସିଏ ସୋନପୁର ଦଳର ଆକାଶ ପାତ୍ର ୩ଟି ଓ ଆଦିତ୍ୟ ୨ ଟି ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳର ରୋଶନ ୨୫ ବଲରୁ ୬୬ ରନ ଓ ସୌମ୍ୟ ୨୨ ବଲରୁ ୨୪ ରନ ସଂଗ୍ରହ କରିଥିଲେ। ବୀରମହାରାଜପୁର ଦଳର ଅଜୟ ଓ ତୁଷାର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ଗୁପ୍ତେଶ୍ୱର ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୀରମହାରାଜପୁର ଦଳର ଯଦୁଲାଲ ନନ୍ଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରି ପୁରସ୍କୃତ କରାଯାଇଥିଲା। ପ୍ରଦୀପ ବିଶ୍ୱାଳ ଓ ଦେବେନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ। ରାଜକିଶୋର ପ୍ରଧାନ ସ୍କୋରର ଥିଲେ।



# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ,୨୪।୧୨(ସ୍ୱ.ପ୍ର)

ଜିଲାର ବାରକୋଟ ବ୍ଲକର ଡଅଁରା ଗ୍ରାମପଞ୍ଚାୟତରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଗ୍ରହଣ କରାଯାଇଥିବା ୧୬୬ଟି ଦରଖାସ୍ତର ଶୁଣାଣି କରି ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ତତ୍‌କ୍ଷଣାତ୍ ୪୪ଟି ଦରଖାସ୍ତର ଶୁଣାଣି କରାଯାଇ ଏହାର ସମାଧାନ କରାଯାଇଥିଲା । ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକ ମଧ୍ୟରୁ ୧୪୦ଟି ବ୍ୟକ୍ତିଗତ ଥିବାବେଳେ ୨୬ଟି ସାମୁହିକ ସମସ୍ୟା ଉପରେ ଆଧାରିତ ଥିଲା। ଜିଲାପାଳ ରେଡକ୍ରସ ପାଣ୍ଠିରୁ ବସାଲଇ ଗ୍ରାମର ବୁଦ୍ଧଦେବ ବେହେରାଙ୍କୁ ୨ହଜାର ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବାସୁପାଲିର ମିନା ପାତ୍ରଙ୍କୁ ୮ହଜାର, ବିଜୟନଗରର ପ୍ରେମାନନ୍ଦ ବେହେରାଙ୍କୁ ୫ହଜାର, ବଡଝୁମ୍ପୁରାର ନନ୍ଦ ପାତ୍ରଙ୍କୁ ୮ହଜାର, ଗୋପୁରର ସୁଧୀର ପ୍ରଧାନଙ୍କୁ ୮ହଜାର, ଢୋଲପଡାର ପୂର୍ଣ୍ଣଚନ୍ଦ୍ର ସୁନେଲଙ୍କୁ ୮ହଜାର, ଚକ୍ରାପାଲିର ରିନା ପରିଡାଙ୍କୁ ୫ହଜାର ଏବଂ ଗଙ୍ଗାନାଳୀ ଗ୍ରାମର ଝୁନୁ ଦାସଙ୍କୁ ୮ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ଶିବିରରେ ଉପସ୍ଥିତ ଜନସାଧାରଣ ଇନ୍ଦିରା ଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଘରଡିହ, ଜମି କ୍ଷତିପୂରଣ, ପାନୀୟ ଜଳଯୋଗାଣ, ଗଭୀର ନଳକୂପରେ ବିଦ୍ୟୁତ ସଂଯୋଗ, କଳାକାର ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ରାସ୍ତା ଚିହ୍ନଟ, ଋଣ ଯୋଗାଇବା, ବାସଚ୍ୟୁତ ପରିବାରକୁ ଜମି ପଟା, ଅନ୍ତ୍ୟୋଦୟ ଚାଉଳ, ଇନ୍ଦିରା ଆବାସ ବିଲ, ଚେକ୍‌ଡ୍ୟାମ ନିର୍ମାଣ, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ, ଗଭୀର ନଳକୂପ ଖନନ ଓ ଗ୍ରାମୀଣ ବିଦ୍ୟୁତ୍‌କରଣ ଆଦି ବିଷୟଗୁଡିକ ଉପରେ ଦରଖାସ୍ତ ମାଧ୍ୟମରେ ଜିଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ଶିବିରରେ ଜିଲା ଏସ୍‌ପି. ଅନୁପମା ଜେମ୍ସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ,ଡିଆରଡିଏ ସୁଶାନ୍ତ ଦେବକି ପଟେଲ, ଆସିଷ୍ଟାଣ୍ଟ କଲେକ୍ଟର ଲିଳାବତୀ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ବିଜେଡିର ୱାର୍ଡ କମିଟି କର୍ମଶାଳା

ବାରକୋଟ, ୨୪।୧୨ (ଡି.ଏନ.ଏ)

ଦେବଗଡ ଜିଲା ବିଜେଡି ପକ୍ଷରୁ ବାରକୋଟ ଜୋନ–୧ର ୱାର୍ଡ କମିଟି କର୍ମଶାଳା ସୋମବାର କଣ୍ଟଲଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜେଡି ସଭାପତି ସୁଧିର କୁମାର କପରଦାର ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ବିଜେଡି ଉପ ସଭାପତି ଦେବେନ୍ଦ୍ର ବେହେରା, ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ନିବେଦିତା ନାୟକ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ଭୁପେନ୍ଦ୍ର ପ୍ରସାଦ ନାୟକ, ଇଂ. ଚିତ୍ତରଞ୍ଜନ ପ୍ରଧାନ, ଇଂ. ପ୍ରକାଶ ଚନ୍ଦ୍ର ପ୍ରଧାନ, ଜୋନ–୧ ସଭାପତି ଭୁବନେଶ୍ୱର ପ୍ରଧାନ, କଣ୍ଟଲ ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ, ବିଭୁତି ଗଙ୍ଗଦେବ, ପ୍ରସନ୍ନ ନାଏକ, କାଉଁଶିବାହାଲ ସମିତି ସଭ୍ୟ ନବକିଶୋର ବେହେରା ପ୍ରମୁଖ ମଞ୍ଚାସୀନ ରହି ୱାର୍ଡ ସ୍ତରରୁ ଆସିଥିବା କର୍ମୀମାନଙ୍କୁ ଦଳୀୟ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ । ଜୋନ–୧ର ୭ ଗୋଟି ଗ୍ରାମ ପଞ୍ଚାୟତରୁ ଆସିଥିବା କର୍ମୀମାନେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡିକୁ ଲୋକଙ୍କ ପାଖରେ ଜଣାଇବାକୁ ସଭାପତି କପରଦାର ପରାମର୍ଶ ଦେଇଥିଲେ।

# ଜନ୍ମରୁ ଜୁଇ ନାରୀ ପ୍ରତି ମୁହୂର୍ତ୍ତରେ ନିର୍ଯାତିତା

ନାକଟିଦେଉଳ,୨୪।୧୨(ଡି.ଏନ.ଏ.)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ସୋମବାର କଲେଜ ପରିସରରେ ମହିଳାମାନଙ୍କର ଆଇନଗତ ଅଧିକାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଲିଖିତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ସ୍ନାତକ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଯୁକ୍ତ ଦୁଇ କଲେଜର ପଦାର୍ଥ ବିଜ୍ଞାନ ଅଧାପକ ସଞ୍ଜୀବ କୁମାର ଦାଶ ଯୋଗଦେଇ ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ପ୍ରତି ମୁହୂର୍ତ୍ତରେ ନିର୍ଯାତିତ ହେଉଛି। ନିଜ ବାପା, ଭାଇ, ସ୍ୱାମୀ ପ୍ରଥମେ ନାରୀକୁ ଆଇନଗତ ଅଧିକାରରୁ ବଞ୍ଚିତ କରୁଛନ୍ତି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାରୀ ନିଜ ଅଧିକାରରୁ ବଞ୍ଚିତ ହେଉଛି । ତେଣୁ ନାରୀ ସମାଜ ନିଜର ଅଧିକାର ବିଷୟରେ ସଚେତନ ହେଲେ ଏହି ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ଉପଯୁକ୍ତ ଅଧିକାର ପାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ । ଅଧ୍ୟକ୍ଷ ସୁଧୀର କୁମାର ସାହୁ କହିଲେ ଯେ ବାହାଘର ପୂର୍ବରୁ ଝିଅଟିଏ ବାପ ଘରେ ବଞ୍ଚଛି। ବାହାଘର ପରେ ଶାଶୁ ଘରକୁ ଯିବା ଦିନଠାରୁ ଜୀବନ ସଂଗ୍ରାମ ଆରମ୍ଭ ହେଉଛି । ସେଠାରେ ସେ ନିର୍ଯାତିତା, ଲାଞ୍ଛିତା, ଅବହେଳିତା ହେଉଛି । ଏ ବାବଦରେ ପ୍ରତିଦିନ ଗଣମାଧ୍ୟମରେ ଦେଖିବାକୁ ମିଳୁଛି । ତେଣୁ ପ୍ରତିଟି ନାରୀ ନିଜର ଆଇନଗତ ସୁରକ୍ଷା ସମ୍ପର୍କରେ ସଚେତନ ହେଲେ ନିଜ ଅଧିକାରରୁ ବଞ୍ଚିତ ହେବେ ନାହିଁ ବୋଲି ପ୍ରକାଶ କରିଥିଲେ । ଇତିହାସ ବିଭାଗ ଅଧାପକ ଦେବେଶ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଓଡ଼ିଆ ବିଭାଗ ଅଧାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ । ରାଜନୀତି ବିଜ୍ଞାନର ଅଧାପିକା ଲିଟିନା ପ୍ରିୟଦର୍ଶିନୀ, ରସାୟନ ବିଜ୍ଞାନର ଅଧାପିକା ସୁଇଟି ପ୍ରଧାନଙ୍କ ସମେତ ପ୍ରାୟ ୧୩୪ ଜଣ ଛାତ୍ରୀ ମହିଳାମାନଙ୍କ ଆଇନଗତ ସୁରକ୍ଷା ଉପରେ ଏକ ଲିଖିତ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ସୁଗୁଡ଼ା ଗ୍ରାମରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

ଦେବଗଡ଼, ୨୪।୧୨(ସ୍ୱ.ପ୍ର.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ ଓ ସୁଗୁଡାର ନେତାଜୀ କ୍ଲବ ମିଳିତ ଆନୁକୂଲ୍ୟରେ ସୁଗୁଡା ଗ୍ରାମର ଅପୂର୍ବ ସରକାରୀ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା । ଯୁବ କେନ୍ଦ୍ରର ଜିଲା ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧକ୍ଷତାରେ ଉକ୍ତ କାର୍ଯ୍ୟକ୍ରମରେ ଦଣ୍ଡ ନୃତ୍ୟ, ସଂକୀର୍ତ୍ତନ୍ୟ, ଲୋକନୃତ୍ୟ, ଲୋକବାଦ୍ୟ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦେବକୀ ଓଡା, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ଦାଶରଥୀ ପ୍ରଧାନ କ୍ଲବର ସଭାପତି ସୋନୁ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଗ୍ରାମ୍ୟ କମିଟିର ସମ୍ପାଦକ ବିଷ୍ଣୁପ୍ରସାଦ ସାହୁ, କୋମଳ ଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ କଳାକାରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ଧରଣୀଧର ସାହୁ, ପରେଶ କୁମାର ପ୍ରଧାନଙ୍କ ସମେତ ନେହେରୁ ଯୁବକ କେନ୍ଦ୍ରର ସ୍ୱେଚ୍ଛାସେବୀ ନିରୁପ ଦାସଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।




ସୁଗୁଡାରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କୁ ପୁରସ୍କୃତ କରାଯାଉଛି।

## ୨୯ତମ ବାମଣ୍ଡା କ୍ରିକେଟ କପ୍ ଉଦ୍‌ଘାଟିତ

# ରାଇଜିଂ ଷ୍ଟୁଡେଣ୍ଟ କଟକ ବିଜୟୀ

ଦେବଗଡ, ୨୪।୧୨(ସ୍ୱ.ପ୍ର)

ବାମଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ସୋମବାର ଉଦଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚ କଟକର ରାଇଜିଂ ଷ୍ଟୁଡେଣ୍ଟ ଏବଂ ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ସମ୍ବଲପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ରାଇଜିଂ ଷ୍ଟୁଡେଣ୍ଟ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଭିନାଶ ନାୟକ ସର୍ବାଧିକ ୬୫ ରନ କରିଥିବାବେଳେ ନିଶିକାନ୍ତ ୪୭ ଓ ଗିରିଜା ବାରିକ ୪୫ ରନ କରିଥିଲେ । ସମ୍ବଲପୁରର ରାହୁଲ ବିଶ୍ୱକର୍ମା ୩ ଟି ଉଇକେଟ ନେଇଥିଲେ । ସମ୍ବଲପୁର ଦଳ ୧୯୯ ରନ୍ ର ବିଜୟଲକ୍ଷ୍ୟ ନେଇ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ୍‌ରେ ଅଲଆଉଟ ହୋଇଥିଲା । ଫଳରେ କଟକ ୧୧୬ ରନରେ ବିଜୟଲାଭ କରିଥିଲା। ଅବିନାଶ ନାଏକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ଲବ୍‌ର ସଭାପତି ନବୀନ ପାଣିଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ଜିଲା ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷ, କ୍ଲବର ପ୍ରତିଷ୍ଠାତା ପ୍ରଣବ କୁମାର ପ୍ରଧାନ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ ପ୍ରମୁଖ ଯୋଗଦେଇ ଫିତାକାଟି ଟୁର୍ନାମେଣ୍ଟକୁ ଉଦଘାଟନ କରି ଖେଳାଳି ତଥା ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ । କ୍ଲବର ଉପାଧକ୍ଷ ଅଶୋକ ନନ୍ଦଙ୍କ ପରିଚାଳନାରେ କ୍ଲବ୍ ସମ୍ପାଦକ ଇଂ ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପ–ସଭାପତି ସତ୍ୟ ନାରାୟଣ ପାଣି, ମୋତିଲାଲ ଶର୍ମାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ମ୍ୟାଚ୍‌କୁ ଓ.ସି.ଏ. ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ପରାଶର ବିଶ୍ୱାଳ, ସତ୍ୟ ପ୍ରକାଶ ରଥ ପ୍ରମୁଖ ପରିଚାଳନା କରିଥିଲେ । ସ୍କୋରର ମନୋଜ ସେଠୀ ଏବଂ ବେଣୁଧର ଗଡନାୟକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ମଙ୍ଗଳବାର ୟୁନିୟନ ସ୍ପୋର୍ଟିଂ କଟକ ଏବଂ ଜିମଖାନା ରାଉରକେଲା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବବୋଲି କମିଟି ସୂଚନା ଦେଇଛି।



ଫିତାକାଟି ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ବାଲେଶ୍ୱର ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ



## ଏଫଏମ୍ ମେଡିକାଲ କଲେଜ, ହସ୍ପିଟାଲ

ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେପ୍ଟେମ୍ବର ୩ ତାରିଖରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ମେଡ଼ିକାଲ କଲେଜ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଏହି ଲୋକାର୍ପଣ ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଓ ଅନ୍ୟତମ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଅର୍ଜୁନ ଚରଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଲୋକାର୍ପଣ ଉତ୍ସବ ପୂର୍ବରୁ ମେଡିକାଲ କଲେଜର ସୁରମ୍ୟ ଫାଟକ ଏବଂ ପରିସରରେ ନିର୍ମିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଅନାବରଣ କରିଥିଲେ। ପରେ ମେଡିକାଲ କଲେଜରେ ପ୍ରଥମ ବ୍ୟାଚରେ ନାମ ଲେଖାଇଥିବା ୧୪ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇ ସେମାନଙ୍କ ଗହଣରେ କିଛି ସମୟ ବିତାଇଥିଲେ। ଏହା ବିଦ୍ୟାର୍ଥୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା।

## ଏମ୍ସ ସାଟେଲାଇଟ୍ ସେଣ୍ଟର ଶିଳାନ୍ୟାସ

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ଉପକେନ୍ଦ୍ର ଭାବେ ବାଲେଶ୍ୱରଠାରେ ପ୍ରସ୍ତାବିତ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା ଲାଗି ଅଗଷ୍ଟ ୨୫ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ବାଲେଶ୍ୱର ଜିଲା ରେମୁଣା ବ୍ଲକ ବାମପଦାସ୍ଥିତ ୧୬ନଂ. ଜାତୀୟ ରାଜପଥ ନିକଟସ୍ଥ ଏମ୍ସ ପଡ଼ିଆରେ ଏହି ସେଣ୍ଟର ନିର୍ମାଣ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ଜିଲାର ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିଥିଲେ।

# ଝୁଡ଼ିଗଲା। ନିଷ୍ପାପ ଜୀବନ

ସେଦିନ ଥିଲା ଜୁଲାଇ ୧୯ ତାରିଖ। ଅପରାହ୍ନ ସାଢେ ୪ଟା। ରାଣୀତଲାଓ ହାଇସ୍କୁଲ ଛୁଟି ହେବା ପରେ ପିଲାମାନେ ଖୁସି ମନରେ ଘରକୁ ଫେରୁଥିଲେ। କିଛି ସମୟ ପରେ ଘରେ ପହଞ୍ଚି ବି ଯାଇଥାନ୍ତେ। ହେଲେ ନିମିଷକ ମଧ୍ୟରେ ସବୁକିଛି ଓଲଟପାଲଟ ହୋଇଗଲା। ରାହାଞ୍ଜି ଛକ ନିକଟରେ ଦ୍ରୁତଗାମୀ ଟ୍ରକ ଚକ ତଳେ ଚାପି ହୋଇ ଚାଲିଗଲା ୫ ଛାତ୍ରୀଛାତ୍ରଙ୍କ ଜୀବନ। ୧୬ ନମ୍ବର ଜାତୀୟ ରାଜପଥରେ ଏଭଳି ଦୁର୍ଘଟଣା ହଠାତ୍ ଜନମାନସକୁ ଚହଲାଇ ଦେଇଥିଲା। ଏହି ଘଟଣା ପରେ ଲୋକେ ଉତ୍ତ୍ୟକ୍ତ ହୋଇ ଲଙ୍କାକାଣ୍ଡ ଘଟାଇଥିଲା। ସେମାନେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜାଳିଦେଇଥିଲେ। ମୃତକଙ୍କ ମଧ୍ୟରେ ୩ ଛାତ୍ରୀ ଓ ୨ ଛାତ୍ର ଥିଲେ। ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଥିଲା।



## ତାଳସିଠା ଡବଲ ମର୍ଡର

ଜୁଲାଇ ୩୧ ତାରିଖରେ ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ତାଳସିଠା ଗ୍ରାମରେ ଘଟିଥିଲା ପ୍ରତିଶୋଧ ପାଇଁ ହତ୍ୟାକାଣ୍ଡ। ବିଶ୍ୱାସରେ ବିଷ ଦେଇ ଧରମ ପୁଅ ସାଜିଥିଲା ହତ୍ୟାକାରୀ। ସେ ପ୍ରଥମେ ଧରମ ବାପାଙ୍କୁ ଅପହରଣ କରିନେଇ ହତ୍ୟା କରି ମା' କାଳିନ୍ଦ୍ରାପୀଠ ପଛପାଖ କେନାଲକୁ ଫିଙ୍ଗି ଦେଇଥିଲେ। ସେଠାରୁ ଆସି ଧରମ ମା'ଙ୍କୁ ତାଙ୍କ ଘରେ ଶିଳପୁଆରେ ଛେଚି ହତ୍ୟା କରିବା ପରେ ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା ଉଦ୍ୟମ କରିଥିଲେ। ପଡୋଶୀମାନେ ପହଞ୍ଚିବା ପରେ ଅଭିଯୁକ୍ତ ସେଠାରୁ କୌଶଳକ୍ରମେ ଖସି ପଳାଇଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ନରହନ୍ତା ଗୋପୀନାଥ ମହାନ୍ତିଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା। ଏହି ଘଟଣା ସେତେବେଳେ ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।

## ଓଡ଼ିଶାରେ ପ୍ରଥମ ୨୦ ବିରାଟ ଶାଳଗଛର ପୁନଃରୋପଣ



ମୟୂରଭଞ୍ଜ ଜିଲାରେ ଏ ବର୍ଷ ହୋଇଥିଲା ବିରାଟ ଶାଳଗଛର ପୁନଃରୋପଣ। ଏହା ଥିଲା ଓଡିଶାରେ ପ୍ରଥମ ଘଟଣା। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ବାରିପଦା ବନଖଣ୍ଡ ଅଧୀନ ବେତନଟୀ ବନାଞ୍ଚଳରେ ଜାନୁୟାରୀ ୧୧ ତାରିଖରେ ୨୦ଟି ବିଶାଳ ଶାଳଗଛର ପୁନଃରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

ଆଉ ଦିନ କେଇଟା ପରେ ମେଲାଣି ନେବ ୨୦୧୮। ଆସିବ ୨୦୧୯ର ନୂଆ ସକାଳ। କ୍ୟାଲେଣ୍ଡର ପୃଷ୍ଠାରେ ଯୋଡିହେବ ନୂତନ ଫର୍ଦ୍ଦ। ନୂତନ ଆଶା, ବିଶ୍ୱାସ ନେଇ ସମସ୍ତେ ସ୍ୱାଗତ କରିବେ ନୂଆବର୍ଷକୁ। ହେଲେ ପଛରେ ରହିଯିବ କେତେକ ଅଭୁଲା ଘଟଣା, ଦୁର୍ଘଟଣା। ବିଗତ ବର୍ଷ ଉତ୍ତରଓଡ଼ିଶା ଦୃଶ୍ୟପଟରେ କେତେକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଥିବା ବେଳେ ଆଉ କେତେକ ଛାତିଥରା ଘଟଣା ଘଟିଯାଇଛି, ଯାହାକି ଉତ୍ତରଓଡ଼ିଶାବାସୀଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡିଯାଇଛି। ସଫଳତା କ୍ଷେତ୍ରରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଉଦ୍‌ଘାଟନ, ଏମ୍ସ ସାଟେଲାଇଟ୍ ସେଣ୍ଟର ଶିଳାନ୍ୟାସ ଯେତିକି ଗୌରବାନ୍ୱିତ କରିଛି, ଭଦ୍ରକର ରାହାଞ୍ଜିଛକରେ ଟ୍ରକ ଧକ୍କାରେ ଚାଲିଯାଇଥିବା ୫ ନିଷ୍ପାପ ଛାତ୍ରୀଛାତ୍ରଙ୍କ ଜୀବନ ଆଜିବି ହୃଦୟକୁ ଆନ୍ଦୋଳିତ କରି ରଖିଛି। ସେହିଭଳି ଭଦ୍ରକ ଜିଲା ଧାମନଗର ତାଳସିଠା ଗାଁରେ ଧରମପୁଅ ଦ୍ୱାରା ସଙ୍ଗଠିତ ପ୍ରତିଶୋଧପରାୟଣ ହତ୍ୟାକାଣ୍ଡ ହେଉ କି ଜିଲାର ବିଭିନ୍ନ ସ୍ଥାନରେ ଶହ ଶହ ନାଗ ବାହାରିବା ଘଟଣା ବେଶ୍ କିଛି ଦିନ ଆତଙ୍କ ସୃଷ୍ଟି କରିଥିଲା। ୨୦୧୮ ବର୍ଷରେ ଘଟିଥିବା ଏଭଳି କିଛି ଘଟଣା, ଦୁର୍ଘଟଣାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା....



## ଚର୍ଚ୍ଚିତ ହତ୍ୟାକାଣ୍ଡ

### ଗ୍ୟାଙ୍ଗଷ୍ଟର୍ କୁନୁ ପଣ୍ଡାଙ୍କୁ ହତ୍ୟା

ବର୍ଷ ଆରମ୍ଭରୁ ବାଲେଶ୍ୱର ସହରରେ ଘଟିଥିଲା ହତ୍ୟାକାଣ୍ଡ। ଜାନୁୟାରୀ ୨୪ ତାରିଖରେ ଗ୍ୟାଙ୍ଗଷ୍ଟର୍ କୁନୁ ଓରଫ୍ ତନ୍ମୟ ପଣ୍ଡାଙ୍କୁ ୧୦ ଜଣ ଦୁର୍ବୃତ୍ତ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୮ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଆସାମୀଙ୍କୁ ପୋଲିସ ଧରିବାରେ ଏଯାଏ ସଫଳ ହୋଇପାରିନାହିଁ।

## ଖସିଲା ବିମାନ

ସେଦିନ ଥିଲା ମାର୍ଚ୍ଚ ୨୦ ତାରିଖ। ସମୟ ମଧ୍ୟାହ୍ନ ୧୨ଟା ୩୬ରୁ ୧୨ଟା ୪୦ ମିନିଟ୍। ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ସୁବର୍ଣ୍ଣରେଖା ନଦୀକୁ ଖସି ପଡିଲା ଏକ ବିମାନ। ବିମାନଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବା ବେଳେ ପାଇଲଟ କିନ୍ତୁ ପାରାସୁଟ ସାହାଯ୍ୟରେ ତଳକୁ ଡେଇଁ ନିଜ ଜୀବନ ବଞ୍ଚାଇ ପାରିଥିଲେ। ପରେ ଏହା ପ୍ରଶିକ୍ଷଣ କାର୍ଯ୍ୟରେ ନିୟୋଜିତ ଥିବା ଭାରତୀୟ ବାୟୁସେନାର ଏକ ଆଡଭାନ୍ସଡ୍ ଜେଟ ବିମାନ ବୋଲି ଜଣାପଡିଥିଲା। ପଶ୍ଚିମବଙ୍ଗର କାଲାଇକୁଣ୍ଡା ଏୟାର ବେସରୁ ନିୟମିତ ଅଭ୍ୟାସ ଲାଗି ଉଡାଣ ଆରମ୍ଭ କରିଥିବା ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।



## ବାଲେଶ୍ୱର ଗୌରବ ଅଞ୍ଜଳି, ପ୍ରଜ୍ଞାପ୍ରଶାନ୍ତି

ଚଳିତବର୍ଷ ବାଲେଶ୍ୱର ଜିଲା ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଅଞ୍ଜଳି ସିଂ ଓଡ଼ିଶାର ୨୩ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ୍ ଦଳର ଅଧିନାୟିକା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେହିପରି ରେମୁଣା ମହାବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାପ୍ରଶାନ୍ତି ସାହୁ ମେ' ୫ ଓ ୬ ତାରିଖରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋଠାରେ ଅନୁଷ୍ଠିତ ସାଉଥ୍ ଏସିଆନ୍ ଜୁନିଅର ଆଥ୍‌ଲେଟିକ୍ ଚାମ୍ପିୟନ୍‌ସିପ୍‌ରେ ଭାଗ ନେଇ ଶହେ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ହାସଲ କରିଥିଲେ।

ଅଞ୍ଜଳିଙ୍କର ପିଲାଟି ଦିନରୁ ଦୁଇଭାଇଙ୍କ ସହ କ୍ରିକେଟ୍ ଖେଳିବା ଆଗ୍ରହ ବଢିଥିଲା। ମା'ବାପା ଝିଅର କ୍ରିକେଟ୍ ଖେଳ ପ୍ରତି ଆଗ୍ରହକୁ ଲକ୍ଷ୍ୟ କରି ଜଗତ୍ କ୍ରିକେଟ୍ ଏକାଡ଼େମୀରେ ୨୦୦୯ ମସିହାରେ ପ୍ରଶିକ୍ଷଣ ନେବା ପାଇଁ ପଠାଇଥିଲେ।

ସେହିପରି ବସ୍ତା ବ୍ଲକ ଟିକରପଡ଼ା ଗ୍ରାମର ପ୍ରଜ୍ଞାପ୍ରଶାନ୍ତି ରେମୁଣା ଡିଗ୍ରୀ କଲେଜ ଯୁକ୍ତ ୩ ପ୍ରଥମବର୍ଷର ଛାତ୍ରୀ। ସେ କଲମ୍ବୋଠାରେ ଅନୁଷ୍ଠିତ ସାଉଥ୍ ଏସିଆନ୍ ଜୁନିଅର ଆଥ୍‌ଲେଟିକ୍ ଚାମ୍ପିୟନ୍‌ସିପ୍‌ରେ ୧୪.୯୮ ସେକେଣ୍ଡରେ ନିର୍ଦ୍ଧାରିତ ଦୂରତାକୁ ଅତିକ୍ରମ କରି ବିରଳ ରେକର୍ଡ଼ ହାସଲ କରିଥିଲେ। ସେ ରାଜ୍ୟର ଦ୍ୱିତୀୟ ମହିଳା ହର୍ଡଲର୍ ଭାବେ ଏହି ଆନ୍ତର୍ଜାତିକ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ଏପ୍ରିଲ ୨୧ ତାରିଖରେ ତାମିଲନାଡୁର କୋଏମ୍ବାଟୁରଠାରେ ଅନୁଷ୍ଠିତ ୧୬ତମ ଜାତୀୟ ଜୁନିୟର ଫେଡ଼େରେଶନ କପ୍ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ମଧ୍ୟ ରୌପ୍ୟପଦକ ହାସଲ କରି କ୍ରୀଡ଼ା ଜଗତରେ ଉଜ୍ଜ୍ୱଳ ଜ୍ୟୋତି ପାଲଟିଥିଲେ।



ଅଞ୍ଜଳି ସିଂ



ପ୍ରଜ୍ଞାପ୍ରଶାନ୍ତି ସାହୁ

## ନାଗ ଆତଙ୍କ



ଭଦ୍ରକ ଜିଲାର ଧାମନଗର ସମେତ ଭଣ୍ଡାରିପୋଖରୀ ବ୍ଲକରେ ଜୁନ୍ ମାସରେ ଦେଖାଦେଇଥିଲା ନାଗ ଆତଙ୍କ। ଧାମନଗର ଶ୍ୟାମପୁର ପାଇକସାହିର ଜଣେ ବ୍ୟକ୍ତିଙ୍କ ପୁରୁଣା ମାଟି ଘରୁ ୧୩୨ରୁ ଊର୍ଦ୍ଧ୍ୱ ନାଗଛୁଆ, ୩ଟି ନାଗନାଗୁଣୀ ଏବଂ କଣ୍ଟାବଣିଆ ଗାଁରୁ ୧୫ ନାଗଛୁଆ ଉଦ୍ଧାର ହୋଇଥିଲା। ଏହାର ଦିନକ ପରେ ଜିଲା ସଦରମହକୁମା ଉପକଣ୍ଠ ନଳାଙ୍ଗ ଗ୍ରାମର ଜଣେ ଶିକ୍ଷକଙ୍କ ଘରୁ ୨୦ ଅଣ୍ଡା ସହ ୮ ନାଗ ଉଦ୍ଧାର କରାଯାଇଥିଲା। ସେହିଭଳି ନଳାଙ୍ଗ କୁମ୍ଭାରସାହି ଜଗବନ୍ଧୁ ପାଣିଙ୍କ ଘରୁ ୧୧ ନାଗଛୁଆ ଓ ୨୪ ଅଣ୍ଡା ଖୋଳପା ଉଦ୍ଧାର ହେବା ପରେ ନାଗସାପକୁ ନେଇ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ଏହି ଆତଙ୍କରୁ ବର୍ତ୍ତିବା ପାଇଁ କେତେକ ଅଞ୍ଚଳରେ ଉଇହୁଙ୍କା ମୂଳରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା।

## ଗିରଫ ହେଲେ ମନ୍ତ୍ରୀଙ୍କ ପୁଅ

ପୋଲିସକୁ ଆକ୍ରମଣ ଅଭିଯୋଗରେ ସେପ୍ଟେମ୍ବର ୧୯ରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ସେ ବିଚାର ବିଭାଗୀୟ ହାଜତରେ ୨ ମାସ ରହିବା ପରେ ଉଚ୍ଚ ନ୍ୟାୟାଳୟରୁ ସର୍ତ୍ତମୂଳକ ଜାମିନ ପାଇ ମୁକୁଳିଥିଲେ। ରାମଚନ୍ଦ୍ରପୁର ଥାନା ପୋଲିସ ଏକ ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପଦନା ଗ୍ରାମକୁ ଯାଇଥିଲା। ପୋଲିସକୁ ଆକ୍ରମଣ କରି ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ଘଟଣାରେ ଦେବାଶିଷଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା।

## ହାତୀ ପାରିଲେ, ପଲେ

ଚଳିତବର୍ଷ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ଝାଡଖଣ୍ଡ ହାତୀ ଉପଦ୍ରବ ଚଳାଇ ତାଣ୍ଡବ ରଚିଥିଲେ। ହାତୀ ଆକ୍ରମଣରେ କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ୨ଜଣଙ୍କ ପ୍ରାଣହାନୀ ଘଟିଥିଲା। ଅପରପକ୍ଷେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏବଂ ଟ୍ରେନ ଧକ୍କାରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ୩ ହାତୀଙ୍କ ଜୀବନ ଯାଇଛି। ବାରିପଦା ବନଖଣ୍ଡ ଅଧୀନ ଦେଉଳୀ ରେଞ୍ଜ ଅନ୍ତର୍ଗତ ଚାନ୍ଦୁଆ ବିଟର ସୁନାପୋଷି ଜଙ୍ଗଲରେ ଗତ ନଭେମ୍ବର ୧୪ତାରିଖରେ ୧୧ କେଭି ଲାଇନ ସଂସ୍ପର୍ଶରେ ଆସି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ସେହିପରି ନଭେମ୍ବର ୨୧ରେ କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ନିକଟରେ ୮ ହାତୀ ରେଳଲାଇନ ପାର ହେଉଥିବା ବେଳେ ଏକ ମାଈ ହାତୀ ଉପରେ ଟ୍ରେନ୍ ଚଢି ଯାଇଥିଲା। ସେଠାରେ ହିଁ ସେହି ହାତୀ ଟଳି ପଡ଼ିଥିଲା। ଏହାବ୍ୟତୀତ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ଚଳିତବର୍ଷ ଅକ୍ଟୋବର ୩୧ତାରିଖରୁ ଝାଡ଼ଖଣ୍ଡ ରାଜ୍ୟ ଦଳମା ଜଙ୍ଗଲରୁ ବାରମ୍ବାର ହାତୀପଲ ଆସି ଘରଦ୍ୱାର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରିଥିଲେ। ଅନ୍ୟପକ୍ଷରେ ବନବିଭାଗ ଓ ଜିଲା ପ୍ରଶାସନ ତରଫରୁ ହାତୀ-ମଣିଷଙ୍କୁ ସୁରକ୍ଷା ଦେବା ଚକ୍କରରେ ନାକେଦମ୍ ହେବାକୁ ପଡ଼ିଥିଲା। ଅକ୍ଟୋବର ୨୩ରେ ବାଲେଶ୍ୱର ସୀମାରୁ ହାତୀପଲ ମୟୂରଭଞ୍ଜ ଅଭିମୁଖେ ଫେରିଯାଇଥିଲେ।



## ରହସ୍ୟଘେରରେ ଖଣି ଅଧିକାରୀ, ସ୍ତ୍ରୀଙ୍କ ମୃତ୍ୟୁ

ଡିସେମ୍ବର ୯ ତାରିଖରେ କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ରୁଙ୍ଗଟା ଖଣିର ମେକାନିକାଲ ବିଭାଗର ସହ-ସାଧାରଣ ପ୍ରବନ୍ଧକ ସୁଜିତ ହେମ୍ବ୍ରମ ଏବଂ ତାଙ୍କ ସ୍ତ୍ରୀ ବେରୁଣୀଚାନ୍ଦଙ୍କ ରହସ୍ୟଜନକ ମୃତ୍ୟୁ ଘଟିଥିଲା। ରୁଙ୍ଗଟା ଖଣି କଲୋନୀର ଏକ କ୍ୱାର୍ଟର୍ସର ଶୋଇବା କୋଠରୀରୁ ଉଭୟଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଦୁହିଁଙ୍କର କିଭଳି ମୃତ୍ୟୁ ଘଟିଲା ତାହା ଏବେବି ରହସ୍ୟଘେରରେ ରହିଛି।

## ମାଟି ତଳୁ ବାହାରିଲା ଶତାଧିକ ଶଙ୍ଖ



ମାର୍ଚ୍ଚ ୩୧ ତାରିଖରେ ଚାନ୍ଦବାଲି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଜଳେଶ୍ୱରପୁର ପଞ୍ଚାୟତ ମଝିସାହି ଗ୍ରାମର ଏକ ଚାଷଜମିରେ ପୋଖରୀ ଖୋଳାଯିବା ବେଳେ ମାଟି ତଳୁ ବାହାରିଥିଲା ଶହ ଶହ ସଂଖ୍ୟାରେ ଶଙ୍ଖ। ଶଙ୍ଖଗୁଡ଼ିକ ବହୁ ବର୍ଷର ପୁରୁଣା ହୋଇଥିବା ବେଳେ ମାଟିରେ ପୋତି ହୋଇ ରହିବା ସତ୍ତ୍ୱେ ସେଗୁଡ଼ିକର ଅବକ୍ଷୟ ଘଟି ନ ଥିଲା। ଫୁଙ୍କିଲେ ସେଥିରୁ ଧ୍ୱନି ବାହାରୁଥିଲା। ଏତେ ବିପୁଳ ପରିମାଣର ଶଙ୍ଖ ମାଟି ତଳେ କିଭଳି ପୋତି ହୋଇ ରହିଥିଲା ତାହା ଚର୍ଚ୍ଚାର ବିଷୟ ପାଲଟିଥିଲା।

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 2

## CLASS-XII (CHEMISTRY)

**Time Allowed : 3 hours** **Maximum Marks: 70**

**GENERAL INSTRUCTIONS**

*i.* ***All questions are compulsory***
*ii.* ***Q. No. 1 to 5 are very short answer questions and carry 1 mark each.***
*iii.* ***Q. No.6 to 12 are short answer questions and carry 2 marks each.***
*iv.* ***Q No. 13 to 24 are also short answer questions and carry 3 marks each.***
*v.* ***Q. No. 25 to 27 are long answer questions and carry 5 marks each.***
*vii.* ***Use log tables if necessary, use of calculators is not allowed.***

**1.** What is enthalpy of chemisorption higher than that of physisorption ?

**2.** Explain briefly how +2 state becomes more and more stable in the first half of the first row transition elements with increasing atomic number ?

**3.** How does the conductivity of a semiconductor change if its temperature is raised ?

**4.** What is de-icing agent ? How does it work ?

**5.** Why electrolysis of aqueous solution of NaBr and NaI gives $Br_2$ and $I_2$ respectively while that of NaF gives $O_2$ instead of $F_2$ ?

**6.** For the reaction $A \rightarrow B$, the rate of reaction becomes twenty seven times when the concentration of A is increased three times. What is the order of the reaction ?

**OR**

Define the term activation energy why different reaction proceed at different speeds ?

**7.** Why is the reduction of a metal oxide easier if the metal formed is in liquid state at the temperature of reduction ?

**8.** The value of $\Delta_f G^o$ for the formation of $Cr_2O_3$ is –540 kJ $mol^{-1}$ and that of $Al_2O_3$ is –827 kJ $mol^{-1}$. Is the reduction of $Cr_2O_3$ possible with Al ?

**9.** a. $K_2[PtCl_6]$ is a well known compound whereas the corresponding Ni compound is not known. State reason for it.

b. Mercury is normally not considered a transition metal. State reason.

**10.** Deduce the (a) shape and (b) magnetic behaviour of $[Co(NH_3)_5NO_2]^{2+}$.

**11.** What are essential and non-essential amino acids ? Give two examples of each type.

**12.** What are nucleic acids ? Mention their two important functions.

**13.** Explain why:

a. Alkyl halides although polar and immiscible in water.

b. Iodoform is formed by reaction of acetone with hypoiodite ion and not iodide ion.

**14.** How would you account for the following:

i. Phenols are much more acidic than alcohols.

ii. The boiling points of ethers are muchlower than those of the alcohols of compariable molecular masses.

**15.** How will you bring about the following conversion:

a. Benzene – Ethyl benzene

b. Ethanal – Butyl-2-en-oic acid

**16.** On electrolysis in acidic solution amino acids migrate towards cathode, while in alkaline solution these migrate towards anode. Comment.

**17.** Tabulate the differences between chain growth polymerisation and step-growth polymerisation.

**18.** Account for the following:

a. $SO_2$ is a gas while $SeO_2$ is a solid.

b. Ammonia acts as Lewis base.

**OR**

Write the conditions to maximize the yield of $H_2SO_4$ by contact process.

**19.** Justify the placement of O, S, Se, Te and Po in the same group of the periodic table in terms of electronic configuration, oxidation state and hydride formation.

**20.** Explain the following observation:

i. Finely divided substance is more effective as an adsorbent.

ii. Rate of physical adsorption decreases with rise of temperature.

iii. Physical adsorption is multilayered while chemical adsorption is monolayered.

**21.** Give plausible explanation for each of the following:

i. Cyclohexanone form cyanohydrin in good yield but 2, 2, 6-trimethylcyclohexanone does not.

ii. These are two $–NH_2$ groups in semicarbazide. Howevern, only one is involved in the formation of semicarbazones.

iii. During the preparation of esters from a carboxylic acid and an alcohol in the presence of a acid catalyst, the water or the ester should be removed as soon as it is formed.

**22.** a. Di-tert-butyl ether cannot be prepared by Williamson's synthesis. Explain.

b. Alcohols do not react with NaBr but when $H_2SO_4$ is added they form alkyl bromides. Explain.

c. Sodium metal can be used for drying diethylether and benzene but not for ethanol. Explain.

**23.** Zinc granules are added in excess to a 500 mL of 1.0 M nickel nitrate solution at $25^0$C until the equilibrium is reached. If the standard reduction potentials of $Zn^{2+}$ | Zn and $Ni^{2+}$ | Ni are –0.75 V and –0.24 V respectively find out the concentration of $Ni^{2+}$ in solution at equilibrium.

**24.** At $380^0$C, the half-life period for the first order decomposition of $H_2O_2$ is 360 min. The energy of activation of the reaction is 200 kJ $mol^{-1}$. Calculate the time required for 75% decomposition at $450^0$C.

**25.** i. a. Does the hydrolysis of $XeF_6$ lead to a redox reaction ?

b. Draw the structure of $XeOF_4$.

c. Complete and balance the following equation: $XeF_4 + H_2O \rightarrow$

ii. Account for the following:

a. $H_2S$ has lower boiling point than $H_2O$.

b. Reducing character decreases from $SO_2$ to $TeO_2$.

**OR**

i. How would you account for the following ?

a. Fluorine atom is more electronegative than iodine atom, yet HF is weaker acid than HI.

b. Cl has more electron gain enthalpy than F.

ii. Give the structure of $PCl_5$ in

a. the vapour phase (b) the solid state.

iii. Why does a nitric acid bottle appear yellow ?

**26.** i. Why is camphor preferred as a solvent in determination of depression in freezing point ($\Delta T_f$)?

ii. Aquatic species are more comfortable in cold water rather than in warm water. Why ?

iii. The vapour pressure of pure liquids A and B are 450 and 700 mm Hg at 350 K respectively. Find out the composition of the liquid mixture, if total vapour pressure is 600 mm Hg. Also, find the composition of the vapour phase.

**OR**

i. When kept in water, raisins swell in size. Name and explain the phenomenon involved with the help of a diagram. Give three application of the phenomenon.

ii. Explain why on addition of 1 mol of NaCl to 1 litre of water, the boiling point of water increases, while addition of 1 mol of methyl alcohol to one litre of water decreases its boiling point.

**27.** i. Give one chemical test to distinguish between the following pairs of compounds.

a. Methylamine and dimethylamine.

b. Secondary and tertiary amines.

ii. Write the chemical reaction starting the reaction conditions required for each of the following conversions:

a. Methyl bromide to ethylamine

b. Aniline to phenol

c. p-Toluidine to 2-bromo-4-methylaniline.

**OR**

i. Write the chemical reaction staring the reaction conditions required for each of the following conversions:

a. Aniline the chlorobenzene

b. Acetaldehyde to ethylamine

ii. Give one chemical test to distinguish between the following pairs of compounds.

a. Ethylamine and aniline.

b. Aniline and benzylamine

c. Aniline and N-methylaniline.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com




# ଏ ବର୍ଷର ସୁନ୍ଦରୀ...

## କ୍ୟାଟ୍ରିଓନାଙ୍କୁ ମିସ୍ ୟୁନିଭର୍ସ ମୁକୁଟ

ବିଶ୍ୱର ୯୩ ପ୍ରତିଯୋଗୀଙ୍କୁ ପଛରେ ପକାଇ ଫିଲିପାଇନ୍ସର କ୍ୟାଟ୍ରିଓନା ଏଲିସା ଗ୍ରେ ଚଳିତବର୍ଷର ମିସ୍ ୟୁନିଭର୍ସ ମୁକୁଟ ବିଜୟିନୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଲାଲ୍ ଗାଉନ୍ ପରିହିତା ଗ୍ରେଙ୍କୁ ମୁକୁଟ ପିନ୍ଧାଇଥିଲେ ୨୦୧୭ ମିସ୍ ୟୁନିଭର୍ସ ବିଜୟିନୀ ତଥା ଦକ୍ଷିଣ ଆଫ୍ରିକୀୟ ସୁନ୍ଦରୀ ଡେମି ଲିଘ୍ ନେଲ୍-ପେଟର୍ସ। ସୂଚନାଯୋଗ୍ୟ ଏବର୍ଷଏହି ପ୍ରତିଯୋଗିତାରେ ବିଚାରକମଣ୍ଡଳୀର ସମସ୍ତ ସଦସ୍ୟ ମହିଳା ଥିଲେ। ଦକ୍ଷିଣ ଆଫ୍ରିକାର ମେଡିକାଲ ଛାତ୍ରୀ ଟାମାରିନ୍ ଗ୍ରୀନ୍ ଏବଂ ଭେନେଜୁଏଲାର ଆଇନ ଛାତ୍ରୀ ଷ୍ଟେଫାନି ଗୁଟୋରେଜ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଏ କ୍ଷେତ୍ରରେ ପ୍ରଥମ ଥର ପାଇଁ ସ୍ପେନ୍ର ଆଞ୍ଜେଲା ପୋନ୍ସ କିନ୍ନର ଭାବରେ ମିସ୍ ୟୁନିଭର୍ସ ପ୍ରତିଯୋଗୀ ଭାବରେ ଇତିହାସ ସୃଷ୍ଟି କରିଛନ୍ତି।

## ମିସ୍ ୱାର୍ଲ୍ଡ

ଚଳିତ ବର୍ଷ ଚାଇନାର ସାନ୍ୟା ସହରରେ ଆୟୋଜିତ ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ମେକ୍ସିକୋର ଭାନେସା ପୋନ୍ସ ଡି ଲିଓନ୍ ବିଜୟିନୀ ମୁକୁଟ ପିନ୍ଧିବାର ସୌଭାଗ୍ୟ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୧୮ଟି ଦେଶର ସୁନ୍ଦରୀଙ୍କୁ ପଛରେ ପକାଇ ସେ ପୂର୍ବତନ ବିଶ୍ୱସୁନ୍ଦରୀ ମାନୁସୀ ଛିଲାରଙ୍କଠାରୁ ଏହି ମୁକୁଟ ଗ୍ରହଣ କରିଛନ୍ତି। ଥାଇଲାଣ୍ଡର ନିକୋଲିନି ପାଇଚାପା ଲିମ୍ସନୁକାନ୍ ପ୍ରଥମ ରନର୍ସଅପ୍ ହୋଇଛନ୍ତି।

## ମିସ୍ ଇଣ୍ଡିଆ

ଚଳିତ ବର୍ଷ ଜୁନ୍ ୧୯ ତାରିଖରେ ମୁମ୍ବାଇସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା ୫୫ତମ ମିସ୍ ଇଣ୍ଡିଆ ପ୍ରତିଯୋଗିତା। ଯେଉଁଥିରେ ଅଂଶଗ୍ରହଣ କରିଥିବା ୩୦ ପ୍ରତିଯୋଗୀଙ୍କୁ ହରାଇ ବିଜୟ ମୁକୁଟ ପିନ୍ଧିଥିଲେ ତାମିଲନାଡୁର ୧୯ ବର୍ଷୀୟା ସୁନ୍ଦରୀ ଅନୁକ୍ରିଥୀ ଭାସ୍। ହରିୟାଣାର ମୀନାକ୍ଷୀ ଚୌଧୁରୀ ପ୍ରଥମ ରନର୍ସଅପ୍ ହୋଇଥିବା ବେଳେ ଆନ୍ଧ୍ରପ୍ରଦେଶର ଶ୍ରେୟା ରାଓ ଦ୍ୱିତୀୟ ରନର୍ସଅପ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ।

## ଶ୍ରୁତିକ୍ଷା ହେଲେ ମିସ୍ ଇଣ୍ଡିଆ ଓଡ଼ିଶା

ଦେଶର ଅନ୍ୟତମ ଲୋକପ୍ରିୟ ବିୟୁଟି କଣ୍ଟେଷ୍ଟ ଫେମିନା ମିସ୍ ଇଣ୍ଡିଆର ଇଷ୍ଟ ଜୋନାଲ୍ କ୍ରାଉନିଂ ପ୍ରତିଯୋଗିତାରେ ଓଡ଼ିଶାରୁ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି ଭୁବନେଶ୍ୱରର ଶ୍ରୁତିକ୍ଷା ନାୟକ। ଏହାସହ ସେ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ଟାଇଟଲ୍ ହାସଲ କରିବାରେ ସଫଳ ହୋଇଛନ୍ତି। ସେ ଏଫ୍‌ବିବି କଲର୍ସ ଫେମିନା ମିସ୍ ଇଣ୍ଡିଆ ଇଷ୍ଟ ଜୋନ୍ କ୍ରାଉନିଂ ସେରିମନି ୨୦୧୮ ର୍‌ୟାମ୍ପରେ ୨୧ବର୍ଷୀୟା ଶ୍ରୁତିକ୍ଷା ନିଜର ଆତ୍ମବିଶ୍ୱାସ ଏବଂ ଗ୍ଲାମର୍ସ ଲୁକ୍ ପାଇଁ ଏହି ସଫଳତା ହାସଲ କରିଛନ୍ତି। ସେ ମିସ୍ ଇଣ୍ଡିଆ ଫାଇନାଲ୍ ରାଉଣ୍ଡରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ।

ଆଉ ମାତ୍ର ଦିନ କେଇଟା ପରେ ବିଦାୟ ନେବ ୨୦୧୮। ଏ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଚର୍ଚ୍ଚାକୁ ଆସିଥିବା ତଥା ନିଜକୁ ଅନନ୍ୟ ପ୍ରମାଣିତ କରିଥିବା କେତେଜଣ ମହିଳାଙ୍କ ସମ୍ପର୍କରେ...










# ଆଇନା




## ସ୍ତ୍ରୀ ଏକ ସାମଗ୍ରୀ ନୁହେଁ : ସୁପ୍ରିମକୋର୍ଟ

ସ୍ତ୍ରୀ କୌଣସି 'ଅସ୍ଥାବର ସମ୍ପତ୍ତି' ନୁହେଁ କିମ୍ବା କୌଣସି ଏକ 'ସାମଗ୍ରୀ' ନୁହେଁ। ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀଙ୍କ ସହ ବାଧ କରି ରଖାଯାଇପାରିବ ନାହିଁ। ଏପରି କି ସ୍ୱାମୀ ଯଦି ଚାହୁଁଥାନ୍ତି ତଥାପି ସ୍ତ୍ରୀଙ୍କୁ ବାଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମ କୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ଆପରାଧିକ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ପ୍ରକାଶ ଯେ, ଅକଥନୀୟ ନିର୍ଯାତନାର ଶିକାର ହେବା ପରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ସର୍ବୋଚ୍ଚ ଅଦାଲତର ଆଶ୍ରୟ ନେଇଥିଲେ। ସେ ଆଉ ସ୍ୱାମୀଙ୍କ ସହ ରହିବାକୁ ଚାହୁଁ ନ ଥିଲେ, ସ୍ୱାମୀ କିନ୍ତୁ ତାଙ୍କ ସହ ରହିବାକୁ ବାଧ କରୁଥିଲେ। ଏହି ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ମଦନ ବି. ଲୋକୁର ଏବଂ ଦୀପକ ଗୁପ୍ତା ସ୍ପଷ୍ଟ କରିଥିଲେ ଯେ,ସ୍ତ୍ରୀ କୌଣସି ଅସ୍ଥାବର ସମ୍ପତ୍ତି ନୁହେଁ କିମ୍ବା ସାମଗ୍ରୀ ନୁହେଁ। ଅଦାଲତରେ ଉପସ୍ଥିତ ସ୍ୱାମୀ ଜଣଙ୍କୁ ବିଚାରପତିଦ୍ୱୟ କହିଥିଲେ ସ୍ତ୍ରୀ ଯଦି ତୁମ ସହ ରହିବାକୁ ଚାହୁଁ ନାହାନ୍ତି ତେବେ ତୁମେ ତୁମ ନିଷ୍ପତ୍ତିର ପୁନର୍ବିଚାର କରିବା ଉଚିତ।

## ଶାଢ଼ି ପିନ୍ଧି ସ୍କାଇ ଡାଇଭିଂ



ଶାଢ଼ି ପିନ୍ଧି ସ୍କାଇ ଡାଇଭ କରି ରେକର୍ଡ ସୃଷ୍ଟି କରିଛନ୍ତି ଭାରତୀୟ ମହିଳା ପୁଣେର ସ୍କାଇ ଡାଇଭର ପଦ୍ମଶ୍ରୀ ଶୀତଳ ରାଣେ ମହାଜନ। ଥାଇଲ୍ୟାଣ୍ଡରେ ରଙ୍ଗିନ୍ ମରାଠୀ 'ନଭ୍ - ୱାରି' ଶାଢି ପିନ୍ଧି ଆକାଶରେ ଉଡ଼ିଥିଲେ। ଏ କ୍ଷେତ୍ରରେ ସେ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା। ୧୩୦୦୦ ଫୁଟ ଉଚ୍ଚରୁ ଉଡ଼ି ଥାଇଲ୍ୟାଣ୍ଡ ପଟ୍ଟାୟାଠାରେ ସେ ଧରାପୃଷ୍ଠକୁ ଓହ୍ଲାଇଥିଲେ। ୮.୨୫ ଲମ୍ବା ବିଶିଷ୍ଟ ଶାଢି ପିନ୍ଧି ଉଡ଼ିବା ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା। ପ୍ରଥମେ ପାରମ୍ପରିକ ମରାଠୀ ଷ୍ଟାଇଲରେ ଶାଢି ପରିଧାନ କରିଥିଲେ। ଏହାପରେ ସ୍କାଏ ଡାଇଭିଂ ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ସୁରକ୍ଷା ଉପକରଣ ଶରୀରରେ ଲଗାଇଥିଲେ । ତାଙ୍କର ୧୮ଟି ଜାତୀୟ ସ୍କାଇ ଡାଇଭିଂ ରେକର୍ଡ, ୬ ଟି ଅନ୍ତର୍ଜାତୀୟ ରେକର୍ଡ ଏବଂ ବିଶ୍ୱବ୍ୟାପୀ ୭୦୪ ଥର ଆକାଶରେ ଉଡ଼ିବାରେ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ସମ୍ମାନ ରହିଛି।

## ଟାଇମ୍ ମାଗାଜିନ୍‌ରେ ୨ ଭାରତୀୟ ମହିଳା


କାବ୍ୟା ଅମିକା

ଟାଇମ୍ ମାଗାଜିନ୍ ଦ୍ୱାରା ୨୦୧୮ (ସବୁଠାରୁ ପ୍ରଭାବଶାଳୀ ତାଲିକାରେ) ବିଶ୍ୱର ୨୫ ଜଣଙ୍କ ମଧ୍ୟରେ ୨ ଭାରତୀୟ ମହିଳା ସ୍ଥାନ ପାଇଛନ୍ତି। ଭାରତୀୟ-ଆମେରିକୀୟ କାବ୍ୟା କୋପାରାପୁ ଏବଂ ବ୍ରିଟିଶ୍-ଭାରତୀୟ ଅମିକା ଜର୍ଜ ନିଜ ନାମକୁ ଏହି ତାଲିକାରେ ସାମିଲ କରିଛନ୍ତି। ୧୮ ବର୍ଷ ବୟସ୍କା କାବ୍ୟା ହାର୍ଭାର୍ଡ ୟୁନିଭର୍ସିଟିର ଛାତ୍ରୀ। ସେ ଏକ ଡିପ୍-ଲର୍ନିଂ କମ୍ପ୍ୟୁଟର ସିଷ୍ଟମ ବିକାଶ କରିଛନ୍ତି। ଏହା ବ୍ରେନ୍ କ୍ୟାନ୍‌ସର ରୋଗୀଙ୍କ ଟିସୁ ସ୍କାନ କରି ରୋଗ ଆରୋଗ୍ୟରେ ସହାୟକ ହୋଇପାରିବ। ୧୯ ବର୍ଷ ବୟସ୍କା ଅମିକା ଜର୍ଜ ପିରିୟଡ୍ ସମୟର ସମସ୍ୟା ଦୂର କରିବାରେ ସହାୟକ ହୋଇପାରିଛନ୍ତି। ଯେଉଁ ଝିଅ ଓ ମହିଳାମାନେ ପିରିୟଡ୍ ସମୟରେ ପ୍ୟାଡ୍ କିଣିବାକୁ ସମର୍ଥ ନୁହନ୍ତି ସେମାନଙ୍କୁ ଏହି ଉତ୍ପାଦ ଯୋଗାଇଦେବାକୁ ସେ ସରକାରଙ୍କୁ ପ୍ରବର୍ତ୍ତାଇବାରେ ସମର୍ଥ ହୋଇପାରିଛନ୍ତି।

## ଓଏଏସ୍ ଟପ୍ପର ଆୟୁଷୀ



ଚଳିତବର୍ଷର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷାରେ ଅୟୁଷୀ ମହାପାତ୍ର ଓଡ଼ିଶାର ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ମା ବିଦ୍ୟୁତ୍‌ପ୍ରଭା ମିଶ୍ର ଏବଂ ପିତା ଅଶୋକ କୁମାର ମହାପାତ୍ରଙ୍କ ଏହି କନ୍ୟା ସମାଜର ଉନ୍ନତି ଓ ସାମାଜିକ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରିବାକୁ ଯୋଜନା ରଖିଛି ବୋଲି କହିଛନ୍ତି । ଇଞ୍ଜିନିୟରିଂ ଛାତ୍ରୀ ହୋଇଥିଲେ ସୁଦ୍ଧା ଓଏଏସ୍ ପାଇବାକୁ ସାମାଜିକ ବିଜ୍ଞାନ ଓ ମନସ୍ତତ୍ତ୍ୱ ବିଜ୍ଞାନ ବିଷୟକୁ ପସନ୍ଦର ପାଠ୍ୟକ୍ରମ ଭାବେ ଚୟନ କରିଥିଲେ। ଏହି ଦୁଇଟି ବିଷୟ ପ୍ରତି ଆଗ୍ରହ ମଧ୍ୟ ଥିଲା। ଆଗାମୀ ଦିନରେ ପାଠପଢ଼ା ଜାରି ରହିବ ଓ ଆଇଏଏସ୍ ହେବାକୁ ଇଚ୍ଛା ରଖିଛନ୍ତି ଭୁବନେଶ୍ୱରର ଓଲଡଟାଉନ୍‌ରେ ରହୁଥିବା ଆୟୁଷୀ।

## ସିବିଏସ୍‌ଇ ଟପ୍ପର ମେଘନା



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷା ଫଳରେ ଟପ୍ପର ହୋଇଥିଲେ ନଏଡାର ଛାତ୍ରୀ ମେଘନା ଶ୍ରୀବାସ୍ତବ। ସେଠାକର ଷ୍ଟେପ୍ ବାଇ ଷ୍ଟେପ୍ ସ୍କୁଲରେ ପଢୁଥିବା ମେଘନା ମୋଟ୍ ୫୦୦ ମାର୍କରୁ ୪୯୯ ରଖି ଶୀର୍ଷରେ ରହିଥିଲେ। ମେଘନା ହେଉଛନ୍ତି ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଅନିଲ୍ ସିହ୍ନାଙ୍କ ଝିଆରୀ।

## ଲାଲ୍‌ଗଡ଼ର ଝିଅ ସନ୍ଧ୍ୟା ପାଇଲେ ଓଏଏସ୍



ମାଲକାନଗିରି ଜିଲା ମାଥିଲି ବ୍ଲକ ଦୁର୍ଗମ ଅଞ୍ଚଳ ସାଲିମି ଗାଁର ରାମଦେବ ସମରଥ ଓ ମାଆ ନୀଳାବତୀ ସମରଥଙ୍କ ବଡ଼ ଝିଅ ସନ୍ଧ୍ୟା ସମରଥ ୨୦୧୭-୧୮ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଛନ୍ତି। ଆଗ୍ରହ, ନିଷ୍ଠା ଯୋଗୁ ମୋତେ ଏଭଳି ସଫଳତା ମିଳିଛି ବୋଲି କହନ୍ତି ସେ। ଏକଦା ମାଓବାଦୀଙ୍କ ପେଣ୍ଠସ୍ଥଳୀ ପାଲଟିଥିବା ସାଲିମି ଗ୍ରାମରେ ପାଠପଢ଼ାର ସୁବିଧା ନ ଥିଲା। ବିନା କୋଚିଂରେ ନିଜ ଉଦ୍ୟମରେ ପଢି ପ୍ରଥମ ଥର ପାଇଁ ଓଏଏସ୍ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିବା ସନ୍ଧ୍ୟା ପରୀକ୍ଷାରେ ୫୧ ତମ ର୍‌ୟାଙ୍କ୍ ରଖିଛନ୍ତି। ସେ ଓଏଏସ୍ ପାଇବା ପରେ ତାଙ୍କ ଅଞ୍ଚଳର ଗରିବ ଲୋକଙ୍କ ପାଇଁ କାମ କରିବାକୁ ପ୍ରାଧାନ୍ୟ ଦେବେ ବୋଲି କହିଛନ୍ତି।

# ସମ୍ମାନ ପୁରସ୍କାର

## ଜର୍ମାନୀରେ ଓଡ଼ିଆ ଝିଅ ଅମ୍ରିତାଙ୍କ କୃତିତ୍ୱ

ଖୋର୍ଦ୍ଧା ଜିଲା କାଳୁପଡ଼ାଘାଟର ସୂର୍ଯ୍ୟନାରାୟଣ ଦାସ ଓ ପ୍ରଭାତ ନଳିନୀ କାନୁନଗୋଙ୍କ ଝିଅ ଅମ୍ରିତା ଦାସ। ଜର୍ମାନୀର ଶିକ୍ଷାନୁଷ୍ଠାନ କେଲ୍ ବିଶ୍ୱବିଦ୍ୟାଳୟରେ ତାଙ୍କ ବହୁମୁଖୀ ପ୍ରତିଭା ପାଇଁ ବିଶିଷ୍ଟ ବିଦେଶୀ ଛାତ୍ରୀ ଭାବେ ସେ ସମ୍ମାନିତ ହୋଇଛନ୍ତି। ସାଧାରଣତଃ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଉଚ୍ଚକୋଟୀର ପାରଦର୍ଶିତା ତଥା ନୂତନ ଚିନ୍ତାଧାରା ପାଇଁ ପ୍ରତିବର୍ଷ ଜଣେ ଛାତ୍ର ବା ଛାତ୍ରୀଙ୍କୁ ଏକ ପ୍ରଶଂସାପତ୍ର ସହ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଥାଏ। ଏହି ପୁରସ୍କାର ଅର୍ଥର ଅଧାଅଂଶ ଗରିବ ପିଲାଙ୍କ ପାଠପଢ଼ାରେ ଖର୍ଚ୍ଚ କରିବେ ବୋଲି ଅମ୍ରିତା କହିଛନ୍ତି।



## ଗାୟତ୍ରୀ ସରାଫଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ବିଶିଷ୍ଟ ଲେଖିକା ଗାୟତ୍ରୀ ସରାଫ ଚଳିତବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ପାଇଛନ୍ତି। କ୍ଷୁଦ୍ରଗଳ୍ପ ସଂକଳନ 'ଇଟାଭାଟିର ଶିଳ୍ପୀ' ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଦେଶର ବିଭିନ୍ନ ଭାଷାର ୨୩ ଜଣ ସାହିତ୍ୟିକଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ସମସ୍ତ ବିଜୟୀଙ୍କୁ ତାମ୍ରଫଳକ ସହ ୧ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି।



## ଓଡ଼ିଆ ଝିଅ ସ୍ୱପ୍ନାଙ୍କୁ ମିସ୍ ଟୁରିଜିମ ଆଣ୍ଡ କଲଚର ୟୁନିଭର୍ସ-୨୦୧୮ ଟାଇଟଲ

ମ୍ୟାନ୍‌ମାର ରାଜଧାନୀ ୟାଙ୍ଗୋନ୍‌ରେ ଅନୁଷ୍ଠିତ ମିସ୍ ଟୁରିଜିମ୍ ଓ କଲଚର ୟୁନିଭର୍ସ ୨୦୧୮ ପ୍ରତିଯୋଗିତାରେ ଚମକିଛନ୍ତି ଓଡ଼ିଆ ଝିଅ ତଥା ଢେଙ୍କାନାଳର କୁଞ୍ଜକାନ୍ତ ଅଞ୍ଚଳରେ ଜନ୍ମିତା ସ୍ୱପ୍ନା ପ୍ରିୟଦର୍ଶିନୀ। ଏଥିରେ ସେ ତୃତୀୟ ରନର୍ସ ଅପ୍ ଭାବରେ ମୁକୁଟ ବିଜୟିନୀ ହୋଇଥିଲେ। ଏଥିରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ୩୫ ପ୍ରତିଯୋଗୀ ଭାଗ ନେଇଥିଲେ। ସେ ବର୍ତ୍ତମାନ ଛତିଶଗଡ ରାଜ୍ୟ ବିଳାସପୁର କେନ୍ଦ୍ରୀୟ ବିଦ୍ୟାଳୟର ଯୁକ୍ତ ୨ ବାଣିଜ୍ୟ ବିଭାଗ ଛାତ୍ରୀ।

## ସରୋଜିନୀ ହେଲେ ସମ୍ମାନିତା

ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଭାବେ ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଡା. ସରୋଜିନୀ ଷଡ଼ଙ୍ଗୀଙ୍କର ସାହିତ୍ୟ ପ୍ରତି ରହିଛି ବିଶେଷ ରୁଚି। ଇତିମଧ୍ୟରେ ତାଙ୍କର ଅନେକ ଗଳ୍ପ, କବିତା, ଉପନ୍ୟାସ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇସାରିଛି। କେବଳ ଏତିକି ନୁହେଁ, ଭାରତୀୟ ଜ୍ଞାନପୀଠ କବିତା ସଂକଳନରେ ମଧ୍ୟ ତାଙ୍କ କବିତା ସ୍ଥାନ ପାଇବା ସହ ଦୁଇଟି କବିତା ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଦ୍ୱାରା ମନୋନୀତ ହୋଇ ୧୪ଟି ଭାଷାରେ ଅନୁବାଦିତ ହୋଇଛି। ନିଜର ଏପରି ସାରସ୍ୱତ କୀର୍ତ୍ତି ଲାଗି ଚଳିତ ବର୍ଷ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ ସହ କୁନ୍ତଳା କୁମାରୀ ସାବତ ସମ୍ମାନରେ ସମ୍ମାନିତ ହୋଇଛନ୍ତି।



| Dollar | Sensex | Nifty | Gold | Silver |
|---|---|---|---|---|
| 70.14 (4) | 35,470.15 (271.92 ↓) | 10,663.50 (90.50 ↓) | 32,275.00 (`175 ↑) | 38,000.00 (`200 ↑) |

"ତ୍ୱରିତ ତଥା ସୁଲଭ ଋଣ ଯୋଗାଣ ହେଲେ ରପ୍ତାନି କ୍ଷେତ୍ରରେ ପ୍ରଦର୍ଶନ ଆହୁରି ଭଲ ହୋଇ ପାରିବ।
– ଗଣେଶ କୁମାର ଗୁପ୍ତା, ସଭାପତି, ଭାରତୀୟ ରପ୍ତାନିକାରୀ ମହାସଂଘ



"ନୂଆ ଖାଉଟି ସୁରକ୍ଷା ଆଇନ ଦ୍ୱାରା ଲୋକମାନେ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଆଶା ରହିଛି।
– ଜଷ୍ଟିସ ଆର୍.କେ. ଅଗ୍ରୱାଲ, ସଭାପତି, ଏନ୍‌ସିଡିଆର୍‌ସି



## ସଂକ୍ଷେପରେ

### ସୂଚନା ପ୍ରଯୁକ୍ତି ଆଇନରେ ସଂଶୋଧନ ହେବ

**ନୂଆଦିଲ୍ଲୀ,୨୪-୧୨(ପି.ଟି.):** ସରକାର ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା (ଆଇଟି) ଆଇନରେ ସଂଶୋଧନ ଆଣିବାକୁ ଯୋଜନା କରୁଛନ୍ତି। ଏହା ଦ୍ୱାରା ସୋସିଆଲ ମିଡିଆ ପ୍ଲାଟଫର୍ମର ଅପବ୍ୟବହାର ଉପରେ ରୋକ ଲଗାଇବାକୁ ପଦକ୍ଷେପ ନିଆଯାଇ ପାରିବ। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏବଂ ମେସେଜିଂ ଆପ୍‌ଗୁଡ଼ିକ ଏକ ଟୁଲ୍ କାର୍ଯ୍ୟକାରୀ କରାଇବାର ଆବଶ୍ୟକତାକୁ ସରକାର ଉପଲବ୍ଧି କରିଛନ୍ତି। ଫଳରେ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ବ୍ୟାପୁଥିବା ବେଆଇନ କଣ୍ଟେଣ୍ଟ ଉପରେ ରୋକ ଲଗାଯାଇ ପାରିବ। ଏ ନେଇ ସରକାର ଏକ ସଂଶୋଧନ ଡ୍ରାଫ୍ଟ ପ୍ରସ୍ତାବ ଶୀଘ୍ର ଆଣିବେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗତ ସପ୍ତାହରେ ଆଇଟି ମନ୍ତ୍ରଣାଳୟର ଅଧିକାରୀମାନେ ଗୁଗୁଲ, ଫେସବୁକ ଏବଂ ହ୍ୱାଟସଆପ, ଟୁଇଟର ସହ ଅନ୍ୟ କମ୍ପାନୀଗୁଡ଼ିକ ସଂସ୍ଥାଗୁଡ଼ିକ ସହ ଆଲୋଚନାରେ ସାମିଲ ହୋଇଥିଲେ। ଆଇଟି ଆଇନରେ ପ୍ରସ୍ତାବିତ ବିଭିନ୍ନ ସଂଶୋଧନ ଉପରେ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ସୋସିଆଲ ପ୍ଲାଟଫର୍ମଗୁଡ଼ିକରେ ବିଭିନ୍ନ କଣ୍ଟେଣ୍ଟ ଭାଇରାଲ ହେବା ଫଳରେ ବିଭିନ୍ନ ହିଂସାକାଣ୍ଡ ବ୍ୟାପୁଥିବା ନଜରକୁ ଆସୁଛି।ଏଣୁ ସୋସିଆଲ ପ୍ଲାଟଫର୍ମରେ ବ୍ୟାପୁଥିବା ମିଥ୍ୟା ଖବର ଉପରେ ରୋକ୍ ଲଗାଇବା ଉପରେ ବର୍ତ୍ତମାନ ସରକାର ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ସେହିଭଳି ୨୦୧୯ର ସାଧାରଣ ନିର୍ବାଚନ ଆଗରୁ ମିଥ୍ୟା ମେସେଜ ବ୍ୟାପିବା ଉପରେ କଟକଣା ଲଗାଇବାକୁ ସରକାର ଏଭଳି ପଦକ୍ଷେପ ନେଉଥିବା ଜଣାପଡ଼ିଛି।

### ଭାରତରେ ୧୪୪୧ ଜାପାନ କମ୍ପାନୀ

**ନୂଆଦିଲ୍ଲୀ,୨୪-୧୨(ପି.ଟି.):** ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଭାରତରେ ୧୪୪୧ ଜାପାନ କମ୍ପାନୀ କାର୍ଯ୍ୟ କରୁଛନ୍ତି। କମ୍ପାନୀଗୁଡ଼ିକ ଦେଶର ବାଣିଜ୍ୟ ପରିବେଶକୁ ଉନ୍ନତ କରିବା ଦିଗରେ ଉଦ୍ୟମ ଜାରି ରଖିଥିବା ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ କେଞ୍ଜି ହିରାମାସୁ କହିଛନ୍ତି। କେଞ୍ଜି ଭାରତର ବାଣିଜ୍ୟ ତଥା ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ସହ ସୋମବାର ଆଲୋଚନା କରିବା ସହ ଏଠାରେ ଜାପାନ କମ୍ପାନୀଙ୍କ ସଂଖ୍ୟା ବିଶେଷ ଭାବେ ବୃଦ୍ଧି ଘଟିଥିବା କହିଛନ୍ତି। ଧାତୁ, ମାନୁଫାକଚରିଂ ଏବଂ ସର୍ଭିସ କ୍ଷେତ୍ରରେ ଏହି କମ୍ପାନୀଗୁଡ଼ିକ କାର୍ଯ୍ୟ କରୁଥିବା କେଞ୍ଜି ସୂଚନା ଦେଇଛନ୍ତି।

# ମିଶିଯିବ ୧୨, ୧୮% ଜିଏସ୍‌ଟି ସ୍ଲାବ

ନୂଆଦିଲ୍ଲୀ,୨୪-୧୨(ପି.ଟି.)

ଜିଏସ୍‌ଟିରେ ରହିଥିବା ବିଭିନ୍ନ ଅସୁବିଧା ଉପରେ ସରକାର ବିଚାର କରୁଥିବା ବେଳେ ପୁଣି ଥରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ହାର ହ୍ରାସ ହେବା ନେଇ ଜଣା ପଡିଛି। ବର୍ତ୍ତମାନ ଜିଏସ୍‌ଟିରେ ରହିଥିବା ୧୨ ଏବଂ ୧୮% ଟିକସ ସ୍ଲାବକୁ ସରକାର ଆଗାମୀ ଦିନରେ ମିଶାଇ ଦେବାକୁ ଯୋଜନା ରଖିଛନ୍ତି। ରାଜସ୍ୱ ଉନ୍ନତ ହେଲେ ଏହି ସ୍ଲାବ ମଧ୍ୟରେ ଏକ ନୂଆ ସ୍ଲାବ ନିର୍ଦ୍ଧାରଣ କରାଯିବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସୋମବାର ସୂଚନା ଦେଇଛନ୍ତି। କଂଗ୍ରେସ ସମୟର ୩୧% ପରୋକ୍ଷ ଟିକସକୁ ସମାଲୋଚନା କରି ଜେଟଲୀ କହିଛନ୍ତି, ଲୋକଙ୍କ ନିତ୍ୟ ବ୍ୟବହାର ଯୋଗ୍ୟ ସାମଗ୍ରୀକୁ ୧୨ ଏବଂ ୧୮% ମଧ୍ୟରେ ଏକ ଷ୍ଟାଣ୍ଡାର୍ଡ ହାର ଦେଖି ସ୍ଥାନିତ କରାଯିବ। ସେହିଭଳି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ମଧ୍ୟରୁ କେତେକକୁ ୦%ରେ ରଖାଯାଇଥିବା ବେଳେ ଅନ୍ୟ କିଛିକୁ ୫%ରଖାଯାଇଥିବା ଜେଟଲୀ କହିଛନ୍ତି। ବିଳାସପୂର୍ଣ୍ଣ, ଅବଗୁଣକାରୀ ସାମଗ୍ରୀ ଉପରେ କେବଳ ଉଚ୍ଚ ଟିକସ ହାର ବା ୨୮% ଜିଏସ୍‌ଟି ଲାଗୁ ଥିବା ସେ ସ୍ପଷ୍ଟ କରିଛନ୍ତି।

'ଜିଏସ୍‌ଟିର ୧୮ ମାସ' ଶୀର୍ଷକ ଏକ ଫେସ୍‌ବୁକ ପୋଷ୍ଟରେ ଜେଟଲୀ କହିଛନ୍ତି, ବର୍ତ୍ତମାନ ୧୨୧୬ ସାମଗ୍ରୀ ବ୍ୟବହାର ହେଉଛି। ଏହା ମଧ୍ୟରେ ଶୂନ ଟିକସ ହାରରେ ୧୮୩ ସାମଗ୍ରୀ ସ୍ଥାନିତ ହୋଇଥିବା ବେଳେ ୫% ଟିକସ ହାରରେ ୩୦୮ ସାମଗ୍ରୀ, ୧୨%ରେ ୧୭୮ ସାମଗ୍ରୀ ଏବଂ ୧୮% ସ୍ଲାବରେ ୫୧୭ ସାମଗ୍ରୀ ସ୍ଥାନିତ ହୋଇଛି। ସେହିଭଳି ୨୮% ସ୍ଲାବରେ ମାତ୍ର ୨୮% ସାମଗ୍ରୀ ରହିଛି। ବିଳାସପୂର୍ଣ୍ଣ, ଅବଗୁଣକାରୀ ସାମଗ୍ରୀ, ଅଟୋ ଯନ୍ତ୍ରାଂଶ, ଡିସ୍‌ୱାଶର, ଏୟାର କଣ୍ଡିଶନର ଏବଂ ସିମେଣ୍ଟ ୨୮% ସ୍ଲାବରେ ରହିଛି। ବର୍ତ୍ତମାନ ଜିଏସ୍‌ଟି ପରିବର୍ତ୍ତନ ଧାରା ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଟିକସ ହାର ହ୍ରାସ କରାଯିବା ସହ କେବଳ ୨୮% ଟିକସ ହାରରେ କିଛି ସାମଗ୍ରୀ ରହି ଯାଇଥିବା ସେ କହିଛନ୍ତି। ନୂଆ ସ୍ଲାବକୁ ନେଇ ଆଗାମୀ ଦିନରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ୧୨ ଏବଂ ୧୮% ଭଳି ଦୁଇ ଷ୍ଟାଣ୍ଡାର୍ଡ ହାର ପରିବର୍ତ୍ତେ ଗୋଟିଏ ହାର ଉପରେ ବିଚାର ହେବ। ଏଥି ପାଇଁ କିଛି ସମୟ ଦରକାର। ପ୍ରଥମେ ରାଜସ୍ୱ ସଂଗ୍ରହ ଉପରେ ବିଚାର କରାଗଲା ପରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ଏହା କାର୍ଯ୍ୟକାରୀ ହେଲେ ଭାରତରେ ଜିରୋ, ୫%, ନୂଆ ଷ୍ଟାଣ୍ଡାର୍ଡ ହାର ଏବଂ ସର୍ବୋଚ୍ଚ ହାର ଭଳି ସ୍ଲାବ ରହିବ।

ସାଧାରଣ ବ୍ୟବହାର ସାମଗ୍ରୀ ମଧ୍ୟରୁ କେବଳ ସିମେଣ୍ଟ ଏବଂ ଅଟୋ ଯନ୍ତ୍ରାଂଶ କେବଳ ୨୮% ଜିଏସ୍‌ଟି ମଧ୍ୟରେ ରହିଥିବା ସେ ସୂଚନା ଦେଇଛନ୍ତି। ସିମେଣ୍ଟକୁ ନିମ୍ନ ସ୍ଲାବକୁ ଖସାଇବା ପାଇଁ ସରକାର ପରବର୍ତ୍ତୀ ପର୍ଯ୍ୟାୟରେ ଧ୍ୟାନ ଦେବେ। ନିର୍ମାଣ ସାମଗ୍ରୀକୁ ୨୮%ରୁ ଖସାଯାଇ ୧୮% ଏବଂ ୧୨% ଜିଏସ୍‌ଟି ସ୍ଲାବକୁ ଅଣାଯିବା ଫଳରେ ଉକ୍ତ ସ୍ଲାବରେ ଥିବା ସାମଗ୍ରୀଗୁଡ଼ିକରେ ଅନେକ ମାତ୍ରାରେ ହ୍ରାସ ଘଟିଛି। ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା ଦ୍ୱାରା ଟିକସ କମିବା ସହ ମୁଦ୍ରାସ୍ଫୀତି ଏବଂ ଟିକସ ଚୋରି ହ୍ରାସ ଘଟିଛି। ହାର ନିମ୍ନରେ ରହିବା ଯୋଗୁ ଟିକସ ପରିସର ବଢ଼ିଛି। ୬ ରାଜ୍ୟ ରାଜସ୍ୱ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିଛନ୍ତି। ଏହି ଧାରାର ନିକଟରେ ଆଉ ୭ ରାଜ୍ୟ ପହଞ୍ଚିଛନ୍ତି। ମାତ୍ର ୧୮ ରାଜ୍ୟ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ଠାରୁ ପଛୁଆ ଥିବାରୁ ଏହା ଚିନ୍ତାର କାରଣ ପାଲଟିଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ଜିଏସ୍‌ଟି କ୍ଷତିପୂରଣ ବାବଦକୁ କେନ୍ଦ୍ର ପ୍ରଦାନ କରୁଥିବା ଅର୍ଥରେ ହ୍ରାସ ଘଟିବା ନେଇ ସେ ଆଶା ରଖିଛନ୍ତି। ପ୍ରଥମ ବର୍ଷ ହାରାହାରି ଜିଏସ୍‌ଟି ସଂଗ୍ରହ ୮୯,୭୦୦ କୋଟି ଟଙ୍କା ରହିଥିବା ବେଳେ ଚଳିତ ବର୍ଷ ଏହା ୯୭,୧୦୦ କୋଟି ଟଙ୍କା ରହିଛି। ସେହିଭଳି ଗତ ବର୍ଷ ପ୍ରଥମ ୬ ମାସ ତୁଳନାରେ ଚଳିତ ମାସ ପ୍ରଥମ ୬ ମାସରେ ଜିଏସ୍‌ଟି ସଂଗ୍ରହ ବେଶ୍ ଉନ୍ନତ ରହିଥିବା ଜଣାପଡ଼ିଛି।

**ମୋଟ ସାମଗ୍ରୀ ୧୨୧୬**

| ଟିକସ ସ୍ଲାବ୍ | ସାମଗ୍ରୀ |
|---|---|
| 0% | ୧୮୩ |
| ୫% | ୩୦୮ |
| ୧୨% | ୧୭୮ |
| ୧୮% | ୫୧୭ |
| ୨୮% | ୨୮ |




- ନୂଆ ସ୍ଲାବ ନିର୍ଦ୍ଧାରଣ ହେବ
- ରାଜସ୍ୱ ବଢ଼ିଲେ ନିଷ୍ପତ୍ତି
- ଟିକସ ସଂଗ୍ରହ ଲକ୍ଷ୍ୟଠାରୁ ୧୮ ରାଜ୍ୟ ପଛରେ
- ନିମ୍ନ ସ୍ଲାବକୁ ଆସିବ ସିମେଣ୍ଟ



"ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା ଦ୍ୱାରା ଟିକସ ବୋଝ କମିଛି। ମୁଦ୍ରାସ୍ଫୀତି ଏବଂ ଟିକସ ଚୋରି ହ୍ରାସ ହେବା ସହ ହାର ନିମ୍ନ ରହିବା ଯୋଗୁ ଟିକସ ପରିସର ବଢ଼ିଛି।
- ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

## ବିଭିନ୍ନ ମଡେଲ ଉପରେ ଦର ବଢ଼ାଇବ ମାରୁତି ସୁଜୁକି

ନୂଆଦିଲ୍ଲୀ,୨୪-୧୨




ମାରୁତି ସୁଜୁକି ଇଣ୍ଡିଆ ଆସନ୍ତା ମାସଠାରୁ ଏହାର ବିଭିନ୍ନ ମଡେଲ ଯାନଗୁଡିକ ଉପରେ ମୂଲ୍ୟ ବଢ଼ାଇବ। ବିଦେଶୀ ବିନିମୟ ହାର ଏବଂ ସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ମୂଲ୍ୟ ବଢ଼ାଇବା ଲାଗି ନିଷ୍ପତ୍ତି ନେଇଛି। ମାରୁତି ସୁଜୁକି ଅଲଟୋ ୮୦୦ ମଡେଲଠାରୁ ଆରମ୍ଭ କରି ପ୍ରିମିୟମ ଏସ୍ କ୍ରସ ବଜାରରେ ଉପଲବ୍ଧ କରାଉଛି। କମ୍ପାନୀର କାର୍ ମୂଲ୍ୟ ୨.୫୩ ଲକ୍ଷ ଟଙ୍କାରୁ ୧୧.୪୫ ଲକ୍ଷ ଟଙ୍କା ରହିଛି। ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଏଭଳି ସମସ୍ୟା ଦେଇ ଗତି କରୁଛନ୍ତି। ଇନପୁଟ ଖର୍ଚ୍ଚ ବୃଦ୍ଧି ଯୋଗୁ କମ୍ପାନୀର ଉତ୍ପାଦନରେ ପ୍ରଭାବ ପଡୁଛି।

## ସ୍ୱାୟତ୍ତତା ରକ୍ଷା ଧର୍ମପାଳନ କରନ୍ତୁ ଆର୍‌ବିଆଇ ଗଭର୍ନର: ରଙ୍ଗରାଜନ୍

ମୁମ୍ବାଇ,୨୪-୧୨(ପି.ଟି.)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରେ ନୂଆ କରି ଗଭର୍ନର ଦାୟିତ୍ୱ ନେଇଥିବା ଶକ୍ତିକାନ୍ତ ଦାସ ତାଙ୍କ ଧର୍ମ ପାଳନ ପୂର୍ବକ ସଂସ୍ଥାର ସ୍ୱାୟତ୍ତତା ରକ୍ଷା କରିବା ଉଚିତ। ଗଭର୍ନର ଭାବେ କାର୍ଯ୍ୟ କରିବାରେ ଶକ୍ତିକାନ୍ତ ପ୍ରଥମ ପ୍ରଶାସନିକ ଅଧିକାରୀ ନୁହନ୍ତି। ପୂର୍ବର ଗଭର୍ନରଙ୍କ ଭଳି ସେ ମଧ୍ୟ ଆର୍‌ବିଆଇର ସ୍ୱାୟତ୍ତତା ରକ୍ଷା ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ପୂର୍ବତନ ଗଭର୍ନର ସି. ରଙ୍ଗରାଜନ ସୋମବାର ଏହା କହିଛନ୍ତି। ବିଭିନ୍ନ ସମସ୍ୟା ଉପରେ ସରକାରଙ୍କ ନିକଟତର ହୋଇ ଶକ୍ତିକାନ୍ତ କାର୍ଯ୍ୟ କରନ୍ତୁ ବୋଲି ରଙ୍ଗରାଜନ ମତ ଦେଇଛନ୍ତି। ଆର୍‌ବିଆଇ ସ୍ୱାୟତ୍ତତାକୁ କ୍ଷୁଣ୍ଣ ନ କରି ମଧ୍ୟ ଉତ୍ତମ ବୁଝାମଣା ସହ ଭଲ ଭାବେ କାର୍ଯ୍ୟ କରାଯାଇ ପାରିବ ବୋଲି ସେ ମତ ଦେଇଛନ୍ତି।

ରଙ୍ଗରାଜନ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଜିଡ଼ିପି ତଥ୍ୟକୁ ନେଇ ନିକଟରେ ହୋଇଥିବା ପରିବର୍ତ୍ତନ ସଂକ୍ରାନ୍ତରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ବିଭିନ୍ନ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି। ସିଏସ୍‌ଓ ଏକ ପ୍ରତିଷ୍ଠିତ ସଂସ୍ଥା ହୋଇଥିବାରୁ ପୁରୁଣା ତଥ୍ୟ ପରିବର୍ତ୍ତନ ବେଳେ କେଉଁ ପଦ୍ଧତି ଗ୍ରହଣ କରାଯାଇଛି ସେ ନେଇ ଠିକ୍ ତଥ୍ୟ ଦେଉ ବୋଲି ରଙ୍ଗରାଜନ କହିଛନ୍ତି।

## ରପ୍ତାନିକାରୀଙ୍କୁ ମିଳିବ ପ୍ରୋତ୍ସାହନ ପ୍ୟାକେଜ

**ନୂଆଦିଲ୍ଲୀ,୨୪-୧୨(ପି.ଟି.):** ଶ୍ରମିକ କୈନ୍ଦ୍ରିକ କ୍ଷେତ୍ରଗୁଡ଼ିକରୁ ରପ୍ତାନି ବୃଦ୍ଧି ଲାଗି ସରକାର ଯୋଜନା ରଖିଛନ୍ତି। ଚମଡ଼ା ଭଳି ବିଭିନ୍ନ କ୍ଷେତ୍ରରୁ ରପ୍ତାନିକୁ ଉନ୍ନତ କରିବାକୁ ସରକାର ପ୍ରୋତ୍ସାହନ ପ୍ୟାକେଜ ଦେବେ। ପ୍ୟାକେଜ ପ୍ରଦାନ ନେଇ ବାଣିଜ୍ୟ ମନ୍ତ୍ରଣାଳୟ ବର୍ତ୍ତମାନ ପ୍ରସ୍ତୁତ ହେଉଛି। ରପ୍ତାନିକାରୀଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଅବଗତ ହେବା ପରେ ସରକାର ଏଭଳି ନିଷ୍ପତ୍ତି ନେବାକୁ ଯୋଜନା କରିଛନ୍ତି ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ ସୋମବାର ସୂଚନା ଦେଇଛନ୍ତି। ରପ୍ତାନି କ୍ଷେତ୍ର ବର୍ତ୍ତମାନ ଚ୍ୟାଲେଞ୍ଜ ସମୟ ଦେଇ ଗତି କରୁଛି। ସଂସ୍ଥାଗୁଡ଼ିକ ଲାଗି କ୍ରେଡିଟ ଉପଲବ୍ଧତା ଏକ ପ୍ରମୁଖ ସମସ୍ୟା ହୋଇଛି। ଚମଡ଼ା, ବୟନ ଶିଳ୍ପ, ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ଭଳି କ୍ଷେତ୍ର ନୂଆ ନିଯୁକ୍ତି ସୃଷ୍ଟି କରୁଥିବାରୁ ଉକ୍ତ କ୍ଷେତ୍ରର ସମସ୍ୟାର ସମାଧାନ ଜରୁରୀ ବୋଲି ପ୍ରଭୁ କହିଛନ୍ତି।

## ଶକ୍ତି ସଂରକ୍ଷଣ କ୍ଷେତ୍ରରେ ରେଳୱେକୁ ୧୭ ପୁରସ୍କାର

**ନୂଆଦିଲ୍ଲୀ,୨୪-୧୨:** ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି ରେଳୱେକୁ ୧୭ଟି ପୁରସ୍କାର ମିଳିଛି। ଉନ୍ନତ ପ୍ରଯୁକ୍ତି ବିଦ୍ୟା ଏବଂ ଶକ୍ତି ସଂରକ୍ଷଣ ପ୍ରଣାଳୀର ପ୍ରୟୋଗକୁ ରେଳୱେ ନିରନ୍ତର ଭାବେ ପ୍ରାଥମିକତା ଦେଇ ଆସିଛି। ଗୋଟିଏ ସଂସ୍ଥା ଏତେ ସଂଖ୍ୟକ ପୁରସ୍କାର ଗ୍ରହଣ କରିବା ପ୍ରଥମ ଘଟଣା ବୋଲି ରେଳୱେ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ମୋଟ ପୁରସ୍କାର ମଧ୍ୟରୁ ରେଳୱେକୁ ୩୦% ପୁରସ୍କାର ଆସିଛି। ଏହି ଅବସରରେ ରେଳମନ୍ତ୍ରୀ ପୀୟୂଷ ଗୋୟଲ ସମସ୍ତ ରେଳ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶକ୍ତି ସଂରକ୍ଷଣ ପ୍ରଣାଳୀକୁ ନିରନ୍ତର ଭାବେ ବିନିଯୋଗ କରିବାକୁ ଗୋୟଲ ପରାମର୍ଶ ଦେଇଛନ୍ତି। ୫ ବର୍ଗ ମଧ୍ୟରୁ ରେଳ ଷ୍ଟେଶନ, ଚିକିତ୍ସାଳୟ ଅନୁଷ୍ଠାନ ବର୍ଗରେ ରେଳୱେ ବିଭିନ୍ନ ଉପବିଭାଗରୁ ଏସବୁ ପୁରସ୍କାର ହାସଲ କରିଛି।


**OFFICE OF THE MUNICIPAL, COUNCIL, SUNDARGARH**

No. 5697 — Date: 24.12.18

**1st Corrigenda**

The tender invited vide this office tender call notice No. 5649 Date 20.12.2018 and bid reference No. SNGM/13/2018-19 mention the "Supply of 5(Five) Seater Mobile Toilet van with a Water Storage tank and Sludge storage tank to Sundargarh Municipality" may be read as "Supply of **6 (Six)** Seater Mobile Toilet van with a Water Storage tank and Sludge storage tank to Sundargarh Municipality".

All other terms and conditions remain unaltered.

Sd./- Executive Officer
Sundargarh Municipality



**Office of the Executive Engineer, UI Right Canal Division No-III, Junagarh, Dist: Kalahandi**

eercd3@rediffmail.com

**e-Procurement Notice No. EE-RCD-III-01/2018-19 (01-02).Dt-21.12.2018**

**No. 1010-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal https://tendersodisha.gov.in

1. Type of the work : Breach closing of canal embankments & balance work of canals.
2. No. of works : 02 (Two)
3. Class of contractor : 'B'&'A', 'D'&'C class
4. Bid identification No. : EE-RCD-III-01/2018-19 (01-02) of EE-RCD-III, Junagarh
5. Estimated cost : Varies from Rs.10.35 Lakhs to 48.19 Lakhs
6. Period of completion : 02 (Two) calendar months
7. Date & time of availability of bid documents in the portal : From 01.01.2019, 10.00AM to 11.01.2019, 5.00PM
8. Date of opening of Bid : 12.01.2019 at 11.00 AM in the O/o Executive Engineer, UI Right Canal Division, No-III, Junagarh, Dist.- Kalahandi.
9. Name of the officer inviting tender : Executive Engineer, UI Right Canal Division No-III, Junagarh, Dist.- Kalahandi

(A) Any addendum / corrigendum / cancellation of tender can also be seen in the said Website.
(B) Further details can be seen from Government Website- https://tendersodisha.gov.in
(C) The Bidder shall transfer the required amount of EMD (Bid Security) and cost of Bid by online through electronics payment as per Govt. of Odisha WDOM No.17254/W Dt. 05.12.2017 as mentioned in DTCN.

*Sd./- Executive Engineer*
32255/11/0001/1819 — *UI Right Canal Division No-III, Junagarh*



**OFFICE OF THE EXECUTIVE ENGINEER RWSS DIVISION, RAIRANGPUR**

**INVITATION FOR BIDS**

E-mail-eerwss_rai@nic.in, eerwss.rai@gmail.com

**E-PROCUREMENT NOTICE**

**IDENTIFICATION No. 35 RWSS/RRPUR - 2018-19 / Dated. 24.12.2018**

No.1264-O: The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Government & contractor of equivalent Grade/ class registered with Central Government / Railways.

1. Nature of work :- Construction of 3.50 mtr and 5.50 mtr outer dia RCC Intake well with 10 mtr deep for different piped water supply projects under Bahalda & Tiring Block in different chargeable head.
2. No. of tenders :- 03 (three) nos.
3. Period of Completion :- 180 days
4. Cost of tender :- Rs.4000.00 to Rs. 6000.00
5. Estimated cost :- Rs.6.99 lakhs to Rs.11.28 lakhs
6. Class of Contractor :- (As mentioned in Tender Call Notice)
7. Date and time of availability of bid documents in Portal :- from 9.00 hours of dt. 28.12.18 to 17.00 hours of dt.07.01.2019
8. Receipt of bid cost, bid security, documents :- On line only.
9. Date & time of opening of technical bid :- Dt. 10.01.19 at 11.00 hours onwards.
10. Other Documents :- (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in**.
12. Any addendum / Corrigendum / Cancellation of tender can also be seen in the said website.
13. ST/SC contractors have to submit an affidavit for availing price preference of 10 % over the general category contractors.

**Sd. /-24.12.18**
25010/11/0039/1819 — **Executive Engineer, RWSS Division, Rairangpur**



**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904
OPTCL Lifeline of Orissa

**E-TENDER NOTICE NO. BAM-07/2018-19**

For and on behalf of ODISHA POWER TRANSMISSION CORPORATION LTD General Manager, EHT (O&M) Circle, Berhampur, invites Tenders from the **Manufacturers/ Suppliers having valid IT/PAN Card, GSTIN and experience** in similar type of supply of materials under OPTCL / any other Odisha Govt. Organization for **"Supply of Cable Trays required for automation work at 132/33 KV Grid Sub-Station, Aska under EHT (O&M) Division, Bhanjanagar"**. The interested bidders would be required to enroll themselves on the tender portal www.tenderwizard.com/OPTCL. Complete set of bidding documents are available at www.tenderwizard.com/OPTCL from **26.12.2018 (10.00 Hrs)to Dt. 15.01.2019 (12.30 Hrs)**. Interested Bidders /manufacturers/Suppliers may visit OPTCL's official web site http://www.optcl.co.in and www.tenderwizard.com/OPTCL for detail specification. N.B:- All subsequent addendums/corrigendum to the tender shall be hosted in the OPTCL's official web site **http://www.optcl.co.in** and **www.tenderwizard.com/OPTCL** only.

*General Manager (Elect.)*



**କୋରାପୁଟ ଜିଲ୍ଲା ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା**

**ପ୍ରାକୃତିକ ଦୁର୍ବିପାକ ଯଥା:-** ବଢ଼ି, ମରୁଡ଼ି, ରୋଗପୋକ, ଭୂସ୍ଖଳନ, ଅଦିନିଆ, ବର୍ଷା, କୁଆପଥର ବୃଷ୍ଟି ଇତ୍ୟାଦି ପ୍ରକୃତି ପ୍ରକୋପରୁ ଚାଷୀର ଫସଲକୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ୨୦୧୬-୧୭ ବର୍ଷରୁ କାର୍ଯ୍ୟକାରୀ କରାଯାଉଛି। ୨୦୧୮-୧୯ ରବି ଋତୁ ପାଇଁ ଏହି ଯୋଜନା କୋରାପୁଟ ଜିଲ୍ଲାରେ ନିମ୍ନମତେ ଲାଗୁ କରିବା ପାଇଁ ରିଲାଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଧାନ ଫସଲ ପାଇଁ ପଞ୍ଚାୟତ ଓ ଅଣଧାନ ଫସଲ ପାଇଁ ବ୍ଲକକୁ ବୀମା ଏକକ ରୂପେ ବିଜ୍ଞାପନ କରାଯାଇଛି।

୧. ଧାନ ଫସଲ ପାଇଁ ୧୦ ଗୋଟି ବ୍ଲକର ୫୩ ଗୋଟି ଗ୍ରାମପଞ୍ଚାୟତ ଯଥା:- ବୋରିଗୁମ୍ମା ବ୍ଲକ:- ଡେଙ୍ଗାପଦର, କାମରା, କାମତା, ମାଲଦା, ସାନପରଜା, ସେମଲଗୁଡା ଓ ଶଶାହାଣ୍ଡି।
୨. ଜୟପୁର ବ୍ଲକ:- ଏକମ୍ବା, ଆମ୍ବାଗୁଡ଼ା, ବଡ଼ଜୁନିଆ, ଜାଲିଆ, ଜାମୁଣ୍ଡା, ଜୟନ୍ତଗିରି, କାଳିଆଗାଁ, ପୂଜାରିପୁଟ, କଙ୍ଗା, କୁମୁଲିପୁଟ, ଅନ୍ତା, ଫମ୍ପୁଣି, ଟାଙ୍କୁଆ ଓ ଉମୁରି।
୩. କୋରାପୁଟ ବ୍ଲକ:- କୋରାପୁଟ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପଦ୍ମପୁର।
୪. ଦଶମନ୍ତପୁର ବ୍ଲକ: ମୁରଜଙ୍ଗା।
୫. କୋଟପାଡ଼ ବ୍ଲକ: ବାଟସନା, ବବେୟା, ଚିତ୍ରା, ଘୁମର, କୁସୁମି, ସର୍ଗିଗୁଡ଼ା।
୬. କୁନ୍ଦ୍ରା ବ୍ଲକ: ଭୂସଙ୍ଗଗୁଡ଼ା, ଦିଗାପୁର, ଡଙ୍ଗରପାଉଁଶି, ରାନୀଗୁଡ଼ା।
୭. ନାରାୟଣପାଟଣା ବ୍ଲକ:- ବାଲିପେଟ ଓ ନାରାୟଣପାଟଣା।
୮. ନନ୍ଦପୁର ବ୍ଲକ:- ଭେଜା, ଚାଟୁଆ, ଗୋଲୁର, ଖେମୁଣ୍ଡୁଗୁଡ଼ା, ହିକିମିପୁଟ, କୁଲାରସିଂ, କୁସଣ୍ଡି, ନନ୍ଦପୁର।
୯. ସେମିଲିଗୁଡ଼ା ବ୍ଲକ:- ଖୁଡ୍ରୀ, ପାକଝୋଲା ଓ ସୁବାଇ।
୧୦. ପଟ୍ଟାଙ୍ଗି ବ୍ଲକ:- କୋଟିୟା।

| ଅଣଧାନ ଫସଲ | ବ୍ଲକର ନାମ |
|---|---|
| ମୁଗ | ଜୟପୁର, କୋଟପାଡ଼, କୁନ୍ଦ୍ରା, ବୈପାରୀଗୁଡ଼ା, ବୋରିଗୁମ୍ମା, ସେମିଲିଗୁଡ଼ା |
| ବିରି | ବନ୍ଧୁଗାଁ, ବୈପାରୀଗୁଡ଼ା, ବୋରିଗୁମ୍ମା, ଜୟପୁର, କୁନ୍ଦ୍ରା, ଲମତାପୁଟ, ନନ୍ଦପୁର, ନାରାୟଣପାଟଣା, ପଟ୍ଟାଙ୍ଗି |
| ଆଖୁ | ଜୟପୁର, ବୋରିଗୁମ୍ମା, କୁନ୍ଦ୍ରା, କୋଟପାଡ଼, ଲକ୍ଷ୍ମୀପୁର, ନନ୍ଦପୁର |
| ଆଳୁ | ସେମିଲିଗୁଡ଼ା |

ବୀମା ଦେୟ:-

| କ୍ର ନଂ. | ବୀମା ଫସଲର ନାମ | ଏକର ପିଛା ବୀମିତ ରାଶି (ଟଙ୍କା) | ଶତକଡ଼ା ବୀମାଦେୟ | ଏକର ପିଛା ବୀମାଦେୟ ରାଶି (ଟଙ୍କା) |
|---|---|---|---|---|
| ୧ | ଧାନ | ୨୧୨୫୦.୦୦ | ୧.୫% | ୩୧୮.୭୫ |
| ୨ | ମୁଗ | ୬୫୫୦.୦୦ | ୧.୫% | ୯୮.୨୫ |
| ୩ | ବିରି | ୬୫୫୦.୦୦ | ୧.୫% | ୯୮.୨୫ |
| ୪ | ଆଖୁ | ୫୦,୦୦୦.୦୦ | .୫% | ୨୫୦୦.୦୦ |
| ୫ | ଆଳୁ | ୪୦,୦୦୦.୦୦ | ୧.୫% | ୬୦୦.୦୦ |

୨୦୧୮-୧୯ ରବି ଋତୁ ପାଇଁ ବୀମା ଦେୟର ଶେଷ ତାରିଖ ତା. ୩୧।୧୨।୨୦୧୮ ହୋଇଥିବାରୁ, ଏହି ତାରିଖ ମଧ୍ୟରେ ନିଜର ଅଣଚାଷୀ ଚାଷୀମାନେ ବ୍ୟାଙ୍କ/ସାଧାରଣ ଜନସେବା କେନ୍ଦ୍ରରେ ବୀମା ଦେୟ ପଇଠ କରି ନିଜର ଫସଲକୁ ପ୍ରାକୃତିକ ଦୁର୍ବିପାକ କ୍ଷତିରୁ ସୁରକ୍ଷିତ ରଖନ୍ତୁ। ଅଧିକ ତଥ୍ୟ ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ସୌଜନ୍ୟ
ଉପ କୃଷି ନିର୍ଦ୍ଦେଶକ, କୋରାପୁଟ ମଣ୍ଡଳ, ଜୟପୁର



**OFFICE OF THE EXECUTIVE ENGINEER RURAL WATER SUPPLY & SANITATION DIVISION, ANANDAPUR**

**INVITATION FOR BIDS**

Email- rwssanandapur@gmail.com, Ph. No. 06731220333

**IDENTIFICATION No. 22 RWSS / 2018-19 Dt.20.12.2018**

No.1246-O: The Executive Engineer, RWSS Division, Anandapur on behalf of Governor of Odisha, invites bids through e-procurement double cover system for the following works in conformity with the terms & condition of the Detailed Tender Call Notice (DTCN) from the contractors registered with the Odisha State Govt. & contractors of equivalent Grade/class registered with Central Govt/any other State Govt./MES/Railway & Reputed Engineering Firm having Valid & upto date Contractors registration certificate, GST Clearance Certificate & PAN Card as given in the DTCN to be eventually drawn up in the standard G2 Lump sum contract form.

01. Name of work : As in DTCN
02. No. of tenders : 05 Nos.
03. Tender paper cost : Mentioned in DTCN
04. Value of Work : Available in DTCN
05. Class of contractor : B & A
06. Date & time of availability of tender documents in portal : From 11 hours of 28.12.2018 to 10.01.2019 upto 17 hours
07. Date & time of seeking tender clarification : 04.01.2019 up to 13.00 hr.
08. Date & time of opening of technical bid on : 11.01.2019 at 11.30 hours in the Office of Executive Engineer, RWSS Division, Anandapur at Salapada (Kainipura), Keonjhar
09. Time of completion : 330 days
10. Bidder should remit the cost of tender paper and EMD through NEFT/RTGS payment using internet payment of the bank, in which the bidder holds his account, by adding the account no. as mention in the challan. The bidder with pending or failure payment status shall not be able to transmit their bid.
11. The bidders have to participate in online biding only. Further details can be seen from the website **http://www.tendersorissa.gov.in**.

**Sd./- Executive Engineer**
25139/11/0013/1819 — **RWS&S Division, Anandapur**



**OFFICE OF THE EXECUTIVE ENGINEER RWSS DIVISION, BHUBANESWAR**
**PLOT NO. 1214 (P), AT- TAPOVAN**
**P.O: KHANDAGIRI, BHUBANESWAR – 30**
**Tel- (0674) 2384108, E-Mail: eerwss_bbsr@nic.in**
**Govt. of Odisha e-Procurement Notice**
**Bid Identification Notice No.41 of 2018-19**

**No.1224-O:-** The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid though e-procurement in double cover system according to norm of e-procurement.

| | | |
|---|---|---|
| 1. | Nature of Work | Supplying all labour, material T&P for laying of rising main and Distribution pipe line of HDPE/GI/DI, construction of pump house, compound wall, RCC ESR, UGR,SV chamber, Stand post with other ancillary works. For water supply schemes under Khordha Division. |
| 2. | No. of Tender | 14 Nos. |
| 3. | Tender Paper Cost | Rs.10000.00 |
| 4. | Value of Work | From 63.04 Lakhs to 99.95 lakhs |
| 5. | Class of Contractor | B" A" |
| 6. | Date & time of availability of Bid document in portal | 26-12-2018 4.00 P.M. to 07-01-2019 Upto 3.00 P.M. |
| 7. | Date & Time of seeking tender clarification | 26.12-2018 4.00 P.M. to 29-12-2018 Upto 3.00 P.M. during office hour |
| 8. | Date & Time of opening of tender | 08.01.2019 at 11.00 A.M. in the O/O E.E., RWSS Divn., Bhubaneswar |
| 9. | Time of Completion | 180 days |
| 10. | The bidders have to participate in online bidding only. Further details can be seen from the web site : https://www.tendersorissa.gov.in. corrigendum if any shall only be published above web site. | |
| 11. | The Bid cost and EMD to be deposited through online. | |

**EXECUTIVE ENGINEER**
**25011/11/0029/1819** — **RWS&S DIVISION, BHUBANESWAR**



**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**
ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର – ୭୫୧୦୧୩
Website: chseodisha.nic.in
ସଂଖ୍ୟା- ଦୂ.ଶି-୧-୦୭।୨୦୧୮/୬୭୧୩/ଉମାଶିପ/ତା୨୪।୧୨।୨୦୧୮

**ବିଜ୍ଞପ୍ତି**

**୨୦୧୮-୧୯ ଶିକ୍ଷା ବର୍ଷରେ +୨ ପତ୍ର ବିନିମୟ ପାଠ୍ୟକ୍ରମ**
**(Correspondence Course 1st year) ପ୍ରଥମ ବର୍ଷ (ଦ୍ୱିତୀୟ ପର୍ଯ୍ୟାୟର) ନାମଲେଖା ନିମନ୍ତେ ଆବେଦନ**

No.66-N: ଉଚ୍ଚ ପ୍ରାଥମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର ପତ୍ର ବିନିମୟ (Correspondence Course 1st year) ରେ ୨୦୧୮-୧୯ ଶିକ୍ଷା ବର୍ଷ ନିମନ୍ତେ କଳା ଓ ବାଣିଜ୍ୟ ସ୍ରୋତରେ +୨ ପ୍ରଥମ ବର୍ଷ (ଦ୍ୱିତୀୟ ପର୍ଯ୍ୟାୟର) ଆବେଦନ ଏବଂ ନାମଲେଖା ନିମନ୍ତେ ଆସନ୍ତା ୨୬।୧୨।୨୦୧୮ ରୁ ୦୫।୦୧।୨୦୧୯ ମଧ୍ୟରେ ନିର୍ଦ୍ଧାରିତ ତାରିଖ ଅନୁଯାୟୀ କରାଯିବ। ଏହାର ବିଶଦ ବିବରଣୀ website- **www.chseodisha.nic.in** ଏବଂ **www.samsodisha.gov.in**. ରେ ଉପଲବ୍ଧ।

ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ
11003/11/0022/1819 — ସ୍ୱା./– ସଚିବ



**GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISION, KUCHINDA**

**"e" Procurement Notice for Road & Building Works**

**Identification No Online Tender / 07 / RWD, Kuchinda / 2018-19**

No.1242-O

1. Name of the work :: Road & Building works
2. Total Number of Works :: 03 Nos.
3. Estimated Cost :: (A) Rs. 44.42 Lakhs, (B) Rs. 8.80 Lakhs & (C) Rs. 16.90 Lakhs
4. Class of Contractor :: (A) Road Work (B & A Class of Contractor), (B) Road Work (D & C Class of Contractor), (C) Building Work (D & C Class of Contractor)
5. Period of Completion :: (A) 02 (Two Calendar Months), (B) 01 (One Calendar Month), (C) 06 (Six Calendar Months)
6. Availability of Tender online For bidding :: 27.12.2018 at 11.00 A.M. to 08.01.2019 upto 5.00 P.M.
7. Last date & time of seeking tender clarification :: 07.01.2019 upto 5.00 P.M.
8. Date & time of opening of tender :: 09.01.2019 (11.00 A.M.)

Further details can be seen from the website **www.tendersodisha.gov.in**.

**Sd./- Executive Engineer,**
25151/11/0003/1819 — **Rural Works Division, Kuchinda**



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2540051 (EPABX) CIN: U40102OR2004SGC007553
OPTCL Lifeline of Odisha

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

**e-TENDER NOTICE NO.: CPC-52/2018-19** — **Date: 25.12.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning of Balance work of 2x20 MVA 132/33KV Grid Substation at Birmaharajpur and 132K Bay Extension at 132/33KV Grid S/S Sonepur along with 132KV Transmission line from 132/33KV Grid S/S Sonepur to Birmaharajpur at an Estimated Cost of the Package for Rs.12.93 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/ OPTCL"** portal from Dt.**(27.12.2018) / (11:00)AM** up to Dt.**(22.01.2019) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.

**Note :** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

**Sd/-**
**Chief General Manager (CPC)**
**CR Advt. No.71/2018-19** — **e-Mail: sgm.cpc@optcl.co.in**

Please connect us: optcl.odisha optcl_odisha energyodisha



୨୦୧୮ରେ ମୁଁ ବିନା ଇଞ୍ଜୁରିରେ ୩୫ଟି ଟୁର୍ଣ୍ଣାମେଣ୍ଟ ଖେଳିଛି। ଆସନ୍ତା ନୂଆ ସିଜନରେ ମୋ ସର୍ଭିସକୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ ।
–ରାମକୁମାର ରାମନାଥନ, ଭାରତୀୟ ଟେନିସ୍ ଖେଳାଳି



ଆସନ୍ତା ଏସିଆନ କପ୍‌ରେ ଭାରତର ପ୍ରଦର୍ଶନ କ'ଣ ରହିବ ତାହା ଥାଇଲାଣ୍ଡ ବିପକ୍ଷ ଓପନିଂ ମ୍ୟାଚରୁ ବାରି ହୋଇଯିବ ।
–ରିନେଡି ସିଂ, ପୂର୍ବତନ ଫୁଟବଲ ଖେଳାଳି

## ସଂକ୍ଷେପରେ

### କଳିଙ୍ଗ କପ୍ କ୍ରିକେଟ
## ରାମେଶ୍ୱର ସ୍ପୋର୍ଟିଂ ସେମିରେ

ମାର୍ଶାଘାଇ ୨୪।୧୨( ଡି.ଏନ.ଏ.): ମାର୍ଶାଘାଇ ଥାନା ଓସ୍ତରହାଟ ଖେଳପଡିଆରେ ଅନୁଷ୍ଠିତ ୨ୟ କଳିଙ୍ଗ କପ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ମ୍ୟାଚରେ ସୋମବାର ଝାରସୁଗୁଡାର ପ୍ରୋଗ୍ରେସିଭ ଟିମ୍‌କୁ ୫ ଉଇକେଟରେ ହରାଇ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଝାରସୁଗୁଡା ଟିମ୍ ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ ବିନିମୟରେ ୨୦୭ ରନ୍ କରିଥିଲା। ଦଳ ତରଫରୁ ଅଧିନାୟକ ପୁଷ୍କର ରାଜ୍ ସର୍ବାଧିକ ୮୪ (୩୯ବଲ୍)ଏବଂ ସନ୍ତୋଷ ଯାଦବ ୬୯ (୬୯ବଲ୍)ରନ୍ କରିଥିଲେ। ରାମେଶ୍ୱରର ପରେଶ ପଟେଲ ୫ ଓଭରରେ ୨୬ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ଟିମ୍ ୨୪.୩ ଓଭରରେ ୫ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ଭୂୟାଁ ୯୨(୫୬) ଏବଂ ପରେଶ ପଟେଲ ୩୪(୨୩) କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ବିଶ୍ୱଜିତ୍ ଭୂୟାଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ କେନ୍ଦ୍ରାପଡ଼ାର ବାଲାବାବା ଟିମ୍ ଏବଂ ଭୁବନେଶ୍ୱରର ରାମେଶ୍ୱର ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କଳିଙ୍ଗ ୟୁଥ୍ ଅର୍ଗାନାଇଜେଶନ ତରଫରୁ ସୂଚନା ଦିଆଯାଇଛି।

# ଓଡ଼ିଶା ପାଇଁ ବିଜୟ ସୁଯୋଗ

### ରଣଜୀ ଟ୍ରଫି

କଟକ ଅଫିସ,୨୪।୧୨

ଜମ୍ମୁ କଶ୍ମୀର ବିପକ୍ଷରେ ବିଜୟ ପଏଣ୍ଟ ହାସଲ କରିବାର ସୁଯୋଗ ସୃଷ୍ଟି କରିଛି ଓଡ଼ିଶା। ଜମ୍ମୁର ଗାନ୍ଧୀ ମେମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡରେ ଚାଲିଥିବା ରଣ୍ଜୀ ଟ୍ରଫି ଏଲିଟ୍ ଗ୍ରୁପ୍–ସି'ର ଏହି ମ୍ୟାଚ୍‌ର ସୋମବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରୁଥିବା ଜମ୍ମୁ କଶ୍ମୀର ୭ ଉଇକେଟ ହରାଇ ୨୭୨ରନ୍ କରିଛି। ହାତରେ ୩ ଉଇକେଟ ବାକି ଥିବା ବେଳେ ଦଳ ମାତ୍ର ୭୬ ରନ୍‌ର ଅଗ୍ରଣୀ ହାସଲ କରିଛି। ମାତ୍ର ଜମ୍ମୁ କଶ୍ମୀର ଅଧିନାୟକ ପରଭେଜ ରସୁଲ ୧୨୫ ରନ୍‌ରେ ଏବେବି ଅପରାଜିତ ରହି ଓଡ଼ିଶା ବିଜୟରେ ବାଧକ ସାଜିଛନ୍ତି। ମଙ୍ଗଳବାର ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଆରମ୍ଭର ପ୍ରଥମ ସେସନ୍‌ରେ ଜମ୍ମୁର ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ଉଇକେଟ ଖୁବଶୀଘ୍ର ଅକ୍ତିଆର କରି ଓଡ଼ିଶା ମ୍ୟାଚ୍‌କୁ ହାତେଇବାକୁ ଚେଷ୍ଟା କରିବ। ସୂଚନା ଥାଉକି, ଜମ୍ମୁ କଶ୍ମୀରର ପ୍ରଥମ ଇନିଂସ୍ ୧୨୭ ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୩୨୩ ରନ୍ କରିଥିଲା।

ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଜମ୍ମୁ କଶ୍ମୀର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ବିନା ଉଇକେଟରେ ୨୭ ରନ୍ କରିଥିଲା। ୩ୟ ଦିବସର ଖେଳ ଆରମ୍ଭରୁ ଓଡ଼ିଶା ପେସ ବୋଲରଙ୍କୁ ଜମ୍ମୁ କଶ୍ମୀରର ଦୁଇ ଓପନର କମରନ ଇକବାଲ ଓ ଶୁଭମ ଖଜୁରିଆ ସହଜରେ ସମ୍ମୁଖୀନ କରିଥିଲେ। ମାତ୍ର ୧୫ ଓଭରର ପେସ୍ ଆଟାକ୍ ପରେ ସ୍ପିନ ବୋଲିଂର ସହାୟତା ନେଇଥିଲା ଓଡ଼ିଶା। ଶୁଭମ (୧୧ ରନ)ଙ୍କୁ ଆଉଟ୍ କରି ଓଡ଼ିଶା ନିମନ୍ତେ ପ୍ରଥମ ବ୍ରେକଥ୍ରୁ ଧିରଜ ସିଂ ଦେଇଥିଲେ। ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ଇଆନ ଚୌହ୍ୱାନ ୪ ରନରେ ବସନ୍ତ ମହାନ୍ତିଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ତୃତୀୟ ଉଇକେଟ ଭାଗୀଦାରିରେ ଇକବାଲ ଓ ଓଆସିସ ସାହା ୪୩ ରନ୍ ଯୋଡ଼ିଥିଲେ। ୧୭୨ବଲରୁ ୬୭ ରନ୍ କରି ଖେଳୁଥିବାବେଳେ ଇକବାଲ ବସନ୍ତଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ପରେ ସାହା ୨୮ ରନ୍‌ରେ ପାର୍ଟଟାଇମ୍ ସ୍ପିନର ଗୋବିନ୍ଦ ପୋଦ୍ଦାର ଦ୍ୱାରା ଆଉଟ ହୋଇଥିଲେ। ଦଳୀୟ ସ୍କୋର ୧୩୮ ରନ୍‌ରେ ଜମ୍ମୁ କଶ୍ମୀର ୪ଟି ଉଇକେଟ ହରାଇଥିଲେ ମଧ୍ୟ ଅଧିନାୟକ ପରଭେଜ ରସୁଲ ଓ ତାରକା ଖେଳାଳି ଇର୍ଫାନ ପଠାନ କ୍ରିଜରେ ଦୀର୍ଘ ସମୟ ଧରି ତିଷ୍ଠି ରହିବାରେ ସଫଳ ହୋଇଥିଲେ। ଉଭୟ ବେଶ ସତର୍କତାର ସହ ବ୍ୟାଟିଂ ଜାରି ରଖିଥିଲେ। ଉଭୟଙ୍କ ମଧ୍ୟରେ ୬୯ ରନ୍‌ର ଭାଗୀଦାରି ସୃଷ୍ଟି ହୋଇଥିଲା। ୫୦ବଲ ସମ୍ମୁଖୀନ ହୋଇ ୧୫ ରନ କରିଥିବା ଇର୍ଫାନଙ୍କୁ ଆଉଟ କରି ପୋଦ୍ଦାର ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ପରେ ଉଇକେଟକିପର ଓବେଦ ହାରୁନ ୨ ରନ୍‌ରେ ଧୀରାଜ ସିଂଙ୍କ ଦ୍ୱାରା କ୍ଲିନ ବୋଲ୍ଡ ଓ ଆକାଶ ଚୌଧୁରୀ ୭ ରନ୍‌ରେ ରନ୍‌ଆଉଟ ହୋଇଥିଲେ। ମାତ୍ର ଅଧିନାୟକ ପରଭେଜ ରସୁଲ ଗୋଟିଏ ପାର୍ଶ୍ୱରୁ ବଡ଼ଶଟ୍ ଖେଳିବା ଜାରି ରଖିଥିଲେ। ୪୮ ବଲରୁ ଅର୍ଦ୍ଧଶତକ ଓ ୧୨୮ ବଲରୁ ଶତକ ହାସଲ କରି ସେ ୧୨୫ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ବସନ୍ତ, ଧୀରାଜ ଓ ପୋଦ୍ଦାର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।



ଶତକ ହାସଲକାରୀ ପରଭେଜ ରସୁଲ।

**ସଂକ୍ଷିପ୍ତ ସ୍କୋର**

- ଜମ୍ମୁ କଶ୍ମୀର ପ୍ରଥମ ଇନିଂସ:୧୨୭/ଅଲଆଉଟ
- ଓଡ଼ିଶା ପ୍ରଥମ ଇନିଂସ୍- ୩୨୩ ଅଲ୍‌ଆଉଟ୍
- ଜମ୍ମୁ କଶ୍ମୀର ଦ୍ୱିତୀୟ ଇନିଂସ୍:୨୭୨/୭, ପରଭେଜ ରସୁଲ ୧୨୫ ରନ, କମରନ ଇକବାଲ ୬୭ରନ୍, ଇର୍ଫାନ ପଠାନ ୧୫ରନ୍, ବସନ୍ତ ମହାନ୍ତି ୪୫/୨, ଗୋବିନ୍ଦ ପୋଦ୍ଦାର ୫୩/୨

### ■ ସର୍ବଭାରତୀୟ୍ ଚରମ୍ପା କପ୍ କ୍ରିକେଟ
## ଉଦ୍‌ଘାଟନୀ ଜିତିଲା କ୍ରାଉନ ଇନ୍



ଅତିଥିଙ୍କ ସହ ଦୁଇ ଦଳ।

ଭଦ୍ରକ ଅଫିସ, ୨୪।୧୨ : ଭଦ୍ରକ ଜିଲା ଚରମ୍ପା ଯୁବକ ସଂଘ ଆନୁକୂଲ୍ୟରେ ସଞ୍ଜୀବ ଜୁଏଲସ୍ ପ୍ରାୟୋଜିତ ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନର ସାଧାରଣ ସମ୍ପାଦକ ଧୀରେନ ପଲାଇ ଓ ଶହୀଦ ଭଗତ ସେନାର ମୁଖ୍ୟ ସିତାଂଶୁ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରର ଶହୀଦ ସ୍ପୋର୍ଟିଂ ଓ କ୍ରାଉନ ଇନ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ଶହୀଦ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦.୫ ଓଭରରେ ୧୨୫ ରନ୍ କରି ଅଲ୍ ଆଉଟ ହୋଇଯାଇଥିଲା। କ୍ରାଉନ ଇନ୍ ୧୬.୪ ଓଭରରେ ୩ ଉଇକେଟ ହରାଇ ୧୨୯ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦୀପ୍ତି ମିଶ୍ର ସର୍ବାଧିକ ୫୧ ରନ୍ ସଂଗ୍ରହ କରିଥିଲେ। ଚରମ୍ପା ଆର୍‌ସିବିଏଲ୍ ହାଇସ୍କୁଲ ପ୍ରାଙ୍ଗଣରେ ରୋଟାରିଆନ ଅତିଶ କୁମାର ବେହେରାଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ହୋଇଥିଲା। ଅଧକ୍ଷ ମଦନ ମୋହନ ମହାନ୍ତି, ଶ୍ରବଣ ପଲାର, ଭାଗବତ ପଡ଼ିଆରୀ, ବାବାଜୀ ସାମଲ, ତାପସ ପାଠୀ, ଅମିୟ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବ ସଭାପତି ପଦ୍ମନାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରାଉନ ଇନ୍‌ର କିଶାନ ରାଉତଙ୍କୁ 'ମ୍ୟାନ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ରଞ୍ଜନ ମହାନ୍ତି, ଲଲାଟ କେଶରୀ ନନ୍ଦ ଓ ନୁର ମହମ୍ମଦ ଖାନ ଅମ୍ପାୟାର ଏବଂ ରେଫେରୀ ଭାବେ ଗଗନ ରାଉଳ ଦାୟିତ୍ୱ ତୁଲାଇଥିଲେ। କିଶାନ ମନୋହର ମହାନ୍ତି ସ୍କୋରର ଓ ମହମ୍ମଦ ରାଜୁ ଭାଷ୍ୟକାର ଭାବେ ପରିଚାଳନା କରିଥିଲେ।

## ସମ୍ବଲପୁରକୁ ହରାଇଲା ବାରବାଟୀ

ଭୁବନେଶ୍ୱର, ୨୪।୧୨(ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବାଙ୍ଗାଲୋରରେ ଚାଲିଥିବା ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍)ରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ କଟକର ବାରବାଟୀ ସୁପରକିଙ୍ଗ୍ସ ୩ ଉଇକେଟ୍‌ରେ ପାଇରେଟ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ୧୮.୨ ଓଭରରେ ୧୧୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ସୁପରକିଙ୍ଗ୍ସ ୧୬.୧ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

### ■ ଅଲ୍ ଓଡ଼ିଶା ନାଲ୍‌କୋ କପ୍ ଟେନିସ୍
## ଭାର୍ଗବୀ-ଅମିକ, କବୀର-ଅଂଶୁ ଫାଇନାଲ

ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଆରମ୍ଭ ହୋଇଥିବା ଦୁଇଦିନିଆ ୨୦ତମ ଅଲ ଓଡ଼ିଶା ନାଲକୋ କପ୍ ଟେନିସ ଟୁର୍ଣ୍ଣାମେଣ୍ଟର ୧୨ ଓ ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ବାଳକ, ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ବାଳିକା, ପୁରୁଷ ଓ ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ପୁରୁଷ ବିଭାଗ ସିଙ୍ଗଲ୍ସରେ କବୀର ହଂସ ଓ ଅଂଶୁ କୁମାର ଭୂୟାଁ ଟାଇଟଲ ପାଇଁ ପରସ୍ପରକୁ ଭେଟିବେ। ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କବୀର ୬-୨, ୬-୦ ସେଟରେ ଅଭିଷେକ ମହାପାତ୍ର ଓ ଦ୍ୱିତୀୟ ସେମିଫାଇନାଲରେ ଅଂଶୁ ୬-୨, ୬-୦ ସେଟରେ ସ୍ୱସ୍ତିକ ସତ୍ୟକାମ ପ୍ରଧାନଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

ସେହିପରି ମହିଳା ବିଭାଗ ସିଙ୍ଗଲ୍ସ ଫାଇନାଲରେ ଭାର୍ଗବୀ କଲାଗା ଓ ଅମିକ କିରଣ ବଚ୍ଚ ଟାଇଟଲ ପାଇଁ ଫାଇନାଲରେ ପରସ୍ପରକୁ ଭେଟିବେ। ପ୍ରଥମ ସେମିରେ ଭାର୍ଗବୀ ୬-୩,୬-୦ ସେଟ୍‌ରେ ଅନନ୍ୟା ଯାଦବଙ୍କୁ ଓ ଅମିକ ୬-୨,୬-୧ ସେଟ୍‌ରେ ଦୀକ୍ଷା ରାଉତଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି।



ଅମୀକ କିରଣ ବଚ୍ଚ

ଅନ୍ୟପଟେ ୧୬ ବର୍ଷରୁ କମ୍ ବାଳକ ବିଭାଗ ସିଙ୍ଗଲ୍ସରେ ଅଭିଷେକ ମହାପାତ୍ର ଓ ଆଶିଷ ପରିଡା ଫାଇନାଲରେ ପରସ୍ପରକୁ ଭେଟିବେ। ପ୍ରଥମ ସେମିରେ ଅଭିଷେକ ୬-୨,୬-୪ ସେଟରେ ଯଶରାଜ ନାୟକଙ୍କୁ ଓ ଆଶିଷ ୪-୬,୭-୫,୬-୩ ସେଟରେ ରାହୁଲ ବେହେରାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ବିଭାଗରେ ଦେବାଶିଷ ସାହୁ ଓ ସମ୍ମିତ ଶର୍ମା ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଦେବାଶିଷ ୬-୧, ୬-୨ ସେଟରେ ଲଳିତ ଟୁଡୁଙ୍କୁ ଓ ସମ୍ମିତ୍ ୬-୧,୬-୨ ସେଟ୍‌ରେ ଶୁଭ୍ରନୀଲ ବର୍ମନଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି।

ଅପରପକ୍ଷରେ ଭେଟେରାନ ଡବଲ୍ସ ୫୦+ କ୍ୱାର୍ଟର ଫାଇନାଲରେ ବି.ଏନ. ମହାନ୍ତି- ଅଜୟ ସାହୁ ପ୍ରତିପକ୍ଷ ୟୁ.ଏନ. ଦାସ- ଗଙ୍ଗାଧର ନାୟକଙ୍କୁ ୬-୦ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ଭେଟେରାନ ୬୦+ କ୍ୱାର୍ଟର ଫାଇନାଲରେ ପ୍ରଭାତ ବକ୍ସି ଓ ଭି ରମନ ୬-୨ରେ ଏମ.ଭି. ରାଓ ଓ ନୀଳମଣି ତ୍ରିପାଠୀଙ୍କୁ, ଜି.ଆର. ଦାସ ଓ ଜେ.ଏନ. ପଟ୍ଟନାୟକ ୬-୩ରେ ଆର.କେ. ଦାସ ଓ ଏନ. ଦାସଙ୍କୁ, ଜେ. ଗାଣ୍ଟା ଓ ପି.କେ. ପଟ୍ଟନାୟକ ପ୍ରତିପକ୍ଷ ଏସ୍.କେ. ଗୋସ - ଏ. ପାର୍ଥ ସାରଥୀଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ସେହିପରି ବାଳିକା ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ଅଚିତା ସାହୁ ଓ ଦୀକ୍ଷା ରାଉତ ପରସ୍ପରକୁ ଭେଟିବେ। ଅଚିତା ପ୍ରଥମ ସେମିରେ ୫-୫ (୭-୫)ରେ ମାହିକା ଷଡଙ୍ଗୀଙ୍କୁ ଓ ଦୀକ୍ଷା ୬-୧ରେ ସୋହିନୀ ଏସ୍ ମହାନ୍ତିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

### ସର୍ବଭାରତୀୟ ମହାବୀର କପ୍
## ଫୁଟ୍‌ବଲ: କାଳୀଘାଟ ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା), ୨୪।୧୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା କୁହୁଡ଼ି ଜନତା ଷ୍ଟାଡିୟମରେ ମହାବୀର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୫୧ତମ ସର୍ବଭାରତୀୟ ମହାବୀର କପ୍‌ର ୪ର୍ଥ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋମବାର କୋଲ୍‌କାତାର କାଳୀଘାଟ ଫ୍ରେଣ୍ଡ୍ସ କ୍ଲବ୍ ୧-୦ ଗୋଲରେ ଭୁବନେଶ୍ୱରର କିଶୋର କ୍ଲବ୍‌କୁ ହରାଇ ଦେଇଛି। ଆଲମ୍ ଗିରି ହୁସେନ ଦଳ ପକ୍ଷରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ଟାଙ୍ଗୀ ବିଡିଓ ଭାସ୍କର ରଇତ, ସିନେତାରକା ସାତ୍ୱିକ୍ ମିଶ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଶିବପ୍ରସାଦ ଦାସ, ପ୍ରିୟବ୍ରତ ବାହିନୀପତି, ଲକ୍ଷ୍ମୀପ୍ରସାଦ ନାଇଡୁ ଓ ଦିଗ୍‌ବିଜୟ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ରୂପେ କାଳୀଘାଟର ଆଲମ୍ ଗିରି ହୁସେନ୍ ଓ କିଶୋର କ୍ଲବ୍‌ର ଆଲୋକ ଦେହୁରିଙ୍କୁ ବଦନମଣି ଛୋଟରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଲକ୍ଷ୍ମୀଧର ଦଳାଇ ସୁନ୍ଦର କଳା, କୌଶଳ ପ୍ରଦର୍ଶନ କରିଥିଲେ। ମଙ୍ଗଳବାର ଝାଡ଼ଖଣ୍ଡର ଧାନବାଦ ଫୁଟ୍‌ବଲ ଏକାଡେମୀ ଓ ତାମିଲନାଡୁର ଚେନ୍ନାଇ ପୋଲିସ ମଧ୍ୟରେ ମୁକାବିଲା ହେବ ବୋଲି ସମ୍ପାଦକ ମନୋଜ କୁମାର ମାନ୍‌ସିଂହ ସୂଚନା ଦେଇଛନ୍ତି।

**ତହସିଲ କାର୍ଯ୍ୟାଳୟ, ସାଲେପୁର**

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁମାନଙ୍କ ନିକଟରେ ପୁରୁଣା ଦଲିଲ୍/ କବଲା ରହିଅଛି, ଦାଖଲ ଖାରଜ ପାଇଁ ଆବେଦନ କରିନାହାନ୍ତି କିମ୍ବା ହାତଲେଖା ପଟ୍ଟା ପାଇଥିଲେ ମଧ୍ୟ ତାହା କମ୍ପ୍ୟୁଟରୀକରଣ କରାଯାଇନାହିଁ, ସେମାନେ ଚଳିତ ମାସ ତା. ୧୯।୧୨।୨୦୧୮ରିଖଠାରୁ ତା ୧୦।୦୧।୨୦୧୯ ରିଖ ସୁଦ୍ଧା ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମଧ୍ୟରେ ଆବେଦନ କରିପାରିବେ। ଏହାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ସ୍ୱା./- ତହସିଲଦାର, ସାଲେପୁର

**DISTRICT OFFICE, SUBARNAPUR**
**(SOCIAL WELFARE SECTION)**

**No. 2064/ SW Dt. 22.12.2018**
**Tender Call Notice**

Sealed tenders in the prescribed forms are invited from the intending registered Firms/ Agencies for "WALL PAINTING AT G.P. LEVEL ON IYCF" for 96 Nos. of G.P. of Subarnapur District. The Tender wil be received till 1.00 PM of 08.01.2019 & will be opened on the same day at 3.00 PM. For other details please see Notice board of DSWO or may visit the official website of Subarnapur District (http://www.subarnapur.nic.in).

**Sd./- Collector, Subarnapur**

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
No.CAD-1163:- **BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581(0)/ 232641 (R), Fax: 06861-232541, E mail: <unit.head_balimela@yahoo.com>**

**REGD. OFFICE: ODISHA HYDRO POWER CORPORATION LIMITED**
**(A Government of Odisha Undertaking)**
**Odisha State Police Housing & Welfare Corporation Building, Vanivihar Chouk, Janapath,Bhubaneswar-22, Tel: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPOWER**
**EMail: ohpc.co@gmail.com/ md@ohpcltd.com, WEB: www.ohpcltd.com**
**CIN: U40101OR1995SGC003963**

**File No. BHEP/ Design / CW-1/ 6480** **Dated: 22.12.18**

**1st CORRIGENDUM TO TENDER CALL NOTICE NO. BHEP/ 6158 DTD. 06.12.2018 of BHEP, BALIMELA**

1) The last date and time of submission of the tender document is extended up-to 12.00 PM of Dtd. 29.12.2018 of Group-A only.
2) The last date and time of opening of the above tender is at 12.30 PM of 29.12.2018.

All other terms and conditions of the above tender remain unchanged.

Further details like corrigendum to the tender call notice etc. can be available in www.ohpcltd.com.

**04019/11/0091/1819** **Sd./- Senior General Manager (EL)**

**Office of The Chief District Medical & Public Health Officer, Ganjam**
**City Hospital Road, Berhampur-760001, Ganjam**

**Request for Proposal (RFP) for Printing of IEC/BCC Materials, Wall Painting, Fixation of Hoardings & Supply of Office Stationery**

**District Programme Management Unit (DPMU)**
**Advt. No. 1/ IEC/BCC/DPMU/NHM/Gan/2018, Date: 24.12.2018**

Sealed Tenders are invited from the reputed Manufacturer/ Authorised suppliers having valid GSTIN /PAN / and VAT Clearance Certificate for Printing of IEC/ BCC materials, Wall Painting & fixation of Hoardings etc. to office of the CDMO Cum District Mission Director, Ganjam on annual rate contract basis.

The sealed quotation should reach at O/o CDMO, Ganjam on any working day by **Dt: 14.01.2019** till **5.00 P.M** along with all required documents **by Speed Post/ Regd. Post only**. The tender will be opened on **Dt: 16.01.19** at **11.00 A.M** in the office of the undersigned in presence of the Bidders / authorized representative of the quotationers. Details regarding items and terms & conditions may be downloaded from the website: **https://ganjam.nic.in** from **Dt: 27.12.2018**. The undersigned reserves the right to accept or reject any or all the bids without assigning any reason thereof.

**Sd./- Chief District Medical & Public Health Officer, Ganjam**




## ଜାଭେଦଙ୍କ ଅବସର

ଆବୁଧାବି,୨୪।୧୨: ପୂର୍ବତନ ୟୁଏଇ ଅଧିନାୟକ ଅମଜାଦ ଜାଭେଦ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଜାଭେଦ ୟୁଏଇ ପକ୍ଷରୁ ୧୫ ଦିନିକିଆ ଓ ୨୨ ଟି୨୦ ଖେଳିଥିଲେ। ୩୮ ବର୍ଷୀୟ ଅଲରାଉଣ୍ଡର ନେପାଳ ବିପକ୍ଷରେ ଅନ୍ତିମ ମ୍ୟାଚ୍ ଖେଳିଥିଲେ। ଅବସର ସମ୍ପର୍କରେ ସେ ଟୁଇଟର ଜରିଆରେ ସୂଚନା ଦେଇଛନ୍ତି। ୟୁଇଏ କ୍ରିକେଟରୁ ଅବସର ନେବାକୁ ସମୟ ଆସିଯାଇଛି। ମୋତେ ସୁଯୋଗ ଦେବା ଲାଗି ଏମରାଇଟ୍ସ କ୍ରିକେଟ ଓ ଆଇସିସିକୁ ଧନ୍ୟବାଦ। ଏବେଠାରୁ ମୁଁ ଜଣେ ପ୍ରଶଂସକ ବୋଲି ସେ ଲେଖିଛନ୍ତି। କେନିୟା ବିପକ୍ଷ ୨୦୧୪ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଜାଭେଦ ବିସ୍ଫୋରକ ୬୩ ରନ୍ କରିଥିଲେ।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
**DISTRICT PROGRAMME MANAGEMENT UNIT (DPMU)**
**NATIONAL HEALTH MISSION (NHM)**

Quotation No. 3741 Date: 22.12.18

**QUOTATION CALL NOITCE FOR supply / empanelment / hiring OF VEHICLES**

No.689-E: Sealed quotations are invited from registered agencies/Individuals for supply/empanelment of vehicles to be used for official purposes. The details term and conditions are available in the district website www.puri.nic.in. The requirement of vehicles, location and purpose of use along with the basis of supply/hiring/empanelment of the agencies are given below.

| Sl. No. | Type of vehicle | PLACE OF WORK (location) | NATURE OF TRANSACTION | BASIS |
|---|---|---|---|---|
| 01 | Scorpio, Bolero-xls, Xylo, Indigo, Swift Dezire, TUV etc | DPMU, DHH, Puri | HIRING | Monthly |
| | | DPMU/BPMUs of Puri Dist | Empanelment | FOR Monthly |
| 02 | Scorpio, Bolero, Xylo, Indigo, Swift Dezire etc | DPMU, DHH, Puri | Empanelment | Per Day |
| | | BPMUs of Puri Dist | Empanelment | Per Day |
| 03 | Bolero, Scorpio | RBSK for CHARICHHAK | Hiring | Monthly Basis |
| 04 | Two wheelers with gear for Male staffs (Any brand) | RNTCP | Purchase- 06 vehicles (on-road price should be below 65000/-) | One Time/till the validity of rate |
| | Two wheelers without gear for Female staffs (Any brand) | | | |
| 05 | Tata Ace type carrier Auto for transportation of goods as per requirement. | DPMU, DHH, Puri | Empanelment | Per Day, as and when required |

The bidding documents complete in all respect should reach the District Programme Management Unit, 0/0-CDM&PHO, DHH, Puri on or before 07.01.2019 through post or courier and superscribed as "BID DOCUMENTS FOR QUOTATION CALL NOTICE No.3741". The bids will be opened on 08.01.2019 at 11 A.M.

The authority reserves the right to cancel or accept any Quotation fully or partially without assigning any reason thereof.

10021/11/0041/1819 **Sd./- Chief District Medical & Public Health Officer, Puri**



> ଆଇପିଏଲ ଟିମ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରରେ ମୁଁ ବିରାଟ କୋହଲିଙ୍କ ଅଧିନାୟକତ୍ୱରେ ଖେଳିଛି। ତାଙ୍କ ଅଧୀନରେ ଖେଳିବା ମଜା ନିଆରା ।
> –ମିଚେଲ ଷ୍ଟାର୍କ, ଅଷ୍ଟ୍ରେଲିଆ ପେସ୍ ବୋଲର



> ଯଦି ମୋ ବ୍ୟାଟ୍ ଠିକ୍ ଚାଲେ ତେବେ ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ' ଟେଷ୍ଟରେ ମୁଁ ଏକ ଶତକ ଏପରି କି ଦ୍ୱିଶତକ ହାସଲ କରିବାକୁ ଲକ୍ଷ୍ୟ ରଖିଛି ।
> –ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟ ଉପଅଧିନାୟକ

## ସଂକ୍ଷେପରେ

### କୁଚ୍‌ବିହାର ଟ୍ରଫି: ସୌରାଷ୍ଟ୍ର ୨୨୯/୩

**କଟକ ଅଫିସ,୨୪।୧୨:** ରାଜକୋଟସ୍ଥିତ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ସୋମବାରଠାରୁ ୧୯ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିର ଓଡ଼ିଶା ବନାମ ସୌରାଷ୍ଟ୍ର ମ୍ୟାଚ୍ ଆରମ୍ଭ ହୋଇଛି। ଏଥିରେ ଟସ୍ ଜିତି ଘରୋଇ ସୌରାଷ୍ଟ୍ର ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୧୧ରନ୍‌ରେ ଓପନର ଏ. ରାଥୋଡଙ୍କ ଉଇକେଟ ହରାଇଥିଲେ ମଧ ଦ୍ୱିତୀୟ ଉଇକେଟରେ ୧୪୦ରନ୍ ଓ ୩ୟ ଉଇକେଟରେ ୪୪ରନ୍ ଯୋଡ଼ି ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ଉଇକେଟ ହରାଇ ୨୨୯ରନ୍ କରିଛି। ଅଧିନାୟକ ସିଦ୍ଧାନ୍ତ ରାଣା ୧୧୯ ରନ୍‌ରେ ଅପରାଜିତ ଅଛନ୍ତି। କରଣ ଲଗରିୟା ୫୧ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଶିବାଶିଷ ସାହୁ, ମିଲନ ପରିଡ଼ା ଓ ରଘୁନାଥ ମଲ୍ଲ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି ।

### ଭାରତୀୟ ଫୁଟ୍‌ବଲ ଖେଳାଳିଙ୍କୁ ମିଳିନି ନୂଆ କିଟ୍

**ନୂଆଦିଲ୍ଲୀ,୨୪।୧୨:** ଏଏଫ୍‌ସି ଏସିଆନ୍ କପ୍‌ରେ ଭାଗନେବା ଲାଗି ଭାରତୀୟ ଫୁଟ୍‌ବଲ ଦଳ ଆବୁଧାବି ଗସ୍ତ କରିଛି। ମାତ୍ର ଦଳୀୟ ସଦସ୍ୟଙ୍କୁ ଏପର୍ଯ୍ୟନ୍ତ ନୂଆ କିଟ୍ ଯୋଗାଇ ଦିଆଯାଇନାହିଁ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ନିକଟରେ କ୍ରୀଡ଼ା ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀ ସିକ୍ସସିକ୍ସ ସହ ୫ ବର୍ଷ ଲାଗି ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଆଇଏମ୍‌ଜି ରିଲେଆନ୍ସ ମାଲିକାନାରେ ଥିବା କମ୍ପାନୀ ଭାରତୀୟ ଫୁଟ୍‌ବଲ ଖେଳାଳିଙ୍କୁ ନୂଆ କିଟ୍ ଯୋଗାଇବ। କିନ୍ତୁ ଉକ୍ତ କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ କିଟ୍ ଯୋଗାଇ ଦିଆଯାଇ ପାରିନାହିଁ। ୟୁଏଇଠାରେ ପହଞ୍ଚିବା ପରେ ଭାରତୀୟ ଖେଳାଳିଙ୍କୁ ନାଇକ କିଟ୍ସ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି।

# ଟି୨୦କୁ ଫେରିଲେ ଧୋନୀ, ଦିନିକିଆରୁ ପନ୍ତ ବାଦ୍

**ନୂଆଦିଲ୍ଲୀ, ୨୪। ୧୨ (ପି.ଟି.)**

ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ଓ ଅଷ୍ଟ୍ରେଲିଆ ତଥା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଦିନିକିଆ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଚୟନକର୍ତ୍ତା ଦଳରେ କେତୋଟି ପରିବର୍ତ୍ତନ କରିଛନ୍ତି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦିନିକିଆ ଦଳରୁ ବାଦ୍ ଦିଆଯାଇଛି।

ଗତମାସ ଅଷ୍ଟ୍ରେଲିଆ ଗସ୍ତରୁ ଧୋନୀଙ୍କୁ ବାଦ ଦିଆଯାଇଥିଲେ ମଧ ତାଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ଦଳରେ ସାମିଲ କରାଯାଇଛି। ସେହିପରି ପନ୍ତଙ୍କୁ ଦଳରୁ ବାଦ ଦିଆଯିବା ମଧ ଅନେକଙ୍କୁ ଚକିତ କରିଛି। ଆଗାମୀ ୨୦୧୯ ଦିନିକିଆ ବିଶ୍ୱକପ୍ ପାଇଁ ଟିମ୍ ମ୍ୟାନେଜମେଣ୍ଟ ପନ୍ତଙ୍କୁ ବର୍ତ୍ତମାନ ସେତେଟା ଗୁରୁତ୍ୱ ଦେଉ ନ ଥିବା ଏଥିରୁ ଅନୁମାନ କରାଯାଉଛି। ତେବେ ଚୟନ କମିଟି ସଂଯୋଜକ ଅମିତାଭ ଚୌଧୁରୀ ଏ ନେଇ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। ତେବେ ୩୭ ବର୍ଷୀୟ ଧୋନୀଙ୍କୁ ଦଳରେ ସାମିଲ କରାଯିବୁ ଯଥାର୍ଥ ବୋଲି କୁହାଯାଇଛି।

ବିଶ୍ୱକପ୍ ପୂର୍ବରୁ ଭାରତ ମୋଟ ଉପରେ ୮ଟି ଦିନିକିଆ ଖେଳିବ। ୩ଟି ଦିନିକିଆ ଅଷ୍ଟ୍ରେଲିଆ ଓ ୫ଟି ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଖେଳିବ। ତେଣୁ ଧାନୀଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଚୟନକର୍ତ୍ତାମାନେ ନିଷ୍ପତ୍ତି ନେଇଛନ୍ତି। ୩ଟି ଟି୨୦କୁ ମିଶାଇଲେ ବିଶ୍ୱକପ୍ ପୂର୍ବରୁ



ମହେନ୍ଦ୍ର ସିଂ ଧୋନୀ ଓ ରିଷଭ ପନ୍ତ।

ଧୋନୀ ମୋଟ ୧୧ଟି ମ୍ୟାଚ୍ ଖେଳିବେ।

ଅପରପକ୍ଷରେ ପନ୍ତ ଜାନୁୟାରୀ ୨୩ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବାକୁ ସ୍ୱଦେଶ ଫେରିବେ। ଜାନୁୟାରୀ ୧୨ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଓ ୨୩ ତାରିଖରୁ ଆରମ୍ଭ ହେବାକୁଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଘୋଷିତ ଏହି ୧୬ ଜଣିଆ ଦଳକୁ ବିଶ୍ୱକପ୍‌ର କୋର ଟିମ ରୂପେ ବିବେଚନା କରାଯାଉଛି। ବିଶ୍ୱକପ୍ ଇଂଲଣ୍ଡରେ ମେ ୩୦ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଫେବୃୟାରୀ ୬ରୁ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବ।

ପୁଣି ଦୁଇ ଅଲରାଉଣ୍ଡର କେଦାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ହୋଇଥିବାରୁ ଦଳରେ ସ୍ଥାନ ପାଇଛନ୍ତି। ତେବେ ବିଶ୍ୱକପ୍ ଦଳରେ କେଦାର ସ୍ଥାନ ପାଇବା କଷ୍ଟକର ମନେ ହେଉଛି। ଜଣେ କେହି ଆହତ ହେଲେ କେଦାରଙ୍କୁ ଦଳରେ ସ୍ଥାନ ମିଳିବା ସମ୍ଭବନା ସୃଷ୍ଟି ହେବ। ପୁଣି ଯଦି ଧୋନୀ ଆହତ ହୁଅନ୍ତି ତେବେ ଦଳରେ ଦୀନେଶ କାର୍ତ୍ତିକ ଓ ରାହୁଲଙ୍କ ଭଳି ବିକଳ୍ପ ଉଇକେଟ କିପର ରହିଛନ୍ତି। କେଦାର ଓ ହାର୍ଦ୍ଦିକ ସ୍ଥାନ ପାଇଥିବାରୁ ଶ୍ରେୟାସ ଆୟର ଓ ମନୀଷ ପାଣ୍ଡେଙ୍କୁ ଅଣଦେଖା କରାଯାଇଛି। ଏଥି ସହିତ ବିଶ୍ୱକପ୍ ପର୍ଯ୍ୟନ୍ତ ଟେଷ୍ଟ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ରାସ୍ତା ବନ୍ଦ ହୋଇଛି ବୋଲି କୁହାଯାଇପାରେ। ତେବେ ଏସିଆ କପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ରବୀନ୍ଦ୍ର ଜାଡେଜାଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିଛି। ଯୁବ ଦ୍ରୁତ ବୋଲର ଖଲିଲ ଅହମ୍ମଦ ମଧ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି। ତେଣୁ ସେ ବିଶ୍ୱକପ୍ ଖେଳିବା ଆଶା କରାଯାଉଛି। ଭାରତ ଏବେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜ ଖେଳୁଛି। ଭାରତ ୩ଟି ଦିନିକିଆ ଖେଳିବ। ଏହାପରେ ଜାନୁୟାରୀ ୨୩ରୁ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।

**ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସରିଜ ପାଇଁ ଘୋଷିତ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦିନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା, ଖଲିଲ ଅହମ୍ମଦ ଓ ମହମ୍ମଦ ସାମି।

**ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଘୋଷିତ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ରିଷଭ ପନ୍ତ, ଦିନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କ୍ରୁନାଲ ପାଣ୍ଡ୍ୟା, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା ଓ ଖଲିଲ ଅହମ୍ମଦ।

### ୫ ଭାରୋତ୍ତୋଳକ ବାସନ୍ଦ

**ପ୍ୟାରିସ,୨୪।୧୨(ଏଏଫ୍‌ପି):** ଲଣ୍ଡନ ଅଲିମ୍ପିକ୍ସ ୨୦୧୨ ବେଳେ ସଂଗ୍ରହ କରାଯାଇଥିବା ମୂତ୍ର ନମୁନାର ପୁନଃ ବିଶ୍ଳେଷଣ କରାଯିବା ପରେ ୫ ଭାରୋତ୍ତୋଳକଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଏମାନଙ୍କ ମଧ୍ୟରେ ୨ଜଣ ଅଲିମ୍ପିକ ଚାମ୍ପିୟନ ରହିଛନ୍ତି। ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍) ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। ୬ ବର୍ଷ ପୂର୍ବେ ୧୦୫କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ବିଜେତା ୟୁକ୍ରେନ୍‌ର ଓଲେକ୍ସି ତୋରୋଖ୍‌ତି ଏବଂ ୨୦୧୬ ରିଓ ଡି'ଜେନିରୋରେ ଏହି ଶ୍ରେଣୀରେ ସ୍ୱର୍ଣ୍ଣ ବିଜେତା ଉଜ୍‌ବେକିସ୍ତାନର ରସ୍‌ଲାନ୍ ନୁରୁଦ୍ଦିନୋଭ ଆନାବୋଲିକ ଷ୍ଟେରଏଡ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ୨୦୧୩ ଏବଂ ୨୦୧୫ରେ ଡୋପ୍ ଟେଷ୍ଟରେ ପଜିଟିଭ ପାଇଁ ବର୍ତ୍ତମାନ ୮ବର୍ଷ ବାସନ୍ଦ ଦଣ୍ଡ ଭୋଗୁଥିବା ଆଜରବୈଜାନର ଭାଲେଣ୍ଟିନ ହ୍ରିସ୍ତୋଭଙ୍କୁ ସେ ୨୦୧୨ରେ ୫୬କେଜି ଶ୍ରେଣୀରେ ଜିତିଥିବା ବ୍ରୋଞ୍ଜ ପଦକ ହରାଇବାକୁ ପଡ଼ିପାରେ। ସେ ମଧ ଏକ ଆନାବୋଲିକ୍ ଏଜେଣ୍ଟ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ଡୋପ୍ ଟେଷ୍ଟରେ ପଜିଟିଭ ଆସିଥିବା ଅନ୍ୟ ଦୁଇଜଣ ଆଥଲେଟ୍ ହେଲେ ଆର୍ମେନିଆର ମେଲିନ୍ ଡାଲୁଜ୍ୟାନ ଏବଂ ବେଲାରୁଷିଆନ ମିକାଲାଇ ନୋଭିକାଉ। କିନ୍ତୁ ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ କେହି ହେଲେ ଲଣ୍ଡନରେ ପଦକ ଜିତିବାରେ ସଫଳ ହୋଇନାହାନ୍ତି। ନୂଆ ବୈଜ୍ଞାନିକ ପଦ୍ଧତି ଅନୁସାରେ ୨୦୧୨ ଗେମ୍ସରୁ ସଂଗୃହୀତ ସାମ୍ପଲର ପୁନଃ ବିଶ୍ଳେଷଣ ହୋଇପାରେ ବୋଲି ଗତ ମାସରେ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି ତରଫରୁ କୁହାଯାଇଥିଲା।

# ରେକର୍ଡ ଭାଙ୍ଗିବା ଅପେକ୍ଷାରେ ବିରାଟ

**ମେଲବୋର୍ନ, ୨୪।୧୨**

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବୁଧବାରଠାରୁ ମେଲବୋର୍ନରେ ଟେଷ୍ଟ ସିରିଜର ୩ୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌କୁ ଭାରତ ଏବଂ ଘରୋଇ ଅଷ୍ଟ୍ରେଲିଆ ୨ୟ ମ୍ୟାଚ୍‌ରେ ବିଜୟ ହାସଲ କରିଥିବାରୁ ଚାରି ମ୍ୟାଚ୍‌ବିଶିଷ୍ଟ ସିରିଜ ବର୍ତ୍ତମାନ ୧–୧ରେ ବରାବର୍ ସ୍ଥିତିରେ ରହିଛି। ତେଣୁ ଏହି ମ୍ୟାଚ୍ ଏବେ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପାଇଁ ବର୍ଷର ଏହି ଅନ୍ତିମ ମ୍ୟାଚ୍ ମଧ ଗୁରୁତ୍ୱ ରଖୁଛି। ୨୦୧୮ରେ ଦମ୍‌ଦାର ଫର୍ମରେ ଥିବା ବିରାଟ ମେଲବୋର୍ନ ଟେଷ୍ଟରେ ୧୦ ସମ୍ଭାବ୍ୟ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ରହିଛନ୍ତି।

○ ବିରାଟ ଆଉ ୧୮୧ ରନ ସଂଗ୍ରହ କଲେ ଗୋଟିଏ ବର୍ଷରେ ସର୍ବାଧିକ ରନ୍ (ସମସ୍ତ ଫର୍ମାଟକୁ ମିଶାଇ) କରିବାର କୃତିତ୍ୱ ହାସଲ କରିବେ। ୨୦୧୮ରେ ବିରାଟ ୨୬୫୩ ରନ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ରିକି ପଣ୍ଟିଂଙ୍କ (୨୮୩୩ ରନ ୨୦୦୫ରେ) ନାମରେ ରହିଛି।

○ ସେହିଭଳି ଏହି ମ୍ୟାଚ୍‌ରେ ଯଦି କୋହଲି ଶତକ ହାସଲ କରନ୍ତି ତେବେ ଗୋଟିଏ କ୍ୟାଲେଣ୍ଡରରେ ସର୍ବାଧିକ ଅନ୍ତର୍ଜାତୀୟ ଶତକ ହାସଲ କରିବାରେ ସଚିନ ତେନ୍ଦୁଲକରଙ୍କ (୧୨) ବିଶ୍ୱ ରେକର୍ଡ ସହ ସମକକ୍ଷ ହୋଇପାରିବେ। ୧୯୯୮ରେ ସଚିନ ଏହି ରେକର୍ଡ କରିଥିଲେ। ଚଳିତ ବର୍ଷ କୋହଲି ଦିନିକିଆରେ ୬ ଏବଂ ଟେଷ୍ଟରେ ୫ଟି ଶତକ ଅର୍ଜନ କରିଛନ୍ତି।

○ ମେଲବୋର୍ନରେ କୋହଲି ଶତକ ହାସଲ କଲେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ସହ ସମକକ୍ଷ ହେବେ। ଗାଭାସ୍କର ଅଷ୍ଟ୍ରେଲିଆ ବିପକ୍ଷରେ ୮ଟି ଟେଷ୍ଟ ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସଚିନ (୧୧)ଙ୍କ ପଛକୁ ଗାଭାସ୍କର ୨ୟ ସ୍ଥାନରେ ରହିଛନ୍ତି।

○ ଗୋଟିଏ ବର୍ଷରେ ବିଦେଶ ମାଟିରେ ସର୍ବାଧିକ ଟେଷ୍ଟ ରନ ସଂଗ୍ରହକାରୀ ଭାରତୀୟ ବ୍ୟାଟ୍ସମ୍ୟାନ ହେବାର ସୁଯୋଗ କୋହଲିଙ୍କ ନିକଟରେ ରହିଛି। ଏହି ରେକର୍ଡ ଏବେ ରାହୁଲ ଦ୍ରାବିଡ୍‌ଙ୍କ (୧୧୩୭ ରନ, ୨୦୦୨ ମସିହାରେ) ନାମରେ ରହିଛି। କୋହଲି ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଦେଶ ମାଟିରେ ୧୦୬୫ ରନ କରିଛନ୍ତି। ଦ୍ରାବିଡ୍‌ଙ୍କୁ ଟପିବାକୁ କୋହଲିଙ୍କୁ ଆଉ ୮୨ ରନ ଆବଶ୍ୟକ ହେଉଛି।



○ ମେଲବୋର୍ନର ୨ଟି ଇନିଂସରେ କୋହଲି ୧୫୬ ରନ ସଂଗ୍ରହ କଲେ ବିଦେଶ ମାଟିରେ ଗୋଟିଏ ବର୍ଷରେ ସର୍ବାଧିକ ରନ୍ ସଂଗ୍ରହକାରୀ ଟେଷ୍ଟ ଅଧିନାୟକ ହେବାର ରେକର୍ଡ କରିବେ। ଏହି ରେକର୍ଡ ଏବେ ଦକ୍ଷିଣ ଆଫ୍ରିକାର ପ୍ରାକ୍ତନ ଅଧିନାୟକ ଗ୍ରାଏମ୍ ସ୍ମିଥ୍‌ଙ୍କ (୧୨୧୨ ରନ, ୨୦୦୮ରେ) ନାମରେ ରହିଛି।

○ ଟେଷ୍ଟ କ୍ରିକେଟରେ କୋହଲି ୨୫ ଶତକ ହାସଲ କରିସାରିଛନ୍ତି। ଯଦି ମେଲବୋର୍ନରେ ସେ ୩ ଅଙ୍କବିଶିଷ୍ଟ ସ୍କୋର କରନ୍ତି ତେବେ ସର୍ବକାଳୀନ ଟେଷ୍ଟ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ତାଲିକାରେ ୱେଷ୍ଟଇଣ୍ଡିଜର ଗ୍ୟାରୀ ସୋବର୍ସ (୨୬)ଙ୍କ ସହ ସମକକ୍ଷ ହେବେ। ସଚିନ (୫୧) ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ଭ୍ରମଣକାରୀ ଅଧିନାୟକ ଭାବେ ଅଷ୍ଟ୍ରେଲିଆରେ ସର୍ବାଧିକ ଟେଷ୍ଟ ଶତକ ଅର୍ଜନ କରିବାର ରେକର୍ଡରେ ମଧ କ୍ଲାଇଭ ଲୟଡ୍ସ (୪ଟି)ଙ୍କୁ କୋହଲି ପଛରେ ପକାଇଦେବେ।

○ ଭ୍ରମଣକାରୀ ଅଧିନାୟକ ଭାବେ ଅଷ୍ଟ୍ରେଲିଆ ମାଟିରେ ସର୍ବାଧିକ ରନ କରିବା ତାଲିକାରେ କୋହଲି (୬୨୬ ରନ) ୪ର୍ଥ ସ୍ଥାନରେ ରହିଛନ୍ତି। କ୍ଲାଇଭ ଲଏଡ୍ସ (୧୩୦୧), ଗ୍ରାଏମ୍ ସ୍ମିଥ୍ (୭୪୮) ଓ ଆର୍ଚି ମ୍ୟାକ୍‌ଲରେନ୍ (୭୦୯)ଯଥାକ୍ରମେ ଏହି ତାଲିକାର ଟପ୍–୩ରେ ରହିଛନ୍ତି। ଆଉ ୧୨୩ ରନ କଲେ ବିରାଟ ତାଲିକାର ୨ୟ ସ୍ଥାନକୁ ଉନ୍ନୀତ ହେବେ।

○ ଏହି ମ୍ୟାଚ୍‌ରେ ଯଦି ଭାରତ ବିଜୟ ହାସଲ କରେ ତେବେ ଏସିଆ ବାହାରେ ସବୁଠାରୁ ଅଧିକ ଟେଷ୍ଟ ବିଜୟ ହାସଲ କରିବାରେ ସୌରଭ ଗାଙ୍ଗୁଲି (୬ଟି)ଙ୍କ ସହ କୋହଲି ସମକକ୍ଷ ହୋଇପାରିବେ।

○ ଅନ୍ତର୍ଜାତୀୟ କ୍ରିକେଟରେ ବର୍ତ୍ତମାନ ସୁଦ୍ଧା କୋହଲି ୬୩ (୩୮ଟି ଟେଷ୍ଟ ଓ ୨୫ ଦିନିକିଆ) ଶତକ ହାସଲ କରି ଶ୍ରୀଲଙ୍କାର କୁମାର ସାଙ୍ଗକାରାଙ୍କ ସହ ଯୁଗ୍ମ ଭାବେ ୩ୟ ସ୍ଥାନରେ ରହିଛନ୍ତି। ଆଉ ଗୋଟିଏ ଶତକ ଅର୍ଜନ କଲେ ସେ ସଚିନ (୧୦୦) ଓ ରିକି ପଣ୍ଟିଂଙ୍କ (୭୧) ପଛକୁ ୩ୟ ସ୍ଥାନରେ ରହିବେ।

### ଫିଲ ବ୍ରାଉନ ଏଫ୍‌ସି ପୁନେ ସିଟିର ନୂଆ କୋଚ୍

**ପୁଣେ, ୨୪।୧୨:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଫ୍ରାଞ୍ଚାଇଜ ଏଫ୍‌ସି ପୁନେ ସିଟି କୋଚ୍ ଭାବେ ଫିଲ ବ୍ରାଉନଙ୍କୁ ନିଯୁକ୍ତ କରିଛି। ଏହାର ମାଲିକ ବଲିଉଡ୍ ଷ୍ଟାର ଅର୍ଜୁନ କପୁର ଓ ରାଜେଶ ୱାଧାୱାନ ଗ୍ରୁପ ଏ ନେଇ ସୋମବାର ଘୋଷଣା କରିଛନ୍ତି। ଚଳିତ ବର୍ଷର ଅବଶିଷ୍ଟାଂଶ ମାଚ୍ ପୁନେ ଦଳ ବ୍ରାଉନଙ୍କ ନେତୃତ୍ୱରେ ଖେଳିବ। ବ୍ରାଉନଙ୍କ ନିକଟରେ ୨୦ ବର୍ଷର କୋଚିଂ ଅଭିଜ୍ଞତା ରହିଛି। ସେ ପୂର୍ବରୁ ଇଂଲିଶ କ୍ଲବ ବ୍ଲାକ୍ ପୁଲ୍, ସାଉଥ ଏଣ୍ଡ ୟୁନାଇଟେଡ୍, ଡର୍ବି କାଉଣ୍ଟି ଓ ହଲ ସିଟି ଦଳର ଦାୟିତ୍ୱରେ ଥିଲେ। ଜଣେ ଖେଳାଳି ଓ ମ୍ୟାନେଜର ଭାବେ ଫିଲଙ୍କ ନିକଟରେ ବହୁ ଅଭିଜ୍ଞତା ରହିଛି। ତାଙ୍କ ଟ୍ରାକ ରେକର୍ଡ ମଧ ବହୁତ ଭଲ। ଆମେ ତାଙ୍କୁ ପୁନେ ସିଟି ପରିବାରକୁ ସ୍ୱାଗତ କରୁଛୁ ବୋଲି ଫ୍ରାଞ୍ଚାଇଜ ସିଇଓ ଗୌରବ ମୋଡୱେଲ କହିଛନ୍ତି। ବ୍ରାଉନ ୧୯୯୯ ପର୍ଯ୍ୟନ୍ତ ବିଭିନ୍ନ ଇଂଲିଶ କ୍ଲବ ପକ୍ଷରୁ ଖେଳିଥିଲେ। ଜଣେ ଖେଳାଳି ଭାବେ ୧୮ବର୍ଷ ଧରି ସକ୍ରିୟ ରହିବା ପରେ ସେ ମ୍ୟାନେଜର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଚଳିତ ସିଜନରେ ପୁନେ ଦଳର ନିମ୍ନମାନର ପ୍ରଦର୍ଶନ ଯୋଗୁ ପୂର୍ବତନ କୋଚ୍ ମିଗୁଏଲ ଆଙ୍ଗେଲଙ୍କୁ ବିଦା କରାଯାଇଥିଲା। ଦଳ ଏପର୍ଯ୍ୟନ୍ତ ୧୨ ମ୍ୟାଚ୍ ଖେଳି ମାତ୍ର ୩ଟି ବିଜୟ ହାସଲ କରିଛି। ଦଳ ୧୧ ପଏଣ୍ଟ ସହ ଅଙ୍କ ତାଲିକାର ୭ମ ସ୍ଥାନରେ ରହିଛି।

# ଭାରତ ପ୍ରତ୍ୟାବର୍ତ୍ତନ କରିବ

**ଡିନ୍ ଜୋନ୍ସ**

ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ଉନ୍ନତ ବ୍ୟାଟିଂ ଓ ବୋଲିଂ କରି ଭାରତକୁ ହରାଇଲା। ଏହାକୁ ମୁଁ ସହଜରେ ଗ୍ରହଣ କରିପାରୁନାହିଁ। ଯଦି ଅଧିନାୟକ ବିରାଟ କୋହଲି ଲଢୁଆ ଶତକ ହାସଲ କରି ନ ଥାନ୍ତେ ତେବେ ଭାରତର ଅବସ୍ଥା ଆହୁରି ଖରାପ୍ ହୋଇଥାନ୍ତା। ଭାରତର ଦୁଇ ଓପନର ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ଫଳରେ ଭାରତ ଆରମ୍ଭରୁ ସମସ୍ୟାର ସମ୍ମୁଖୀନ ହେଉଛି। ପିଚ୍ ଦୁଇ ଓପନରଙ୍କୁ କିଛି ପରିମାଣରେ ଚକ୍‌ମା ଦେଇଛି କହିଲେ ଭୁଲ ହେବ ନାହିଁ। ଭାରତ ଏକ କ୍ୱାଲିଟି ସ୍ପିନରଙ୍କୁ ନେଇ ପଡିଆକୁ ଓହ୍ଲାଇବା ଦରକାର। ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ୍ ଆହତ ଅଛନ୍ତି। କିନ୍ତୁ ଯଦି ଜାଡେଜା ଆହତ ହୋଇଛନ୍ତି ତେବେ ସେ ଦଳରେ କିପରି ସ୍ଥାନ ବଜାୟ ରଖିଛନ୍ତି, ତାହା ମୁଁ ବୁଝି ପାରୁନାହିଁ। ଏହା କିଛି ପରିମାଣରେ ବିଚିତ୍ର ମନେହେଉଛି।

ମେଲବୋର୍ନରେ ବକ୍ସିଂ ଡେ'ରେ ତୃତୀୟ ଟେଷ୍ଟ ଖେଳାଯିବ। ଏବେ ଭାରତ ନୂଆ ଓପନରଙ୍କୁ ସୁଯୋଗ ଦେବା ଆବଶ୍ୟକ ବୋଲି ମୁଁ ଭାବୁଛି। ଯୁବ ଓପନରଙ୍କ ବିକାଶ ଉପରେ ଧ୍ୟାନ ଦିଆଯିବା ଉଚିତ। ମୟଙ୍କ ଅଗ୍ରୱାଲଙ୍କୁ ପୁଣି ସୁଯୋଗ ଦିଆଯିବା ଉଚିତ ଓ ଲୋକେଶ ରହୁଲଙ୍କୁ ଆଉ ଗୋଟିଏ ସୁଯୋଗ ମିଳିବା ଉଚିତ୍। ଅଶ୍ୱିନଙ୍କୁ ଖେଳାଇବାକୁ ପଡିବ। ଗତବର୍ଷ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଖେଳିଥିବା ପିଚ୍‌ରେ ବହୁତ ପରିବର୍ତ୍ତନ ହୋଇଛି। ତେଣୁ ଏବେ ପିଚ୍‌ର କ'ଣ ହେବ ଓ ତାହା ବେଶ୍ ମଜାଦାର ହେବ। ସେତେବେଳେ ପିଚ୍ ଫ୍ଲାଟ ଥିଲା ଓ ୫ ଦିନଧରି ଏଥିରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ନ ଥିଲା। ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଏହି ପିଚ୍‌କୁ ନିମ୍ନମାନର ଆଖ୍ୟା ଦେଇଥିଲା।

ଭାରତ ଦୁଇ ଓପନର ଅଶ୍ୱିନ ଓ ଜାଡେଜାଙ୍କୁ ଖେଳାଇବା ନେଇ ଚିନ୍ତା କରିପାରେ। କାରଣ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ଅଶ୍ୱିନଙ୍କୁ ଭଲ ଖେଳି ପାରିନ୍ତି ନାହିଁ। ଅଷ୍ଟ୍ରେଲୀୟମାନେ ମଧ ସ୍ପିନ ବଲକୁ ଖେଳିବାରେ ସେତେଟା ଧୁରନ୍ଧର ନୁହନ୍ତି। ଭାରତକୁ ସାମାନ୍ୟ କିଛି ଅଧିକ କରି ଦେଖାବାକୁ ପଡିବ। ତୃତୀୟ ଓ ଚତୁର୍ଥ ଟେଷ୍ଟ ମଧ୍ୟରେ ମାତ୍ର ୪ଟି ଦିନର ଅନ୍ତର ରହିଛି। ପୁଣି ଯଦି ଭାରତ ମେଲବୋର୍ନରେ ଖେଳାଯିବାକୁ ଥିବା ତୃତୀୟ ଟେଷ୍ଟରେ ବିଜୟୀ ହୁଏ ତେବେ ସିଡନୀରେ ଆୟୋଜନ ହେବାକୁ ଥିବା ଚତୁର୍ଥ ଟେଷ୍ଟରେ ଭାରତକୁ ହରାଇବା ଅଷ୍ଟ୍ରେଲିଆ ପାଇଁ ଆଦୌ ସହଜ ହେବ ନାହିଁ। କାରଣ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ବଲ ଟର୍ନ କରିବ।

ଦ୍ୱିତୀୟ ଟେଷ୍ଟ ଜିତି ଘରୋଇ ଅଷ୍ଟ୍ରେଲିଆ ଟ୍ରାକକୁ ଫେରିଛି। ତେଣୁ ଭାରତକୁ ଲଢୁଆ ଢଙ୍ଗରେ ପ୍ରତ୍ୟାବର୍ତ୍ତନ କରିବାକୁ ହେବ। ମେଲବୋର୍ନରେ ଯେଉଁ ଦଳ ଟସ୍ ଜିତିବ ସେହିଦଳ ପ୍ରଥମେ ବ୍ୟାଟିଂ କରିବ। ଅନ୍ୟମାନଙ୍କ ଅପେକ୍ଷା ମୁଁ ମେଲବୋର୍ନରେ ଅପେକ୍ଷାକୃତ ଅଧିକ ଖେଳିଛି। ତେବେ ପ୍ରଥମ ଦିନର ପ୍ରଥମ ସେସନରେ ବଲକୁ ଡ୍ରାଇଭ ନ କରି ଦେଖି ଚାହିଁ ଖେଳିବା ଉପରେ ଅଧିକ ଧ୍ୟାନ ଦିଆଯିବା ଉଚିତ। ଲଞ୍ଚ ସେସନ ପରେ ବଲକୁ ଡ୍ରାଇଭ କଲେ କୌଣସି କ୍ଷତି ହେବ ନାହିଁ।

ଏହି ମ୍ୟାଚ୍‌ରେ ଭାରତ ପ୍ରତ୍ୟାବର୍ତ୍ତନ କରିବ ବୋଲି ମୁଁ ଆଶା କରୁଛି। ଇଶାନ୍ତ ଶର୍ମା, କୋହଲି ଭଲ ଖେଳିବେ ଓ ଲୋକେଶ ରାହୁଲ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରୁଛି। ଭାରତ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହେବ ବୋଲି ମୁଁ ଭାବୁଛି। ପ୍ରଥମ ଦିନର ପ୍ରଥମ ସେସନ କେତେ ଗୁରୁତ୍ୱପୂର୍ଣ୍ଣ ତାହା ମୁଁ ଅବଶ୍ୟ କହିପାରିବି ନାହିଁ। ତେବେ ଏହି ସେସନରେ ରନ ସଂଗ୍ରହ କରିବାକୁ ଚେଷ୍ଟା ନ କଲେ ଭଲ। ପ୍ରଥମ ସେସନରେ ଉଇକେଟ ନ ହରାଇବାକୁ ପ୍ରୟାସ କରାଯିବା ଉଚିତ। ଅବଶ୍ୟ ଲଞ୍ଚ ପରେ ରନ୍ ସଂଗ୍ରହ କରିହେବ। କିଛିବର୍ଷ ତଳେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ମାତ୍ର ୯୮ ରନରେ ଅଲ ଆଉଟ ହୋଇଥିଲା। କାରଣ ସବୁ ବ୍ୟାଟ୍ସମ୍ୟାନ ବଲକୁ ଡ୍ରାଇଭ କରିବାକୁ ଚେଷ୍ଟା କରିଥିଲେ ଓ ସ୍ଲିପ୍‌ରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ।

–ଗେମ୍ ପ୍ଲାନ୍




### ରାଜ୍ୟ ସ୍କୁଲ ଚେସ୍ ଆରମ୍ଭ: ସ୍ୱପ୍ନିଲ ଟପ୍‌ସିଡ୍ ଖେଳାଳି



ଚେସ୍ ଖେଳରେ ନିମଗ୍ନ ପ୍ରତିଯୋଗୀମାନେ।

**କଟକ ଅଫିସ,୨୪।୧୨**

ଆଇଏସ୍ ଚେସ୍ ସେଣ୍ଟର ଓ କଟକ ଜିଲା ଚେସ୍ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପଠାରେ ସୋମବାର ଠାରୁ ୨ୟ ପ୍ୟାରୀମୋହନ ସାମନ୍ତରାୟ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ପ୍ରତିଯୋଗିତାରେ ମୋଟ ୨୫୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ୫୪ଜଣ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳି ସାମିଲ ହୋଇଛନ୍ତି। ସ୍ୱପ୍ନିଳ ପ୍ରିୟଦର୍ଶୀ ଏହି ଟୁର୍ନାମେଣ୍ଟର ଟପ୍‌ସିଡ୍ ଖେଳାଳି ଅଛନ୍ତି। ୭ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ୩ରାଉଣ୍ଡ ଶେଷ ହୋଇଛି। ପ୍ରତ୍ୟୁଷ ମହାପାତ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଶାଶ୍ୱତ ମଲ୍ଲିକ, ଆୟୁଷୀ ଅଭିଜ୍ଞାନ, ଜୀବନ ଜ୍ୟୋତି, ରାଜବୀର ପାଲ, ପ୍ରତ୍ୟୁଷ ନାୟକ, ସାଇସୌରଭ ଦାସ, ବିଶ୍ୱପ୍ରୀତ ରାୟ, ଆଶିଷ କୁମାର ସାହୁ, ଓମ୍ ପାଣି, ନିଖିଲ ସାହୁ, କୌସ୍ତୁଭ ଦାସ, ଅଞ୍ଜଳି ମିଶ୍ର ପ୍ରମୁଖ ୩ ପଏଣ୍ଟ ଲେଖାଏ ହାସଲ କରି ଅଗ୍ରଣୀ ରହିଛନ୍ତି। ଆଇ.ଏସ୍ ଚେସ୍ ସେଣ୍ଟରର ନିର୍ଦ୍ଦେଶକ ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଇଂ. ଗୋପାଳକୃଷ୍ଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟ୍ରଫି ଉନ୍ମୋଚନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର, ଭବେଶ ମହାନ୍ତି, ରୁଦ୍ରାଶିଷ ମଣ୍ଡଳ, ଶଙ୍କର ରାଓ, ଭେଙ୍କଟ ରାଓ, ପ୍ରବୀଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।





## ଅସୁରକ୍ଷିତ ଜିଲା କାର୍ଯ୍ୟାଳୟ ପରିସର

# କାର୍ କାଚ ଭାଙ୍ଗି ଲୁଟିନେଲେ ୩ ଲକ୍ଷ

**ଝାରସୁଗୁଡ଼ା ଅଫିସ,୨୪।୧୨**

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟ ପରିସରରୁ ସୋମବାର ଲୁଟ୍ ହୋଇଛି। ଲୁଟେରାମାନେ ଏକ କାର୍‌ର କାଚ ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲଇକେରା ବ୍ଲକର ଶିକ୍ଷକ ସୁରେଶ ଚନ୍ଦ୍ର ସାଗର ଏହି ଲୁଟର ଶିକାର ହୋଇଛନ୍ତି। ଦିନ ଦ୍ୱିପ୍ରହରରେ ଏଭଳି ଲୁଟ୍ ଘଟଣା ଝାରସୁଗୁଡ଼ା ପୋଲିସ ପାଇଁ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦିନତମାମ ପୋଲିସର କଡ଼ା ପ୍ରହରା ମଧ୍ୟରେ ରହୁଥିବା ଜିଲା କାର୍ଯ୍ୟାଳୟ ପରିସରରୁ ଲୁଟ୍ ଘଟଣା ଲୋକଙ୍କ ମନରେ ଆତଙ୍କ ଖେଳାଇ ଦେଇଛି। ଏହି ଲୁଟ୍ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ସନ୍ଧ୍ୟାସୁଦ୍ଧା ପୋଲିସ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଥିଲେ ମଧ୍ୟ ଧରିବାରେ ସଫଳ ହୋଇନାହିଁ।

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ରାମଛିପିଡିହିର ଶିକ୍ଷକ ସୁରେଶ ଚନ୍ଦ୍ର ସାଗର ସୋମବାର ଜିଲାପାଳ ଅଫିସ ପାଖ ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖାକୁ ଆସିଥିଲେ। ଘର କାମ ପାଇଁ ଟଙ୍କା ଉଠାଣ କରିବାର ଥିଲା। ମଧ୍ୟାହ୍ନରେ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଣ କରିବା ପରେ ଏକ କାର୍ (ନଂ. ଓଆର୨୩-ଏଫ୍‌୪୦୭୩)ରେ ଟଙ୍କା ରଖିଥିଲେ। ଉକ୍ତ କାର୍‌କୁ ସୁରେଶ ନିଜେ ଚଳାଇ ଜିଲା କାର୍ଯ୍ୟାଳୟ ପରିସରରେ ଥିବା ତହସିଲ ଅଫିସ ସମ୍ମୁଖରେ ରଖିଥିଲେ। କାରରୁ ଓହ୍ଲାଇ ସୁରେଶ ପାଖ ଚା ଦୋକାନ ଆଡ଼କୁ ଯାଉଥିଲେ। ସେହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ପିସ୍ତଲରେ କାରର ଡୋର୍ କାଚ ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣା ଦେଖୁଥିବା ଜଣେ ମହିଳା ଚୋର ଚୋର କହି ଚିତ୍କାର କରିଥିଲେ ମଧ୍ୟ ସେମାନଙ୍କୁ ଧରିବାକୁ କେହି ସାହସ କରିପାରି ନ ଥିଲେ। ଖବର ପାଇ ଇନ୍ସପେକ୍ଟର ପବିତ୍ର କିଷାନ ଏବଂ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ବିଭିନ୍ନ ଛକ ଏବଂ ବ୍ୟାଙ୍କର ସିସିଟିଭି ଯାଞ୍ଚ କରିବା ସହ ଲୁଟେରାଙ୍କୁ ଧରିବାକୁ ପ୍ରୟାସ କରିଥିଲେ। ସିସିଟିଭି ଯାଞ୍ଚରୁ ସନ୍ଦିଗ୍ଧ ଲୁଟେରାଙ୍କୁ ଚିହ୍ନଟ କରିଥିଲେ ମଧ୍ୟ ଧରିବାରେ ସଫଳ ହୋଇନାହାନ୍ତି।

# ୨୭ରୁ ତ୍ୟାଗଭୂମି ମହୋତ୍ସବ

**ଭଦ୍ରକ ଅଫିସ, ୨୪।୧୨**

ଆସନ୍ତା ୨୭ ତାରିଖରୁ ତ୍ୟାଗଭୂମି ମହୋତ୍ସବ ଆରମ୍ଭ ହେବ। ଏ ନେଇ ପ୍ରସ୍ତୁତି ବୈଠକ ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୭ ତାରିଖରେ ଶହୀଦ ପୀଠ ଲୁଣିଆ ଓ ଇରମରୁ ଶୋଭାଯାତ୍ରା ବାହାରି ଭଦ୍ରକରେ ପହଞ୍ଚିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ୩ ଶିଶୁ ସମେତ ୧୪ ଦାଦନ ଉଦ୍ଧାର: ଶ୍ରମିକ ସର୍ଦ୍ଦାର ଗିରଫ

**ନୂଆପଡ଼ା ଅଫିସ/ ତରବୋଡ, ୨୪।୧୨ (ଡି.ଏନ.ଏ.)**

ଗତ କିଛିଦିନ ହେଲା ନୂଆପଡ଼ା ଜିଲା କୋମନା ଥାନା ଅଞ୍ଚଳରୁ ପ୍ରତ୍ୟେହ ଶହ ଶହ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଚାଲାଣ ହେଉଛନ୍ତି । କୌଣସି ସୂତ୍ରରୁ ଖବର ପାଇ ପୋଲିସ ସ୍ଥାନୀୟ କୁମୁଟିମୁଣ୍ଡା ଗାଁରୁ ୩ ଶିଶୁ ଶ୍ରମିକ ସମେତ ୧୪ ଶ୍ରମିକଙ୍କୁ ଉଦ୍ଧାର କରିଛି । ସେମାନଙ୍କୁ ଜିଲା ଶ୍ରମ ବିଭାଗକୁ ହସ୍ତାନ୍ତର କରାଯିବା ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଛି । ଏ ସଂକ୍ରାନ୍ତରେ ଆନ୍ତଃରାଜ୍ୟ ଶ୍ରମିକ ଚାଲାଣ ମାମଲା (ନଂ. ୩୦୯/୧୮) ରୁଜୁ ହୋଇଛି । ଏହି ଘଟଣାରେ ପୋଲିସ ଶ୍ରମିକ ସର୍ଦ୍ଦାର ସଇଦ ମଜିଦ ଅଲିଙ୍କୁ ଗିରଫ କରି ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ସବ୍‌ଇନ୍ସପେକ୍ଟର ଦିଲୀପ କୁମାର ଧଳ ପ୍ରକାଶ କରିଛନ୍ତି । କୋମନା ଥାନା ଠାରୁ ୧୦ କି.ମି. ଦୂର କୁମୁଟିମୁଣ୍ଡା ଗାଁର ଏକ ରାଇସ ମିଲ କ୍ୟାମ୍ପସରେ କେତେଜଣ ଦାଦନ ଶ୍ରମିକଙ୍କୁ ବନ୍ଦୀ ଭାବେ ରଖାଯାଇଥିବା ପୋଲିସକୁ ସୂଚନା ମିଳିଥିଲା । ରବିବାର ବିଳମ୍ବିତ ରାତିରେ ପୋଲିସ ସେଠାରେ ଚଢାଉ କରିଥିଲା । ଘଟଣାସ୍ଥଳରୁ ୭ ମହିଳା, ୪ ପୁରୁଷ ଏବଂ ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା । ପରେ ଜିଲା ଶ୍ରମ ବିଭାଗକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ଶ୍ରମ ଇନ୍ସପେକ୍ଟର ଗୌରାଙ୍ଗ ସାମନ୍ତରାୟ ପହଞ୍ଚି ଶ୍ରମିକମାନଙ୍କ ବିବରଣୀ ସଂଗ୍ରହ କରିଥିଲେ। ଶ୍ରମିକମାନେ ସ୍ଥାନୀୟ କୋନାବିରା ଗାଁର ବୋଲି ଜଣାପଡିଥିଲା । ସମସ୍ତଙ୍କୁ ସୁରକ୍ଷିତ ଅବସ୍ଥାରେ ଗାଁକୁ ନିଆଯାଇ ଛାଡି ଦିଆଯାଇଥିଲା ।

# ପୂର୍ବ ୱାର୍ଡସଭ୍ୟାଙ୍କୁ ଦଳିଦେଲା ହାତୀ

**ଝାରସୁଗୁଡ଼ା ଅଫିସ/ ବ୍ରଜରାଜନଗର, (ଡି.ଏନ୍.ଏ.) ୨୪।୧୨**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବନାଞ୍ଚଳ ଅଧୀନ ଲୋଇସିଂ ପଞ୍ଚାୟତର ଜଣେ ମହିଳାଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ସେ ହେଲେ ବାଘିଆବେର୍ଣ୍ଣାର ପ୍ରଦୀପ ଖଡ଼ିଆଙ୍କ ସ୍ତ୍ରୀ ତଥା ପୂର୍ବତନ ୱାର୍ଡସଭ୍ୟା ଭାରତୀ ଖଡ଼ିଆ (୩୨)। ଏହି ଖବର ପ୍ରଚାର ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ବନ ବିଭାଗ ଏବଂ ପୋଲିସ ଅଧିକାରୀ ପହଞ୍ଚି କ୍ଷତିପୂରଣ ଘୋଷଣା କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

ସୂଚନା ଅନୁଯାୟୀ, ଭାରତୀ ସୋମବାର ଭୋର ୫ଟାରେ ଶୌଚ ପାଇଁ ଘରୁ ବାହାରିଥିଲେ। ଏହି ସମୟରେ ଘର ସାମ୍ନାରେ ଥିବା ଏକ ଦନ୍ତାହାତୀ ସହ ହଠାତ୍ ତାଙ୍କର ମୁହାଁମୁହିଁ ହୋଇଥିଲା। ହାତୀ ଭାରତୀଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ପରେ ତାଙ୍କୁ ଗୋଡ଼ରେ ଦଳି ଦେଇଥିଲା। ଘଟଣାସ୍ଥଳରେ ଭାରତୀଙ୍କ ମୃତ୍ୟୁ ହୋଇଥିଲା। ଭାରତୀଙ୍କ ଚିତ୍କାର ଶୁଣି ପଡ଼ୋଶୀଙ୍କ ମଧ୍ୟରେ କୋଳାହଳ ସୃଷ୍ଟି ହୋଇଥିଲା। ଫଳରେ ହାତୀଟି ସ୍ଥାନ ଛାଡ଼ି ଜଙ୍ଗଲ ଆଡ଼କୁ ପଳାଇଥିଲା। ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଏବଂ ହାତୀକୁ ସ୍ଥାନୀୟ ଅଞ୍ଚଳରୁ ଘଉଡ଼ାଇବା ଦାବିରେ ଲୋକେ ଅଡ଼ିବସିଥିଲେ। ଝାରସୁଗୁଡ଼ା ଡିଏଫ୍‌ଓ ସୁଶାନ୍ତ କୁମାର ବାଘିଆବେର୍ଣ୍ଣା ଯାଇ ଭାରତୀଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨୫ଶହ ଟଙ୍କା ତୁରନ୍ତ ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ସାମାଜିକ କର୍ମୀ ସୁଧୀର ସାଏ ଭାରତୀଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପରେ ବ୍ରଜରାଜନଗର ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।



ବଡ଼ଦିନ ପାଇଁ ସମ୍ବଲପୁର ସ୍ଥିତ ଓଡ଼ିଆ ବାପିଷ୍ଟ ଚର୍ଚ୍ଚକୁ ରଙ୍ଗୀନ ଆଲୋକମେଳାରେ ସୁସଜ୍ଜିତ କରାଯାଇଛି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୫ ଡିସେମ୍ବର, ୨୦୧୮



“ ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ପାଇକମାଳ, ୨୪।୧୨(ଡି.ଏନ.ଏ): ପାଇକମାଳ ଥାନା ମିଠାପାଲି ପଞ୍ଚାୟତ ମନଭଙ୍ଗ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସୋମବାର ପୋଲିସ ଉଦ୍ଧାର କରିଛି । ମୃତକ ହେଲେ ମିଠାପାଲି ଗ୍ରାମର ବିଜୟ କୁମାର ସେଠ (୪୫) । ଏ ନେଇ ପାଇକମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୦୧୮) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି । ଗତ ୧୯ ତାରିଖରୁ ବିଜୟ ଘରୁ କୁଆଡେ ପଳାଇ ଯାଇଥିବା ପରିବାର ଲୋକେ କହିଛନ୍ତି ।

### କୃଷ୍ଣ ଜନ୍ମ, ବିଜୁଳି କନ୍ୟାର ଶୂନ୍ୟବାଣୀ

**ଭେଡ଼େନ, ୨୪।୧୨ (ଡ଼ି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଥୁଆପାଲି ଠାରେ ଚାଲିଥିବା ବିରାଟ ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ଦେବକୀଙ୍କ ଷଡ଼ ପୁତ୍ରଙ୍କୁ ଦର୍ପଣ ଶିଳାରେ କଂସ ହତ୍ୟା କରିବା ପରେ ସପ୍ତମ ଗର୍ଭ ହୋଇଛି ଅନ୍ତର୍ଦ୍ଧାନ । ଅଷ୍ଟମ ଗର୍ଭରେ କାରାଗାରରେ ଜନ୍ମ ନେଇଛନ୍ତି କୃଷ୍ଣ। ବସୁଦେବ ତାଙ୍କୁ ନେଇ ଗୋପପୁର ଗମନ କରିଛନ୍ତି। ବିଜୁଳି କନ୍ୟାଙ୍କୁ ନେଇ ସେଠାରୁ ଫେରିବା ପରେ କଂସ ପ୍ରତି ବିଜୁଳି କନ୍ୟା କରିଛନ୍ତି ଶୂନ୍ୟବାଣୀ । ସୋମବାର ସନ୍ଧ୍ୟାରେ ଅଭିନୀତ ହୋଇଛି ଏହି ସମସ୍ତ ଦୃଶ୍ୟ। କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରୁଛନ୍ତି ।

### ବନ୍ଧୁ ହିଁ ପ୍ରଥମ ସହଯୋଗୀ

**ଭଟଲି,୨୪।୧୨(ଡି.ଏନ.ଏ.) :** ବନ୍ଧୁ ହିଁ ପ୍ରଥମ ସହଯୋଗୀ । ବନ୍ଧୁ ସମ୍ପର୍କ ନୀବିଡ଼ ଥିଲେ କୌଣସି ପ୍ରତିଘାତ ସମ୍ମୁଖକୁ ଆସି ନ ଥାଏ ବୋଲି ଭଟଲି ବ୍ଲକ ଅନ୍ତର୍ଗତ ବାରପାହାଡ଼ ଜଙ୍ଗଲ ମଧ୍ୟସ୍ଥ ସମ୍ବରଧରାରେ ୯୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଅବସରରେ ମତପ୍ରକାଶ ପାଇଛି । ଷଷ୍ଠ ଶ୍ରେଣୀ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ସମସ୍ତ ୬୦ ଜଣ ପୁରାତନ ଛାତ୍ର ଏହି ବନ୍ଧୁମିଳନରେ ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ସମସ୍ତେ ନିଜ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ଏହାସହିତ ନିଜ ନିଜ କଳା ଦକ୍ଷତା ପ୍ରଦର୍ଶନ କରିଥିଲେ । ପରେ ଆଗାମୀ ଦିନରେ ନିଜ ବନ୍ଧୁମାନେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ସାମୂହିକ ଭାବେ ସହଯୋଗର ହାତ ବଢ଼ାଇବା ପାଇଁ ଶପଥ ନେଇଥିଲେ । ଏହାସହିତ ପ୍ରତିମାସରେ ଏକ ବୈଠକ କରିବା ସହିତ ସମାଜର ଜନହିତକର କାର୍ଯ୍ୟ ପାଇଁ ଉଦ୍ୟମ କରାଯିବ ବୋଲି ପ୍ରସ୍ତାବ ନେଇଥିଲେ ।

■ ତେଜୁଛି ମଦ ବିରୋଧୀ ଅଭିଯାନ

# ଏକାଠି ହେଉଛନ୍ତି ମହିଳା, ଯୁବକ

**ବରଗଡ଼ ଅଫିସ୍,୨୪।୧୨**

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ଗ୍ରାମକୁ ମଦମୁକ୍ତ କରିବା ପାଇଁ ଗ୍ରାମର ଯୁବ ସମାଜ ଏକଜୁଟ୍ ହୋଇଛନ୍ତି । ଏହି କ୍ରମରେ ରବିବାର ଗ୍ରାମରେ ଏକ ବୈଠକ ବସିଥିବାବେଳେ ମଙ୍ଗଳବାର ଏକ ଜନ ସମ୍ମିଳନୀ ରହିଛି । ଏଥିରେ ଗ୍ରାମ ତଥା ଆଖପାଖ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେବେ । ଏହି ପରିପ୍ରେକ୍ଷୀରେ ସୋମବାର ଯୁବ ସମାଜ ସଭାପତି ବୁଲୁ ଭୋଇ ଏବଂ ଅନ୍ୟ ସଭ୍ୟମାନେ ବରଗଡ଼ ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇଙ୍କୁ ଲେଖି ଜଣାଇଛନ୍ତି ।

ପ୍ରକାଶ ଯେ, ବରଡ଼ୋଲ ଗ୍ରାମରେ ଗତ କିଛିବର୍ଷ ହେଲା ଚୋରାମଦ କାରବାର ବୃଦ୍ଧି ପାଇଛି । ଗ୍ରାମର ଯୁବପୀଢ଼ିଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବାବେଳେ ଗ୍ରାମବାସୀଙ୍କ ଆର୍ଥିକ ମେରୁଦଣ୍ଡ ମଧ୍ୟ ଦୋହଲି ପଡୁଛି । ଫଳରେ ଗ୍ରାମର ଯୁବକ ବରଡ଼ୋଲ ଗ୍ରାମକୁ ମଦମୁକ୍ତ କରି ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳିବାକୁ ରବିବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ପରେ ଗ୍ରାମର କୁଚିଆ ମଦଭାଟି ପରିଚାଳନା କରୁଥିବା ଲୋକଙ୍କ ପାଖକୁ ଯୁବକମାନେ ଯାଇ ମଦ ବିକ୍ରି ପାଇଁ ମନା କରିଥିଲେ । ମାତ୍ର ମଦବିକ୍ରି ବନ୍ଦ କରିବା ତ ଦୂରର କଥା, ସମ୍ପୃକ୍ତ ଲୋକ ଜଣକ ସେମାନଙ୍କୁ ଧମକଚମକ ଦେଇଥିଲେ ବୋଲି ଯୁବକମାନେ ଅଭିଯୋଗ କରିଛନ୍ତି ।

କେବଳ ସେତିକି ନୁହେଁ, ମଦ ବିକ୍ରିକୁ ନେଇ ଅନେକ ସମୟରେ ଅଞ୍ଚଳରେ ନାନା ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଥିବା ଯୋଗୁ ଅଞ୍ଚଳବାସୀ ନିଜକୁ ସୁରକ୍ଷିତ ମଣୁ ନ ଥିବା ଯୁବକମାନେ କହିଛନ୍ତି । ଏଭଳିସ୍ଥଳେ ମଦବିକ୍ରି ବନ୍ଦ କରିବା ପରିବର୍ତ୍ତେ ମଦ ବିକିବାକୁ ନେଇ ଦାଦାଗିରି ଗ୍ରାମର ଶାନ୍ତ ପରିବେଶକୁ ଆହୁରି ଅଶାନ୍ତ କରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଦୃଷ୍ଟିରୁ ମଙ୍ଗଳବାର ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକୁ ନେଇ ସମ୍ମିଳନୀ କରାଯିବ ଏବଂ ଗ୍ରାମରେ ମଦ ବିରୋଧୀ ଅଭିଯାନକୁ ବ୍ୟାପକ କରିବାକୁ ଯୁବ ସମାଜ ନିଷ୍ପତ୍ତି ନେଇଛି । ଯୁବ ସମାଜ ସଭାପତି ଭୋଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆସି ଟାଉନ ଥାନା ଆଇଆଇସି ଭୋଇଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରିଥିବାବେଳେ ଜିଲାପାଳ, ଏସପିଙ୍କୁ ଏକକିତା ନକଲ ପ୍ରଦାନ କରାଯିବ ବୋଲି କହିଥିଲେ ।



ମଦ ବିରୋଧୀ ଅଭିଯାନରେ ପୋଲିସକୁ ଫେରାଦ ହୋଇଥିବା ଯୁବକମାନେ ।

■ ପହଣ୍ଡି ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

## ବାଳିକାରେ ରିଙ୍କି, ବାଳକରେ ଚନ୍ଦନ ଚାମ୍ପିୟନ

**ବିଜେପୁର, ୨୪।୧୨ (ଡି.ଏନ.ଏ)**

ବିଜେପୁର ବ୍ଲକ ପହଣ୍ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଆୟୋଜିତ ଏହି ବାର୍ଷିକ କ୍ରୀଡା ସମାରୋହକୁ ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିଚାଳନା କମିଟି ସଭାପତି ଚିନ୍ତାମଣି ସାହୁ, ପୂର୍ବତନ ସରପଞ୍ଚ ନିମାଇଁ ଚରଣ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବାଳିକା ବିଭାଗରେ ରିଙ୍କି ମଲ୍ଲିକ ଓ ବାଳକ ବିଭାଗରେ ଚନ୍ଦନ ମହାନନ୍ଦ ଚାମ୍ପିୟନ ଘୋଷିତ ହୋଇଥିଲେ। କ୍ରୀଡା ଶିକ୍ଷକ ସରୋଜ ପୁରୋହିତଙ୍କ ନେତୃତ୍ୱରେ କ୍ରୀଡା ପ୍ରତିଯୋଗିତା ପରିଚାଳନା ହୋଇଥିଲା । ସେହିପରି ବାର୍ଷିକ ଉତ୍ସବକୁ ସରପଞ୍ଚ ବନୀତା ପଟେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। କଣ୍ଠଶିଳ୍ପୀ ଚିନ୍ତାମଣି ସାହୁ, ଶିକ୍ଷାବିତ୍ ଭରତ ଚନ୍ଦ୍ର ପଟେଲ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭାରେ କ୍ରାନ୍ତିକବି ହରିଲାଲ ସାହୁ, ସାମାଜିକ କର୍ମୀ ନବୀନ ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରୋଜ କୁମାର ପୁରୋହିତ ସଭା ସଂଯୋଜନା କରିଥିଲେ। ଶିକ୍ଷକ ସୌମିତ୍ରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଶା ତାଲିମ ଶିବିର ଉଦ୍‌ଯାପିତ

**ପାଇକମାଳ,୨୪।୧୨(ଡି.ଏନ.ଏ)**

ପାଇକମାଳରେ ୧୫ ଦିନ ଧରି ଚାଲିଥିବା ଆଶା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପାଇକମାଳ, ଝାରବନ୍ଧ, ବିଜେପୁର, ଭଟଲି, ଗାଇସିଲାଟ, ପଦ୍ମପୁର ବ୍ଲକର ୯୭ ଜଣ ଆଶା ଓ ୧୦ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ ଗ୍ରହଣ କରିଥିଲେ । ମମତା ମେହେର ଓ ସନ୍ତୋଷିନୀ ମହାପାତ୍ର ତାଲିମ ପ୍ରଦାନ କରିଥିଲେ । ଅଣସଂକ୍ରାମକ ରୋଗ ଉଚ୍ଚରକ୍ତ ଚାପ, ମଧୁମେହ, ସ୍ତନ କର୍କଟ, ଜରାୟୁ କର୍କଟ, ମୁଖଗହ୍ୱର କର୍କଟର କାରଣ, ଲକ୍ଷଣ ଓ ତାର ପ୍ରତିରୋଧ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଡା. ବୃନ୍ଦବତୀ ସାହୁ, ବାବଲୁ ସାହୁ ଓ ଦୀପାଳି ପ୍ରଧାନ ଯୋଗଦାନ କରିଥିଲେ । ନିତ୍ୟାନନ୍ଦ ଜେନା ଓ ବିକାଶ ପଟେଲ ସହଯୋଗ କରିଥିଲେ ।

## ଯୋଜନା ନାମରେ ଲୋକଙ୍କୁ ଭୂଆଁ ବୁଲାଯାଉଛି

**ବରଗଡ଼ ଅଫିସ୍,୨୪।୧୨**

ରାଜ୍ୟ ସରକାରଙ୍କ ପିଠା ଓ କାଳିଆ ଯୋଜନା ଏକ ପ୍ରହସନ । ଗତ ୧୮ବର୍ଷ ଧରି ଯୋଜନା ପରେ ଯୋଜନା ପ୍ରଣୟନ କରିଫେଲ ମାରିବା ପରେ ସରକାର ଏବେ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସେଭଳି ଯୋଜନାରେ ଭୂଆଁ ବୁଲାଇବାର ଅପଚେଷ୍ଟା କରିଛନ୍ତି । ବରଗଡ଼ ସହରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏଭଳି ଅଭିଯୋଗ ଆଣିଛନ୍ତି । ସେ କହିଥିଲେ, ୧୦ଟି ବିଭାଗକୁ ନେଇ ଆରମ୍ଭ ହୋଇଥିବା ପିଠା ଯୋଜନାରେ ରାଜ୍ୟ ସରକାର ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଶକ୍ତିକରଣ, ସାମର୍ଥ୍ୟବର୍ଦ୍ଧନ, ସ୍ୱଚ୍ଛତା, ଦାୟିତ୍ୱବୋଧତା ଉପରେ ଜ୍ଞାନ କୌଶଳ ଦେବା ପରିବର୍ତ୍ତେ ପିଟା ବଦଳରେ ପିଠା ନାମିତ କରି ମିଛର ଆଶ୍ରୟ ନେଇଛନ୍ତି । ସେହିପରି କାଳିଆ ଯୋଜନା ଚାଷୀଙ୍କୁ କୁହେଳିକା ଭିତରକୁ ଟାଣିନେବ ବୋଲି ସେ କହିଥିଲେ । ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଚାଷୀ ଆତ୍ମହତ୍ୟା ବଢ଼ି ଚାଲିଥିଲେ ହେଁ ଏଯାଏ ତାକୁ ସ୍ୱୀକାର କରି ନ ଥିବା ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ବାସ୍ତବତା କିଛି ନାହିଁ ବୋଲି ମହାନନ୍ଦ କହିଥିଲେ । ଚାଷୀଙ୍କ ହିତ ପାଇଁ ଅବିଳମ୍ବେ ସମ୍ପୂର୍ଣ୍ଣ କୃଷିଋଣ ଛାଡ଼ କରନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି । ଯୁବ କଂଗ୍ରେସ ସଭାପତି ସ୍ୱାଧୀନ ରଥ, ଜିଲା କିଶାନ କ୍ଷେତ ମଜଦୁର ସଭାପତି ଦୟାସଗର ମେଣ୍ଡଲି ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ ।

## ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଭଟଲି,୨୪।୧୨(ଡି.ଏନ୍.ଏ.)**

ବରଗଡ଼ ଜିଲା ଭଟଲି ବ୍ଲକ୍ ଅନ୍ତର୍ଗତ କମଗାଁ କନିଷ୍ଠ ମହାବିଦ୍ୟାଳୟ ପରିସରରେ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ ଉଦ୍‌ଘାଟନ କରିଥିଲେ । କଲେଜର ୧୮୬ ଜଣ ଛାତ୍ରୀ ଶିବିରରେ ଅଂଶଗ୍ରହଣ କରିଥିଲେ । ଏହି ଶିବିରରେ ମାଷ୍ଟର ଟ୍ରେନର ରୋଶନୀ ନାଏକ ସାଧନକର୍ମୀ ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବରଗଡ଼ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତୁଲ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡ. ଜଗଦୀଶ ମିଶ୍ର, ଡ. ଅଶୋକ ଦାଶ ଏବଂ ସଞ୍ଜୀବ ବହିଦାର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରୋଗ୍ରାମ ଇନଚାର୍ଜ ଡ. ଦୀପିକା କୁମାରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଅଧ୍ୟାପକ ଅରବିନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଷୀ ସମସ୍ୟା ନେଇ ଗର୍ଜିଲା କଂଗ୍ରେସ



ଜିଲାପାଳ ଅଫିସ ଆଗରେ କଂଗ୍ରେସ ନେତା,କର୍ମୀମାନେ ।

**ବରଗଡ଼ ଅଫିସ୍,୨୪।୧୨**

ରାଜ୍ୟର ବିଭିନ୍ନ ଚାଷୀ ସମସ୍ୟା ନେଇ ସୋମବାର ବରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହା ସହିତ ବିଭିନ୍ନ ଦାବି ନେଇ କଂଗ୍ରେସ ପ୍ରତିନିଧିମାନେ ୪ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଚାଷୀଙ୍କ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା, ପାଥେଇରେ ହୋଇଥିବା ସମସ୍ତ କ୍ଷୟକ୍ଷତିର ସଠିକ୍ ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ଏବଂ ଚକଡ଼ାଜନିତ କ୍ଷୟକ୍ଷତିର ଇନପୁଟ୍ ସବସିଡ଼ି ତୁରନ୍ତ ପ୍ରଦାନ ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି । ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ରାଲିରେ ଜିଲାପାଳ ଅଫିସକୁ ଆସିଥିଲେ । ଉପରୋକ୍ତ ଦାବି ନେଇ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ରିପୁନାଥ ସେଠ, ପୂର୍ବତନ ବିଧାୟକ ସାଧୁ ନେପାକ, କାର୍ଯ୍ୟକାରୀ ସଭାପତି ଯୁଗଳ ପ୍ରସାଦ ସିଂ, ଜିଲା କିଶାନ କ୍ଷେତ ମଜଦୁର ସଭାପତି ଦୟାସାଗର ମେଣ୍ଡଲି, କୃଷକ ସେଲ ଆବାହକ ଶୁଭେନ୍ଦୁ ସାହୁ, ମହିଳା କଂଗ୍ରେସ ରାଜ୍ୟ ସମ୍ପାଦିକା ନୀଳିମା ଅଗ୍ରୱାଲ, ସୁନୀତା ବାଗ, ପିସିସି ସମ୍ପାଦକ ହରଦୀପ ସିଂ, ବ୍ରହ୍ମା ମହାକୁଡ଼ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

■ ସର୍ବଭାରତୀୟ ଛିନ୍ଦେଇକେଲା କପ୍ ଉଦ୍‌ଘାଟିତ

# କରିମ ସ୍ପୋର୍ଟିଂ ବିଜୟୀ

**ପାଇକମାଳ,୨୪।୧୨(ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ସ୍ଥିତ ଚନ୍ଦ୍ରଶେଖର ଖେଳ ପଡିଆରେ ସର୍ବଭାରତୀୟ ୨୪ତମ ଛିନ୍ଦେଇକେଲା କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ କୌସ୍ତୁଭ ସାହୁ ମୁଖ୍ୟଅତିଥି, ମହମ୍ମଦ ହୁସେନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ରାଜୀବ ଷ୍ଟାର ଛିନ୍ଦେଇକେଲା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଦିନର ଖେଳ ନାଗପୁର କରିମ ସ୍ପୋର୍ଟିଙ୍ଗ ଏକାଡେମୀ ଓ ରାୟପୁର ସାଇ କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନାଗପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୨୩୮ ରନ ସଂଗ୍ରହ କରିଥିଲେ । ନାଗପୁର ଦଳ ପକ୍ଷରୁ ରବିନ ସିଂ ୬ଟି ଚଉକା ୯ଟି ଛକା ୫୩ ବଲରେ ୯୧ ରନ କରିଥିଲେ। ସନ୍ଦୀପ ଭାରତୀ ୩୩ ବଲରୁ ୫୩ ରନ ସଂଗ୍ରହ କରିଥିଲେ । ରାୟପୁର ଦଳ ପକ୍ଷରୁ ଗଣେଶ ରାଓ ୫ଓଭରରେ ୩ ଉଇକେଟ, ଦିଲୀପ ଠାକୁର ୫ ଓଭରରେ ୨ ଉଇକେଟ ହାସଲ କରିଥିଲେ । ରାୟପୁର ଦଳ ୨୪୯ ରନର ପିଛା କରି ୨୨.୪ ଓଭରରେ ସମସ୍ତ ଉଇକେଟ କରାଇ ୧୬୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପଙ୍କଜ କଲଧର ୩୬ ଓ ରାହୁଲ କୁମାର ୨୬ ରନ ସଂଗ୍ରହ କରିଥିଲେ । ନାଗପୁର ଦଳ ପକ୍ଷରୁ ଗୌରଭ ବ୍ରାବଡେ ୪ ଓଭରରେ ୩ ଉଇକେଟ, ବିଜୟ ଶର୍ମା ୫ ଓଭରରେ ୩ ଉଇକେଟ ହାସଲ କରିଥିଲେ । ଓସିଏ ପ୍ୟାନେଲ ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ, ଚୂଡାମଣି ପାଢୀ ଖେଳ ପରିଚାଳନା, ପତିତପାବନ ସାହୁ ଧାରା ବିବରଣୀ ଏବଂ ପ୍ରମୋଦ କୁମାର ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ପୁରସ୍କାରୀ ବିବରଣୀ ଉତ୍ସବରେ ମଙ୍ଗଲୁ ଚରଣ ସାହୁ ମୁଖ୍ୟଅତିଥି, ଦୁଃଶାସନ କୁମ୍ଭାର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜୟୀ ନାଗପୁର ଦଳରର ମ୍ୟାନ ଅପ ଦି ମ୍ୟାଚ ବିବେଚିତ ରବିନ ସିଂଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ମଙ୍ଗଳବାର ଗ୍ରୁପ୍ ଏ ର ଦ୍ୱିତୀୟ ମ୍ୟାଚ୍ ରାଞ୍ଚି ରେଲୱେ ଓ ପ୍ରଗତି ସ୍ପୋର୍ଟିଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ପ୍ରଶାନ୍ତ ସାହୁ ଜଣାଇଛନ୍ତି ।




ବିଜୟୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

## ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ବାଳକ

**ଗଣ୍ଡତୁରୁମ, ୨୪।୧୨ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ବୁଦେଲବାହାଲି ଗ୍ରାମର ପ୍ରମୋଦ କୁମୁରାଙ୍କ ୧୨ ବର୍ଷର ପୁଅ ସୁବ୍ରତ ଜନ୍ମରୁ ଦିବ୍ୟାଙ୍ଗ । ମାତ୍ର ସେ ଏବେ ମଧ୍ୟ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହିଛନ୍ତି । ପ୍ରମୋଦ ଭୂମିହୀନ ହୋଇଥିବା ବେଳେ ନିଜର ବାସନକୁସନ ବନ୍ଧା ପକାଇ ପ୍ରଥମେ ବୁର୍ଲା ଡାକ୍ତରଖାନାରେ ପୁଅର ଚିକିତ୍ସା କରାଇଲେ । ମାତ୍ର କୌଣସି ସୁଫଳ ମିଳି ନ ଥିଲା ବରଂ ସେ ଶଯ୍ୟାଶାୟୀ ହୋଇ ରହିଥିଲେ । ଡାକ୍ତର ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ପରାମର୍ଶ ଦେଲେ । ମାତ୍ର ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଲା । ୨୦୧୪ ମସିହାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଲେ । ଯେଉଁଥିରେ କି ୭୫ ପ୍ରତିଶତ ଦିବ୍ୟାଙ୍ଗ ବୋଲି ଡାକ୍ତର ପ୍ରମାଣିତ କଲେ । ତେବେ ଆଜକୁ ୫ବର୍ଷ ହେଲା ମଧ୍ୟ ଦିବ୍ୟାଙ୍ଗ ଭତ୍ତା ପାଇଁ ସ୍ଥାନୀୟ ପଞ୍ଚାୟତରେ ଆବେଦନ କରିଥିଲେ ମଧ୍ୟ ସୁବ୍ରତଙ୍କୁ ଏପର୍ଯ୍ୟନ୍ତ ଯୋଜନାରେ ସାମିଲ କରାଯାଇନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଜନହିତକାରୀ ଯୋଜନା ପ୍ରଣୟନ କରିଥିଲେ ବି ଗରିବଙ୍କ ପାଇଁ କେହି ନାହାନ୍ତି ବୋଲି ପ୍ରମୋଦ କୁହନ୍ତି ।



ଦଉଡିଆ ଖଟରେ ଶୋଇ ରହିଛନ୍ତି ଦିବ୍ୟାଙ୍ଗ ସୁବ୍ରତ ।

## ଫାଇନାଲରେ ପାଟଣାଗଡ଼ ପିସିସି ଏକାଦଶ

**ଭଟଲି,୨୪।୧୨(ଡି.ଏନ୍.ଏ.)**

ଭଟଲି ବ୍ଲକ ଅନ୍ତର୍ଗତ ନୂଆଁଗଡ଼ ଲକ୍ଷ୍ମୀ ନାରାୟଣ ହାଇସ୍କୁଲ ଖେଳ ପଡିଆରେ ରାଜା ବଳରାମ ଦେଓ ତୃତୀୟ ଆନ୍ତଃ ରାଜ୍ୟ କ୍ରିକେଟ ପ୍ରତିଯୋଗିତା ସୋମବାର ତୃତୀୟ ଦିବସର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବରଗଡ଼ ବ୍ଲୁ-ଡାଇମଣ୍ଡ ଏକାଦଶ ଏବଂ ପାଟଣାଗଡ଼ ପିସିସି ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ ପାଟଣାଗଡ଼ ପିସିସି ଏକାଦଶ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେବା ସହିତ ବରଗଡ଼ ବ୍ଲୁ-ଡାଇମଣ୍ଡ ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଏଥିରେ ଦଳ ନିର୍ଦ୍ଧାରିତ ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଅଧିନାୟକ ପ୍ରବୀଣ ଲୁହା ୩୪ଟି ବଲ୍‌ରୁ ୩୫ ରନ୍ ସଂଗ୍ରହ କରିଥିବାବେଳେ ସଂକଳ୍ପ ରାଉତ ୩ଟି ଛକ୍କା ଏବଂ ୨ଟି ଚୌକା ସହାୟତାରେ ୧୬ଟି ବଲ୍‌ରୁ ୩୦ ରନ୍ ସଂଗ୍ରହ କରିଥିଲେ। ୧୪୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପାଟଣାଗଡ଼ ପିସିସି ଏକାଦଶ ୨୪.୧ ଓଭରରେ ୪ଟି ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରିବା ସହିତ ବିଜୟ ହାସଲ ପୂର୍ବକ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ପାଟଣାଗଡ଼ ପିସିସି ଏକାଦଶର ପିଙ୍କୁ ବୁଡ଼େକ ୪୨ଟି ବଲ୍‌ରେ ୮ଟି ଚୌକା ସହାୟତାରେ ୪୬ ରନ୍ ସଂଗ୍ରହ କରି ବିଜୟୀ କରାଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମହମ୍ମଦ ଇସାକ ଏବଂ ବିକାଶ କୁମାର ମେହେର ଖେଳ ପରିଚାଳନା କରିଥିଲେ। ସନ୍ଦୀପ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବାବେଳେ ରାଜୁକମାର ସାହୁ, ଅଶୋକ ବଘେଲ, ସାନନ୍ଦ ସାହୁ, କ୍ଷମାସାଗର ମାଝି ଏବଂ ନକୁଳ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଯୋଗେଶ୍ୱର ପଧାନ, ମହମ୍ମଦ ଇଲିୟାସ, ଆନନ୍ଦ ସାହୁ ଏବଂ ଗୁରୁଦେବ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

**ଆନ୍ତଃ ରାଜ୍ୟ କ୍ରିକେଟ ପ୍ରତିଯୋଗିତା**




ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### କୃତ୍ରିମ ପ୍ରଜନକାରୀଙ୍କ ମାସିକ ବୈଠକ

ଅତାବିରା, ୨୪।୧୨ (ଡି.ଏନ.ଏ): ଓମଫେଡ ଦ୍ୱାରା ପରିଚାଳିତ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ ସମ୍ବଲପୁର ଅଧିନସ୍ଥ ବିଭିନ୍ନ ଦୁଗ୍ଧମାର୍ଗର ଦୁଗ୍ଧ ଉତ୍ପାଦକ ସମିତିର କୃତ୍ରିମ ପ୍ରଜନକାରୀମାନଙ୍କର ଏକ ମାସିକ ବୈଠକ ସୋମବାର ଓମଫେଡ ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ର ଗୋଶାଳାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘର ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି, ଗୋଶାଳା ତାଲିମ କେନ୍ଦ୍ରର ତାଲିମ ଅଧିକାରୀ ଡ. ସଞ୍ଜୀବ କୁମାର ଶତପଥି ଯୋଗଦେଇ ମଞ୍ଚାସୀନ ଥିଲେ । କାଦୋବାହାଲ, ଅତାବିରା, ପତ୍ରାପାଲି, ଚାରପାଲି ଆଦି ଦୁଗ୍ଧ ମାର୍ଗର କ୍ଷେତ୍ର ପରିଦର୍ଶିକା, ପରିଦର୍ଶକ, କୃତ୍ରିମ ପ୍ରଜନକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ଦୁଗ୍ଧ ଉତ୍ପାଦକ ସମିତି ଗୁଡିକର ଗାଈ ଗୋରୁଙ୍କ ବିଷୟରେ ଆଲୋଚନା କରାଯାଇଥିଲା । କ୍ଷେତ୍ର ପରିଦର୍ଶିକା ଆରତୀ ମିଶ୍ର, ସନ୍ତୋଷ ଦେହୁରୀ, କେଜିଆର ଦୋରା, ସଂଯୁକ୍ତା ନାୟକ, କୁଳମଣି ଥପା ପ୍ରମୁଖ ଯୋଗଦେଇ ବିଭିନ୍ନ ଦୁଗ୍ଧ ମାର୍ଗର ସମସ୍ୟା ଗୁଡିକ ଉପସ୍ଥାପନ କରିଥିଲେ । ଶେଷରେ ସନ୍ତୋଷ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

ଭଟଲି,୨୪।୧୨(ଡି.ଏନ୍.ଏ.) : ଭଟଲି ବ୍ଲକ ଉର୍ଦ୍ଦୁନା ଆଞ୍ଚଳିକ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଟେକଚନ୍ଦ୍ର ସାହୁଙ୍କ ସୋମବାର ପରଲୋକ ଘଟିଛି । ତାଙ୍କୁ ୫୩ବର୍ଷ ହୋଇଥିଲା । ସେ ୩୨ବର୍ଷ ଧରି ଏହି ହାଇସ୍କୁଲରେ କାର୍ଯ୍ୟରତ ଥିଲେ । ସ୍ୱର୍ଗତ ସାହୁ ତାଙ୍କ ପଛରେ ଜଣେ ପୁଅ, ଝିଅ ଏବଂ ସ୍ତ୍ରୀଙ୍କୁ ଛାଡ଼ି ଯାଇଛନ୍ତି । ତାଙ୍କର ଏକମାତ୍ର ପୁତ୍ର ମାନସ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭଟଲି ବ୍ଲକ ପିଇଟି ସଂଘ ପକ୍ଷରୁ ହିମାଂଶୁ ଶେଖର ପଣ୍ଡା, ପ୍ରମୋଦ ମାଝି, ମୁନ୍ସି ପାତ୍ର, ଛେଳିଆ ସାହୁ, ପ୍ରଦୀପ ପଧାନ, ପରେଶ ମହାପାତ୍ର ଏବଂ ହାଇସ୍କୁର ଶିକ୍ଷକ ମାନେ ଶୋକ ପ୍ରକାଶ କରିଛନ୍ତି ।

# ଚାଷୀଙ୍କୁ ମିଳିନି ବୀମା କ୍ଷତିପୂରଣ

ବରଗଡ଼ ଅଫିସ୍,୨୪।୧୨

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତରେ ଗତ ରବି ଫସଲ ସମୟରେ ହୋଇଥିବା ଘୂର୍ଣ୍ଣିଝଡ଼, କରକାପାତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ମାତ୍ର ଏପର୍ଯ୍ୟନ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳି ପାରିନାହିଁ। ଏହାକୁ ନେଇ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଗତ ରବିଚାଷ ସମୟରେ ହୋଇଥିବା କରକାପତାରେ କୁମ୍ଭାରୀ ଗ୍ରାମରେ ଧାନ ଓ ପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା । କୃଷିବିଭାଗ ସେତେବେଳେ କ୍ଷୟକ୍ଷତି ଆକଳନ କରିଥିଲା ଏବଂ ୮୦ ପ୍ରତିଶତ ଫସଲ କ୍ଷତିଗ୍ରସ୍ତ ହୋଇଥିବା ନେଇ ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ ବୋଲି ଚାଷୀମାନେ କହିଛନ୍ତି । ଏହାସତ୍ତ୍ୱେ ଇତିମଧ୍ୟରେ ଫସଲକ୍ଷତିର ୪୫ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳି ନ ଥିବା ସେମାନେ କହିଛନ୍ତି । ଗ୍ରାମର ଗଣନାଥ ପ୍ରଧାନ, ପଦ୍ମ ନାୟକ, ନିତ୍ୟାନନ୍ଦ ପ୍ରଧାନ, ବସୁଦେବ ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା କୁମ୍ଭାରୀ ଗ୍ରାମର ଚାଷୀମାନେ ।

# ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ଭେଡ଼େନ, ୨୪।୧୨ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରୁଷୁଡ଼ା ହାଇସ୍କୁଲ ପଡ଼ିଆରେ ସୋମବାର ଭେଡ଼େନ ବ୍ଲକ ଜିଲାପରିଷଦ ଜୋନ-୩ ସ୍ତରୀୟ ବିଜେଡ଼ି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ନେତା ଶିବ ପ୍ରସାଦ ହୋତାଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ପୂର୍ବତନ ସଭ୍ୟା ହେମାବତୀ କରନ, ମାର୍କେଫେଡ଼ ଅଧ୍ୟକ୍ଷ ବିଭୁଦତ୍ତ ପ୍ରଧାନ, ସରପଞ୍ଚ ପୁରୁଷୋତ୍ତମ ସାହୁ, ସୁଶାନ୍ତ ସାହୁ, ସୁରୁବାବୁ ମାଝୀ, ନିରୁପାଞ୍ଜଳୀ ମହାଲିଙ୍ଗ, ସମିତିସଭ୍ୟ ମନୋଜ ପ୍ରଧାନ, ଲୁଲେଶ୍ୱରୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଜୋନ ୩ ଅନ୍ତର୍ଗତ ଡ଼ାଳବ, ଦେଶଭଟଲି, ମାନପୁର, ରୁଷୁଡ଼ା, ସିଆଲଖଣ୍ଡହଥା, ମହୁଲପାଲି, ପପଙ୍ଗା ଓ ସୁନାଲରମ୍ଭା ଗ୍ରାମପଞ୍ଚାୟତର ବହୁ କର୍ମୀ ଯୋଗ ଦେଇଥିଲେ ।

# ଜିଲାପାଳଙ୍କୁ ଚାଷୀଙ୍କ ଫେରାଦ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

ବରଗଡ଼ ଅଫିସ୍,୨୪।୧୨

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ପଞ୍ଚାୟତର ଚାଷୀମାନେ ସୋମବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ କ୍ଷତିପୂରଣ ଦାବି କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରବିଋତୁରେ ହୋଇଥିବା କୁଆପଥର ମାଡ଼ରେ ଉକ୍ତ ପଞ୍ଚାୟତର ସତଲମା, ସିର୍କିଡ଼ି, ବିଶିପାଲି ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା । ସେତେବେଳେ ବିଭାଗୀୟ କୃଷି ଅଧିକାରୀମାନେ କ୍ରପ କଟିଂ କରିଥିଲେ ଏବଂ ୭୦ରୁ ୭୫ ପ୍ରତିଶତ ଫସଲକ୍ଷତି ହୋଇଥିବା ରିପୋର୍ଟ ଦେଇଥିଲେ । କିନ୍ତୁ କ୍ଷୟକ୍ଷତି

**ବରପାଲି ବ୍ଲକ**

ଆକଳନ ପରେ କ୍ଷତିପୂରଣ ନେଇ ଆଉ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି ।

# କଳାପଟା ବାର୍ଷିକ ଉତ୍ସବରେ କବି ସମ୍ମିଳନୀ

ଗାଇସିଲେଟ,୨୪।୧୨(ଡି.ଏନ.ଏ)

ଗାଇସିଲେଟ ଶହୀଦ ଛକରେ ଥିବା ଘାଏ ଦେଖତ କଲାପଟାର ୪ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ସଭାପତି ଆଦିତ୍ୟ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ କୌଶଲୀ ଭାଷା ଆନ୍ଦୋଳନର ମୁଖ୍ୟ ଉତ୍ପନ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । କିଶୋର ମେହେର ମୁଖ୍ୟବକ୍ତା, ଡା. ଜୟକେତନ ତ୍ରିପାଠୀ, କୌଶଲୀ କବି ନିରଞ୍ଜନ ପଣ୍ଡା, ସମ୍ପାଦକ ବୈରାଗୀ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ମୁଖପତ୍ର, କବି ମାୟାଧି ଛତ୍ରରଙ୍କ ରଚିତ କବିତା ସଂକଳନ 'ଭାରତୀ' ଓ କବି ସଦାଶିବ ଦୀପଙ୍କ କବିତା ସଂକଳନ 'ସଖି ମୋର ପ୍ରମିଳା' ଉନ୍ମୋଚିତ ହୋଇଥିଲା । ସଭାରେ ସିଦରାର କବି ଅଧିକାରି ସା, ବଘଲାର କବି ରାଜେଶ ଦନସନା, ନୁଆଁପାଲିର କର୍ମା ବାଦକ ଫଗୁନୁ ମହାଲା, କରିମୁଣ୍ଡାର ଦଣ୍ଡ ଢୋଲ ବାଦକ ବଲରାମ ବାଗ, ଶିଶୁ ନୃତ୍ୟ କଳାକାର ଆଭାରଣୀ ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ନବୀନ ସାହୁ ସଭା ପରିଚାଳାନା କରିଥିବାବେଳେ ରକ୍ମଣି ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ରଗ୍‌ବୀରେ ସଫଳତା

ସୋହେଲା, ୨୪।୧୨(ଡି.ଏନ.ଏ)

ସୋହେଲା ବ୍ଲକ ଲେବିଡି ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ରଗ୍‌ବୀ-୨୦୧୮ (୧୪ବର୍ଷରୁ କମ୍) ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବାଳିକା ଦଳ ନୟାଗଡ, ପୁରୀ ଓ ଭୁବନେଶ୍ୱରକୁ କ୍ରମାଗତ ଭାବେ ହରାଇ ଚାମ୍ପିୟନ ହୋଇଛନ୍ତି। ଲେବିଡି ସ୍କୁଲର ବାଳିକା ଦଳରେ ଜ୍ୟୋତ୍ସ୍ନା ବରିହା, ଭାରତୀ ବାରିକ, ତୃପ୍ତିମୟୀ ଭୋଇ ଏବଂ ବାଳକ ଦଳରେ ଅକ୍ଷୟ ଭୋଇ ଜାତୀୟସ୍ତର ରଗବୀ ଚାମ୍ପିୟନଶିପ୍ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପରେ ଜିଲା ଶିକ୍ଷାଧିକାରୀ ପ୍ରକାଶ କୁମାର ଯୋଶୀ, ସୋହେଲା ବିଇଓ ହେମସାଗର ମହାନନ୍ଦ, ପ୍ରଧାନ ଶିକ୍ଷକ ଟଙ୍କଧର ପଧାନ ରଗବୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ରଗବୀ ଦଳର କୋଚ୍ ଗିରିଧାରୀ ତନସନା ଓ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ବାସପତରିର ବାର୍ଷିକୋତ୍ସବ



ବାସପତରି ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଭେଡ଼େନ, ୨୪।୧୨ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ଠାରେ ଥିବା ବାଟତରାର କଳାପଟା ସାହିତ୍ୟ ଫଳକ 'ବାସପତରି'ର ପ୍ରଥମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ସାନପିପିଲିପାଲିଠାରେ ଅନୁଷ୍ଠିତ ହୋଇଛି । ସାହିତ୍ୟିକ ଉତ୍ପନ୍ନ ଭୋଇଙ୍କ ସଂଯୋଜନା ତଥା ମାନଭଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ପ୍ରଥମ ଅଧିବେଶନରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି , ଶିବଶଙ୍କର ପୂଜାରୀ ମୁଖ୍ୟବକ୍ତା, ସନ୍ତୋଷ ତ୍ରିପାଠୀ, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି କବି ନାଗଙ୍କୁ ଗାଁ ତରଫରୁ ଗୌନ୍ତିଆ ଦେବାଶିଷ ନନ୍ଦ ସମ୍ବର୍ଦ୍ଧିତ କରିଥିଲେ । ଉମେଶ ପ୍ରଧାନଙ୍କୁ ବାସପତରି ସମ୍ମାନ ପ୍ରଦାନ କରାଯାଇଥିଲା। ସୁଶୀଲ ବୁଧିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ଗୁଣନିଧି ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଦେବେନ୍ଦ୍ର ସାହୁ ଏବଂ ନାରାୟଣ ଭୋଇଙ୍କ ସଂଯୋଜନାରେ ହୋଇଥିବା ଦ୍ୱିତୀୟ ଅଧିବେଶନ କବି ସମ୍ମିଳନୀରେ କବି ଭାଗବତ ପଧାନ, ନିର୍ମଳ ନାୟକ, ମଞ୍ଜୁଳତା ସାହୁ, ବିନୋଦ ବୈକାର, ନମିତା ଦୀପଙ୍କ ସମେତ ବହୁ କବି ନିଜ ନିଜ କବିତା ପାଠ କରିଥିଲେ। ଶେଷରେ କବି ଲକ୍ଷ୍ମଣ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଞ୍ଚାର କଳାକାରଙ୍କୁ ଉପେକ୍ଷା ମନୋଭାବକୁ ବିରୋଧ

ବରଗଡ଼ ଅଫିସ୍,୨୪।୧୨

ବରଗଡ଼ ଜିଲାରେ ସଞ୍ଚାର କଳାକାଳଙ୍କ ପ୍ରତି ଉପେକ୍ଷିତ ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ସୋମବାର ବରଗଡ଼ ଜିଲା ବାୟକ ସଞ୍ଚାର କଳା ସଂଘ ଜିଲାପାଳଙ୍କୁ ଫେରାଦ ହୋଇଥିଲା। ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବାୟକ ସଞ୍ଚାର କଳା ସଂଘ ବରଗଡ଼ ଧନୁଯାତ୍ରା ସହିତ ଆବହମାନ କାଳରୁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହିଛି । କିନ୍ତୁ ସଞ୍ଚାର ବାୟକଙ୍କ ପ୍ରତି ଅଣଦେଖା କରାଯାଉଛି । ସଞ୍ଚାର କଳା ମଣ୍ଡପ ଅସୁରକ୍ଷିତ ରହିଥିବାବେଳେ ଏହି ମଣ୍ଡପର ପରିଷ୍କାର, ପରିଚ୍ଛନ୍ନତା ଉପରେ ମଧ୍ୟ ଦୃଷ୍ଟି ଦିଆଯାଉନାହିଁ । ସେହିପରି ସଞ୍ଚାର ବାୟକଙ୍କୁ ସେମାନଙ୍କ ଉଚିତ ପ୍ରାପ୍ୟରୁ ମଧ୍ୟ ବଞ୍ଚିତ କରାଯାଉଥିବା ଅଭିଯୋଗ ହେଉଛି । ତେବେ ଏହି ସବୁ ସମସ୍ୟାର ସମାଧାନ କରା ନ ଗଲେ ଧନୁଯାତ୍ରାର ସଞ୍ଚାର କଳା ମଣ୍ଡପରେ ସେମାନେ ଆଉ ସଞ୍ଚାର ପରିବେଷଣ କରିବେ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସ୍ମାରକପତ୍ରରେ ସଂଘର ସଭାପତି ଅଲେଖ ସାହୁ, ପ୍ରହଲ୍ଲାଦ ବାଗ, ଉଦ୍ଧବ ବେହେରା, ଅଚ୍ୟୁତ ବେହେରା ପ୍ରମୁଖ ସଞ୍ଚାର କଳାକାରଙ୍କ ସ୍ୱାକ୍ଷର ରହିଛି ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ସଞ୍ଚାର କଳାକାରମାନେ ।

# ସିଦ୍ଧାର୍ଥ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ସରଣ୍ଡା,୨୪।୧୨(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁମେଲସିଂହା ସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲର ୧୬ତମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟବକ୍ତା, ବରଗଡ଼ ଜିଲା ଶିକ୍ଷାଧିକାରୀ ପ୍ରକାଶ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଏକାଡ଼େମୀ ନିର୍ଦ୍ଦେଶକ ଅସିତ୍ ଅମାନ୍ତ ଏକାଡ଼େମିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ବନ୍ଦିତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ଅଞ୍ଜଳି ସେଠ୍ ୱେଲୁରୀ ରାମଚନ୍ଦ୍ର ରାଓ ପ୍ରତିଭା ସମ୍ମାନ ମାନପତ୍ର ପାଠ କରିଥିଲେ । ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ତଥା ରଙ୍ଗବତୀର କଣ୍ଠଶିଳ୍ପୀ ମିସ୍ କ୍ରୀଷ୍ଣା ପଟେଲଙ୍କୁ ସ୍କୁଲର ସର୍ବଶ୍ରେଷ୍ଠ ସମ୍ମାନ ୱେଲୁରୀ ରାମଚନ୍ଦ୍ର ରାଓ ପ୍ରତିଭା ସମ୍ମାନ -୨୦୧୮ରେ ସମ୍ମାନିତ କରାଯାଇଥିଲା। ସ୍କୁଲରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଏବଂ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏଲ୍‌କେଜିର ତ୍ରୀଷ୍ଟା ସେଠ୍, ୟୁକେଜିର ଏଇଷା ଛନ୍ଦ, ପ୍ରଥମ ଶ୍ରେଣୀର ଅର୍ପିତା ଦୋରା, ଦ୍ୱିତୀୟର ସାକ୍ଷୀ ଅଗ୍ରୱାଲ, ଓ ସାଇ ନନ୍ଦନ ରାଉତିଆ, ତୃତୀୟର ଆରିୟନ ଦାଶ ଓ ସଙ୍କେତ ମେରର୍ଲି, ୪ର୍ଥର ଶ୍ରୀବିଦ୍ୟା ବାଗ୍ ଓ ରାସେଶ୍ୱରୀ ଆଚାର୍ଯ୍ୟ, ପଞ୍ଚମର ତ୍ରୀଷ୍ଟା ଚାନ୍ଦ ଓ ସ୍ମୃତିରାନୀ ବଜରପୁଞ୍ଜି, ଷଷ୍ଠର ପିୟୁଷ କୁମାର ଦାଶ ଓ କେ. ରୂପା ରଞ୍ଜିଥା,, ସପ୍ତମର ଆଦିତି ବାଙ୍କା ଓ ଲିପୁନ ମେରର୍ଲି, ଅଷ୍ଟମର ଆୟୁଷ ଅଗ୍ରୱାଲ ଓ ସ୍ନେହା ମହାକୁର, ଏବଂ ନବମ ଶ୍ରେଣୀର ଅନ୍ୱେଷା ଆଚାର୍ଯ୍ୟ, ସିଏଚ୍ ତେଜା ଭି ରାଜୁ ଓ ସୁପ୍ରୀତ୍ ନନ୍ଦ ନିଜ ନିଜ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଥିଲେ । ୨୦୧୭-୧୮ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ସ୍ୱସ୍ତିକ କୁମାର ଚୌଧୁରୀଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଖେଳକୁଦରେ ସ୍ୱସ୍ତିକ କୁମାର ଚୌଧୂରୀ, ସ୍ୱରାଜ ପୂଝାରୀ, ପି. ପ୍ରତିମାନ ପଣ୍ଡା, ଅନିମେଶ ସାହୁ, ଲିପ୍ସ ମେରର୍ଲି, ପ୍ରିୟା ନାଏକ ଏବଂ ଅନ୍‌ମୋଲ ବେଦିଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। ୨୦୧୭-୧୮ ସିବିଏସ୍‌ଇ ଦଶମ ଶ୍ରେଣୀ ପରିକ୍ଷାରେ ୧୦ସିଜିପିଏ ମାର୍କ ରଖି ସ୍କୁଲ ପାଇଁ ଗୌରବ ଆଣିଥିବା ବିମଳେଶ୍ୱର ପ୍ରସାଦ ଦାଶ, ସୁଭାଶିଷ ଚନ୍ଦ୍ର ଦାଶ, ଆଞ୍ଚଳ ମାହାନା, ଆସ୍‌ନା ଅଗ୍ରୱାଲ, କମଳେଶ ସାହୁ, ଶର୍ମିଷ୍ଠା ନାଏକ, ରୋହନ ପ୍ରଧାନ ଓ ଯଗ୍ନେଶ କୁମାର ବେହେରା ପ୍ରମୁଖ ୮ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସ୍କୁଲର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



ରଙ୍ଗବତୀର କଣ୍ଠଶିଳ୍ପୀ କ୍ରିଷ୍ଣା ପଟେଲଙ୍କୁ ସ୍କୁଲର ଶ୍ରେଷ୍ଠ ସମ୍ମାନ ୱେଲୁରୀ ରାମଚନ୍ଦ୍ର ରାଓ ପ୍ରତିଭା ସମ୍ମାନ -୨୦୧୮ରେ ସମ୍ମାନିତ କରାଯାଉଛି ।

# ଗାଇସିଲେଟ, ଭେଡେନରେ ହିନ୍ଦୁ ସମ୍ମିଳନୀ

ଗାଇସିଲେଟ/ଭେଡେନ, ୨୪।୧୨(ଡି.ଏନ.ଏ)

ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଦଶମଣି ସାହୁ ସଭାପତିତ୍ୱ କରିଥିଲେ । ହିନ୍ଦୁ ଜାଗରଣ ସାମ୍ମୁଖ୍ୟ ଓଡିଶା ପଶ୍ଚିମ ସଂଭାଗ ସଙ୍ଗଠନ ମନ୍ତ୍ରୀ କେଶବ ଚନ୍ଦ୍ର ଜାଲ ମୁଖ୍ୟଅତିଥି, ବିଶ୍ୱହିନ୍ଦୁ ପରିଷଦ ବ୍ଲକ ସଭାପତି ହରିହର ଦାଶ, ଜିଲା ସମ୍ପାଦକ ମାନସ ରଞ୍ଜନ ଦାଶ, ସଞ୍ଜୟ କୁମାର ପୁରୋହିତ, ମଣ୍ଡଳ ବିସ୍ତାରକ ଜୟନ୍ତ ଭୋଇ ଓ କମଳାକାନ୍ତ ମହଲା ମଞ୍ଚାସୀନ ଥିଲେ। ପତଞ୍ଜଳି ଜିଲା ସଂଯୋଜକ ନବୀନ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ ଦେଇଥିଲେ ।

ଭେଡେନ, (ଡି.ଏନ.ଏ.): ଭେଡେନ ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ଶାଖା ତରଫରୁ ରବିବାର ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଛି । ପରିଷଦର ବ୍ଲକ ସମ୍ପାଦକ ପ୍ରଭାକର ଦାଶଙ୍କ ଆବାହକତ୍ୱରେ ହୋଇଥିବା ଏହି ସମାବେଶରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ କର ମୁଖ୍ୟଅତିଥି, ସ୍ୱୟଂସେବକ ସଂଘର ଜିଲା ବୌଦ୍ଧିକ ପ୍ରମୁଖ ସୁନାଧର ସେଠ ମୁଖ୍ୟବକ୍ତା ଭାବେ ଯୋଗଦେଇ ଧାର୍ମିକ ଓ ବୌଦ୍ଧିକ ଚେତନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାବେଶରେ ବ୍ଲକର ସମସ୍ତ ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ । ବ୍ଲକ କାର୍ଯ୍ୟବାହ ଅକ୍ଷୟ ବଘାର ସଭା ପରିଚାଳନା କରିଥିବା ବେଳେ ଶୁକ୍ରୁ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୫ ଡିସେମ୍ବର, ୨୦୧୮



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



**ସଂକ୍ଷେପରେ**

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ସିଂଘିଯୁବା,୨୪।୧୨(ଡି.ଏନ୍.ଏ.)**- ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଘାଟି ଜାମପାଲି ଛକ ଘଣ୍ଟେଶ୍ୱରୀ ମନ୍ଦିର ନିକଟରେ ସୋମବାର ସନ୍ଧ୍ୟାବେଳେ ଏକ ବାଇକ୍ ଦୁର୍ଘଟଣା ଘଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋନପୁର ବ୍ଲକ ହର୍ଡୋଖୋଲ ଚପାପାଲି ଗ୍ରାମ ଦୁଷ୍ମନ୍ତ କ୍ଷେତ୍ରୀ(୨୬)। ବିନିକା ପୋଲିସ ସୂଚନା ମୁତାବକ ଦୁଷ୍ମନ୍ତ ସୋମବାର ସକାଳେ ତାଙ୍କ ଭଉଣୀ ଘର ରାମପୁର ଆସିଥିଲେ। ସେ ଏକ ବାଇକ୍ (ନଂ.ଓଡି-୩୧ଡି୭୫୬୫) ଯୋଗେ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ସେତିକିବେଳେ ଘଣ୍ଟେଶ୍ୱରୀ ମନ୍ଦିର ନିକଟରେ ବାଇକ୍ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁଷ୍ମନ୍ତଙ୍କ ମୁଣ୍ଡ ଓ ଡାହାଣ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଖବର ପାଇ ୧୦୮ ଆମ୍ବୁଲାନ୍ସ ତାଙ୍କୁ ଉଦ୍ଧାର କରି ବିନିକା ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିନିକା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷେ ରାସ୍ତାରେ ହୋଇଥିବା ଖାଲଖମା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଜାମପାଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ସୁବର୍ଣ୍ଣପୁରରେ ଜାତୀୟ ଖାଉଟି ଅଧିକାର ଦିବସ

# ସଚେତନ ହେଲେ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ

**ସୋନପୁର,୨୪।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଏନ୍‌ଜିଓସିସି ସଭାଗୃହରେ ଜାତୀୟ ଖାଉଟି ଅଧିକାର ଦିବସ ସୋମବାର ପାଳିତ ହୋଇଯାଇଛି । ଜିଲା ଉପଭୋକ୍ତା ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଉଟି ଅଧିକାର ଆଇନ ପରିପ୍ରେକ୍ଷିରେ ଖାଉଟି ହେଉଛି ରାଜା ବୋଲି କହିଥିଲେ । ଖାଉଟି ସଚେତନ ହେଲେ ତା'ର ପସନ୍ଦ ଅପସନ୍ଦ ମୁଲଚାଲ କରିବା ସହିତ ସ୍ୱାର୍ଥ ସୁରକ୍ଷିତ ରହିବ ବୋଲି ଅତିରିକ୍ତ ଜିଲାପାଳ ପଣ୍ଡା ମତପ୍ରକାଶ କରିଥିଲେ । ଖାଉଟି ଅଧିକାର ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନ କରିବା ତଥା ଖାଉଟି ସୁରକ୍ଷା ଆଇନକୁ ଲୋକାଭିମୁଖି କରିବା ପାଇଁ ସେ ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ଖାଉଟି ବିବାଦ ସମାଧାନ ମଞ୍ଚର ସଭାପତି ସୁବାସ ଚନ୍ଦ୍ର ନାୟକ ଖାଉଟି ଅଧିକାର ଆଇନ ଅନୁଯାୟୀ ଖାଉଟିର ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଦିଗ ସମ୍ପର୍କରେ




ଜାତୀୟ ଖାଉଟି ଅଧିକାର ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଆଲୋଚନା କରିବା ସହ କୌଣସି ଠକାମିରେ ପଡିଲେ ଅଭିଯୋଗ କରିବାର ପ୍ରକ୍ରିୟା ସମ୍ପର୍କରେ ବୁଝାଇଥିଲେ । ଖାଉଟି ସଚେତନତା କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରତି ୩ ମାସରେ ଜିଲା ଉପଭୋକ୍ତା ସୁରକ୍ଷା ଅଧିକାରୀ, ବେସାମରିକ ଯୋଗାଣ ବିଭାଗ, ଖାଉଟି ବିବାଦ ସମାଧାନ ମଞ୍ଚ, ଜିଲା ବୈଧ ମାପ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମନ୍ୱୟ ବୈଠକ, ଜିଲାସ୍ତରରେ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ସଚେତନତା କାର୍ଯ୍ୟକ୍ରମ ଓ ପଞ୍ଚାୟତସ୍ତରରେ ସଚେତନତା କରିବା ପାଇଁ ନାୟକ ପ୍ରସ୍ତାବ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ବୈଧ ମାପ ବିଭାଗର ସହକାରୀ ନିୟନ୍ତ୍ରକ ପ୍ରସନ୍ନ କୁମାର ପଣ୍ଡା ଖାଉଟିଙ୍କୁ ସୁରକ୍ଷା ଦେବାରେ ବୈଧ ମାପ ବିଭାଗର ଭୂମିକା ସମ୍ପର୍କରେ ଅବଗତ କରିବା ସହିତ କଠିନ, ତରଳ ଓ ଗ୍ୟାସୀୟ ଦ୍ରବ୍ୟ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବା ବେଳେ ସାବଧାନତା ଅବଲମ୍ବନ କରିବା ପାଇଁ କହିଥିଲେ । କୌଣସି ଅଭିଯୋଗ ଥିଲେ ବୈଧ ମାପ ବିଭାଗ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲେ। ଔଷଧ ନିରୀକ୍ଷକ ବାବୁଲାଲ ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଔଷଧ କିଣିଲା ବେଳେ ଠିକ୍ ସୂଚନା ନେବା ସହ ବିଲ୍ ମାଗିବା ପାଇଁ ପରାମର୍ଶ ଦେଇଥିଲେ । ସହକାରୀ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ଦ୍ରବ୍ୟ ଓ ସେବା ପାଇବା ଦିଗରେ ଯୋଗାଣ ବିଭାଗର ଅନ୍ୟ ବିଭାଗମାନଙ୍କ ସହ ସମନ୍ୱୟ ରକ୍ଷା କରି ଖାଉଟିର ଅଧିକାରକୁ ସୁନିଶ୍ଚିତ କରେ ବୋଲି କହିବା ସହ ବିଭାଗ ସମ୍ପର୍କିତ ଅସୁବିଧାର ସମ୍ମୁଖୀନ ହେଲେ ଖାଉଟିମାନେ ଯୋଗାଯୋଗ କରିବାକୁ କହିଥିଲେ । ଜିଲା ଖାଉଟି ବିବାଦ ଓ ବିକଳ୍ପ ବିବାଦ ସମାଧାନ ମଞ୍ଚର ପ୍ରାକ୍ତନ ସଭ୍ୟ ତଥା ଶିକ୍ଷାବିତ୍ ହରପ୍ରସାଦ ରଥ ଖାଉଟି ଅଭିଯୋଗ ୯୦ ଦିନରେ ବିଚାର ହେବା ଆଇନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ରେଆରର ସଭାପତି ଗୌରିଶ୍ୟାମ ପଣ୍ଡା ଅର୍ଥନୈତିକ ବଜାରରେ ସ୍ୱଚ୍ଛତା ଆଣିବା ପାଇଁ ତଥା ଖାଉଟିଙ୍କୁ ସୁରକ୍ଷା ପ୍ରଦାନ ସକାଶେ ଆଇନ ପ୍ରଣୟନ କରା ଯାଇଥିବା କହିଥିଲେ । ପ୍ରତ୍ୟେକ ଖାଉଟିଙ୍କୁ ଦ୍ରବ୍ୟ ଓ ସେବା ସମ୍ପର୍କରେ ସଚେତନ କରିବା ପାଇଁ ଉପଭୋକ୍ତା ଦିବସ ପାଳନର ଲକ୍ଷ୍ୟ ଥିବା କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅନଙ୍ଗ ନେଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଖୋଲା ଆଲୋଚନାରେ ପ୍ରତିଭାଗୀମାନେ ବିଦ୍ୟୁତ୍ ଯୋଗାଣ, ବସ୍‌ଭଡା ଓ ଅନ୍ୟାନ୍ୟ ଦ୍ରବ୍ୟ କ୍ରୟ ସମୟରେ ଦେଖା ଯାଉଥିବା ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଚିତ୍ରସେନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହଯୋଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୁଦାମ ଗାଇଗରିଆ ଓ ଲକ୍ଷ୍ମଣ ସା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## କଟନୀଛଟନୀକୁ ନେଇ ରାସ୍ତାରୋକୋ

**ବୌଦ୍ଧ,୨୪।୧୨ (ସ୍ୱ.ପ୍ର)**

ବୌଦ୍ଧ ଜିଲା ଛତରଙ୍ଗ ମଣ୍ଡିରେ ଧାନକିଣାରେ କଟନୀଛଟନୀକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା । ଏହାର ପ୍ରତିବାଦରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ । ୫୦ରୁ ଅଧିକ ଚାଷୀ ଛତରଙ୍ଗ ମଣ୍ଡିକୁ ଧାନ ବିକିବାକୁ ଆଣିଥିଲେ । ଚାଷୀଙ୍କୁ ୫ କେଜି ଲେଖାଁଏ ଧାନ କଟାଯିବ ବୋଲି କହିବାରୁ ସେମାନେ ସରକାର କିଛି ଧାନ କାଟିବାକୁ ମନା କରିଥିବା ବେଳେ କାହିଁକି ଧାନ କଟାଯିବ ବୋଲି ହୋହଲ୍ଲା କରିଥିଲେ । ଫଳରେ ଦୀର୍ଘ ସମୟ ଧରି ମଣ୍ଡିରେ ଅଚଳାବସ୍ଥା ଲାଗିରହିଥିଲା । ଏହାକୁ ନେଇ ଚାଷୀମାନେ ଅପରାହ୍ନ ୩ଟା ସମୟରେ ମଣ୍ଡି ସମ୍ମୁଖରେ ଚାରିଛକ-କୁଶଙ୍ଗ ରାସ୍ତାରେ ଧାନ ବସ୍ତା ରଖି ଅବରୋଧ କରିଥିଲେ । ତଳଗାଁରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଥିବାରୁ ରାସ୍ତା ଅବରୋଧ ସ୍ଥଳରେ କୌଣସି ଅଧିକାରୀ ପହଞ୍ଚି ନ ଥିଲେ । ଶେଷରେ ସମବାୟ ସମିତି ସମ୍ପାଦକ ୨ କେଜି ଧାନ କଟାଯିବ ବୋଲି କହିବାରୁ ଚାଷୀମାନେ ରାସ୍ତା ଅବରୋଧରୁ ଉଠିଥିଲେ ।



ଚାଷୀମାନେ ଚାରିଛକ-କୁଶଙ୍ଗ ରାସ୍ତାରେ ଧାନ ବସ୍ତା ରଖି ଅବରୋଧ କରିଛନ୍ତି।

## ଉଲୁଣ୍ଡା ବିରାଟ ଧନୁଯାତ୍ରା ଉଦ୍‌ଘାଟିତ

**ଉଲୁଣ୍ଡା,୨୪।୧୨ (ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେଉଥିବା ୧୨ତମ ବିରାଟ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଆୟୋଜକ କାର୍ଯ୍ୟକାରି ସଭାପତି ଋଷିକୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର, ଏସପି ଦେବିପ୍ରସାଦ ଦାଶ, ସ୍ଥାନୀୟ ବିଡିଓ ରୁନୁ ଲାକ୍ରା, ଉଲୁଣ୍ଡା ତହସିଲଦାର ଶରତ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷା ମିତାଳି ମହାକୁର, ଟେଲି କାଳକାର ମିତାଳି ସରଗରିଆ ଏବଂ ରାନି ସାହୁ ପ୍ରମୁଖ



ବିରାଟ ଧନୁଯାତ୍ରା ଉତ୍ସବ ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଉପସ୍ଥିତ ରହି ଉଦଘାଟନ କରିଥିଲେ । ଉଦ୍‌ଘାଟନୀ ସଭାକୁ ଧର୍ମନିରଞ୍ଜନ ପଣ୍ଡା ସଂଯୋଜନା କରିଥିବା ବେଳେ ସନ୍ତୋଷ ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ସୋମବାର ପୌରାଣିକ କଥାବସ୍ତୁରୁ ମହାରାଜ ଉଗ୍ରେସନଙ୍କ ନଗରଭ୍ରମଣ, ସଭା ପରିଚାଳନା ଏବଂ ଯୁବରାଜ କଂସଙ୍କ ଦିଗବିଜୟ ପ୍ରଭୃତି ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା ।

## ରାମାନୁଜନ ଗ୍ଲୋବାଲ ସ୍କୁଲର ବାର୍ଷିକୋତ୍ସବ

**ମନମୁଣ୍ଡା, ୨୪।୧୨ (ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଶ୍ରୀନିବାସ ରାମାନୁଜନ ଗ୍ଲୋବାଲ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ ସ୍କୁଲ ଅଧ୍ୟକ୍ଷ ଚନ୍ଦ୍ରମଣି ସିଂଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ଏଥିରେ ଶିକ୍ଷାବିତ୍ ଫକୀର ମୋହନ ଧଳ ମୁଖ୍ୟଅତିଥି, ବିଶ୍ୱାସ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ଦାସ ମୁଖ୍ୟବକ୍ତା ଓ ଧନେଶ୍ୱରୀ ମେମୋରିଆଲ ଟ୍ରଷ୍ଟର ଚେୟାରମ୍ୟାନ ରାମଜୀ ମହାକୁଡ ଏବଂ ସରପଞ୍ଚ ମିନାକ୍ଷୀ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ସଲମା ମଲିକ ମଞ୍ଚ ପରିଚାଳନା କରିଥିଲେ । ହୃଦୟ ମହାକୁଡ, ଶୁଭେନ୍ଦୁ ପ୍ରସାଦ ଦେହୁରୀ, ରାଜବୀ କୁମାର ନାୟକ ସହଯୋଗ କରିଥିଲେ ।

## ବିଭିନ୍ନ ସ୍ଥାନରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**ବୀରମହାରାଜପୁର, ୨୪।୧୨ (ଡି.ଏନ୍.ଏ.)**

ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସୋମବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁବଳୟା ଡିଗ୍ରୀ କଲେଜ ଏବଂ ବୀରମହାରାଜପୁର ମହିଳା କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ନେଇ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏପରିକି ସୁବଳୟା, ଗରିଆମୁଣ୍ଡ, ପିତାମହୁଲ, ଟେଭାପଦର, ଟିକ୍ରାପଡ଼ା, ଗୋବିନ୍ଦପୁର, ଏକତାଲ, ଡୁମୁରି ଓ ଜଟେସିଂଘା ପ୍ରଭୃତି ଗ୍ରାମରେ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା । ଏଥିରେ ପାଠ ଛାଡି ଥିବା ତଥା କାର୍ଯ୍ୟରତ ବ୍ୟକ୍ତିମାନଙ୍କୁ




ସୁବଳୟା କଲେଜରେ ଆୟୋଜିତ ସଚେତନତା ସଭାରେ ମଞ୍ଚାସୀନ ଅତିଥି।

ସଚେତନତା କରାଯାଇଥିଲା । ସୁବଳୟା କଲେଜରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ବଳଦେବ ପୂଜାରୀ, ପଦ୍ମନାଭ ମେହେର, ଗ୍ରନ୍ଥାଗାରିକ ପୂର୍ଣ୍ଣଚନ୍ଦ୍ର ମେହେର, ବୀରମହାରାଜପୁର ମହିଳା କଲେଜ ଅଧ୍ୟକ୍ଷ ଅନିଲ କୁମାର ଦାନୀ ଯୋଗ ଦେଇଥିଲେ । ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବର୍ତ୍ତନର ସମ୍ପାଦକ କୈଳାସ ଚନ୍ଦ୍ର ଅଗ୍ରୱାଲା ଓ ସଦସ୍ୟା ବର୍ଷାରାଣୀ ଅଗ୍ରୱାଲାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶ୍ୱ ଯୁବକେନ୍ଦ୍ରର ଅନୁଗୋଳ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସଂଯୋଜନା କରିଥିଲେ । ପ୍ରତିନିଧି ତପନ ପରିଡ଼ା, ବିସ୍ମିତ୍ ପରିଡ଼ା, ଯୁବକେନ୍ଦ୍ରର ରମେଶ ଦେହୁରୀ, ପ୍ରଦୀପ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ ।

## ପ୍ରବୀଣ ତୋଗାଡ଼ିଆଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ,୨୪।୧୨(ସ୍ୱ.ପ୍ର)**

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତି ପ୍ରବୀଣ ଭାଇ ତୋଗାଡିଆଙ୍କୁ ସୋମବାର ବୌଦ୍ଧ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ତୋଗାଡିଆ ସୋନପୁର ଯାଉଥିବା ବେଳେ ବୌଦ୍ଧ ବ୍ରିଜ୍‌ଛକଠାରେ ଥିବା ସୁବିଧା କେନ୍ଦ୍ରରେ ସ୍ୱଳ୍ପ ରହଣି କରିଥିଲେ । ଏହି ସମୟରେ ଆଜିର ଦିନରେ ହିନ୍ଦୁମାନଙ୍କ ସୁରକ୍ଷା, ଗୋ ସୁରକ୍ଷା ଏବଂ ରାମ ମନ୍ଦିର ନିର୍ମାଣର ଆବଶ୍ୟକତା ରହିଥିବା ବେଳେ କେନ୍ଦ୍ର ସରକାର ଏହାକୁ ଗଡାଇ ଚାଲିଛନ୍ତି । ସେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିବା ସହ ପ୍ରକୃତ ଲୋକ ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି ବୋଲି କହିଥିଲେ । ଦେଶରେ ବେକାରି ସମସ୍ୟା ବୃଦ୍ଧି ପାଉଥିବା ବେଳେ ସରକାରଙ୍କ ଚିନ୍ତା ନାହିଁ । ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ସେ ନୂଆ ଦଳ ଗଠନ କରିବା ନିଷ୍ପତି ନେବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ପ୍ରକାଶ କରିଥିଲେ । ପୂର୍ବପ୍ରାନ୍ତ ସଭାପତି ଅରୁଣ କୁମାର ଉପାଧ୍ୟାୟ, ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଛାତ୍ର ସଭାପତି ଯତୀନ ସ୍ୱାଇଁ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ମନୋଜ ସାହୁ, ବୌଦ୍ଧର ସଂଯୋଜକ ସନତ ସାହୁ ଏବଂ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆବାହକ ଦେବାଶିଷ ପୁରୋହିତ, ସୂର୍ଯ୍ୟ ନାରାୟଣ ଶତପଥି, ପ୍ରତାପ କୁମାର ସାହୁ ଏବଂ ଶ୍ରୀଯୁକ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ତଳଗାଁ, ୨୪।୧୨ (ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଳଗାଁ ଗ୍ରାମପଞ୍ଚାୟତରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ୯୫ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା । ସେଥିମଧ୍ୟରୁ ୬୫ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ୪ଜଣଙ୍କୁ ଶ୍ରମିକ କାର୍ଡ, ପଟ୍ଟା ଦିଆଯାଇଥିବା ବେଳେ ୪ ଜଣଙ୍କୁ ଟ୍ରାଇସାଇକେଲ ଓ ଜାତୀୟ ପରିବାର ଯୋଜନାରେ ୬ଜଣଙ୍କୁ ୨୦ ଟଙ୍କାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ଶିବିରରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲାପାଳ ସୀତାଂଶୁ କୁମାର ରାଉତ, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ପଦାଧିକାରୀ ଯୋଗ ଦେଇଥିଲେ ।



ଶିବିରରେ ବାଚସ୍ପତି ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରୁଛନ୍ତି ।

### ୨୩ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ

# ଜାଗୃତି ଏକାଡେମୀ ଭୁବନେଶ୍ୱର ସେମିରେ

**ଅମରପାଲି,୨୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଲୁତୁରପଙ୍କ ସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ଚାଲୁଥିବା ୨୩ତମ ସର୍ବଭାରତୀୟ ଜୟଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ତୃତୀୟ ଦିବସର ମ୍ୟାଚରେ କରିମ ଏକାଡେମୀ ନାଗପୁର(ମହାରାଷ୍ଟ୍ର)କୁ ହରାଇ ଜାଗୃତି ଏକାଡେମୀ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି । ନାଗପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ଖେଳାଯାଇଥିବା ଟି-୨୦ ମ୍ୟାଚରେ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ୍ କରିଥିଲା । ଦଳର ଅମନ ଖାନ୍ ୩୬ ଏବଂ ଟି. ଅହମ୍ମଦ ୨୧ ରନ୍ କରିଥିଲେ । ବିପକ୍ଷ ବାଦଲ ଭୋଲ ୫ଟି ଓ ଶୁଭ୍ରାଂଶୁ ୩ଟି ଉଇକେଟ ନେଇଥିଲେ । ଜବାବରେ ଭୁବନେଶ୍ୱର ଦଳ ୧୯.୧ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକୀୟ ୧୪୦ ରନ୍ ସଂଗ୍ରହ କରିଥିଲା। ଦଳର ଦୁର୍ଗା ବେହେରା ୩୨ ଏବଂ ଇଲୁ ଗୋଚ୍ଛାୟତ ୭ ବଲରୁ ୨୩ ରନ୍ କରିଥିଲେ । ବିପକ୍ଷ ନାଗପୁରର ଡି. ଯାଦବ ୩ଟି ଓ ଅଙ୍କିଲେଶ ୨ଟି ଉଇକେଟ ନେଇଥିଲେ । ପରେ ଖେଳାଯାଇଥିବା ଟି-୧୦ ମ୍ୟାଚରେ ନାଗପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୦ ରନ୍ କରିଥିଲା । ଦଳର ଆଦ୍ୟାନ୍ତ ୧୬ ରନ କରିଥିବା ବେଳେ ବିପକ୍ଷ କୁନା ଏବଂ ଅନିଲ ୨ଟି ଲେଖାଏ ଉଇକେଟ ନେଇଥିଲେ । ଜବାବରେ ଭୁବନେଶ୍ୱର ଆବଶ୍ୟକୀୟ ୯୧ ରନକୁ ୭.୧ ଓଭରରେ ୨ ଉଇକେଟ ହରାଇ ସଂଗ୍ରହ କରିଥିଲା । ଦଳର ରଞ୍ଜିତ ପାଇକରାୟ ୪୮ ରନ ଏବଂ ସୁରଜ ମହାପାତ୍ର ୩୯ ରନ୍ କରିଥିଲେ । ବିପକ୍ଷ ମହମ୍ମଦ କରିମ ଗୋଟିଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଜାଗୃତି ଏକାଡେମୀ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି । ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେରା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ, ସମିତି ସଭ୍ୟ ଲବକୁମାର ସାହୁ, ବ୍ଲକ ସରପଞ୍ଚ ସଂଘ ସଭାପତି ସରୋଜ ବାରିକ, ପୂର୍ବତନ ଜିଲା ପରିଷଦ ରାଜଗୋପାଳ ପାଣିଗ୍ରାହୀ, କ୍ରୀଡ଼ା ସଂଗଠକ ଶୈଳରଞ୍ଜନ ବାଦି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଭୁବନେଶ୍ୱରର ବାଦଲ ଭୋଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଖେଳକୁ ଶ୍ୟାମସୁନ୍ଦର ପଣ୍ଡା, ଓସିଏ ମାନ୍ୟତା ପ୍ରାପ୍ତ ଅମ୍ପାୟର ବିଶ୍ୱଜିତ ପୁରୋହିତ ଖେଳ ପରିଚାଳନା କରିଥିବା ବେଳେ ଦେବରାଜ ମହାକୁର, ବାଙ୍କବିହାରୀ ମହାକୁର ସ୍କୋରର୍, ପ୍ରଭୁଦତ୍ତ ବେଦୋକ୍ତା ଅନଲାଇନ ସ୍କୋରର ଏବଂ ମ୍ୟାକମିଲନ, ଆଶିଷ ଦେଓ, ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ମଙ୍ଗଳବାର ପ୍ରଥମ ସେମିଫାଇନାଲ ବିବି ସ୍ପୋର୍ଟିଂ ରାୟପୁର ଓ ଜାଗୃତି ଏକାଡେମୀ ଭୁବନେଶ୍ୱର ମଧ୍ୟରେ ହେବ ବୋଲି ସମ୍ପାଦକ ସତ୍ୟ ମହାକୁର ପ୍ରକାଶ କରିଛନ୍ତି ।




୨୩ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍‌ରେ ବିଜୟ ଭୁବନେଶ୍ୱର ଦଳ ଅତିଥିଙ୍କ ଗହଣରେ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୫ ଡିସେମ୍ବର, ୨୦୧୮



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ଲାଠୋର ଧନୁଯାତ୍ରା ଆରମ୍ଭ

ଲାଠୋର,୨୪।୧୨(ଡି.ଏନ୍.ଏ.)- ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋରଠାରେ ଧନୁଯାତ୍ରା କମିଟି ଆନୁକୁଲ୍ୟରେ ନବମ ବର୍ଷ ଧନୁଯାତ୍ରା ଆରମ୍ଭ ହୋଇଯାଇଛି। ୨୩ରୁ ୩୧ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ଚାଲିବ। ମୁଖ୍ୟଅତିଥି ଭାବେ ଲାଠୋର ସରପଞ୍ଚ ପ୍ରବିଣ କୁମାର ଅଗ୍ରୱାଲ ଯୋଗଦେଇ ଧନୁଯାତ୍ରାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାରୱାଡି ଯୁବାମଞ୍ଚର ସଭାପତି ରିଙ୍କୁ ଅଗ୍ରୱାଲ, ସଭ୍ୟ ଅମିତ ଅଗ୍ରୱାଲ ଓ ରାହୁଲ ଅଗ୍ରୱାଲ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚରେ ଇନ୍ଦୁମତି ହରଣ ନାଟ୍ୟାଭିନୟ ହୋଇଥିଲା। କମିଟି ସଭାପତି ରମାକାନ୍ତ ମହାନ୍ତି, ସମ୍ପାଦକ ସୁଶିଲ ଅଗ୍ରୱାଲ, ବାଲେଶ୍ୱର ମେହେର, ଶ୍ରୀକାନ୍ତ ବହିଦାର, ଅନିରୁଦ୍ଧ ମେହେର, ଦୟାସାଗର ମେହେର, ସୀତାରାମ ମେହେର, ସୁଶାନ୍ତ ମେହେର, ସାଧୁ ମେହେରଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

# ବଲାଙ୍ଗୀରରେ ଜାତୀୟ ଖାଉଟି ଦିବସ

ବଲାଙ୍ଗୀର ଅଫିସ,୨୪।୧୨

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ବଲାଙ୍ଗୀର ଗ୍ରାମ ଉଦ୍ୟୋଗ ସମିତି ମିଳିତ ଉଦ୍ୟମରେ ତଥା ଜିଲା ମାପ, ଓଜନ ନିୟନ୍ତ୍ରକ ବିଭାଗ ସହାୟତାରେ ସୋମବାର ଜାତୀୟ ଖାଉଟି ଦିବସ ପାଳନ କରାଯାଇଥିଲା। ସ୍ଥାନୀୟ ଭଗବତୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଆୟକର ଅଧିକାରୀ ସୁରଦୀପ ଚକ୍ରବର୍ତ୍ତି, ମୁଖ୍ୟବକ୍ତା ଭାବେ ଜିଲା ଖାଉଟି ସୁରକ୍ଷା ବିବାଦ ଫୋରମ ସଭାପତି ଅକ୍ଷୟ କୁମାର ପୁରୋହିତ, ସମ୍ମାନିତ ଅତିଥି ଭାବେ ସହକାରୀ ନିୟନ୍ତ୍ରକ ସୁଶୀଳ କୁମାର ଖମାରୀ, ଉପଭୋକ୍ତା ସଚେତନତା ଓ ଶିକ୍ଷା ମଞ୍ଚ ସଭାପତି ରାଧାକାନ୍ତ ମହାକୁଡ, ଆଇନଜୀବୀ ଜୟକୃଷ୍ଣ ସାହୁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଜିଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜ୍ୟ ଉପସଭାପତି



ଜାତୀୟ ଖାଉଟି ଦିବସ ଅବସରରେ ମଞ୍ଚାସୀନ ଅତିଥି।

ଶଶୀଭୂଷଣ ପୁରୋହିତ ପରିଚାଳନା କରିଥିଲେ। ରାଜ୍ୟ ସମ୍ପାଦକ ମାଣିକଲାଲ ବର୍ମା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ମହେଶ୍ୱର ସାହୁ ସହାୟତା କରିଥିଲେ। ସହସମ୍ପାଦକ ଶଙ୍କର ପାଣିଗ୍ରାହୀ, ପ୍ରସନ୍ନ ମିଶ୍ର, ଗୋବର୍ଦ୍ଧନ ପାଣ୍ଡିଆ, ମଳୟ ଦିଶ୍ରୀ, ପ୍ରିୟରଞ୍ଜନ ବହିଦାର, ମନୋରଞ୍ଜନ ସାହୁ ସହଯୋଗ କରିଥିଲେ। ଶେଷରେ ଡୋଳାମଣି ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସହରର ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ଆଇନଜୀବୀ, ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାତି ଦହିଖିଆ ଜରକୁ**
**ଏକୁଟିଆ ଘର ଚୋରକୁ**
**କନିଆଁ ମାଇପ ପରକୁ**
**ଆଷାଢ଼ ମାସରେ ବିହନ ବୁଣିଲେ**
**ନ ଅଣ୍ଟଇ ରାଜା କରକୁ।**

ରାତିରେ ଦହି ଖାଇଲେ ଜ୍ୱର ହୋଇଥାଏ। ଗାଁମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସର୍ବଦା ଆଖେଇଥାଏ। ସ୍ୱଳ୍ପ ବୟସ୍କା ବିବାହିତା କନ୍ୟା ସମୟକ୍ରମେ ପରପୁରୁଷର ପ୍ରୀତିରେ ମଜ୍ଜି ରହିବାର ଆଶଙ୍କା ରହିଥାଏ। ସେହିପରି ଆଷାଢ଼ ମାସରେ ବିହନ ବୁଣିଲେ ଚାଷରୁ ସେତେ ଭଲ ଉପାର୍ଜନ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ରଜା ଖାଉଥାଏ ରସଗୋଲା**
**ଯା'ର ହେଲା ଦି' ମାଇପ**
**ସେ ଜିଇଁ ଥାଉଁ ଥାଉଁ ମଲା।**

ଦି' ନାଆରେ ଗୋଡ଼ଦେଲେ ପରିଣତି ସାଂଘାତିକ ହୋଇଥାଏ। ସେହିପରି ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ପରବର୍ତ୍ତୀ ସମୟରେ ଅନେକ ଦୁର୍ଦ୍ଦଶା ଭୋଗ କରିବାକୁ ବାଧ ହୋଇଥାନ୍ତି। ଦୁଇସ୍ତ୍ରୀର ମନ ନେଇ ଚଳି ନ ପାରିବା କାରଣରୁ ପରିଣତି ବା ଅବସ୍ଥା ଅନେକ ସମୟରେ ଅଣାୟତ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କେବିକେ ମୁଖ୍ୟ ପ୍ରଶାସକଙ୍କ ଖପ୍ରାଖୋଲ ବ୍ଲକ ଗସ୍ତ

ଖପ୍ରାଖୋଲ,୨୩।୧୨(ଡି.ଏନ.ଏ)

କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର ସୋମବାର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପ୍ରଥମେ ସେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଶ୍ରମ ବିଭାଗ ଦ୍ୱାରା ପରିଚାଳିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସମୀକ୍ଷା କରିଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକମାନେ ପଞ୍ଜୀକରଣ, ନବିକରଣ ସହିତ ବିଭିନ୍ନ ସହାୟତା ପାଇବାରେ ବ୍ୟାପକ ସମସ୍ୟା ହୋଇଥିବା ନେଇ ଶ୍ରମିକମାନେ ଅଭିଯୋଗ କରିବାରୁ ବିଭାଗୀୟ କର୍ମଚାରୀଙ୍କ ଉପରେ ବର୍ଷିଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଏଭଳି



କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁରଙ୍କ ସହ ପ୍ରଶାସନିକ ଅଧିକାରୀମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

ସମସ୍ୟା ହେଉଥିବା ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରା ପ୍ରକାଶ କରିଥିଲେ। ପରେ ମୁଖ୍ୟ ପ୍ରଶାସକ ଠକୁର ଓଡ଼ିଶା ଉଠା ଜଳ ସେଚନ ବିଭାଗର ଗଭୀର ନଳକୂପ ପ୍ରକଳ୍ପ ବୁଲି ଦେଖିଥିଲେ। ପାଇପ ସମେତ ଉପକରଣ ଆଇଏସ୍‌ଆଇ ମାର୍କାର ହୋଇ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏପରି କି ରାସ୍ତାରେ ଜଣେ ଭିନ୍ନକ୍ଷମ ଶିଶୁକୁ ଦେଖି ସହାୟତା ଯୋଗାଇଦେବାକୁ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବ୍ଲକର କୁର୍ଲୁମାଲ ଓ ବଡଗୁର୍ଜିଭଟା ଗାଁରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା ୨ଟି ଚେକ୍ ଡ୍ୟାମ ବୁଲି ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ବଲାଙ୍ଗୀର ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ବଟକୃଷ୍ଣ ପରୁଆ, ବିକାଶ ବିଶେଷଜ୍ଞ ଲଳିତ ରଞ୍ଜନ ମହାପାତ୍ର, ଖପ୍ରାଖୋଲ ବିଡିଓ ତରଣୀ ସୁନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆ, ଜିପିଇଓ ସୁଶାନ୍ତ କୁମାର ପାଣି, ଖପ୍ରାଖୋଲ ସରପଞ୍ଚ ଉପେନ୍ଦ୍ର ଭୋଇ, ପିଇଓ ଅଶୋକ ପାଣିଗ୍ରାହୀ, ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।




ସୋମବାର ବଲାଙ୍ଗୀର କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ସହ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଲାଠୋର ୯ମ ବର୍ଷ ଧନୁଯାତ୍ରା ଆରମ୍ଭ

ଲାଠୋର୨୪।୧୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋରଠାରେ ଧନୁଯାତ୍ରା କମିଟି ଆନୁକୁଲ୍ୟରେ ନବମ ବର୍ଷ ଧନୁଯାତ୍ରା ଆରମ୍ଭ ହୋଇଯାଇଛି। ୨୩ରୁ ୩୧ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ଚାଲିବ। ମୁଖ୍ୟଅତିଥି ଭାବେ ଲାଠୋର ସରପଞ୍ଚ ପ୍ରବିଣ କୁମାର ଅଗ୍ରୱାଲ ଯୋଗଦେଇ ଧନୁଯାତ୍ରାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାରୱାଡି ଯୁବାମଞ୍ଚର ସଭାପତି ରିଙ୍କୁ ଅଗ୍ରୱାଲ, ସଭ୍ୟ ଅମିତ ଅଗ୍ରୱାଲ ଓ ରାହୁଲ ଅଗ୍ରୱାଲ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚରେ ଇନ୍ଦୁମତି ହରଣ ନାଟ୍ୟାଭିନୟ ହୋଇଥିଲା। କମିଟି ସଭାପତି ରମାକାନ୍ତ ମହାନ୍ତି, ସମ୍ପାଦକ ସୁଶିଲ ଅଗ୍ରୱାଲ, ବାଲେଶ୍ୱର ମେହେର, ଶ୍ରୀକାନ୍ତ ବହିଦାର, ଅନିରୁଦ୍ଧ ମେହେର, ଦୟାସାଗର ମେହେର, ସୀତାରାମ ମେହେର, ସୁଶାନ୍ତ ମେହେର, ସାଧୁ ମେହେରଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

# ଚୋରି ଅଭିଯୋଗରେ ୫ ଗିରଫ

ଲାଠୋର, ୨୪।୧୨ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ପିପଲବାହାଲ ନିକଟରେ ଥିବା ଶିବମ କମ୍ପାନୀ ପ୍ରାଇଭେଟ ଲିମିଟେଡର ଅସ୍ଥାୟୀ ପ୍ଲାଣ୍ଟରୁ ଲୁହା ଚୋରି ଅଭିଯୋଗରେ ପୋଲିସ ୫ଜଣ ବ୍ୟକ୍ତିଙ୍କୁ ଧରିବାରେ ସଫଳ ହୋଇଛି। ଚୋରି ଅଭିଯୋଗରେ ପୋଲିସ ଲାଠୋରର ସୁନିଲ ମହାନନ୍ଦ, ବଳରାମ ସୁନା, ସାଗର ସଗରିଆଙ୍କୁ ଗିରଫ କରିଥିବା ବେଳେ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ରାଜକୁମାର ଅଗ୍ରୱାଲ ଏବଂ ଦୁର୍ଲ୍ଲଭ ରଣାଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା(ନଂ.୧୦୯/୧୮) ରୁଜୁ କରି ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସ୍‌ଆଇ ଜଗଦୀଶ ସାହୁ କହିଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH An ISO Certified Company 9001:2015
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା। ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି। ଗ୍ରୁପ୍ ଋଣର ସୁବିଧା ମଧ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

LOAN
ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

ଘରେ ବସି SMS JOB
Mobile Telecom କମ୍ପାନୀରେ ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ
15000 ରୁ 35000 ମାସିକ
ଏହା ସହିତ ଲାପ୍‌ଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ
କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397
8084682610

FINANCE
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗ୍ରୁପଋଣ ମାତ୍ର ୨୪ ଘଣ୍ଟାରେ। 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336
9114377090

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9897037205

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟର ରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ : ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୫ ଡିସେମ୍ବର, ୨୦୧୮



> ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
>
> - କାର୍ଲାଇଲ



## ସଂକ୍ଷେପରେ

### ନୂଆଁପାଲି ଧନୁଯାତ୍ରା କମିଟି ପକ୍ଷରୁ କଂସ ବରଣ

**ଦେଓଗାଁ,୨୪।୧୨(ଡି.ଏନ.ଏ.)-** ବିଶ୍ୱପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ ଧନୁଯାତ୍ରାରେ ଗୋପାଳ ସାହୁ(ଏଲି) ପୂର୍ବରୁ କଂସ ଭୂମିକାରେ ଅଭିନୟକରି ସାରା ଦେଶରେ ପରିଚୟ ସୃଷ୍ଟି କରିଥିଲେ। ସେ ଚଳିତ ବର୍ଷ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ନୂଆଁପାଲିରେ ଜାନୁୟାରୀ ୧୬ ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ନବମ ଧନୁଯାତ୍ରା ମହୋତ୍ସବରେ ଅଭିନୟ କରିବେ ବୋଲି ଜଣାପଡିଛି। ଏନେଇ ସୋମବାର ନୂଆଁପାଲି ଧନୁଯାତ୍ରା କମିଟି ପକ୍ଷରୁ ତାଙ୍କୁ କଂସ ଭୂମିକାରରେ ଅଭିନୟ କରିବାକୁ ପାଇଁ ବରଣ କରାଯାଇଛି। କମିଟି ସଭାପତି କୌସ୍ତୁଭମଣି ପଧାନ, ସମ୍ପାଦକ ଗରୀବ ପଧାନ, ସହ ସମ୍ପାଦକ ଜଗଦୀଶ ଶତପଥୀ, କୋଷାଧକ୍ଷ ଅଶୋକ ଶତପଥୀ, ଚକାନନ୍ଦ ଭୂଏ, ସୁଦାମ ପଧାନ, ଧବଳେଶ୍ୱର ନାଏକ, ସୁବାଷ ବିଶ୍ୱାଳ ପ୍ରମୁଖଙ୍କ ସହ କମିଟି ସଦସ୍ୟ ଉପସ୍ଥିତ ଥିଲେ।

### ଶତାୟୁଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୨୪।୧୨-** ବଲାଙ୍ଗୀର ରୁଗୁଡିପଡା ନିବାସୀ ଶତାୟୁ ଉଷା ପଣ୍ଡାଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳେ ତାଙ୍କ ପୁତ୍ର କ୍ରୀଡା ସଂଗଠନ ସୁଧୀର ଚନ୍ଦ୍ର ପଣ୍ଡା, ବୋହୂ, ଭଣଜା ଜିଲା କ୍ରୀଡା ସଂସଦ ସମ୍ପାଦକ ତଥା ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରଙ୍କ ସହ ଅନ୍ୟାନ୍ୟ ସମ୍ପର୍କୀୟ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ସେ ଜଣେ ସ୍ନେହୀ, ମେଳାପୀ ଓ କର୍ମପ୍ରବଣା ଭାବେ ପରିଚିତ ଥିଲେ ।

# ଓସ୍ରୁର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ,୨୪।୧୨**




ଓସ୍ରୁ ରାଜ୍ୟ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବରେ ଅତିଥି ଜନାର୍ଦ୍ଦନ ପତି ବକ୍ତବ୍ୟ ରଖୁଛନ୍ତି।

- ସାମ୍ବିଧାନିକ ସଂସ୍ଥା ଉପରେ ସରକାରଙ୍କ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ
- ଖୋଲା ଅଧିବେଶନରେ ଗର୍ଜିଲେ ନରସିଂହ
- ଶୁଭଙ୍କର ସଭାପତି, ସତ୍ୟବ୍ରତ ସାଧାରଣ ସମ୍ପାଦକ ନିର୍ବାଚିତ

ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ୍ (ଓସ୍ରୁ)ର ୨ ଦିନିଆ ରାଜ୍ୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଖୋଲା ଅଧିବେଶନରେ ରାଜ୍ୟ ସମ୍ମିଳନୀ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବିରୋଧୀଦଳ ନେତା ଓ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଗର୍ଜିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ବିବାଦୀୟ ଭୂମିକା ଥିବା ଚରିତ୍ରମାନଙ୍କୁ ଆଜିର ସରକାରରେ ଥିବା ଲୋକେ ପୂଜା କରୁଛନ୍ତି ଓ ଦକ୍ଷିଣପନ୍ଥୀ ଚିନ୍ତାଧାରା ଦେଶକୁ ଆଉ ଏକ ଇଂରେଜ ଶାସନ ଆଡକୁ ନେଉଛି ବୋଲି କହିଥିଲେ। ଦେଶର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା, ସିବିଆଇ, ରିଜର୍ଭ ବ୍ୟାଙ୍କ ଇତ୍ୟାଦି ସାମ୍ବିଧାନିକ ସଂସ୍ଥାଗୁଡିକ ଉପରେ କେନ୍ଦ୍ର ସରକାରର ବାରମ୍ବାର ହସ୍ତକ୍ଷେପ ଦେଶରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କଲାଣି ବୋଲି ସେ କହିଥିଲେ। ଏହାକୁ ଜନସାଧାରଣ କଦାପି ବରଦାସ୍ତ କରିବେ ନାହିଁ ବୋଲି ସେ ଚେତାଇ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ସରକାର ଏକ ଚାଷୀ ବିରୋଧୀ ସରକାର ବୋଲି ପ୍ରମାଣିତ ହୋଇଥିବା ବିଭିନ୍ନ ଉଦାହରଣ ଦେଇ କହିଥିଲେ । ଏଥିରେ ସିଟୁ ରାଜ୍ୟ ଉପସଭାପତି ତଥା କମ୍ୟୁନିଷ୍ଟ ନେତା ଜନାର୍ଦ୍ଦନ ପତି କେନ୍ଦ୍ର ସରକାରଙ୍କ ଗତ ସାଢେ ୪ ବର୍ଷର ବିଫଳତାକୁ ନେଇ ସମାଲୋଚନା କରିଥିଲେ। ସର୍ବଭାରତୀୟ ସଂଗଠନ ଯୁଗ୍ମ ସାଧାରଣ ସମ୍ପାଦକ ଦୀପକ ଭଟ୍ଟାଚାର୍ଯ୍ୟ, ସମ୍ପାଦକ ଶାନ୍ତନୁ ଚାଟର୍ଜୀ ଔଷଧ ଶିଳ୍ପରେ ଦେଶ ସ୍ୱାବଲମ୍ବୀ ଥିବାବେଳେ କେନ୍ଦ୍ର ସରକାର ପୁଞ୍ଜିପତି ମାଲିକମାନଙ୍କ ପ୍ରରୋଚନାରେ ନିର୍ବାଚନି ପାଣ୍ଠି ଆଦାୟ କରିବା ପାଇଁ ବିଦେଶୀ ପୁଞ୍ଜିକୁ ଆମନ୍ତ୍ରଣ କରିବା ଏ ଦେଶର ଜନତାଙ୍କ ପ୍ରତି ଧୋକା ବୋଲି କହିଥିଲେ। ସମ୍ମିଳନୀରେ ଶ୍ରମିକ ନେତା ଲଳିତ କୁମାର ନାୟକ, ଆଇଏନ୍‌ଟିୟୁସି ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ, ଚାଷୀ ମୁଲିଆ ସଂଘର ଭୋଇ, ଆହ୍ୱାନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ଜିଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ମନମୋହନ ରଥ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଶୁଭଙ୍କର ଦାଶ ଏବଂ ରାଜ୍ୟ କୋଷାଧ୍ୟକ୍ଷ ଆଶୁତୋଷ ରିପୋର୍ଟ ପ୍ରଦାନ କରିବା ପରେ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ସଂଘ ସଭାପତି ଭାବେ ଶୁଭଙ୍କର ଦାଶ, ଉପସଭାପତି ଭାବେ ଅନିରୁଦ୍ଧ ମହାପାତ୍ର ଏବଂ ବିଜୟକୃଷ୍ଣ ଦାଶ, ସାଧାରଣ ସମ୍ପାଦକ ଭାବେ ସତ୍ୟବ୍ରତ ମହାପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ବିଏନ୍ ସାହୁ ଏବଂ ମହେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଭାବେ ଆଶୁତୋଷ ଦାଶ, ସମ୍ପାଦକ ଭାବେ ପରମେଶ୍ୱର ପାତ୍ର, ସୁଶାନ୍ତ ପଟ୍ଟନାୟକ, ଏନ୍‌ପି ବ୍ରହ୍ମା, ସତ୍ୟନାରାୟଣ ବରାଳ ନିର୍ବାଚିତ ହୋଇଥିଲେ। ୧୬ ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ମଧ୍ୟ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବଲାଙ୍ଗୀର ଜିଲା କମିଟି ସଭାପତି ଦେବାଶିଷ ମିଶ୍ର, କୋଷାଧ୍ୟକ୍ଷ ସତ୍ୟନାରାୟଣ ରଥ, ଉପସଭାପତି ଅମିତ ରାଉତ, ବରିଷ୍ଠ ସଭ୍ୟ ସତାବନ ସାହୁ, ସୁନୀଲ ଲେଙ୍କା, ସନ୍ତୋଷ ଦାଶ, ସୌମିତ୍ରୀ ବାବୁ, ଲୋପନ ମିଶ୍ର, ଅଶ୍ୱିନୀ ରାଉତ, ବାପୁନୀ ସାହୁଙ୍କ ସମେତ ଶତାଧିକ ସଭ୍ୟ ସହଯୋଗ କରିଥିଲେ। ଶେଷରେ ଜିଲା ସମ୍ପାଦକ ତଥା ଅଭ୍ୟର୍ଥନା କମିଟି ଆବାହକ ସୁରୁଲାଲ ମଟାରୀ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ବଲାଙ୍ଗୀର ଅଫିସ, ୨୪।୧୨**

ତୁଷରା ଥାନା ଅନ୍ତର୍ଗତ କୁକୁରଖାଇ ଗାଁରେ ଥିବା ଭେଣ୍ଟୋ ସୋଲାର ପାୱାର ପ୍ଲାଣ୍ଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ଅପରାହ୍ନରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ପଶ୍ଚିମବଙ୍ଗର ହୋଇଥିବା ବେଳେ ତାଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିପାରି ନାହିଁ। ଖବର ପାଇ ତୁଷରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପଞ୍ଚାନନ ନାଏକ କହିଛନ୍ତି। ଅନ୍ୟପକ୍ଷେ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକସଭା

**ବେଲପଡା,୨୪।୧୨ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା ଟେମୁ ନାଏକ(୬୨)ଙ୍କ ରବିବାର ଏକ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଜିଲା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଅନିଲ ମେହେର, ପୂର୍ବତନ ବିଧାୟକ ରାଧାକାନ୍ତ ପଣ୍ଡା, କିଶୋର ପରିଚ୍ଛା, କମ୍ବୁପାଣି ଦାସ, ଚନ୍ଦନ ସାହୁ, ବେଲପଡ଼ା କଂଗ୍ରେସ ସଭାପତି ନରେନ୍ଦ୍ର ମେହେର, ନିଳାଚଳ ପଧାନ, ଦୀନବନ୍ଧୁ ରାଓ, କିର୍ତ୍ତିଚନ୍ଦ୍ର ସାହୁ, ଗୋବିନ୍ଦ କଲେଟ, କାର୍ତ୍ତିକ ବନଛୋର, ଡବଲ ପୁଟେଲ, ଭରତ ସାହୁ, ନାରା ପୁଟେଲ, ବସନ୍ତ ପୁଟେଲ, ଏସ୍ ମିଶ୍ରଙ୍କ ସହ ବହୁ କଂଗ୍ରେସ ନେତା ଶୋକସନ୍ତପ୍ତ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏହି ଅବସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ନାଏକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏପରି କି କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ନାଏକଙ୍କ ସ୍ମୃତି ଚାରଣ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ବେଲପଡ଼ା,୨୪।୧୨ (ଡି.ଏନ.ଏ.)**

ଉଚିତ ସଂସ୍କାର ସହ ଶୃଙ୍ଖଳାଗତ ଶିକ୍ଷା ପିଲାଙ୍କୁ ଭଲମଣିଷ ହେବାରେ ସହାୟକ ହୋଇଥାଏ ବୋଲି ରବିବାର ବେଲପଡ଼ା ସାଇ ପବ୍ଲିକ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସ୍କୁଲ ପ୍ରିନ୍ସିପାଲ ମନୋରମା ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବେଲପଡ଼ା ତହସିଲଦାର ରାମକୃଷ୍ଣ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମନୋଜ ମହାଖୁଡ, ସ୍ୱାଗତିକା ଦାଶ, ସ୍କୁଲ ଚେୟାରମ୍ୟାନ ଶିବବ୍ରତ ମହାଖୁଡ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସାଇ ବାବା ଏବଂ ମା ସରସ୍ୱତୀଙ୍କ ମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାର ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଇସ ପ୍ରିନ୍ସିପାଲ ଗୋବିନ୍ଦ ପାଢୀ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରିନ୍ସିପାଲ ମନୋରମା ପୁଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ମିଶ୍ର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ଶୃଙ୍ଖଳାଗତ ମାର୍ଗଦର୍ଶନ କରିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଗୁରୁ ଦାୟିତ୍ୱ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଶେଷରେ ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

## ଜିଲା ଓକିଲସଂଘର ପୁଣି ବନ୍ଦ ଡାକରା

**ଲୋଇସିଂହା,୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ଜିଲା ଓକିଲସଂଘ ପକ୍ଷରୁ ଆନ୍ଦୋଳନ ଜାର ରହିଛି । ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାଁନ୍ତି। ଫଳରେ ଜିଲା ଓକିଲସଂଘ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଇଛି। ବ୍ଲକସ୍ତରରେ ଥିବା ସରକାରୀ ଓ ବେସରକାରୀ ଅଫିସଗୁଡିକୁ ପୁଣି ବନ୍ଦ କରିବା ପାଇଁ ଅନୁରୋଧ କରାଯାଇଛି। ଜିଲା ଓକିଲସଂଘର ଅନୁରୋଧ ପତ୍ର କ୍ରମେ ସୋମବାରଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଲୋଇସିଂହା ଓ ଆଗଲପୁରରେ ଥିବା ସମସ୍ତ ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ତହସିଲ ଅଫିସ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ କୁହାଯାଇଛି। ଯଦି ଅବମାନନା କରାଯାଏ ତେବେ ପିକେଟିଂ କରି କାର୍ଯ୍ୟାଳୟ ବନ୍ଦ କରାଯିବ ବୋଲି କହୁଯାଇଛି। ଫଳ ସ୍ୱରୂପ ବ୍ୟାଙ୍କ କାରବାର, ପ୍ୟାକ୍ସରେ ଧାନ କିଣା ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି।

## ବୁଢ଼ାରଜା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଟିକ୍ରାପଡା,୨୪।୧୨(ଡି.ଏନ.ଏ.)**

**ବଡମାଲ ଚାମ୍ପିୟନ**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ କରମତଲାଠାରେ ଯୁବ ସମାଜ ଆନୁକୂଲ୍ୟରେ ଆୟୋଜିତ ଦଶମ ବାର୍ଷିକ ଜୟ ବୁଢାରଜା ଫୁଟବଲ ଟୁର୍ନାମେଣ୍ଟର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ବଡମାଲ ଓ ବାଲିଖମାର ମଧ୍ୟରେ ହୋଇଥିଲା । ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆ ଯାଇଥିଲା। ଏଥିରେ ବାଲିଖମାର ଦଳକୁ ୪-୨ ଗୋଲରେ ହରାଇ ବଡମାଲ ଚାମ୍ପିୟନ ହୋଇଥିଲା। ବଳରାମ ବାଗ, ସଞ୍ଜନ ଭୋଇ, ଦିବ୍ୟସିଂ ଭୋଇ ଖେଳ ପରିଚାଳନା କରିଥିଲେ। ପୁର ଦାଶ, ଶେଷଦେବ ରଣା ଧାରାବିବରଣୀ ପ୍ରଦାନ କରିଥିଲେ। ଶାନ୍ତନୁ ବେହେରାଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୭୦୦୦ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଅକ୍ଷୟ, ରନ, ବୁଲୁ, ରାହାସ, ବିରଞ୍ଚି, ଧରମ, ଭକ୍ତ, ମିଟୁ, କାଳିଆ, ସୁଶିଲ, ସମସୁଦ୍ଦିନ, ବିରେନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଧାରଣାରେ ବସିଥିବା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

### ଟିଟିଲାଗଡ଼ ଜିଲା ଦାବିରେ ଧାରଣା ୫୪ ଦିନରେ

## ୨୮ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ କ୍ରିୟାନୁଷ୍ଠାନ କମିଟି

**ଟିଟିଲାଗଡ,୨୪।୧୨ (ଡି.ଏନ.ଏ)**

ଟିଟିଲାଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ଧାରଣା ସୋମବାର ୫୪ ଦିନରେ ପହଞ୍ଚିଛି। ଏଡି ଅବସରରେ କ୍ରିୟାନୁଷ୍ଠାନ କମିଟିର ଏକ କୋର ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୮ତାରିଖରେ କମିଟି ସଦସ୍ୟ ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ, ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସଚିବାଳୟରେ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଥିବା ଆବାହକ କୃଷ୍ଣଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଘୋଡାର ଯୁବକ ସଂଘ ଆନ୍ଦୋଳରେ ସାମିଲ ହୋଇ ଟିଟିଲାଗଡ଼ ଜିଲା ଦାବିକୁ ସମର୍ଥନ ଜଣାଇଥିଲେ।

## ମଦ ବିକ୍ରି ବନ୍ଦ ଦାବି : ମହିଳାଙ୍କ ଥାନା ଘେରାଉ

**ପାଟଣାଗଡ଼,୨୪।୧୨ (ଡି.ଏନ.ଏ.)**



ଥାନା ଘେରାଉରେ ସାମିଲ ହୋଇଥିବା ମହିଳାମାନେ।

ଦିନକୁ ଦିନ ଗ୍ରାମାଞ୍ଚଳରେ ମଦ କୋଠିଗୁଡିକ ଖୋଲିବାରେ ଲାଗିଛି। ଏନେଇ ଅବାଧ ମଦକାର ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବା ବେଳେ ସ୍କୁଲ ପଢୁଥିବା ଛାତ୍ରୀଛାତ୍ର ମଧ୍ୟ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପାଟଣାଗଡ଼ ବ୍ଲକ ଗାଉଡାର ଗ୍ରାମର ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗାଁରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡିଛନ୍ତି। ଏନେଇ ମହିଳାମାନେ ଗାଉଡାରଠାରେ ରବିବାର ସନ୍ଧ୍ୟାରେ ଏକ ବୈଠକ ହୋଇଥିଲା। ଏଥିରେ ବେଆଇନ ମଦ ବିକ୍ରି ବନ୍ଦ କରିବାକୁ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ଜଣେ ଜନପ୍ରତିନିଧିଙ୍କ ପ୍ରୋସାହନରେ ବ୍ୟକ୍ତି ଜଣକ ବୈଠକରେ ପହଞ୍ଚି ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ବୈଠକକୁ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏନେଇ ଘଟଣାସ୍ଥଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମହିଳାମାନେ ପାଟଣାଗଡ଼ ଥାନାରେ ପହଞ୍ଚି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଗାଁରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଥିଲେ। ଥାନା ଅଧିକାରୀ ବାରିଣୀ ଦାସ ଦୋଷୀକୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଫଟୋରେ ଖବର




ବଲାଙ୍ଗୀର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ନେଇ ବଲାଙ୍ଗୀର ବାଇପାସ୍ କମିଟି ସଦସ୍ୟା, ସଦସ୍ୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।



ବଲାଙ୍ଗୀର ରାଜେନ୍ଦ୍ର ପାର୍କରେ ମାଗଣା ପ୍ରବେଶ ଦାବି ନେଇ ପାର୍କ ସମ୍ମୁଖରେ ଦସ୍ତଖତ ଅଭିଯାନ କରାଯାଉଛି।




ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ସୋମବାର ଧାରଣାସ୍ଥଳରେ ଜଣେ ଯୁବକ ମୁଣ୍ଡନ ହେଉଛନ୍ତି।



ମନ ଭିତରେ ଯଦି ସନ୍ଦେହ ଉପୁଜିଲା, ତେବେ ଅଧିକ ଅଗ୍ରସର ନ ହୋଇ ଟିକିଏ ରହିଯାଅ।
- ଜୋରାଷ୍ଟର

# ଭଙ୍ଗା କୁଡିଆରେ ବିତୁଛି ୭ ନିରୀହ ଜୀବନ

## ଲଖନା ଗ୍ରାମପଞ୍ଚାୟତ ସଦର ଗାଁ

- ଜିଲାପାଳ ଅଫିସକୁ କରିବେ ପଦଯାତ୍ରା
- ସରକାରୀ ଯୋଜନାକୁ ଭରସା

ନୂଆପଡା ଅଫିସ,୨୪।୧୨

ସରକାର ସମସ୍ତଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ହେଲେ ତଳିଆସ୍ତରରେ ଅଧିକାରୀ ଏବଂ ଜନପ୍ରତିନିଧିମାନେ ସଲାସୁତୁରା କରି ତେଲିଆ ମୁଣ୍ଡରେ ତେଲ ନିତିରେ ଗରିବ ଗୁରୁବାଙ୍କୁ ଏଥିରୁ ବଞ୍ଚିତ କରିବା ନୀତି ଯୋଗୁ ବହୁ ଗରିବ ଲୋକ ବର୍ଷ ବର୍ଷ ଧରି ଭଙ୍ଗା କୁଡିଆରେ ଦିନ କାଟୁଥିବା ଦେଖିବାକୁ ମିଳୁଛି । ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ଗ୍ରାମପଞ୍ଚାତ ସଦର ଗାଁ ମୁଣ୍ଡରେ ଥିବା ନୀଳାମ୍ବର ନିଆଲଙ୍କ ପରିବାର ଆଜିକୁ ବହୁ ବର୍ଷଧରି ଭଙ୍ଗା କୁଡିଆରେ ଦିନ କାଟୁଛନ୍ତି। ପ୍ରଶାସନ ତାଙ୍କ ପରିବାର ପ୍ରତି ଲୁଚକାଳି ଖେଳୁଥିବା ଅଭିଯୋଗ କରିଛନ୍ତି। ଏହି ବର୍ଷ ବହୁ ଥିଲାବାଲାଙ୍କ ନାଁରେ ଶତାଧିକ ବିଭିନ୍ନ ଯୋଜନାରେ ଆବାସ ତିଆରି ହେଲା । କିନ୍ତୁ ତାଙ୍କୁ ଜାଣିଶୁଣି ତାଲିକାରୁ ବାଦ କରାଯାଇଥିବା ଅଭିଯୋଗ କରିଛନ୍ତି । ଶେଷରେ ଏଠାରେ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଦଯାତ୍ରା କରି ତାଙ୍କର ଗୁହାରୀ ଜଣାଇବେ ବୋଲି ସ୍ଥିର କରିଥିବା କହିଛନ୍ତି ।

ପ୍ରକାଶ ଯେ, ଲଖନା ଗାଁ ମୁଣ୍ଡରେ ନିଳାମ୍ବର ନିଆଲ(୪୨)ଙ୍କ ଏକ ଭଙ୍ଗା ଘର ରହିଛି। ୩ ଝିଅ ପୁଅ, ସ୍ତ୍ରୀ ଏବଂ ବୁଢୀ ମାଙ୍କୁ ନେଇ ତାଙ୍କର ପରିବାର । ଜମିବାଡି କିଛି ନ ଥିବାବେଳେ ଘର ବାରି ଟିକକ ରହିଛି । ସେଥିରେ ବାପ ପୁରୁଷକାଳରୁ ଝାଟିମାଟିର ଏକ କୁଡିଆ କରିଥିଲେ । କାମଧନ୍ଦା ଅଭାବରୁ ବର୍ଷର ଅଧା ସମୟ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । ପାରିବାରିକସ୍ଥିତି ଦୁର୍ବଳ ଯୋଗୁ ପିଲାଛୁଆଙ୍କୁ ପାଠ ପଢାଇବାରେ ଅସମର୍ଥ ଥିବା ସେ କହିଛନ୍ତି । ଇନ୍ଦିରାଆବାସ ପାଇଁ ବାରମ୍ବାର ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡିଛନ୍ତି, କୌଣସି ଜାଗାରେ ତାଙ୍କୁ ନ୍ୟାୟ ମିଳିପାରିନାହିଁ।



ଭଙ୍ଗା କୁଡିଆ ସମ୍ମୁଖରେ ନୀଳାମ୍ବରଙ୍କ ପରିବାରବର୍ଗ ମାନବାଧିକାର କର୍ମୀ ଏବଂ ଆପ ନେତାଙ୍କ ସହ ଛିଡା ହୋଇଛନ୍ତି ।

ତାଙ୍କ କହିବାନୁଯାୟୀ ଗତ କିଛି ଦିନ ତଳେ ବିଜୁ ପକ୍କା ଘର ତାଲିକାରେ ଅନ୍ତର୍ଭୁକ୍ତ ଥିବା ନେଇ ପଞ୍ଚାୟତ ତରଫରୁ ଖବର ଦେବାରୁ ରାୟପୁରରୁ କାମ ଛାଡି ଚାଲି ଆସିଥିଲେ । ହେଲେ ପରବର୍ତ୍ତି ସମୟରେ ତାଙ୍କୁ ଗତ ପିଠା କାର୍ଯ୍ୟକ୍ରମରେ କାର୍ଯ୍ୟାଦେଶ ଦିଆଗଲା ନାହିଁ । ବର୍ତ୍ତମାନ ତାଙ୍କ ପରିବାରବର୍ଗ ଚିନ୍ତାରେ ଦିନ କାଟୁଛନ୍ତି । ସରକାରୀ ଯୋଜନାରୁ ଆବାସଟିଏ ମିଳିବା ତାଙ୍କ ପାଇଁ ସପନ ହୋଇଛି ବୋଲି ଗଣମାଧ୍ୟମକୁ ନିଳାମ୍ବର କହିଛନ୍ତି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନ ନେଲେ ଆସନ୍ତା ୨୮ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଦଯାତ୍ରାରେ ଯିବେ ବୋଲି ସେ କହିଛନ୍ତି । ଏହି ପରିବାର ତରଫରୁ ଅଭିଯୋଗପତ୍ର ପାଇ ଆମ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଅଂଶୁମାନ ଶତପଥୀ, ମାନବାଧିକାର ଦେବେନ୍ଦ୍ର ବାଗ ପ୍ରମୁଖ ତାଙ୍କ ଘରକୁ ପରିଦର୍ଶନ କରି ପ୍ରଶାସନଙ୍କୁ ନିନ୍ଦା କରିଛନ୍ତି । ଏହା ଉପରେ ଏପିଡି ଡିଆରଡିଏ ବିଦେଶ ଘୋଷଙ୍କୁ ପଚାରିବାରୁ ନୀଳାମ୍ବରଙ୍କ ନାମ ସ୍ୱତନ୍ତ୍ର ବିଜୁ ପକ୍କା ଘର ତାଲିକାରେ ରହିଛି । ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଖୁବ କମ ଦିନମଧ୍ୟରେ ଦିଆଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ



### ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ୧୯୯୧ ବ୍ୟାଚର ବନ୍ଧୁ ମିଳନ

ଖଡିଆଲ,୨୪।୧୨(ଡି.ଏନ.ଏ.)
ନୂଆପଡା ଜିଲା ଖଡିଆଲସ୍ଥିତ ଶ୍ୟାମକୁମ୍ ଲଜ୍ ପରିସରରେ ଖଡିଆଲ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ୧୯୯୧ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଅଧିରାଜ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିତୁ ବଂଶଲ, ଅମିତ ଜୈନ, ଶିବ ସଂଗଲ, ପିଣ୍ଟୁ ଅଗ୍ରୱାଲ, ବ୍ରଜରାଜ ମହାନ୍ତି, ବିମଳ ସିଂ ଦଳପତି, ଶ୍ୟାମ କୁମାର ସାହୁ, ସୁଶାନ୍ତ ବାରିକ, ସଞ୍ଜୟ ମହାଉତି, ମଞ୍ଜିତ ସିଂ, ରବିକାନ୍ତ ଠେଲା, ଶୈଳେନ୍ଦ୍ର ସଲମା, ମକର ଧ୍ୱଜ ସାହୁ, ପାଣ୍ଡବ କୁମାର, ପ୍ରବୀଣ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ । ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ଲାଟିନମ୍ ଜୁବଲି ସମାରୋହରେ ସାମିଲ ହେବା ନେଇ ଆଲୋଚନା କରିବା ସହ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରାଯାଇଥିଲା । ଏଥି ସହ ସମସ୍ତେ ଅତିତର ବିଭିନ୍ନ ସ୍ମୃତିକୁ ବଖାଣିବା ସହ ଦୀର୍ଘ ୨୮ ବର୍ଷ ପରେ ଏକତ୍ର ହୋଇଥିବାରୁ ଖୁସିର ବାତାବରଣ ଦେଖାଦେଇଥିଲା ।



### ପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତା କାମ ଆରମ୍ଭ

କର୍ଲାମୁଣ୍ଡା,୨୪।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ଛକଠାରୁ ସରସ୍ୱତୀ ଶିଶୁ ମନ୍ଦିର ଛକ ପର୍ଯ୍ୟନ୍ତ ପିଚୁରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେଲା ବନ୍ଦ ରହିଥିଲା । ଫଳରେ ଯାତାୟାତ ପାଇଁ ସାଧାରଣ ଲୋକେ ଅନେକ ସମସ୍ୟାର ସମ୍ମୁଖିନ ହେଉଥିଲେ। ତେବେ ଜିଲା ପ୍ରଶାସନର ହସ୍ତକ୍ଷେପରେ ସୋମବାରଠାରୁ ଉକ୍ତ ରାସ୍ତାର ପିଚୁ କାର୍ଯ୍ୟ ଆରମ୍ଭ ହେବା ପରେ ଅଞ୍ଚଳରେ ଖୁସୀର ଲହରୀ ଖେଳିଯାଇଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଶିକ୍ଷକ କୋର୍ଟ ଚାଲାଣ

କୋକସରା,୨୪।୧୨(ଡି.ଏନ.ଏ.)

ଜଣେ ନାବାଳିକାଙ୍କୁ ବଳତ୍କାର କରିବା ଅଭିଯୋଗରେ ଜଣେ ଶିକ୍ଷକ ଗିରଫ ହୋଇଛନ୍ତି । ଗିରଫ ଶିକ୍ଷକଙ୍କ ନାମ ରଞ୍ଜିତ ନାଏକ (୪୮)। ପୋଲିସରୁ ମିଳିଥିବା ସୂଚନା ଅନୁସାରେ କୋକସରା ବ୍ଲକ ମାଝିଗୁଡା ଗ୍ରାମର ରଞ୍ଜିତ କୋକସରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୨୧ ତାରିଖ ରାତି ପ୍ରାୟ ୧୨ଟାରେ ବଳତ୍କାର କରିଥିବା ଅଭିଯୋଗ ହୋଇଥିଲା । ନାବାଳିକା ଜଣକ ପରିସ୍ରା ପାଇଁ ଘରୁ ବାହରକୁ ବାହାରିଥିବା ବେଳେ ରଞ୍ଜିତ ତାଙ୍କୁ ଟେକି ନେଇ ବଳତ୍କାର କରିଥିଲେ। ପୀଡିତା ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ପରିବାର ପକ୍ଷରୁ ଗତ ୨୨ ତାରିଖରେ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ. ୨୨୩/୧୮) ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତ ଫେରାର ଥିଲେ। ତାଙ୍କୁ ଛତିଶଗଡ ଅଞ୍ଚଳରୁ ଆଣି ତଦନ୍ତ କରି ବୟାନ ରେକର୍ଡ କରି ଗିରଫ କରିଥିବାବେଳେ ସୋମବାର କୋର୍ଟଚାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ଫଠାଇ ଦିଆଯାଇଥିବା କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି ।

## ବିଜେଡି କର୍ମକର୍ତ୍ତାଙ୍କ ବୈଠକ

ସିନାପାଲି,୨୪।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ ସିନାପାଲି ବ୍ଲକ୍ ଜିଲା ପରିଷଦ ଜୋନ ନଂ.୧୩ରେ ଗଡ୍ରାମାଲଠାରେ ୱାର୍ଡ କର୍ମକର୍ତ୍ତାଙ୍କ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଶ୍ଚିମ ଓଡିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟ ତଥା ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଅଧକ୍ଷତା କରିଥିଲେ । ଜିଲା ପରିଷଦ ସଦସ୍ୟ ଡୋଳାକାନ୍ତି ମାଝି, ନୂଆପଡା ଜିଲା ଯୋଜନା ବୋର୍ଡ ସଦସ୍ୟ ରମେଶ ତିୱାରୀ, ଜିଲା ବିଜେଡି ଯୁବ ସାଧାରଣ ସମ୍ପାଦକ ନିଖିଳ ମେହେର, ଭୀଷ୍ମ ସୁନାନୀ, ଜିଲା ମହିଳା ସଭାପତି ସରସ୍ୱତୀ ବାଗ, ମହେଶ ସା, ପଦ୍ମନ ସା, ପୁଷ୍ପାଞ୍ଜଳି ପାଣ୍ଡେ, ପଙ୍କଜ ସା, ମନ୍ଦାକିନୀ ବଘେଲ, ମଖାପଦର ସରପଞ୍ଚ ବଳଦେବ ମାଝି, ସିନାପାଲି ବ୍ଲକ୍ ପର୍ଯ୍ୟବେକ୍ଷକ ସରୋଜ ପ୍ରଧାନ, ସସ୍ମିତା ନିଆଲ, ବିକ୍ରମାଦିତ୍ୟ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ବୈକୁଣ୍ଠ ତାଣ୍ଡି, ବୀରେନ୍ଦ୍ର ଖମାରୀ, ଭଗବାନ ନିଆଲ, ଚନ୍ଦ୍ରମଣି ନାଗ, ଚନ୍ଦ୍ରମଣି ପଣ୍ଡା, ରାଜେଶ ବନଛୋର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବହୁଳ ଭାବରେ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।



ୱାର୍ଡ କର୍ମକର୍ତ୍ତାଙ୍କ ବୈଠକରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳୀ ।

## ଡିଏଭି ସ୍କୁଲରେ ଶିକ୍ଷକ ଦକ୍ଷତା ବୃଦ୍ଧି ତାଲିମ ଶିବିର

ଲାଞ୍ଜିଗଡ଼,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଡିଏଭି ବେଦାନ୍ତ ଇଣ୍ଟର ନ୍ୟାଶନାଲ୍ ସ୍କୁଲଠାରେ ରାଜ୍ୟସ୍ତରୀୟ ଲିଙ୍ଗଗତ ସମ୍ବେଦନଶୀଳତା ଶୀର୍ଷକ ଏକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ସ୍କୁଲରୁ ୫୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ତାଲିମ ଶିବିରରେ ଯୋଗଦେଇଛନ୍ତି । ଶିବିରରେ ମୁଖ୍ୟଅତିଥି ଭାବେ ବେଦାନ୍ତ ଲିମିଟେଡର ସିଓଓ ରାକେଶ ମୋହନ, ସମ୍ମାନିତ ଅତିଥି ଭାବେ ବେଦାନ୍ତର ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ସଞ୍ଜୀବ କୁମାର ଯୋଗଦେଇଥିଲେ । ସ୍କୁଲର ଅଧକ୍ଷା ଶୁକ୍ଳା ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ଡିଏସ୍ ବିଦ୍ୟାଳୟ କୋରାପୁଟ ଅଧକ୍ଷ ହେମନ୍ତ କୁମାର ସେଠ ଓ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟ କେସିଙ୍ଗାର ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲ ଯୋଗଦେଇ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ ।

## ଗୋବିନ୍ଦପୁର ଠାରେ ଦଶରୂପା ମହାଲକ୍ଷ୍ମୀ ପୂଜା

ସିନାପାଲି,୨୪।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମଠାରେ ମହାଲକ୍ଷ୍ମୀ ପୂଜାର ଦଶବର୍ଷ ପୂର୍ତ୍ତି ଅବସରରେ ଦଶରୂପା ମାଣବସା ମହାଲକ୍ଷ୍ମୀ ପୂଜା ମହା ସମାରୋହରେ ଆୟୋଜିତ ହେଉଛି । ଗତ ବୁଧବାର ସ୍ଥାନୀୟ ତିନିଶହରୁ ଉର୍ଦ୍ଧ୍ୱ ମହିଳା ଏକ କଳସ ଶୋଭାଯାତ୍ରାରେ ଚୋରନୀଖଲିଆ ପୋଖରୀରୁ ଜଳ ସଂଗ୍ରହ କରି ଗାଁ ପରିକ୍ରମା ପୂର୍ବକ ଯଜ୍ଞମଣ୍ଡ ପରେ ସ୍ଥାପନ କରିଥିଲେ। ପରେ ପାରମ୍ପରିକ ରୀତିନୀତିରେ ପୂଜା ହୋଇଥିଲା । ପୂଜାରେ ନୀଳମଣି ବେହେରା, ମାଳବିକା ବେହେରା ମୁଖ୍ୟକର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିଲେ । ଅନ୍ୟ କର୍ତ୍ତା ଭାବେ ଆତ୍ମାରାମ ବନ୍ଦିଛୋର-ଲକ୍ଷ୍ମୀପ୍ରିୟା ବନ୍ଦିଛୋର, ଜୟଭୋଗ ବନ୍ଦିଛୋର-ବୃନ୍ଦାବତୀ ବନ୍ଦିଛୋର, କ୍ଷମାନିଧି ବନ୍ଦିଛୋର-ଗୌରୀ ବନ୍ଦିଛୋର, ନିତ୍ୟାନନ୍ଦ ବନ୍ଦିଛୋର-ଚେମନୀ ବନ୍ଦିଛୋର, କ୍ଷମା ବନ୍ଦିଛୋର-ଗୁରୁବାରୀ ବନ୍ଦିଛୋର, ସୀତାରାମ ବନ୍ଦିଛୋର-ଧନମତୀ ବନ୍ଦିଛୋର, ଅଖିଳ ବନ୍ଦିଛୋର-ରାଜକୁମାରୀ ବନ୍ଦିଛୋର, ବିରେନମିତ୍ର ହଂସ-ସତ୍ୟଭାମା ହଂସ, ନୃତ ନାଗ-ବିଳାସ ନାଗ, ଡିଙ୍ଗର ବନ୍ଦିଛୋର-ପଦ୍ମାବତୀ ବନ୍ଦିଛୋର ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି । କୃତ୍ତିବାସ ସୁପକାର ଓ ସାଥି ପୁରୋହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଚଳିତବର୍ଷ ଦଶମ ବର୍ଷ ପୂର୍ତ୍ତି ଅବସରରେ ପୂଜାକୁ ଆଡମ୍ବର ଓ ଆକର୍ଷଣୀୟ କରିବା ପାଇଁ ମା' ଲକ୍ଷ୍ମୀଙ୍କ ଦଶରୂପ ଆୟୋଜନ କରାଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ପୂଜା ସ୍ଥଳରେ ଶତାଧିକ ଲୋକଙ୍କ ସମାଗମରେ ସନ୍ଧ୍ୟା ବନ୍ଦନା ଆରତୀ ହେବା ସହ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏପରିକି ବିଭିନ୍ନ ନାଟକ, ମୀନାବଜାର ଲାଗିଥିବା ବେଳେ ଖୋଲା ମଞ୍ଚରେ ଅପେରା ପ୍ରଦର୍ଶିତ ହେଉଛି । ପୂଜା ପରିଚାଳନା କମିଟି ସଭାପତି କବିରାମ ଜଗତ, ସମ୍ପାଦକ ପ୍ରବୀଣ କୁମାର ବନ୍ଦିଛୋର, କୋଷାଧକ୍ଷ ମହେନ୍ଦ୍ର ବେହେରାଙ୍କ ସମେତ ସଦସ୍ୟ ସୁରେନ୍ଦ୍ର ହଂସ, ସନ୍ତୋଷ ମାଝି, ସୁଶାନ୍ତ ବନ୍ଦିଛୋର, ନିରନ, ଚୂଡାମଣି, ଯୁଗଳ, ଯଶୋବନ୍ଦ, ଦେବେଶ, ମୁକେଶ, କୋଦଣ୍ଡ, ମୂଳଚନ୍ଦ, ପୀତାମ୍ବର ପ୍ରମୁଖ ସହଯୋଗ କରୁଛନ୍ତି । ଅଞ୍ଚଳର ଏହା ସର୍ବପ୍ରଥମ ଦଶରୂପା ମାଣବସା ମହାଲକ୍ଷ୍ମୀ ପୂଜା ହୋଇଥିବାରୁ ପ୍ରତ୍ୟହ ହଜାର ହଜାର ଲୋକଙ୍କ ସମାଗମ ହେଉଛି । ଆସନ୍ତା ୨୬ ତାରିଖରେ ପୂଜା ପୂର୍ଣ୍ଣାହୁତି ହେବ ବୋଲି ଜଣାପଡ଼ିଛି ।



ଗୋବିନ୍ଦପୁର ଗ୍ରାମଠାରେ ଅନୁଷ୍ଠିତ ମହାଲକ୍ଷ୍ମୀ ପୂଜା ।

## ବିଭିନ୍ନ ସ୍ଥାନରେ ବିଜେଡିର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

ଲଡୁଗାଁ,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜେଡି ପକ୍ଷରୁ ଆମପାଣି ଜୋନସ୍ତରୀୟ କର୍ମୀ ସମ୍ମିଳନୀ ବଡପୋଡାଗୁଡା ବଜାର ପଡିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁଶାନ୍ତ ବେହେରାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ରାଜ୍ୟ ସରକାର ସବୁବେଳେ ଚାଷୀମାନଙ୍କ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି ଓ ବର୍ତ୍ତମାନ ଚାଷୀମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି କାଳିଆ ଯୋଜନାର ସୁଭାରମ୍ଭ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଚାଷିକୁଳ ଉପକୃତ ହୋଇପାରିବେ ବୋଲି କହିଛନ୍ତି । ବିଜେଡି ଜିଲା ସମ୍ପାଦକ ପ୍ରବୋଧ ରଥ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ହୋଇଥିଲା । ଏଥିରେ ଭାଜପାର ଶତାଧିକ କର୍ମୀ ବିଜେଡରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାନେତ୍ରୀ ଅଶୋକା ନାଏକ, ଏମ୍ପି ପ୍ରତିନିଧି ପ୍ରମୋଦ ପ୍ରଧାନୀ, ବିଜୟ ପଣ୍ଡା, ପର୍ଶୁ ପ୍ରଧାନୀ, ମୋହନ ଦାସ, ମନୋଜ ଦାସ, ଅଭିରାମ ବେମାଲ, ହେମନ୍ତ ମାଝି, ଅଜିତ ପଟ୍ଟନାୟକ, ବିନୋଦ ସିଂଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଯୋଗଦେଇଥିଲେ।

ନର୍ଲା,୨୪।୧୨(ଡି.ଏନ.ଏ.)
ନର୍ଲା ବ୍ଲକ୍‌ର ୩ଟି ଜୋନ୍‌ରେ ନର୍ଲା ବିଜେଡି ତରଫରୁ କର୍ମୀ ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହୋଇଯାଇଛି । ପୂର୍ବାହ୍ନ ୧୧ଟାରେ ନର୍ଲା ଜୋନ୍ ନଂ. ୨ (ସରିଆଁ)ର ବିଜେଡି କର୍ମୀମାନଙ୍କୁ ନେଇ ଶାନ୍ତପୁର ପଞ୍ଚାୟତ ଗୋହୀରାପଦରଠାରେ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ବିଜେଡି ସଭାପତି ମନମୋହନ ନାଏକଙ୍କ ଅଧକ୍ଷତାରେ ପୁଷ୍ପେନ୍ଦ୍ର ସିଂଦେଓ ଏହିକର୍ମୀ ସମ୍ମିଳନୀ ପରିଚାଳନା କରିଥିଲେ। ମଞ୍ଚାସୀନ ନେତାମାନଙ୍କ ମଧ୍ୟରେ ଆଦିତ୍ୟ ନନ୍ଦ, ଅବିନାଶ ଠାକୁର, ବଲାଙ୍ଗୀର ଜୋନ୍ (କଳାହାଣ୍ଡି, ନୂଆପଡା ଓ ବଲାଙ୍ଗୀର ଜିଲା ) ଛାତ୍ର ସଭାପତି ଚିରାଗ ସିଂଦେଓ, ଶାନ୍ତପୁର ସରପଞ୍ଚ ଟିକେଧର ସାହୁ, ପୂର୍ବତନ ନର୍ଲା ବ୍ଲକ୍ ଅଧକ୍ଷ ନୀଳମଣି ସାହୁ, ଆଇନଜୀବୀ କୁବେର ସାହୁ, ଅର୍ଜୁନ ପଧାନ ପ୍ରମୁଖ ଉପସ୍ଥିତ ରହି ନବୀନ ସରକାରଙ୍କ ଜନହିତକ ଯୋଜନାଗୁଡିକ ଉପରେ ବକ୍ତବ୍ୟ ରଖିଥିଲେ। ଏହି ବସରରେ ଭାଜପା ଦଳୀୟ ଘଣ୍ଟମାଳ ସରପଞ୍ଚ ଧିରଜୁ ପାତ୍ର ନିଜ ସମର୍ଥକମାନଙ୍କ ସହ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ । ତାଙ୍କୁ ନର୍ଲା ବ୍ଲକ୍ ସଭାପତି ନାଏକ, ଜିଲା ବିଜେଡି ଉପସଭାପତି ସିଂଦେଓ ଏବଂ ନନ୍ଦ ସ୍ୱାଗତ କରିଥିଲେ। ବିଜେଡି ଜିଲା ଉପସଭାପତି ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁଭୂଷଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

## ସାନଡୁଙ୍ଗୁରୀଗୁଡା, ତେରେସିଂହା ବିଜୟୀ

ରିଷିଡା,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବଡଡୁଙ୍ଗୁରୀଗୁଡାଠାରେ ଚାଲିଥିବା ବିଦ୍ୟୁଭୂଷଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ସାନଡୁଙ୍ଗୁରୀଗୁଡା ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୧୯ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ବାଞ୍ଜିପଦର ଦଳ ମାତ୍ର ୪୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସାନଡୁଙ୍ଗୁରିଗୁଡାର ରାଜୁ ୩୦ ରନ ଓ ରାଜକୁମାର ୩ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ତେରେସିଂହା ନିର୍ଦ୍ଧାରିତ ୧୦ ଓଭରରେ ୫୭ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଏସଆରସିସି ବଡଡୁଙ୍ଗୁରୀଗୁଡା ୫୨ ରନରେ ଅଲଆଉଟ ହୋଇଯାଇଥିଲା । ଖେଳଗୁଡିକ ବିରଞ୍ଚି ପୁଟେଲ, ବିବେକାନନ୍ଦ ମିଶ୍ର, ଫକୀର ଗହୀର, ଅରବିନ୍ଦ ଗହୀର ପରିଚାଳନା କରିଥିବା ବେଳେ ଦୟାନିଧି ଗହୀର, ଡିଳେଶ୍ୱର ବାଗ ସ୍କୋର ଥିଲେ । ଧାରାବିବରଣୀ ଶଟିକାନ୍ତ ମିଶ୍ର, ଦେବାଶିଷ ବେହେରା, ହେମନ୍ତ ବଢ଼େଇ ପ୍ରଦାନ କରିଥିଲେ। ସୁବ୍ରତ ନାଗ, ଶିବୁ ଗହୀର, ସିଲୁ ମିଶ୍ର, ତପନ ପୁଟେଲ ପ୍ରମୁଖ ସହାୟତା କରିଥିଲେ। ମଙ୍ଗଳବାର ଖଲିଆପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ବଣ ପାହାଡ ଘେରାରେ ପରିଚୟ ଖୋଜୁଛି ଲଖନାପଡା

# ଏମ୍ପି, ବିଧାୟକ ଦେଖି ନ ଥିବା ଗାଁ ଲଖନାପଡ଼ା

ଜୁନାଗଡ,୨୪।୧୨(ଡି.ଏନ.ଏ.)

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା ପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସୁଧୁରି ପାରୁନି ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ଅବସ୍ଥା । ସାମାଜିକ ଅର୍ଥନୈତିକ ପରିବର୍ତ୍ତନ କେବଳ ସରକାରଙ୍କ ସ୍ଲୋଗାନରେ ହିଁ ସୀମିତ ହୋଇ ରହିଯାଇଛି । କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁର୍ଗମ ଅଞ୍ଚଳ କୁହାଯାଉଥିବା ବୁଡିଦର ପଞ୍ଚାୟତ ଲଖନାପଡା ଏପରି ଏକ ଉଦାହରଣ । ସ୍ୱାଧୀନତାର ଦୀର୍ଘ ୭୨ ବର୍ଷ ପରେ ମଧ୍ୟ ଏଠାକାର ଅଧିବାସୀଙ୍କ ପାଇଁ ବିକାଶ ଏକ ସ୍ୱପ୍ନ ହୋଇ ରହିଯାଇଛି। ଫଳରେ ଆଜି ବି ବଣପାହାଡ ଘେରରେ ନିଜର ପରିଚୟ ଖୋଜୁଛି ଲଖନାପଡା। ବଣପାହାଡ ଘେରରେ ଲୁଚି ରହିଥିବା ଏହି ଗ୍ରାମ ବୁଡିଦର ପଞ୍ଚାୟତ କାର୍ଯ୍ୟାଳୟରୁ ୮ କି. ମି. ଦୂରରେ ରହିଛି। ଏହି ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ନାହିଁ। କେବଳ ଜଙ୍ଗଲ ପାହାଡ ଘାଟି ରାସ୍ତା ସାହାଭରସା । ପାହଡ ତଳ ଡେଇଁ ନିଗୁଡାରୁ ୪ କି.ମି. ଜଙ୍ଗଲ ଘାଟି ରାସ୍ତା ଦେଇ ଚାଲିଚାଲି ଗଲେ ଏହି ଗ୍ରାମ ପଡିଥାଏ। ଫଳରେ କେହି ନେତା, ପ୍ରଶାସନିକ ଅଧିକାରୀ ଏହି ଗ୍ରାମକୁ ଯାଆନ୍ତି ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ଏହି ଗାଁକୁ ଆଜି ଯାଏଁ ବି କୌଣସି ଏମ୍ପି, ବିଧାୟକ ଦେଖି ନ ଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ଗତ ୨୦୧୨-୧୩ରେ ଲଖନାପଡାକୁ ତତ୍କାଳୀନ ଉପଜିଲାପାଳ ଗୌରୀ ପରାସର ଓ ତତ୍କାଳୀନ ବିଡିଓ ତ୍ରିଲୋଚନ ମହାନ୍ତି ଏହି ଗାଁରେ ପାଦଥାପି ଲୋକଙ୍କ ସମସ୍ୟା ବୁଝିଥିଲେ। ସେହିପରି ଶୁକ୍ରବାର ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ଓ ତାଙ୍କ ଟିମ ଏହି ଗାଁ ସ୍କୁଲକୁ ତଦନ୍ତ କରିବାକୁ ଯାଇଥିଲେ। କେବେ କେବେ ଏହି ଜଙ୍ଗଲ ରାସ୍ତାରେ ଭାର ସାହାଯ୍ୟରେ ଗର୍ଭବତୀ କିମ୍ବା ପ୍ରସୂତିଙ୍କୁ ଆଣୁ ଥିବାବେଳେ ବାଟରେ ମୃତ୍ୟୁବରଣ କରୁଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଗାଁରେ ପ୍ରାୟ ଆଦିବାସୀ ଶ୍ରେଣୀର ଲୋକେ ବାସ କରନ୍ତି। ଜନସଂଖ୍ୟା ପ୍ରାୟ ୨୫୦, ସମସ୍ତେ ପ୍ରାୟ ଗରୀବ ଶ୍ରେଣୀର ହୋଇଥିବାବେଳେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା ଓ ପୋଡୁ ଚାଷ କରି ଏମାନେ ପରିବାର ପ୍ରତିପୋଷଣ କରିଥାନ୍ତି । ଏଠାରେ ପିଇବା ପାଣି, ଶିକ୍ଷା, ସ୍ୱାସ୍ଥ୍ୟ ମୋବାଇଲ ନେଟୱାର୍କ, ଖାଦ୍ୟ ନିରାପତ୍ତା ଭଳି କାର୍ଯ୍ୟକ୍ରମ ଅପହଞ୍ଚ । ପିଇବା ପାଣି ପାଇଁ ପୂର୍ବର ହାତକୋଡା ନଳକୂପର ପାଣି ଓ ଝରଣା ପାଣି ଏଠାକାର ଅଧିବାସୀ ବ୍ୟବହାର କରିଥାନ୍ତି। ସେହିପରି ବିଜୁଳି ଆଲୁଅ ଏଠାରେ ସାତ ସପନ । କିଛି ସ୍ଥାନରେ ସୋଲାର ଲାଇଟ ଲାଗିଥିଲେ ମଧ୍ୟ ତାହା ଠିକ ଭାବରେ କାମ କରୁ ନ ଥିବା ଜଣାପଡିଛି। ଗାଁର ବାଟକୁ ଦେଖିଲେ ହିଁ ଜଣାପଡେ ସରକାରୀ ଯୋଜନା ସବୁ କେମିତି ପାହାଡ ତଳୁ ହିଁ ମୁହଁ ମୋଡି ଫେରି ଯାଇଛି ।



ଲଖନାପଡା ଗ୍ରାମବାସୀ ସାଇକେଲରେ ନିଜ ଗ୍ରାମକୁ ପାହାଡ ଚଢି ଯାଉଛନ୍ତି।

### ସରକାରୀ ଯୋଜନା ବାଟବଣା

ରାସ୍ତାଟିଏ ପାଇଁ ଲଖନାପଡାବାସୀ ଦୀର୍ଘଦିନ ଧରି ପ୍ରଶାସନ, ରାଜନେତାଙ୍କଠାରେ ଦାବି କରିଆସୁଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ଗ୍ରାମବାସୀ ଏକତ୍ରିତ ହୋଇ ଏବେ ସପ୍ତାହର ଶନି, ରବି ଓ ସୋମବାର ପାହାଡ କାଟି ରାସ୍ତା ତିଆରି କରୁଛନ୍ତି। ବର୍ତ୍ତମାନ ଏହି ରାସ୍ତାକାମ ପ୍ରାୟ ସରିବାକୁ ବସିଲାଣି । ପାହାଡ କାଟି ରାସ୍ତା ତିଆରି କରୁଥିବା କାମକୁ ନେଇ ଲଖନାପଡାବାସୀ ସମସ୍ତଙ୍କ ପାଇଁ ଏବେ ଉଦାହରଣ ପାଲଟିଛନ୍ତି। ପୂର୍ବରୁ ଜଙ୍ଗଲ ରାସ୍ତା ଉପରକୁ ଘାଟି ଚଢି ସାଇକେଲ ନେବା ମୁସ୍କିଲ ହୋଇପଡୁଥିଲା। ଫଳରେ ଗ୍ରାମର ସମସ୍ତେ ଲୋକେ ପାହାଡ ତଳେ ଥିବା ଡେଇନିଗୁଡା ଗ୍ରାମରେ ଗୋଟିଏ ସ୍ଥାନରେ ସାଇକେଲ ରଖି ନିଜ ଗ୍ରାମକୁ ଚାଲିଚାଲି ଆସୁଥିଲେ। ଏବେ ଗ୍ରାମବାସୀ କରିଥିବା ରାସ୍ତାରେ ନିଜ ଗ୍ରାମ ପର୍ଯ୍ୟନ୍ତ ସମସ୍ତେ ସାଇକେଲକୁ ଚଲାଇ ଆସିପାରୁଛନ୍ତି। ଗାଁର ମୌଳିକ ସୁବିଧା ସହିତ ବିକାଶ ଓ ସାମାଜିକ, ଆର୍ଥିକ ଦିଗରୁ ଗାଁ ଲୋକଙ୍କୁ ସ୍ୱାବଲମ୍ବୀ କରାଯିବାକୁ ଯୋଜନାରେ ବ୍ୟବସ୍ଥା କରାଯାଇଛି । ହେଲେ ବିକାଶ ଦୁର୍ଗମ ଅଞ୍ଚଳରେ ଥିବା ଏହି ଗାଁର ନିରୀହ ମଣିଷମାନଙ୍କୁ ବଞ୍ଚିବାର କିଞ୍ଚିତ ସହାୟତା ମଧ୍ୟ ମିଳିନାହିଁ । ଭବିଷ୍ୟତରେ କେବେ ମିଳିବ କି ନାହିଁ ତାହାବି ସନ୍ଦେହ । ରାଜ୍ୟ ସରକାର ତୁରନ୍ତ ଏହି ଗ୍ରାମ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।
ରିପୋର୍ଟ : ଉତ୍ତମ କୁମାର ଦାଶ ।



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ। - ଫ୍ରାନ୍ସିସ୍ ବାକନ

## ସଂକ୍ଷେପରେ



### ବିପଦସଙ୍କୁଳ ଓଭରଲୋଡ୍ ଟ୍ରକ୍

ରିକ୍ଷିତା,୨୪।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିକ୍ଷିତା-କର୍ଲାମୁଣ୍ଡା ରାସ୍ତାରେ ପ୍ରତ୍ୟହ ଧାନ ବୋଝେଇ ଓଭର ଲୋଡ ଟ୍ରକ ଯାତାୟାତ କରୁଛି । ନିର୍ଦ୍ଧାରିତ ଧାନ ବସ୍ତା ଠାରୁ ଅଧିକ ୨୦୦ ବସ୍ତା ଅଧିକ ଧାନ ବୋଝେଇ କରି ଯାତାୟାତ କରୁଥିବାରୁ ବିଦ୍ୟୁତ ଖୁଣ୍ଟରୁ ସର୍ଭିସ ତାରଗୁଡିକ ଛିଣ୍ଡାଇ ହୋଇଯାଇଛି । ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଏହି ଟ୍ରକ୍‌ଗୁଡିକ ଦିନ ବେଳାଠାରୁ ଆରମ୍ଭ କରି ମଧ ରାତିରେ ଯାତାୟାତ ହେଉଥିବାରୁ ଲୋକେ ରାସ୍ତାରେ କଣ ଘଟୁଛି ଜାଣିପାରୁ ନାହାନ୍ତି । ତୁରନ୍ତ ପ୍ରଶାସନିକ ଅଧିକାରୀ ତଥା ପୋଲିସ ଧରପଗଡ କରିବା ପାଇଁ ଦାବି ହେଉଛି ।

### ଶୀତରେ ଥରୁଛି କର୍ଲାମୁଣ୍ଡା ବ୍ଲକ

ରିକ୍ଷିତା,୨୪।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିକ୍ଷିତା ଅଞ୍ଚଳରେ ଗତ କିଛି ଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି । ଶୀତ ଲହରୀ ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ହୋଗୁଛନ୍ତି । ବିଶେଷ କରି ବୃଦ୍ଧାବୃଦ୍ଧ ଓ ଛୋଟ ପିଲାମାନେ ଶୀତରେ ହଇରାଣ ହେଉଛି । ଏହି ଅଞ୍ଚଳରେ ରାତିରେ ତାପମାତ୍ରା ୭ ରୁ ୮ ଡିଗ୍ରୀ ରହୁଥିବା ଜଣାପଡିଛି । ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଶୀତବସ୍ତ୍ର ଦୋକାନରେ ଭଲ ବେପାର ହେଉଥିବା ଦୋକାନୀମାନେ କହିଛନ୍ତି।

### ହୃଦ୍‌ଘାତରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

ଜୁନାଗଡ,୨୪।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ନାଏକ (୬୧)ଙ୍କ ହୃଦଘାତରେ ଶନିବାର ରାତିରେ ମୃତ୍ୟୁ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଆଦର୍ଶ ଶିକ୍ଷକ, ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଶେଷ ଦର୍ଶନ ସମୟରେ ଗ୍ରାମର ଅନେକ ଲୋକ ଉପସ୍ଥିତ ଥିଲେ। ବଡ ପୁଅ ଗଜାନନ ଓ ସାନ ପୁଅ ଦେବାନନ୍ଦ ମୁଖାଗ୍ନି ଦେଇଥିଲେ।

### କୈବର୍ତ୍ତ ସମାଜର ରାଜ୍ୟସ୍ତରୀୟ ମହାସମ୍ମିଳନୀ

କର୍ଲାମୁଣ୍ଡା,୨୪।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରଠାରେ କୈବର୍ତ୍ତ ସମାଜର ରାଜ୍ୟସ୍ତରୀୟ ମହାସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ସୁନ୍ଦରମଣି ଦଣ୍ଡସେନା, ରାଜ୍ୟ ସମ୍ପାଦକ ସୁଷାନ୍ତ ମଲ୍ଲିକ, ଉପସଭାପତି ଅର୍ନ୍ତଯ୍ୟାମୀ ମଲ୍ଲିକ, ରାଜ୍ୟ ମୁଖ୍ୟ ଉପଦେଷ୍ଟା ବୁଡୁ ମହାଲିଙ୍ଗ, ଜିଲା ଉପଦେଷ୍ଟା ସବ୍ୟ ଖୁର ନାଏକ, ବ୍ରଜ ନାଏକ, ଲକ୍ଷ୍ମୀଧର ନାଏକ, ଅଗସ୍ତି ବୁଡେକ, ପୂର୍ଣ୍ଣଚନ୍ଦ୍ର ନାଏଲ, ରାମେଶ୍ୱର ବଂଶୀ ପ୍ରମୁଖ ଉପସ୍ଥିତ ରହି ସଂସ୍କାର ସମାଜର ବିକାଶ ତଥା ସଂଗଠନ ବିଷୟରେ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗ

# ସମସ୍ତ ସରକାରୀ, ବେସରକାରୀ ଅଫିସ, ବ୍ୟାଙ୍କ ବନ୍ଦ



ଭବାନୀପାଟଣାଠାରେ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।




ଧର୍ମଗଡ଼ଠାରେ ଓକିଲମାନେ ପିକେଟିଂ କରୁଛନ୍ତି।




କର୍ଲାମୁଣ୍ଡାଠାରେ ଓକିଲମାନେ ବିକ୍ଷୋଭ କରୁଛନ୍ତି।

ଭବାନୀପାଟଣା,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସୋମବାର ଜିଲାର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହ ବ୍ୟାଙ୍କ ଓ ବୀମା ସଂସ୍ଥା ବନ୍ଦ କରାଯାଇଛି । ଜିଲାର ସମସ୍ତ ଓକିଲ ସଂଘ, କଳାହାଣ୍ଡି ଓକିଲ ସଂଘ କ୍ରୀୟା ଅନୁଷ୍ଠାନ କମିଟି ପକ୍ଷରୁ ଜିଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସମସ୍ତ ବ୍ୟାଙ୍କ ଏବଂ ବିଭିନ୍ନ ବୀମା କମ୍ପାନୀ କାର୍ଯ୍ୟାଳୟ ସହିତ ପୌରାଞ୍ଚଳ ବନ୍ଦ ଡାକରା ଦିଆଯାଇଥିବାରୁ ସୋମବାର ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିଛି । ଅନ୍ୟପକ୍ଷରେ ଭବାନୀପାଟଣା ସହର ତଥା ଜିଲାର ଅନ୍ୟାନ ଅଞ୍ଚଳରେ ସମସ୍ତ ଗାଡି ଚଳାଚଳ ଅବ୍ୟାହତ ରହିଥିବା ବେଳେ ଦୋକାନ ବଜାର ଖୋଲା ରହିଥିବା ଜଣାପଡିଛି । କଳାହାଣ୍ଡି ଓକିଲ ସଂଘ କ୍ରୀୟା ଅନୁଷ୍ଠାନ କମିଟି ସଭାପତି ଆଇନଜୀବୀ ସନ୍ତୋଷ କୁମାର ପଣ୍ଡାଙ୍କ ସୂତ୍ରରୁ ପ୍ରକାଶ ଯେ ଆସନ୍ତା ୨୦୧୯ ଜାନୁୟାରୀ ୭ ତାରିଖରେ ଏହି ଦାବିକୁ ନେଇ କଳାହାଣ୍ଡି ଜିଲାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖାଯିବ। ଯଦି ଏହା ପରେ ସରକାର ଏହି ଦାବିକୁ ଉପଯୁକ୍ତ ଗୁରୁତ୍ୱ ନ ଦିଅନ୍ତି ତାହା ହେଲେ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଭାପତି ପଣ୍ଡା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ବନ୍ଦକୁ ସଫଳ କରିବା ପାଇଁ କ୍ରୀୟା ଅନୁଷ୍ଠାନ କମିଟି ସମ୍ପାଦକ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ, ମିଡିଆ ସେଲ ଦାୟିତ୍ୱରେ ଥିବା ଆଇନଜୀବୀ ପ୍ରଦୀପ କୁମାର ବିହାର, ଗଜେନ୍ଦ୍ର ପାଢୀ, ଭବେନ୍ଦ୍ର ପଣ୍ଡା, ସତ୍ୟନାରାୟଣ ପଣ୍ଡା, ପ୍ରସାନ୍ତ ବାରିକ, ମନୋଜ ତାଣ୍ଡି, ଅବଦୁଲ ସାଜିତ, ହିମାଞ୍ଚଳ ନାଏକ, ସନ୍ତୋଷ ମୁଣ୍ଡ, ପ୍ରସାନ୍ତ ଭୋଇ, ପ୍ରକାଶ ସାହୁ ସମେତ ଅନ୍ୟାନ୍ୟ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନ ସାମିଲ ରହିଥିବା ଦେଖିବାକୁ ମିଳିଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସହରରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ ।

କର୍ଲାମୁଣ୍ଡା,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଜିଲା ବ୍ୟାପୀ ବନ୍ଦ ପାଳନ କରାଯାଇଥିବା ବେଳେ କର୍ଲାମୁଣ୍ଡା ବ୍ଲକରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି। କର୍ଲାମୁଣ୍ଡା ଓକିଲ ସଂଘ ସଭାପତି ନିରଞ୍ଜନ ନନ୍ଦ, ସମ୍ପାଦକ ଦଶରଥ ସାହୁ, ଉପସଭାପତି ଅଶ୍ୱିନୀ ସାହୁ, ଉପଦେଷ୍ଟା ଦୁର୍ଗାପ୍ରସାଦ ମିଶ୍ର, ଓକିଲ ମୋହରିଅର ପ୍ରିୟବ୍ରତ ବଗର୍ତ୍ତୀ, ରମେଶଚନ୍ଦ୍ର ରଣା, ବିଜୟ ସୁନା, ଲିଙ୍ଗରାଜ ଭୋଇ, ମନୁଲାଲ ବଗର୍ତ୍ତୀ ପ୍ରମୁଖଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକ ବନ୍ଦ କରିଥିଲେ।

ଧର୍ମଗଡ,୨୪।୧୨(ଡି.ଏନ.ଏ.)

ସେହିପରି ଧର୍ମଗଡଠାରେ ମଧ୍ୟ ଓକିଲମାନେ ବିକ୍ଷୋଭ କରିଥିଲେ। ଏଥି ଯୋଗୁ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ ସହ ସମସ୍ତ ବ୍ୟାଙ୍କ ବନ୍ଦ ରହିଥିଲା । ଆନ୍ଦୋଳନ ଯୋଗୁ କୋର୍ଟକୁ ଆସିଥିବା ସମସ୍ତ ଜଜ୍ ଫେରି ଯାଇଥିଲେ। । ଏହି ବିକ୍ଷୋଭରେ ଓକିଲ ସଂଘ ସଭାପତି ମନୋଜ ମୁଣ୍ଡ, ସମ୍ପାଦକ ବିନୋଦ ମେହେର, ବରିଷ୍ଠ ଓକିଲ ସୁବାଷ ପାଣିଗ୍ରାହୀ, ତୁଷାର ପାଙ୍ଗ ଯୋଷୀ, ଦେବି ପ୍ରସାଦ ବେହେରା, କୃପାସିନ୍ଧୁ ପଣ୍ଡା, ଆଦିତ୍ୟ ପଣ୍ଡା, ଅଶୋକ ପୁରେହିତ, ଜୟଦ୍ରଥ ମହାନନ୍ଦ, ଅଂଶୁମାନ ପାତ୍ର, ଅଶ୍ୱନୀ ପଣ୍ଡା, ରୁପେଶ ବିଶ୍ୱାଳ, ଅଜିତ ସାହୁ, ସମୀର ମୁଣ୍ଡ, ପ୍ରତାପ ସୁନାନୀ, ପ୍ରଶନ୍ନ ଅଗସ୍ତି ସମେତ ସମସ୍ତ ଓକିଲମାନେ ଯୋଗଦେଇଥିଲେ।

ଜୁନାଗଡ,୨୪।୧୨(ସ୍ୱ.ପ୍ର.)

କଳାହାଣ୍ଡିରେ ହାଇକୋର୍ଟର ସ୍ଥାୟୀ ବ୍ୟାଞ୍ଚ ଦାବିରେ କଳାହାଣ୍ଡି ବନ୍ଦରେ ଜୁନାଗଡ ଓକିଲ ସଂଘ ସାମିଲ ହୋଇ ପିକେଟିଂ କରିଥିଲେ। ଏହି ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ସ୍ଥାନୀୟ କୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜୁନାଗଡ ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ, ସମ୍ପାଦକ ରାଜେନ୍ଦ୍ର ବୈଠାରୁ, ନରେନ୍ଦ୍ର କ୍ଷିତି, ବାଳକୃଷ୍ଣ ଆଚାରୀ, ଅଶୋକ ପାତ୍ର, ବିଶ୍ୱନାଥ କର, ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ସାମିଲ ଥିଲେ।

## କେସିଙ୍ଗା ବ୍ଲକସ୍ତରୀୟ ଜୋନ ନଂ. ୨ର ବିଜେଡି କର୍ମୀ ସମ୍ମିଳନୀ



ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଅତିଥିଗଣ ।

କେସିଙ୍ଗା,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଲଇତରା ଗ୍ରାମର ଶିବ ମନ୍ଦିର ପରିସରରେ ବ୍ଲକସ୍ତରୀୟ ଜୋନ ନଂ. ୨ର ବିଜେଡି କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଚାନ୍ଦ ମହଲାଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ଭୂପିନ୍ଦର ସିଂହ, ସମ୍ମାନିତ ଅତିଥି ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ଅନାମ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରୋହିତ ଭୋଇ, ପୂର୍ବତନ ବାଲସି ସରପଞ୍ଚ ଠାକୁର ସାହୁ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଗୀତାଞ୍ଜଳୀ ଭୋଇ, ଭବାନୀପାଟଣା ମ୍ୟୁନିସିପାଲଟି ଭାଇସଚେୟାରମ୍ୟାନ ସବିତା ପ୍ରଧାନ, ବିଜେଡି ଜିଲା ଉପସଭାପତି ସମିତା ନାଏକ, ଜୋନ ନଂ. ୨ର ସମସ୍ତ ସମିତି ସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀରେ କର୍ମୀମାନେ କୃଷିଋଣ ଛାଡ, ଆମଗାଁ ଆମ ବିକାଶ, ପିଠା କମିଟି, ୱାର୍ଡ କମିଟି ଗଠନ, ବୁଥ କମିଟି ଗଠନ ଆଦି ବିଷୟରେ ଆଲୋଚନା କରିଥିଲେ । ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଭୋଇ ଏହି ଜୋନର ଲଇତରା ମେଘା ପ୍ରୋଜେକ୍ଟ, ରେତନଦୀରେ ଆଡିବନ୍ଧ ନିର୍ମାଣ, ଜଳସେଚନ ଆଦି ବିଭିନ୍ନ ସମସ୍ୟାର ଯଥାଶୀଘ୍ର ସମାଧାନ କରିବାକୁ ହାଉସିଂ ବୋର୍ଡ ଅଧ୍ୟକ୍ଷ ଓ ବିଧାୟକଙ୍କ ନିକଟରେ ଦାବି ଜଣାଇଥିଲେ । ଜୋନ ନଂ. ୨ର ୮ଟି ପଞ୍ଚାୟତର ବିଜେଡିର ୮ଜଣ ନୂତନ ସଭାନେତ୍ରୀଙ୍କୁ ଅତିଥି ଗଣ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

## ମାଳୀ ସମାଜର ଜିଲାସ୍ତରୀୟ ସମ୍ମିଳନୀ

ଜୟପାଟଣା,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମପଞ୍ଚାୟତ ବାବା ମଠରେ ମାଳୀ ସମାଜର ସଭାପତି ଲକ୍ଷ୍ମୀକାନ୍ତ ନାଏକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ସମ୍ପାଦକ ପବିତ୍ର ପଟେଲ, କୋଷାଧ୍ୟକ୍ଷ ଜଗ ଜୀବନ ନାଏକ, ଦୁର୍ଯ୍ୟୋଧନ ପଟେଲ, ଅଚ୍ୟୁତ ପଟେଲ, ମୁକୁନ୍ଦ ପଟେଲ, ମଜସା ପଟେଲ, ମସ୍ତରାମ ପଟେଲ ପ୍ରମୁଖ ଉପସ୍ଥିତ ରହି ମାଳି ସମାଜରେ ନାରୀମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ପରେ ସମାଜ ତରଫରୁ ମା' କୋଶଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପାଇଁ ଆଲୋଚନା ହୋଇଥିଲା । ମନ୍ଦିର ସ୍ଥାପନ ପାଇଁ ସର୍ଗିଗୁଡ଼ା ଗରିଧାରି ପଟେଲ ୧ ଏକର ୧୦ ଡେସିମିଲ ଜମି ପ୍ରଦାନ ପାଇଁ ସହମତି ପ୍ରକାଶ କରିଥିଲେ । ଅଚ୍ୟୁତ୍ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଣେରେ ଦାଦନ ଶ୍ରମିକ ମୃତ, ଗାଁକୁ ଆସିପାରୁନି ମୃତଦେହ

ସେରଗଡ଼,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭାନପୁର ପଞ୍ଚାୟତ କମେଗାଁର ଦାଦନ ଶ୍ରମିକ ସୁଦାମ ମାଝି (୨୩)ଙ୍କ ପୁଣେଠାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ୬ ଦିନ ହେଲା ସେଠାର ଏକ ଘରୋଇ କମ୍ପାନୀରେ ମରଶରୀର ପଡି ରହିଥିବା ବେଳେ ଗାଁକୁ ଫେରିପାରୁ ନହିଁ । ବହୁ ଦିନରୁ ପିତାମାତାଙ୍କୁ ହରାଇଥିବା ସୁଦାମଙ୍କ ମୃତ୍ୟୁ ଘଟିବା ଖବର ଜଣାପଡିବା ପରେ ଅଞ୍ଚଳରେ ଶୋକାର ଛାୟା ଖେଳିଯାଇଛି। ସୁଦାମଙ୍କ ମୃତ୍ୟୁ କିପରି ହେଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ । ସୂଚନା ମୁତାବକ ନର୍ଲା ବ୍ଲକ ଅଧୀନ ଭାନପୁର ପଞ୍ଚାୟତ କମେଗାଁର ସୁଦାମ ଗତ ନୂଆଁଖାଇ ପରେ ଦାଦନ ଖଟିବାକୁ ପୁଣେକୁ ଯାଇଥିଲେ। ସ୍ଥାନୀୟ ଜଣେ ଦଲାଲ ତାଙ୍କୁ ପୁଣେ ନେଇଯାଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୁଦାମ ପୁନାରେ କାମ କରୁଥିବା ବେଳେ ଗତ ୧୮



ମୃତ ସୁଦାମର ଫାଇଲ ଫଟୋ ।

ତାରିଖରୁ ନିଖୋଜ ହୋଇଯାଇଥିଲେ । ସେ ଘରକୁ ଯାଇଛି କି ବୋଲି ତାଙ୍କ ଗାଁ ସାଙ୍ଗ ସୁବାସ ଫୋନ୍‌ରେ ପଚାରିଥିଲେ। ପରିବାର ଲୋକେ ଘରକୁ ଆସି ନ ଥିବା କହିଥିଲେ। ୧୯ ତାରିଖରେ ଦାଦନ ଦଲାଲଙ୍କୁ ଫୋନ୍ କରିବାରୁ ତୁମ ପିଲାଙ୍କ ମୃତଦେହ ମିଳିଲେ ୨ ଲକ୍ଷ ଟଙ୍କା ତୁମକୁ ଦିଆଯିବ ବୋଲି ସେ କହିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ତେବେ ସୁଦାମ ମରିଯାଇଥିବା ଖବର ଆଜି ସେ ଫୋନ ମାଧ୍ୟମରେ ପରିବାର ଲୋକଙ୍କୁ ଜଣାଇଥିଲେ। ଗତ ୧୮ ତାରିଖରୁ ସୁଦାମଙ୍କ ମୃତ୍ୟୁ ଘଟିଥିବା ସେଠାରେ ଥିବା ତାଙ୍କ ସାଥୀମାନେ ସୂଚନା ଦେଇଛନ୍ତି। ପାଣି ଟାଙ୍କିରେ ସୁଦାମଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଛି ବୋଲି ସେମାନେ କହିଛନ୍ତି । ଅନ୍ୟପକ୍ଷରେ ଘଟଣାସ୍ଥଳରେ ପୁନା ପୋଲିସ ଉପସ୍ଥିତ ଥିବା ବେଳେ ମୃତଦେହ ଆଣିବାର କୌଣସି ବ୍ୟବସ୍ଥା ହୋଇ ନ ଥିବା ପରିବାର ଲୋକେ କହିଛନ୍ତି । ଅନ୍ୟପକ୍ଷେ ପରିବାରବର୍ଗ ମୃତଦେହ ଆସିବା ବାଟ ଚାହିଁ ରହିଛନ୍ତି । ସମ୍ପୃକ୍ତ ପରିବାର ଗରୀବ ହୋଇଥିବାରୁ ମୃତଦେହ ଆଣିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି । ଜିଲାପାଳ ଏହାକୁ ଗୁରୁତ୍ୱ ସହ ନେଇ ସମ୍ପୃକ୍ତ ଦାଦନଙ୍କ ମୃତ୍ୟୁ କିପରି ହେଲା ତାହାର ଅନୁସନ୍ଧାନ କରିବା ସହିତ ମୃତଦେହ କିପରି ପୁଣେରୁ ଆସିବ ତାହାର ବନ୍ଦୋବସ୍ତ କରିବାକୁ ଦାବି ହୋଇଛି ।

ଧର୍ମଗଡ଼ଠାରେ କଂଗ୍ରେସର ବିକ୍ଷୋଭ ସମାବେଶ

# ଉପଜିଲାପାଳଙ୍କ ଅଫିସ ଘେରାଉ

ଧର୍ମଗଡ,୨୪।୧୨(ଡି.ଏନ.ଏ.)



ସ୍ଥାନୀୟ ପଞ୍ଚାୟତ ପଡିଆଠାରେ ଆୟୋଜିତ ସମାବେଶରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳୀ।

- ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫ ଶହ ଟଙ୍କାକୁ ବୃଦ୍ଧି
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫ ଶହ ଟଙ୍କାକୁ ବୃଦ୍ଧି ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ ଦାବି କରି ସୋମବାର କଳାହାଣ୍ଡି ଜିଲା ଧର୍ମଗଡଠାରେ କଂଗ୍ରେସ ପକ୍ଷରୁ ଉପଜିଲାପାଳଙ୍କ ଅଫିସ ଘେରାଉ କରାଯାଇଛି । ଏହି ଅବସରରେ ଏକ ବିକ୍ଷୋଭ ରାଲି ସହର ପରିକ୍ରମା କରି ଉପଜିଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲା। ପରେ ୪ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ପଞ୍ଚାୟତ ପଡିଆଠାରେ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଭାରତ ବେମାଲଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଆୟୋଜିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ ଯୋଗଦେଇ ରାଜ୍ୟ ଏବଂ କେନ୍ଦ୍ର ସରକାର ସବୁବେଳେ ଓଡିଶାର ନୀରିହ ଜନସାଧାରଣଙ୍କୁ ଭୂଆଁ ବୁଲାଇଆସୁଛନ୍ତି । ଚାଷୀ ଆଜି ନିଜର କଷ୍ଟ ଉପାର୍ଜିତ ଧାନ ମଧ୍ୟ ବିକି ପାରୁନାହିଁ । ଶେଷରେ ବାଧ୍ୟ ହୋଇ ବହୁ କମ ଦରରେ ଦଲାଲ ହାତରେ ଟେକି ଦେଉଛି । ଯାହାଦ୍ୱାରା କି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇ ପଡୁଛି ବୋଲି ଅଭିଯୋଗ କରିଛନ୍ତି । ଏଥିସହ ଆଜି ସମଗ୍ର ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢି ଚାଲିଥିବା ବେଳେ ଆଜି ପର୍ଯ୍ୟନ୍ତ କଳାହାଣ୍ଡିରେ ୨ ଶହରୁ ଉର୍ଦ୍ଧ୍ୱ ଚାଷୀ ଆତ୍ମହତ୍ୟା କରିସାରିଲେଣି ତଥାପି ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି କହିଛନ୍ତି। ଆଗାମୀ ଦିନରେ ଯଦି ଏହି ସମସ୍ୟାର ସମାଧାନ କରା ନ ଗଲେ ଦଳ ତରଫରୁ ସମଗ୍ର ରାଜ୍ୟରେ ହରତାଲ କରାଯିବ ବୋଲି ଚେତାବନୀ ଦେଇଥିଲେ । ପଡୋଶୀ ଛତିଶଗଡରେ ଧାନ ମୂଲ୍ୟ ୨୫ ଶହ ଟଙ୍କ ହୋଇଥିବା ବେଳେ ଓଡିଶା ସରକାର କାହିଁକି ଏହି ମୂଲ୍ୟ ବଢାଇପାରିବେ ନାହିଁ ବୋଲି ପ୍ରଶ୍ନ କରଥିଲେ। ସେହିପରି ରାଜ୍ୟ ସରକାର ବର୍ତ୍ତମାନ ଘୋଷଣା କରିଥିବା କାଳିଆ ଯୋଜନାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଏହି ଯୋଜନା ଦ୍ୱାରା ଚାଷୀ କେବେ ବି ଉପକୃତ ହୋଇପାରିବେ ନାହିଁ ବୋଲି ମଧ୍ୟ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଜିଲା କିଷାନ କଂଗ୍ରେସ ସଭାପତି ସଚ୍ଚିଦାନନ୍ଦ ମହାଖୁଡ, ଜିଲା କଂଗ୍ରେସ ପ୍ରଭାରୀ ଅଜିତ ଦାସ, ବରିଷ୍ଠ ନେତା ସରୋଜ ପଣ୍ଡା, ଜିଲା ସମ୍ପାଦକ ଦିଗାମ୍ବର ଦୁରିଆ, ପିସିସି ସଭ୍ୟ ତୁଷାର ପାଙ୍ଗଯୋଷୀ, ପିସିସି ସଭ୍ୟ ତରୁଣ ମାଝି, ଘନଶ୍ୟାମ ଅଗ୍ରୱାଲ, ସୁରେଶ ଅଗ୍ରୱାଲ, ସନ୍ତୋଷ ପାଢୀଙ୍କ ସମେତ ବିଭିନ୍ନ ବ୍ଲକରୁ ବହୁ ନେତା, କର୍ମୀ ଏବଂ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ। ଏହି ଦାବି ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା ୧ ହଜାର ଟଙ୍କାକୁ ବୃଦ୍ଧି, ପେଥାଇ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତି ପୂରଣ ପ୍ରଦାନ ଏବଂ ଚାଷୀମାନଙ୍କୁ ସାର, ବିହନ, ପୋକମରା ଔଷଧ ତଥା କୃଷି ଉପକରଣ, ରିହାତି ଦରରେ ବିଜୁଳି ଯୋଗାଇ ଦେବାକୁ ଦାବି କରାଯାଇଥିଲା।

ପ୍ରାଣୀ ସମ୍ପଦ ବିଭାଗର ଭୂମିକାକୁ ନେଇ ପ୍ରଶ୍ନବାଚୀ

# ଅଜଣା ରୋଗରେ ମଲେଣି ଶତାଧିକ ଛେଳି

ଲାଞ୍ଜିଗଡ଼,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କାନକୁଟ୍ରୁ ପଞ୍ଚାୟତ ପାଇକବୋରି ଗାଁରେ ଅଜଣା ରୋଗରେ ଛେଳି ମୃତ୍ୟୁ ଘଟିବା ଘଟଣା ଏବେ ନଜରକୁ ଆସିଛି । ସପ୍ତାହେ ମଧ୍ୟରେ ଶତାଧିକ ଛେଳି ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ପ୍ରଥମେ ପାଟିରୁ ଫେଣ ବାହାରୁଛି ଆଉ ତାପରେ ପତଳାଝାଡ଼ା। ବେଶ୍ କିଛି ସମୟ ଏପରି ଲାଗି ରହିବା ପରେ ଶ୍ୱାସରୁଦ୍ଧ ହୋଇ ଛେଳି ଓ ମେଣ୍ଢାଙ୍କ ମୃତ୍ୟୁ ଘଟୁଛି । ଆଜି ପର୍ଯ୍ୟନ୍ତ ଶତାଧିକ ଛେଳିଙ୍କ ମୃତ୍ୟୁ ଘଟିଥିବା ବେଳେ ଅଜଣା ରୋଗରେ ଛେଳି ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ଚିନ୍ତାରେ ପଡ଼ିଛନ୍ତି । ସପ୍ତାହେ ମଧ୍ୟରେ ପାଇକବୋରି ଗାଁର ରସିଆ ନାଗଙ୍କ ୧୪ଟି, କାହ୍ନୁ ବିଭାରଙ୍କ ୮ଟି, ଅସାରୁ ନାଗ, କୁମ୍ଭଧନ ନାଗ ଓ କୁଶ ସୁନାଙ୍କ ୪ଟି ଲେଖାଏଁ ଛେଳି, ଧନୁର୍ଯ୍ୟ, ସୁରେନ୍ଦ୍ର, ପୀତବାସ ନାଗଙ୍କ ଦୁଇଟି ଲେଖାଁଏ ଓ କାନକୁଟ୍ରୁ ଗାଁର ଶୁକ୍ରୁ ମାଝିଙ୍କ ୪ଟି ଛେଳି ଏହି ରୋଗରେ



ମୃତ ଛେଳିକୁ ପୋତିବାକୁ ନିଆଯାଉଛି।

ମୃତ୍ୟୁବରଣ କରିଥିବା ଜଣାପଡିଛି । ସେହିପରି ବ୍ଲକର ଆଉ କିଛି ଅଞ୍ଚଳରେ ମଧ୍ୟ ଅଜଣା ରୋଗରେ ଛେଳିଙ୍କ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି । ଏହି ସମୟରେ ଲାଞ୍ଜିଗଡ଼ ବ୍ଲକ ପ୍ରାଣୀ ସମ୍ପଦ ବିଭାଗର ନିଷ୍କ୍ରିୟତାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । କାନକୁଟ୍ରୁ ପଞ୍ଚାୟତ ଦାୟିତ୍ୱରେ ଥିବା ପ୍ରାଣୀଧନ ନିରୀକ୍ଷକ ଅଶୋକ ପାତ୍ର ପ୍ରଭାବିତ ଅଞ୍ଚଳକୁ ଗସ୍ତ କରିଥିଲେ ହେଁ ରୋଗର ଚିହ୍ନଟ କରାଯାଇ ପାରିନାହିଁ। ଏପରି କି ଲୋକେ ନିଜର ଛେଳିମେଣ୍ଢାକୁ ଟୀକାକରଣ କରାଉ ନ ଥିବାରୁ ଏପରି ହେଉଥିବା ପାତ୍ର ପ୍ରକାଶ କରିଛନ୍ତି । ତେବେ ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି । ବିବାହ କିମ୍ବା ଅନ୍ୟ କୌଣସି ଉତ୍ସବ ତଥା ମାଂସର ଚାହିଦା ମେଣ୍ଟାଇବାକୁ ଯାଇ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗାଁଗ ହଳିର ଲୋକେ ନିଜ ଘରେ ଛେଳି ପାଳନ କରିଛନ୍ତି ।



ପିତାମାତାଙ୍କର ସ୍ନେହ, ସନ୍ତାନ ପାଇଁ ସବୁଠାରୁ ମୂଲ୍ୟବାନ ବସ୍ତୁ।

- ଶାରଳା ଦାସ

## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ଶିବିର

ବ୍ରଜରାଜନଗର,୨୪।୧୨ (ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମହାବିଦ୍ୟାଳୟରେ ସୋମବାର ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ବକ୍ସିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ଉପଦେଷ୍ଟା ଡ. ବିନନ କୁମାର ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ୨୦୧୩-୧୪ ବର୍ଷରୁ କଲେଜର ୧୦୯୦ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ଦିଆଯାଇଥିବା ବେଳେ ଚଳିତବର୍ଷ ୫ଶହ ଛାତ୍ରୀଙ୍କୁ ତାଲିମ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଧାପିକା ଓ ଅଧାପକମାନେ ସହଯୋଗ କରିଥିଲେ।

### ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ପାଇକମାଳ, ୨୪।୧୨(ଡି.ଏନ.ଏ): ପାଇକମାଳ ଥାନା ମିଠାପାଲି ପଞ୍ଚାୟତ ମନଭଙ୍ଗ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସୋମବାର ପୋଲିସ ଉଦ୍ଧାର କରିଛି । ମୃତକ ହେଲେ ମିଠାପାଲି ଗ୍ରାମର ବିଜୟ କୁମାର ସେଠ (୪୫) । ପାଇକମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୦୧୮) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି। ଗତ ୧୯ ତାରିଖରୁ ବିଜୟ ଘରୁ କୁଆଡେ ପଳାଇ ଯାଇଥିବା ପରିବାର ଲୋକେ କହିଛନ୍ତି ।



ଅତିଥିଙ୍କ ଗହଣରେ ବିଜୁ ଯୁବବାହିନୀ ସଦସ୍ୟ।

# କୁମର ଗ୍ରାମରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ଲଖନପୁର,୨୪।୧୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅତାବିରା ପଞ୍ଚାୟତ କୁମର ଗ୍ରାମରେ ସୋମବାର ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ପି ଡ. ପ୍ରଭାସ ସିଂହ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅନୁପ ସାଏ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନଳିନୀ ସିଂହ, ପୂର୍ବତନ ସମରବଗା ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ସାହୁ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି, ପୀତାମ୍ବର ମିଶ୍ର, ଚାରପାଲି ସରପଞ୍ଚ ପ୍ରଦୀପ ବିଶ୍ୱାଳ, ମନୋରଞ୍ଜନ ମିଶ୍ର, ପଦ୍ମଲୋଚନ ଭୋଇ, ସୌକିଲାଲ ସା, ଲୋକେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଅତାବିରା ସରପଞ୍ଚ ସଞ୍ଜିତ ପ୍ରଧାନ ସଭା ପରିଚାଳନା କରିଥିଲେ। ବିଜୁ ଯୁବବାହିନୀ ସଭାପତି ଦୀନବନ୍ଧୁ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ସରକାରଙ୍କ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ସେହିଭଳି ବିଜୁ ଯୁବବାହିନୀ ଗଠନ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ। ବିଜୁ ଯୁବବାହିନୀ ସମାଜ ପାଇଁ କାର୍ଯ୍ୟ କରୁଛି। ଏହାକୁ ସମାଲୋଚନା ନ କରି ପ୍ରୋତ୍ସାହିତ କଲେ କର୍ମୀମାନଙ୍କ ମନୋବଳ ବୃଦ୍ଧି ପାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଞ୍ଚାୟତର ଯୁବ କଳାକାରଙ୍କୁ ନେଇ ନୃତ୍ୟ, ସଙ୍ଗୀତ, କମେଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୃତ୍ୟରେ ଶ୍ରୀୟା ଖଡ଼ିଆ ପ୍ରଥମ, ସସ୍ମିତା ଗ୍ରୁପ୍ ଦ୍ୱିତୀୟ, ପ୍ରତିଭା ପ୍ରଧାନ ତୃତୀୟ, ସଙ୍ଗୀତରେ ଝମ୍ପି କାଲୋ ପ୍ରଥମ, ମିତା ଭୋଇ ଦ୍ୱିତୀୟ, ଲିପି ଭୋଇ ତୃତୀୟ, କମେଡିରେ ପପୁ ଗ୍ରୁପ୍ ପ୍ରଥମ, ଓମ୍ ଗ୍ରୁପ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବିଜୁ ଯୁବବାହିନୀ ସଭାପତି ଦୀନବନ୍ଧୁ ବିଶ୍ୱାଳ, ସମ୍ପାଦକ ସଞ୍ଜିତ କୁମାର ସା, ମୀନକେତନ ସା, ଅଶୋକ ସା, ସନତ ବିଶ୍ୱାଳ, ସୁଧାଂଶୁ ତ୍ରିପାଠୀ, ଶିଶୁକାନ୍ତ ଧୁରୁଆ, ନରେଶ ସା, ଅର୍ଜୁନ ଭଇଁସାଲ ଓ ଲକ୍ଷ୍ମଣ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାତି ଦହିଖିଆ ଜରକୁ**
**ଏକୁଟିଆ ଘର ଚୋରକୁ**
**କନିଆଁ ମାଇପ ପରକୁ**
**ଆଷାଢ଼ ମାସରେ ବିହନ ବୁଣିଲେ**
**ନ ଅଣ୍ଟଇ ରାଜା କରକୁ ।**

ରାତିରେ ଦହି ଖାଇଲେ ଜ୍ୱର ହୋଇଥାଏ। ଗାଁମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସର୍ବଦା ଆଖେଇଥାଏ। ସ୍ୱଳ୍ପ ବୟସ୍କା ବିବାହିତା କନ୍ୟା ସମୟକ୍ରମେ ପରପୁରୁଷର ପ୍ରୀତିରେ ମଜି ରହିବାର ଆଶଙ୍କା ରହିଥାଏ। ସେହିପରି ଆଷାଢ଼ ମାସରେ ବିହନ ବୁଣିଲେ ଚାଷରୁ ସେତେ ଭଲ ଉପାର୍ଜନ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ରଜା ଖାଉଥାଏ ରସଗୋଲା**
**ଯା'ର ହେଲା ଦି' ମାଇପ**
**ସେ ଜିଇଁ ଥାଉଁ ଥାଉଁ ମଲା ।**

ଦି' ନାଆରେ ଗୋଡ଼ଦେଲେ ପରିଣତି ସାଂଘାତିକ ହୋଇଥାଏ। ସେହିପରି ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ପରବର୍ତ୍ତୀ ସମୟରେ ଅନେକ ଦୁର୍ଦ୍ଦଶା ଭୋଗ କରିବାକୁ ବାଧ୍ୟ ହୋଇଥାନ୍ତି। ଦୁଇସ୍ତ୍ରୀର ମନ ନେଇ ଚଳି ନ ପାରିବା କାରଣରୁ ପରିଣତି ବା ଅବସ୍ଥା ଅନେକ ସମୟରେ ଅଣାୟତ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ବେଣୁଧର ନାଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କଲିକତାକୁ ହରାଇ କଟକ ଚାମ୍ପିୟନ

ଟେନସା, ୨୪।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୋଇଡା ମିନିଷ୍ଟାଡିୟମଠାରେ ୩ଦିନ ଧରି ଚାଲିଥିବା ସର୍ବଭାରତୀୟ ବେଣୁଧର ନାଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବଣାଇଁର ପୂର୍ବତନ ବିଧାୟକ ତଥା ଆଦିବାସୀ ନେତା ସ୍ୱର୍ଗତ ବେଣୁଧର ନାଏକଙ୍କ ନାମରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ହୋଇଛି। କୋଇଡା ସନରାଇସ କ୍ଲବ ଆନୁକୂଲ୍ୟରେ ଭାରତର ନାମିତାରକା ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଶେଷ ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ କଟକ (ମାତା ଦଧିମତି ମେଟାଲ ଆଣ୍ଡ ମିନେରାଲ) ବନାମ ବରସାତ ୟୁନାଇଟେଡ୍ କ୍ଲବ କଲିକତା (କୋଇଡା ୟୁଥ କ୍ଲବ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୨-୦ ଗୋଲରେ କଟକ ବିଜୟ ହୋଇଥିଲା । ଏହି ଶେଷ ମ୍ୟାଚରେ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ସମ୍ମାନିତ ଅତିଥି ଭାବେ ବଣାଇଁ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଏସପି ମିନେରାଲର ନିର୍ଦ୍ଦେଶକ ଦେବନାରାୟଣ ସାହୁ, ବେଣୁଧର ନାଏକଙ୍କ ସହଧର୍ମିଣୀ ସାବିତ୍ରୀ ନାଏକ, ଜିଲା ପରିଷଦ ସଭ୍ୟା ମିତାରାଣୀ ନାଏକ, କୋଇଡା ବିଜେଡି ବ୍ଲକ ସଭାପତି ରବିନାରାୟଣ ମିଶ୍ର, କୋଇଡାର ପୂର୍ବତନ ଉପଚେୟାରମ୍ୟାନ୍ ତଥା ବିଜେଡି ଯୁବନେତା ଦିବାକର ନାଏକ, ମାତା ଦଧିମତି ମେଟାଲ ଆଣ୍ଡ ମିନେରାଲ ପରିଚାଳନ ଦିଲୀପ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଲୋକଙ୍କ ମନୋରଞ୍ଜନ ପାଇଁ ଏକ ମହିଳା ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ନିତା ଆମ୍ବାନି ଏକାଡେମୀ ଭୁବନେଶ୍ୱର ବନାମ ଏନଏଫସି କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିତା ଆମ୍ବାନି ପେନାଲଟି ମାଧ୍ୟମରେ ବିଜୟ ହୋଇଥିଲା । ପ୍ରଥମେ ଅତିଥିମାନେ ସ୍ୱର୍ଗତ ବେଣୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଜେତା ଦଳକୁ ୭୦ ହଜାର ଟଙ୍କା ସହ ଟ୍ରଫି, ଉପବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍କୋରର, ଡିଫେଣ୍ଡର, ଗୋଲ କିପର, ଶ୍ରେଷ୍ଠ ଦଳକୁ ପୁରସ୍କୃତ କରାଯାଇଥିଲା। କାଶିରା ଗ୍ରାମପଞ୍ଚାୟତର ସରପଞ୍ଚ ରାଣୀ ଲୋହାରଙ୍କ ପକ୍ଷରୁ ମହିଳା ଦଳ ଖେଳାଳିଙ୍କୁ ଗୋଟିଏ ଲେଖାଏଁ ସାଇକଲ ପୁରସ୍କୃତ କରାଯାଇଥିଲା । ସେହିପରି ଅମ୍ବିକା ମୋବାଇଲ କୋଇଡା ତରଫରୁ ସମସ୍ତ ଉଭୟ ମହିଳା ଖେଳାଳିଙ୍କୁ ମୋବାଇଲ ଫଟ ଷ୍ଟାଣ୍ଡ ପ୍ରଦାନ କରାଯାଇଥିଲା । ସମସ୍ତ ଖେଳକୁ ଖେଳର ଆୟୋଜକ ଅଶୋକ ନାଏକ, ସନରାଇସ କ୍ଲବର ସଭାପତି ଛୋଟରାୟ ନାଏକ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ ।



ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କ ସହ ଅତିଥି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଡ଼ା ପଦକ୍ଷେପ

# ଅଗ୍ରସେନ ସ୍ପଞ୍ଜ ଆଇରନ କାରଖାନାକୁ ବନ୍ଦ ନିର୍ଦ୍ଦେଶ

ସୁନ୍ଦରଗଡ଼,୨୪।୧୨(ଡି.ଏନ୍.ଏ.)

ବାୟୁ ପ୍ରଦୂଷଣ ଆଇନ୍‌କୁ ଠିକ୍ ଭାବେ ପାଳନ କରିବାରେ ଅବହେଳା ଯୋଗୁ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକର ମାଣ୍ଡିଆକୁଦରସ୍ଥିତ ମେସର୍ସ ଅଗ୍ରସେନ ସ୍ପଞ୍ଜ ପ୍ରାଇଭେଟ ଲିମିଟେଡକୁ ବନ୍ଦ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୋମବାର ବୋର୍ଡ ପକ୍ଷରୁ ଚିଠିସଂଖ୍ୟା ୧୫୩୦୩ ତା ୨୪ ।୧୨।୨୦୧୮ ରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ସମସ୍ତ ଷ୍ଟିଲ ଓ ସ୍ପଞ୍ଜ କାରଖାନା ଗୁଡିକପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ କାରଖାନାରେ ସମସ୍ତ ପ୍ରକାର ଆନୁସାଙ୍ଗିକ ବ୍ୟବସ୍ଥା ଓ ପରିଚାଳନା ପାଇଁ ଅନଲାଇନ୍ ମନିଟରିଂ ସିଷ୍ଟମ କରାଯିବା ପାଇଁ ଗତ ଅଗଷ୍ଟ ୭ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆଦେଶ କରାଯାଇଥିଲା । ମାତ୍ର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଭୁବନେଶ୍ୱର ମୁଖ୍ୟାଳୟର ଏକ ସ୍ୱତନ୍ତ୍ର ଟିମ୍ ଗତ ଡିସେମ୍ବର ୫ ତାରିଖରେ ଅଗ୍ରସେନ ସ୍ପଞ୍ଜ କାରଖାନାକୁ ଅଚାନକ ପରିଦର୍ଶନ କରି ନିୟମ ମୁତାବକ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଯେଉଁ ଆନୁସଙ୍ଗିକ ବ୍ୟବସ୍ଥା ରହିବା କଥା ତାହା ସନ୍ତୋଷଜନକ ନ ଥିବା ଏହି ଟିମ ଜାଣିବାକୁ ପାଇଥିଲେ । ବାୟୁ ପିସିବି ଆକ୍ଟ ୧୯୮୧କୁ କାର୍ଯ୍ୟକାରୀ କରିବାରେ ସଂପୃକ୍ତ କାରଖାନା କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରୁଥିବା ନେଇ ବୋର୍ଡ ଜାଣିବାକୁ ପାଇଥିଲା । ଏହି କାରଖାନାରୁ ଉତ୍ପାଦନକୁ ବନ୍ଦ ରଖିବା ପାଇଁ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ଏହି ନିର୍ଦ୍ଦେନାମା ଜାରି କରାଯାଇଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

ଘରେ ବସି SMS JOB
Mobile Telecom କମ୍ପାନୀରେ ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ
15000 ରୁ 35000 ମାସିକ
ଏହା ସହିତ ଲାପ୍‌ଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ
କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397
8084682610

FINANCE
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗୃହଋଣ ମାତ୍ର ୨୪ ଘଣ୍ଟାରେ । 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336
9114377090

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 18001200025563
Ansal Bhavan, Connaught Place, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ

ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9897037205

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ

ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।

ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ବୁଲେଟଠାରୁ ଭୋଟ୍‌ର ବଳ ଅଧିକ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ମହିମା ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୨୪।୧୨–** ରବିବାର ସନ୍ଧ୍ୟାରେ ସେକ୍ଟର-୬ସ୍ଥିତ ମହିମା ବିଦ୍ୟାମନ୍ଦିରର ୨୩ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିର ସଞ୍ଚାଳକ ସାଧୁ କରୁଣାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରୋଟାରି ଜିଲା ଗଭର୍ନର ସୁନୀଲ କାୟଲ, ରୋଟାରି ସଦସ୍ୟ ଦେବାଶିଷ ପଟ୍ଟନାୟକ ଓ ବିଜେଡି ନେତା ସୁଧୀର ସୁନ୍ଦରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ତରାଇ ନିଜ ବକ୍ତବ୍ୟରେ ମହିମା ଆଶ୍ରମ ଦ୍ୱାରା ପରିଚାଳିତ ଏହି ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା ଜ୍ଞାନ ବେଶ ଉଚ୍ଚକୋଟୀର ବୋଲି କହିବା ସହ ଭବିଷ୍ୟତରେ ଏହା ଅଧିକ ଉନ୍ନତି କରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ବଂଶୀଧର ଦାସ, ପ୍ରମୋଦ ନାୟକ, କୈଳାସ ଲେଙ୍କା, ସୁବାସ ଲେଙ୍କା, ରାଜେନ୍ଦ୍ର ସାମଲ, ସାରଙ୍ଗଧର ସ୍ୱାଇଁଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

■ ବିତିଲା ୩ ବର୍ଷ, ମିଳୁନି ବଜ୍ରପାତ ଜନିତ କ୍ଷତିପୂରଣ

# ମୂଲ ଲାଗି ଚାଲୁଛନ୍ତି ଶିକ୍ଷିତା ଆଦିବାସୀ ଝିଅ

**ରାଉରକେଲା ଅଫିସ,୨୪।୧୨**

ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ ଉପର ବାଲିଯୋଡ଼ି ଅଞ୍ଚଳର ସ୍ୱର୍ଗତ ବନ୍ଧୁ ଓରାମଙ୍କ ସ୍ତ୍ରୀ ମାଙ୍ଗ୍ରି ଓରାମ (୪୦)ଙ୍କର ୨୦୧୫ ଜୁଲାଇ ୭ରେ ବଜ୍ରପାତରେ ମୃତ୍ୟୁ ହୋଇଥିଲା। ମାଙ୍ଗ୍ରି ଘର ପାଖ ଧାନ ବିଲରେ କାମ କରୁଥିବାବେଳେ ବଜ୍ରାଘାତ ହୋଇଥିଲା। ବଜ୍ରପାତ ଜନିତ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସହାୟତା ରାଶି ଘୋଷଣା କରାଯାଇଥିବାବେଳେ ଆଜିପର୍ଯ୍ୟନ୍ତ ମାଙ୍ଗ୍ରି ଓରାମଙ୍କ ପରିବାରକୁ ତାହା ମିଳିନାହିଁ। ବୀରକେରା ଡାକ୍ତରଙ୍କ ଦ୍ୱାରା ପ୍ରଦତ୍ତ ମୃତ୍ୟୁଜନିତ ପ୍ରମାଣପତ୍ର ସହ ଅନ୍ୟ ଆନୁଷଙ୍ଗିକ କାଗଜପତ୍ର ଦାଖଲ କରାଯାଇଥିବା ସତ୍ତ୍ୱେ ସହାୟତା ମିଳିବା ସମ୍ଭବ ହୋଇନାହିଁ। ମାଙ୍ଗ୍ରିଙ୍କ ସ୍ୱାମୀ ବନ୍ଧୁ ବହୁ ପୂର୍ବରୁ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ଏବେ ପରିବାରରେ ତାଙ୍କର ଏକମାତ୍ର ପୁଅ



ବଜ୍ରପାତରେ ମୃତ୍ୟୁବରଣ କରିଥିବା ମାଙ୍ଗ୍ରି ଓରାମଙ୍କ ଝିଅ ସୁକାନ୍ତୀ ଓ ପୁଅ ସୁଶିଲ।

ସୁଶିଲ (୨୨), ଝିଅ ସୁକାନ୍ତୀ (୨୦) ଅଛନ୍ତି। ସୁକାନ୍ତୀ ଯୁକ୍ତ ୩ ପଢ଼ିବା ପରେ ଅର୍ଥାଭାବରୁ ଭାଇଙ୍କ ସହ ମିଶି ମୂଲମଜୁରି କରୁଛନ୍ତି। ଉଭୟଙ୍କ ମଧ୍ୟରୁ ଜଣେ ଦିନେ କାମକୁ ନ ଗଲେ ଘରେ ଚୁଲି ଜଳୁନି। ଏପରି ଅବସ୍ଥାରେ ସୁକାନ୍ତୀଙ୍କୁ ଅଧିକ ପାଠ ପଢ଼ାଇବାକୁ ଆଶା ରଖିଥିବା ସୁଶିଲ ନିରାଶ ହୋଇପଡ଼ିଛନ୍ତି। ବାପାଙ୍କ ନାମମାତ୍ର ଚାଷଜମି ଉପରେ ନିର୍ଭର କରି ଭାଇ ଭଉଣୀଙ୍କ ଚଳିବା ଏବେ କଷ୍ଟକର ହେଲାଣି। ବାପା ରୋଗରେ ଓ ମା' ବଜ୍ରପାତର ମୃତ୍ୟୁବରଣ କରିବା ପରେ ସୁକାନ୍ତୀଙ୍କୁ ବାହାଦେବା ଚିନ୍ତାରେ ସୁଶିଲ ଭାଙ୍ଗିପଡ଼ିଛନ୍ତି। ବଜ୍ରପାତ ଜନିତ ସହାୟତା ଅର୍ଥ ମିଳିଥିଲେ ଅନ୍ତତଃ ସୁକାନ୍ତୀଙ୍କ ବିବାହ ସମ୍ପନ୍ନ ହୋଇପାରନ୍ତା ବୋଲି ସୁଶିଲ କହିଛନ୍ତି। ଏବେ ମୂଲମଜୁରି କରିବା ଛଡ଼ା ଆମ ପାଖରେ ବିକଳ୍ପ ନାହିଁ। ଜିଲା ପ୍ରଶାସନ ଦୃଷ୍ଟି ଦେଲେ ସହାୟତା ରାଶି ପରିବାରକୁ ସହାୟକ ହୋଇପାରନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପଡ଼ୋଶୀ ତଥା ପୂର୍ବତନ ସରପଞ୍ଚ ଚମ୍ପୁ ଖାଲକୋ କହିଛନ୍ତି, ବଜ୍ରପାତଜନିତ ସହାୟତା ରାଶି ପାଇବାକୁ ଭଉଣୀ, ଭାଇ ନାକେଦମ ହେଲେଣି। ଇତିମଧ୍ୟରେ ୩ ବର୍ଷ ବିତିଲାଣି। ଆଉ କେତେଦିନ ଭିତରେ ଏହି ସହାୟତା ରାଶି ମିଳିବ, ତାହା ସନ୍ଦେହ ସୃଷ୍ଟି କରିଛି। ଯଦି ଏହି ଅବସ୍ଥା ଲାଗି ରହେ ତେବେ ଶିକ୍ଷିତ ସୁକାନ୍ତୀ ବାହା ନ ହୋଇ ଜୀବନସାରା କ'ଣ ମୂଲମଜୁରି କରି ଚଳିବେ କି ବୋଲି ଖାଲକୋ ପ୍ରଶ୍ନ କରିଛନ୍ତି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଏଆଇଟିୟୁସି ସମେତ ୩ ସଂଗଠନ ପକ୍ଷରୁ ନୋଟିସ

# ଜାନୁୟାରୀ ୮ରୁ ସର୍ବଭାରତୀୟ ଧର୍ମଘଟ

**ରାଉରକେଲା ଅଫିସ,୨୪।୧୨**

ଶ୍ରମିକଙ୍କ ବିଭିନ୍ନ ଦାବି ନେଇ ଆସନ୍ତା ଜାନୁୟାରୀ ୮ ଓ ୯ ତାରିଖରେ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ଏଆଇଟିୟୁସି ସହବନ୍ଧିତ ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ, ରାଉରକେଲା ଶ୍ରମିକ ପଞ୍ଚାୟତ ଓ ନର୍ଥ ଓଡ଼ିଶା ୱାର୍କର୍ସ ୟୁନିୟନ ପକ୍ଷରୁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ନୋଟିସ ପ୍ରଦାନ କରାଯାଇଛି। ଆଞ୍ଚଳିକ ଶ୍ରମ କମିଶନର (କେନ୍ଦ୍ରୀୟ)ଙ୍କୁ ମଧ୍ୟ ଅବଗତ କରାଯାଇଥିବା ୟୁନିୟନ ପକ୍ଷରୁ ସୂଚନା ଦିଆଯାଇଛି। ସେଲ୍ କର୍ତ୍ତୃପକ୍ଷ ଘରୋଇକରଣରୁ ବିରତ ରହିବା, ଇସ୍ପାତ ଶ୍ରମିକଙ୍କ ମଜୁରି ଚୁକ୍ତି, ପେନସନ ସ୍କିମ ଲାଗୁ, ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା, ଦରଦାମ ନିୟନ୍ତ୍ରଣ ଓ ଶ୍ରମିକଙ୍କ ସାମାଜିକ ସୁରକ୍ଷା ପରିସରକୁ ବ୍ୟାପକ କରିବା ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ପ୍ରତି କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କୁ ସର୍ବନିମ୍ନ ୬ ହଜାର ପେନସନ ପ୍ରଦାନ କରିବା, ସ୍ଥାୟୀ କାମରେ ଠିକା ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରିବା ଓ ଏମାନଙ୍କୁ ସ୍ଥାୟୀ କରିବା ନେଇ ମଧ୍ୟ ଦାବି କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଶ୍ରମ ଆଇନ ସଂଶୋଧନ ପ୍ରସ୍ତାବକୁ ବିରୋଧ କରି ଦେଶବ୍ୟାପୀ ଶ୍ରମିକ ସଂଗଠନ ମଧ୍ୟରେ ତୀବ୍ର ଆସନ୍ତୋଷ ସୃଷ୍ଟି ହୋଇଛି। ଏପରି ଅବସ୍ଥାରେ ଏଆଇଟିୟୁସି ଏହି ଧର୍ମଘଟ ଡାକରାକୁ ଦୃଢ଼ ସମର୍ଥନ କରି ଆର୍‌ଏସ୍‌ପି ସମେତ କେନ୍ଦ୍ରୀୟ ଶ୍ରମ କମିଶନର ରାଉରକେଲାଙ୍କୁ ଧର୍ମଘଟ ନୋଟିସ ପ୍ରଦାନ କରିଛି। ଏଥିରେ ବରିଷ୍ଠ ଶ୍ରମିକ ନେତା ତଥା ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ପ୍ରଭାତ ମିଶ୍ର, ରାଉରକେଲା ଶ୍ରମିକ ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ନନ୍ଦ, ନର୍ଥ ଓଡ଼ିଶା ୟୁନିୟନ ସମ୍ପାଦକ ରାଜେଶ ପତିଙ୍କ ସମେତ ଏଆଇଟିୟୁସି ନେତା ଅଶୋକ ଦାସ, କୈଳାସ ନାୟକ, ରମେଶ ସେଠୀ, ଅକ୍ଷୟ ପଣ୍ଡା, ନୀଳମାଧବ ସାହୁ, କ୍ଷେତ୍ରମୋହନ ମସାନ୍ତ ଓ ପଶୁପତିନାଥ ଚାଟାର୍ଜୀ ପ୍ରମୁଖ ସାମିଲ ଥିଲେ।

■ ଭୂୟାଁ ସାଂସ୍କୃତିକ ପରିବାର ପକ୍ଷରୁ ଯୁବ ସମ୍ମେଳନ

# ଜିଲାରୁ ଦାଦନ ସମସ୍ୟା ହଟାଇବାକୁ ଗୁରୁତ୍ୱ



ଭୂୟାଁ ସାଂସ୍କୃତିକ ପରିବାର ପକ୍ଷରୁ ଆୟୋଜିତ ଯୁବ ସମ୍ମେଳନରେ ଉପସ୍ଥିତ କର୍ମକର୍ତ୍ତା।

**ରାଉରକେଲା ଅଫିସ,୨୪।୧୨**

ଭୂୟାଁ ସାଂସ୍କୃତିକ ପରିଷଦ ପକ୍ଷରୁ ଏହାର ୨ୟ ଯୁବ ସମ୍ମେଳନ ପିତାମହଲଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଅଖଣ୍ଡ ଭୂୟାଁ ମହାସଭାର ସର୍ବଭାରତୀୟ ସଭାପତି ବିଧାୟକ ପ୍ରଫୁଲ୍ଲ ମାଝି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅତିରିକ୍ତ ଗୃହ ସଚିବ ମେଘନାଥ ନାଏକ, ଯୁବନେତା ରାମଚନ୍ଦ୍ର ଅମାତ, ଶକ୍ତି ବିଭାଗ ଯନ୍ତ୍ରୀ ସତ୍ୟଜିତ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନା ସଭାରେ ସୁନ୍ଦରଗଡ଼ ଜିଲାର ଦାଦନ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱାରୋପ କରିବାକୁ ମତ ପ୍ରକାଶ ପାଇଥିଲା। ଭୂୟାଁ ସମାଜର ସମୃଦ୍ଧି ପାଇଁ ଶିକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦେବାକୁ ଅତିଥି ପରାମର୍ଶ ଦେଇଥିଲେ। ଯୁବକମାନେ ଏ ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିବେ ବୋଲି ଆଶା ବ୍ୟକ୍ତ କରାଯାଇଥିଲା। ଭୂୟାଁ ସାଂସ୍କୃତିକ ପରିବାର ପକ୍ଷରୁ ପ୍ରେମାନନ୍ଦ ଭିଡ୍ରିଆ, ପ୍ରଦୀପ ବେହେରା, ଅଜୁ ବାବୁଙ୍କ ତତ୍ତ୍ୱାବଧାନରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଜାଧର ମାଝିଙ୍କ ଜୀବନୀ ପୁସ୍ତକ ଗଜା ବାବୁ ଉନ୍ମୋଚନ କରାଯାଇଥିଲା। ପୁସ୍ତକ ସମ୍ପର୍କରେ ବିଧାୟକ ମାଝି ଟିପ୍ପଣୀ ରଖି ସ୍ୱର୍ଗତ ଗଜାଧର ମାଝି ସୁନ୍ଦରଗଡ଼ ଜିଲାର ବିକାଶ ଦିଗରେ ନିରଳସ ଭାବେ କାର୍ଯ୍ୟ କରିଥିଲେ ବୋଲି କହିଥିଲେ। ତାଙ୍କ ସରଳ ଜୀବନ, ନିଷ୍କପଟ ଭଲପାଇବା ଓ ପରୋପକାରକୁ କେବେ ଭୁଲି ହେବ ନାହିଁ। ଅଞ୍ଚଳର ଯୁବକମାନେ ଗଜାଧରଙ୍କ ସ୍ମୃତିରକ୍ଷା ନେଇ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ବିଧାୟକ ମାଝି ପରାମର୍ଶ ଦେଇଥିଲେ। ଅତିଥି ମେଘନାଥ ନାୟକ କହିଥିଲେ, ଭୂୟାଁ ସମାଜର ଯୁବକମାନେ ଏ ଜାତିର ବିକାଶ, ସମୃଦ୍ଧି ଓ ସାମାଜିକ କାର୍ଯ୍ୟରେ ମନୋନିବେଶ କଲେ ଏହା ଗଜାଧରଙ୍କ ପ୍ରତି ଉଚିତ ସମ୍ମାନ ହେବ। ଏଥିରେ ଯୁବ ସମ୍ମେଳନ କାର୍ଯ୍ୟକର୍ତ୍ତା ରଞ୍ଜନ ବେହେରା, ଅମିତ ସା, ଦିଲୀପ ପ୍ରଧାନ, ଅଜୁ ସରଲିଆ, ଈଶ୍ୱର ବେହେରା, ମିଥୁନ ମାଝି, ପୁଷ୍ପ ପ୍ରଧାନ, ପୁରୁଷୋତ୍ତମ ନାୟକଙ୍କ ସମେତ ଶତାଧିକ ଯୁବ କର୍ମୀ ଉପସ୍ଥିତ ଥିଲେ। ପ୍ରେମାନନ୍ଦ ଭିଡ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୨୪।୧୨**

ଶିବାଜୀ ମାର୍ଗଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକୋତ୍ସବ ଓ କେନ୍ଦ୍ର ସରକାରଙ୍କ ସହାୟତାରେ ଅଟଳ ଟିଙ୍କରିଙ୍ଗ ଲାବୋରେଟୋରିର ଶୁଭ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଓପେପା (ଭୁବନେଶ୍ୱର) ଯୁଗ୍ମ ନିର୍ଦ୍ଦେଶକ ଉଦୟନାଥ ମାଝି ଯୋଗଦେଇଥିଲେ। ମାଝି ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ମା' ହେଉଛି ଶିଶୁର ବାସ୍ତବ ଶିକ୍ଷାଦାତ୍ରୀ ବୋଲି ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତି ରାଉରକେଲା ପ୍ରମୁଖ ଶିବପ୍ରସାଦ ମହାପାତ୍ର ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ସମ୍ପାଦକ ନିରୋଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସଭାପତି ମମତା ଗୌତମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଉତ୍ତମ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୩ଶହରୁ ଅଧିକ ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ଯୋଗଦେଇଥିଲେ।





ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

# ଆଇନର ଶାସନ ଶୀର୍ଷକ ଆଲୋଚନାଚକ୍ର

**ରାଉରକେଲା ଅଫିସ,୨୪।୧୨**

ରବିବାର ଉଦିତନଗର ଆଇଟିଡିଏ ହଲ୍‌ଠାରେ ଭାରତୀୟ ଆଇନଜୀବୀ ସଂଘ ଜିଲା ଶାଖା ଆନୁକୂଲ୍ୟରେ ଆଇନର ଶାସନ ଶୀର୍ଷକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବରିଷ୍ଠ ଆଇନଜୀବୀ ତଥା ଶାଖା ସଭାପତି ମହମ୍ମଦ ରଫିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ଆଇନଜୀବୀ ତଥା ଭାରତୀୟ ଆଇନଜୀବୀ ସାମ୍ମୁଖ୍ୟ ଜାତୀୟ ସାଧାରଣ ସମ୍ପାଦିକା ଡ. ଅନିନ୍ଦିତା ପୂଜାରୀ ମୁଖ୍ୟଅତିଥି, ଡ. ପ୍ରଭାତ ମଲ୍ଲିକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଦେଶର ସାମ୍ବିଧାନିକ ବ୍ୟବସ୍ଥାରେ ଏବେ ସଙ୍କଟ ଦେଖାଦେଇଛି। ଗତ ୭୦ବର୍ଷ ଶାସନ କାଳରେ ଏଭଳି ପରିସ୍ଥିତି କେବେ ଦେଖାଦେଇ ନ ଥିଲା ବୋଲି ମଲ୍ଲିକ ମତ ପ୍ରକାଶ କରିଥିଲେ। ଆଇନଗତ ଶାସନ ବ୍ୟବସ୍ଥାରେ ଏଭଳି ଘଟଣା ଏକ ବ୍ୟତିକ୍ରମ। ଏହା କୌଣସି ଦୃଷ୍ଟିରୁ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ସହସ୍ରାଂଶୁ ହୋତା, ପଶୁପତିନାଥ ଚାଟାର୍ଜୀ, ଚନ୍ଦ୍ରଭାନୁ ଦାସ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ସୌଦାମିନୀ ଜେନା ଓ ସନ୍ତୋଷ ଭଦ୍ର ପ୍ରମୁଖ ବକ୍ତବ୍ୟ ରଖି କହିଥିଲେ, ସମ୍ବିଧାନ ଅସୁରକ୍ଷିତ ହେଲେ ଦେଶରେ ଅରାଜକତା ବ୍ୟାପିବ। ଶାସନ ବ୍ୟବସ୍ଥା ଏକଛତ୍ରବାଦ ଦିଗରେ ଗତିକଲେ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେବ। ଦେଶବାସୀ ସର୍ବଦା ନ୍ୟାୟିକ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ କରି ଆସୁଥିବାବେଳେ ଏହାର ବ୍ୟତିକ୍ରମ ଆଦୌ ମଙ୍ଗଳକର ନୁହେଁ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ସଂଘ ଆବାହକ ସଦାନନ୍ଦ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଉରକେଲା ଓକିଲ ସଂଘର ନବନିର୍ବାଚିତ ସଭାପତି ରମେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ସହସମ୍ପାଦକ ଦେବାନନ୍ଦ ତନ୍ତୀ, ଅନୁସୟା ପଣ୍ଡା ଓ ସୌଦାମିନୀ ଜେନାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ରାଉରକେଲା ଝିଅ ଅନିନ୍ଦିତା ସର୍ବଭାରତୀୟ ସ୍ତରରେ ଆଇନଜୀବୀ ସାମ୍ମୁଖ୍ୟର ନେତୃତ୍ୱ ନେଉଥିବାରୁ ତାଙ୍କୁ ଏଥିରେ ପ୍ରଶଂସା କରାଯାଇଥିଲା। ଅଜୟ ପ୍ରସାଦ, ସ୍ୱାଗତିକା ମହାପାତ୍ର, ଯଶ୍ମିତା ପ୍ରଧାନ, ମାନସ ମହାପାତ୍ର, ଦୁର୍ଗାପ୍ରସାଦ ବାଗ, ବୀଣା ମାଝି ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ଅନିନ୍ଦିତା ପୂଜାରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁସୟା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

### ଆଦିଧର୍ମର ସାମ୍ବିଧାନିକ ମାନ୍ୟତା ଦାବି

# ବିଶାଳ ଆଦିବାସୀ ସମାବେଶ ୩୦ରେ

**ରାଉରକେଲା ଅଫିସ,୨୪।୧୨**

ପରମ୍ପରାଗତ ଆଦିବାସୀ ସାମାଜିକ, ଧାର୍ମିକ ଓ ନ୍ୟାୟିକ ସଂଗଠନ ରାଜୀ ପାଡ୍‌ହା ଓ ପାଦା ପାଡ୍‌ହା ଆନୁକୂଲ୍ୟରେ ଆଦିବାସୀ ଧର୍ମ ଆଦିଧର୍ମର ସାମ୍ବିଧାନିକ ମାନ୍ୟତା ଓ ଏହାର କୋଡ୍ ପ୍ରଦାନ ଦାବିରେ ବିର୍ସା ମଇଦାନରେ ବିଶାଳ ଆଦିବାସୀ ଶୋଭାଯାତ୍ରା, ସମାବେଶ ଆସନ୍ତା ୩୦ରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ପ୍ରମୁଖ ସାମାଜିକ ଓ ଧାର୍ମିକ ନେତୃମଣ୍ଡଳୀ ଯୋଗଦେବେ। ସ୍ୱାଧୀନତାର ୭୧ବର୍ଷ ପରେ ବି ଦେଶର ମୂଳବାସୀ ଆଦିବାସୀଙ୍କୁ ସେମାନଙ୍କ ଧାର୍ମିକ ଅଧିକାର ତଥା ସ୍ୱାଧୀନତା ମିଳିପାରି ନାହିଁ। ଆଦି ଧର୍ମର ସାମ୍ବିଧାନିକ ମାନ୍ୟତା ନେଇ ଅନେକବାର ସଭା ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ ସତ୍ତ୍ୱେ ଏ ଦିଗରେ ସରକାର ନୀରବ ରହିଛନ୍ତି। ଏପରି ଅବସ୍ଥାରେ ଆଦିବାସୀଙ୍କ ସାଂସ୍କୃତିକ, ସାମାଜିକ ଓ ଧାର୍ମିକ ମୌଳିକତା ନଷ୍ଟ ହେବାକୁ ବସିଲାଣି। ଏହାର ସ୍ଥାୟୀ ସମାଧାନ ନେଇ ଓରାଁ, ମୁଣ୍ଡା, ଖାଡ଼ିଆ, ହୋ, ସାନ୍ତାଳ ଓ ଭୂୟାଁ ଆଦି ବିଭିନ୍ନ ସମ୍ପ୍ରଦାୟର ଆଦି ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଆହ୍ୱାନ ଦିଆଯାଇଛି।

# ବ୍ୟାଙ୍କ ୟୁନିୟନ ଫୋରମ ପକ୍ଷରୁ ଆନ୍ଦୋଳନ ୨୬ରେ



ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନସ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ରାଉରକେଲା ଅଫିସ,୨୪।୧୨**

ବିଭିନ୍ନ ଦାବି ନେଇ ସର୍ବଭାରତୀୟ ବ୍ୟାଙ୍କ ଶାଖା ସମୂହ ୯ଟି କର୍ମଚାରୀ ସଂଗଠନ ଡାକରା କ୍ରମେ ସୋମବାର ବିର୍ସା ଛକ ଷ୍ଟେଟ ବ୍ୟାଙ୍କ ବ୍ୟବସାୟିକ ମୁଖ୍ୟ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୟୁନାଇଟେଡ୍ ଫୋରମ ଅଫ ବ୍ୟାଙ୍କ ୟୁନିୟନ କର୍ମକର୍ତ୍ତା ଏଥିରେ ଉପସ୍ଥିତ ରହି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିର ଦୃଢ଼ ବିରୋଧ କରିଥିଲେ। ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତି ସହ ଅନ୍ୟ କେତେକ ବିରୋଧୀ ପଦକ୍ଷେପ ନେଇ ଆସନ୍ତା ୨୬ରେ କର୍ମଚାରୀ ଆନ୍ଦୋଳନ ଡାକରା ଦିଆଯାଇଥିବା ଏଥିରେ ସୂଚନା ପ୍ରଦାନ କରାଯାଇଛି।

## ଫଟୋରେ ଖବର



ବଡ଼ଦିନ ଉପଲକ୍ଷେ ରାଉରକେଲାର ଏକ ଦୋକାନରେ ଭିଡ଼।



ରାଉରକେଲା ମଧୁସୂଦନ ମାର୍ଗସ୍ଥିତ ଏକ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ସାଣ୍ଟା କ୍ଲଜ୍ ସହ ସେଲ୍‌ଫି ନେଉଛନ୍ତି ଜଣେ ଛାତ୍ରୀ।



ଶରୀରଟି କାମନା ଦ୍ୱାରା ନିଜ କଥା କହିଲା ଭଳି,
ଆତ୍ମା ତା' କଥା କହେ ବିବେକ ଜରିଆରେ।
- ଋଷୋ



## ସଂକ୍ଷେପରେ

### ପାହାଡ଼େଶ୍ୱର ବିକାଶ ପରିଷଦର ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା ଅଫିସ,୨୪।୧୨-** ପାହାଡ଼େଶ୍ୱର ବିକାଶ ପରିଷଦର ୫ମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପରିଷଦ ତରଫରୁ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ୧୫୪ ଛାତ୍ରୀଛାତ୍ର ଭାଗନେଇଥିଲେ। ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ ଅର୍ଣ୍ଣଭି ବେହେରା, ଅନୁରାଗ ପାତ୍ର, ବୈଭବ ବାଗ, ଶ୍ରଦ୍ଧା ଶାସ୍ତ୍ରୀ, ଅନୁ ଗୁପ୍ତା, ଆରାଧା ବିୟାନୀ, ଗରିମା ମଙ୍ଗରାଜ, ସିଦ୍ଧି ମହାପାତ୍ର, ସାଇ ପ୍ରଜ୍ଞାସା ଦାଶ, ସିପ୍ରାରାଣୀ ନାୟକ, ପୀନାତୀ ଚାଟାର୍ଜୀ, ଶ୍ରେୟାଂଶୀ ପଣ୍ଡା, ଇଶା ପୁରୋହିତ, ଶୁଭଶ୍ରୀ ଦୋରା, ଦିଶା ଅଗ୍ରୱାଲ ପ୍ରମୁଖ କୃତିତ୍ୱ ହାସଲ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାଶ ପୁରସ୍କାର ପ୍ରଦାନ କରିଥିଲେ।

■ ଘରଡ଼ିହ ପଟ୍ଟା ଦାବିରେ ଲୁହୁରାଡ଼ିପା ବାସିନ୍ଦାଙ୍କ ଆନ୍ଦୋଳନ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ସୁନ୍ଦରଗଡ଼, ୨୪।୧୨ (ଡି.ଏନ୍.ଏ)**

ରାଜ୍ୟ ସରକାର ସହରାଞ୍ଚରେ ବସବାସ କରୁଥିବା ଭୂମିହୀନ ବସ୍ତିବାସିନ୍ଦାମାନଙ୍କୁ ଜାଗା ମିଶନ ଜରିଆରେ ଥଇଥାନ କରିବା ପାଇଁ ଯୋଜନା କରୁଛନ୍ତି। ହେଲେ ସୁନ୍ଦରଗଡ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ. ୧୭ର ଲୁହୁରାଡ଼ିପା ବାସିନ୍ଦାଙ୍କୁ ଉଚ୍ଛେଦ ସକାଶେ ଜିଲା ପ୍ରଶାସନ ପକ୍ଷରୁ ନୋଟିସ ଦିଆଯାଇଛି। ନୋଟିସ ପ୍ରତିବାଦରେ ସୋମବାର ଏହି ବସ୍ତିର ୩୦୦ରୁ ଉର୍ଦ୍ଧ୍ୱ ପରିବାର ଘରଡିହ ଯୋଗାଇଦେବା ଦାବିନେଇ ଆନ୍ଦୋଳନ କରିଛନ୍ତି। ସେମାନେ ବସ୍ତିରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ବୀରମିତ୍ରପୁର ବିଧାୟକ ତଥା କଂଗ୍ରେସ ଆଦିବାସୀ ନେତା ଜର୍ଜ ତିର୍କୀ, ସଦର ବିଧାୟକ ଯୋଗେଶ କୁମାର ସିଂ, ତଳସରା ବିଧାୟକ ଡ. ପ୍ରଫୁଲ୍ଲ କୁମାର ମାଝି, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ ଯୋଗଦେଇ ଏହି ବସ୍ତିବାସିନ୍ଦାଙ୍କ ନ୍ୟାର୍ଯ୍ୟ ଦାବିପ୍ରତି ସମର୍ଥନ ଜଣାଇଥିଲେ। ଏ ଦିଗରେ ସରକାର ତଥା ଜିଲା ପ୍ରଶାସନ ସକରାତ୍ମକ ପଦକ୍ଷେପ ନେବାକୁ ଦାବି କରିଥିଲେ। ପରେ ଏ ସମ୍ପର୍କରେ ଏକ ପ୍ରତିନିଧି ଦଳ ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ ଜିଲାପାଳ ଏହି ବସ୍ତିରେ ବସବାସ କରୁଥିବା ପରିବାରଙ୍କୁ ଥଇଥାନ ପାଇଁ ୧ଡିସିମିଲ ଘରଡିହ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ ଓ ଆଉ ୧ ଡିସିମିଲ ଘରଡିହ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏତଦ୍ ବ୍ୟତୀତ ଲୁହୁରାଡ଼ିପା ନୂତନ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଏକ ଅଟୋ ମୋବାଇଲ ସାର୍ଭିସିଙ୍ଗ ସେଣ୍ଟର ପାଇଁ ଦିଆଯାଇଥିବା ଜମି ଲିଜ୍‌କୁ ବାତିଲ କରାଯାଇ ସେଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ଦୋକାନ ଗୃହ ଯୋଗାଇ ଦେବା ପାଇଁ ଦାବି କରାଯାଇଥିଲା। ଏନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।




ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ସୁନ୍ଦରଗଡ଼**
- ବସ୍ତିରୁ ଏକ ଶୋଭାଯାତ୍ରାରେ ଆସିଲେ
- ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ

■ ଜାନୁୟାରୀ ୮ ଓ ୯ ସାଧାରଣ ଧର୍ମଘଟ

# ସଫଳ କରିବାକୁ ଏଆଇଟିୟୁସିର ଆହ୍ୱାନ

**ସୁନ୍ଦରଗଡ, ୨୪।୧୨ (ଡି.ଏନ୍.ଏ.)**

ଆସନ୍ତା ଜାନୁୟାରୀ ୮ ଏବଂ ୯ତାରିଖରେ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବାକୁ ଏଆଇଟିୟୁସି ସୁନ୍ଦରଗଡ ଜିଲା କମିଟି ତରଫରୁ ଆହ୍ୱାନ କରାଯାଇଛି। ଆଡଭୋକେଟ ପ୍ରଦୋଷ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଜିଲା ସମ୍ପାଦକ ଏହି ଧର୍ମଘଟ ଡାକରାର କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ଜିଲାରେ ଏହି ଧର୍ମଘଟକୁ ସଫଳ କରିବା ପାଇଁ ନିବେଦନ କରିଥିଲେ। ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ ଏଥିରେ ଯୋଗଦେଇ କେନ୍ଦ୍ର ସରକାର ଶ୍ରମିକ ଶ୍ରେଣୀର ଠିକ୍ ଉଚିତ ଦାବିଗୁଡିକ ପ୍ରତି କର୍ଣ୍ଣପାତ ନ କରି ଶ୍ରମିକ ଏବଂ କର୍ମଚାରୀଙ୍କ ପ୍ରତି ଅନ୍ୟାୟ କରିଚାଲିଛନ୍ତି। ସରକାରଙ୍କ ଏହି ବିଶ୍ୱାସଘାତ ବିରୋଧରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏକ ହୋଇ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ୧୨ଦଫା ଦାବିନେଇ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏହି ଦାବିଗୁଡିକ ହେଲା ଦରଦାମ ବୃଦ୍ଧି ବନ୍ଦ କରିବା, ଘରୋଇକରଣ ବନ୍ଦ, ସର୍ବନିମ୍ନ ମଜୁରି ୧୮ହଜାର ତଥା ପେନସନ୍ ୬ହଜାର ଟଙ୍କା, ଠିକା ନିଯୁକ୍ତି ବନ୍ଦ ପ୍ରଭୃତି ୧୨ଦଫା ଦାବିନେଇ ହେବାକୁ ଥିବା ଏହି ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ କେନ୍ଦୁପତ୍ର ଶ୍ରମିକସଂଘ ନେତା ଶୁକଦେବ ପ୍ରଧାନ, ପାଚିକା ସଂଘ ସଭାପତି ସାବିତ୍ରୀ ପଟେଲ, କୋଇଲା ଶ୍ରମିକ ସଂଘ ତରଫରୁ ଡମ୍ବରୁଧର, ଆଶାକର୍ମୀ ସଂଘର ପଙ୍କଜିନୀ ମାଝି, ନିର୍ମାଣ ଶ୍ରମିକ ସଂଘ ତରଫରୁ ଦୁର୍ଗା ମାଝି, କ୍ଷୀରୋଦ ରାଉତ, ଖଣି ଅଞ୍ଚଳ ବିସ୍ଥାପିତ ସଂଘ ରାଜେନ୍ଦ୍ର ନାଏକ, ଗାଁ ସାଥୀ ସଂଘ ତରଫରୁ ଧନପତି ନାଏକ, ସବୁଜ ପତ୍ରିକା ସଂଘର ପୁଷ୍ପା ସା, ପରିବହନ ସଂଘ ନେତା ବାବଲୁ ରାୟ, ରାଜଗାଙ୍ଗପୁର ଶ୍ରମିକ ନେତା ପାତ୍ରାସ ଟପ୍ପୋ, ଶିକ୍ଷକ ସଂଘ ନେତା ଶ୍ରୀକୃଷ୍ଣ ନାଏକ ପ୍ରମୁଖ ବୈଠକରେ ଯୋଗଦେଇ ଆସନ୍ତା ଧର୍ମଘଟରେ ସମ୍ପୂର୍ଣ୍ଣ ଭାବେ ସାମିଲ ହେବା ପାଇଁ ସମର୍ଥନ ଦେଇଥିଲେ। ଏହି ଧର୍ମଘଟରେ ସମସ୍ତ ରାଜନୈତିକ ଦଳ, କୃଷକ, ଛାତ୍ର, ଯୁବକ, କର୍ମଚାରୀ, ବୁଦ୍ଧିଜୀବୀ ସାମିଲ ହୋଇ ଆନ୍ଦୋଳନକୁ ସଫଳ କରିବା ପାଇଁ ଶ୍ରମିକ ସଙ୍ଗଠନର ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଶେଷରେ ବଂଶୀଧର କଉଡି ଧନ୍ୟବାଦ ଦେଇଥିଲେ।



କ୍ଲଷ୍ଟରସ୍ତରୀୟ କର୍ମଶାଳାରେ ଅଂଶଗ୍ରହଣ କରିଥିବା ପରିଚାଳନା ସମିତି ସଦସ୍ୟମାନେ।

# କ୍ଲଷ୍ଟରସ୍ତରୀୟ ପରିଚାଳନା ସମିତି ସଦସ୍ୟଙ୍କ ତାଲିମ କର୍ମଶାଳା

**କୁଆଁରମୁଣ୍ଡା, ୨୪।୧୨(ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସଲଙ୍ଗାବାହାଲ ଶିକ୍ଷା କ୍ଲଷ୍ଟରରେ ଅନୁଷ୍ଠିତ ହୋଇଥିଲା ତାଲିମ କର୍ମଶାଳା। ଏଥିରେ ସମ୍ପୃକ୍ତ ଶିକ୍ଷା କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ପରିଚାଳନା ସମିତି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ମୋଟ ୧୨ଟି ବିଦ୍ୟାଳୟର ୭୨ ସଦସ୍ୟଙ୍କୁ ୪ ଜଣ ରିସୋର୍ସ ପର୍ଶନ ତାଲିମ ଦେଇଥିଲେ। ତାଲିମ କର୍ମଶାଳାରେ କୁଆଁରମୁଣ୍ଡା 'କ' ଜିଲା ପରିଷଦ ସଦସ୍ୟା ଯଶମୁନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷକ ରିସୋର୍ସ ପର୍ଶନ ଦଲକି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମାଝି, ରଙ୍ଗାବିରା ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାଝି, ସୁରେଶ ସାହୁ ପ୍ରମୁଖ ୩ ଦିନ ଧରି ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ସଲଙ୍ଗାବାହାଲ ସିଆରସିସି ସୁଶିଲ ବଡାଇକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଶିକ୍ଷକ ପ୍ରେମସାଗର ସାହୁ, ସଞ୍ଜିତା ଲାକ୍ରା, ଯୁସପିନ୍ କୁଲୁ, ବଳଦେବ ମସାନ୍ତ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ସହାୟତା କରିଥିଲେ। ଏହି କର୍ମଶାଳାକୁ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ମୋହନ କୁମାର ପରିଦର୍ଶନରେ ଯାଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

# ପୂର୍ତ୍ତ ବିଭାଗ ଅଫିସ ସାମ୍ନାରେ ଭାଜପାର ହରତାଳ

**ଝାରସୁଗୁଡ଼ା ଅଫିସ,୨୪।୧୨**

ରାଜ୍ୟର ଦୁର୍ନୀତିଗ୍ରସ୍ତ ସରକାରଙ୍କ ପିସି କାରବାର ବିରୋଧରେ ଏବଂ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦାବିରେ ଝାରସୁଗୁଡ଼ା ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ହରତାଳ କରାଯାଇଛି। ସୋମବାର ଦଳୀୟ କର୍ମକର୍ତ୍ତାମାନେ ପୂର୍ତ୍ତ ବିଭାଗ ଅଫିସ ସାମ୍ନାରେ ହରତାଳ କରିଥିଲେ। ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ବଲବିନ୍ଦର ସିଂ, ସମ୍ପାଦକ ନୀଳାମ୍ବର ଦଣ୍ଡସେନା, ଗିରୀଶ ଚନ୍ଦ୍ର ରାଉତ, ସୋନୁ ଥିରାନି, ରିତେଶ ସୋନକର, ନେତାଜୀ ପଟ୍ଟନାୟକ, ଉମେଶ ଗୁପ୍ତାଙ୍କ ସମେତ ବହୁ ସଂଖ୍ୟକ ଯୁବକ ପୂର୍ତ୍ତ ବିଭାଗ ଅଫିସ ଘେରାଉ କରିଥିଲେ।

# ଡୁମାବାହାଲରେ ବିଜେଡି କର୍ମୀ ସମ୍ମିଳନୀ

**ଲେଫ୍ରିପଡା, ୨୪।୧୨(ଡି.ଏନ.ଏ)**

ଲେଫ୍ରିପଡା ବ୍ଲକ୍ ଡୁମାବାହାଲଠାରେ ବିଜେଡି କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ସଭାପତି ରବିରତ୍ନ ପଟେଲଙ୍କ ସଭାପତିତ୍ୱରେ ତଳସରା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷିକା ମୀନତି ଦେବତା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦର ବୈଷୟିକ ସଦସ୍ୟ ବିନୟ କୁମାର ଟପୋ, ଜିଲା ବିଜେଡି ଯୁବ ସଭାପତି ଦେବେନ୍ଦ୍ର ମାଝି, ବାବୁଲି କର, ପୂର୍ବତନ ତଳସରା ବିଧାୟକ ରଣଜିତ୍ ଭିତ୍ରିଆ, ବଡ଼ଗାଁ ବ୍ଲକ ପର୍ଯ୍ୟବେକ୍ଷକ ଷ୍ଟିଫେନ୍ ସୋରେଙ୍ଗ୍, ଲେଫ୍ରିପଡା ବ୍ଲକ ପର୍ଯ୍ୟବେକ୍ଷକ ଗୋପାଳ ପ୍ରଧାନ, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ସଦସ୍ୟା କୁଞ୍ଜଲତା ଭିତ୍ରିଆ, ଲେଫ୍ରିପଡା ସମିତି ସଭ୍ୟା ଜୟନ୍ତୀ ଗର୍ଡିଆ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୁଣ୍ଡିଆଡିହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗେଶ କୁମାର ସା, ଲେଫ୍ରିପଡା ବ୍ଲକ୍‌ର ପୂର୍ବତନ ବିଜେଡି ସଭାପତି ବ୍ରଜରାମ ଡନ୍‌ସନା, ପ୍ରେମାନନ୍ଦ ବେହେରା, ଗୌରା ପଟେଲ, ଡୁମାବାହାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ କେଦାର ସିଂ ମଞ୍ଚାସୀନ ରହିଥିଲେ। ଅତିଥିଗଣ ବିଜେଡି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ ତଳସରା ନିର୍ବାଚନ ମଣ୍ଡଳୀରେ ବିଜେଡିର ବିଧାୟକ ନିର୍ବାଚିତ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କାଳିଆ ଯୋଜନା ମାଧ୍ୟମରେ ଚାଷୀଙ୍କ ପାଇଁ ଜନହିତକର ଯୋଜନା କରିଥିବାରୁ ରାଜ୍ୟର ସମସ୍ତ ଚାଷୀଗଣ ଏଥିରେ ଲାଭାନ୍ୱିତ ହୋଇପାରିବେ ବୋଲି ପର୍ଯ୍ୟବେକ୍ଷିକା ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଲେଫ୍ରିପଡା ବ୍ଲକ୍ ବିଜେଡି ପକ୍ଷରୁ ଧନୁର୍ଦ୍ଧର ପ୍ରଧାନ, ମନୋଜ କୁମାର ସାହୁ, ଈଶ୍ୱର ଭିତ୍ରିଆ, ଭବାନୀ ବିରଗଣ୍ଡିଆ ନେତୃମଣ୍ଡଳୀ ପରିଚାଳନାରେ ସହଯୋଗ



ଡୁମାବାହାଲରେ ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତା।

# କୁଆଁରମୁଣ୍ଡା 'ଖ'ଜୋନ୍‌ରେ ବିଜେଡିର କର୍ମଶାଳା




କୁଆଁରମୁଣ୍ଡା ଭାଟିଟୋଲିରେ ବିଜେଡିର କର୍ମଶାଳାରେ ଉପସ୍ଥିତ ନେତୃବୃନ୍ଦ।

**କୁଆଁରମୁଣ୍ଡା, ୨୪।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ବିଜେଡ଼ି ପକ୍ଷରୁ ମାରଥନ କର୍ମଶାଳା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଉଛି। ବିଜେଡ଼ି ଯୁବ ନେତା ତଥା କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁରଙ୍କ ନେତୃତ୍ୱରେ ସମଗ୍ର ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଏକାଧିକ କର୍ମାଶାଳା ଆୟୋଜିତ ହେଉଛି। ବିଜେଡ଼ି ସୁପ୍ରିମୋ ତଥା ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକରୀ ଯୋଜନା ବିଶେଷ କରି ଆମ ଗାଁ, ଆମ ବିକାଶ, ପିଠା ଓ କାଳିଆ ଯୋଜନା ଇତ୍ୟାଦି ବିଷୟରେ ଜୋନସ୍ତରୀୟ ବିଜେଡ଼ି କର୍ମୀମାନେ ବିଶେଷଭାବେ ଅବଗତ ହୋଇ ସେଗୁଡିକ ବିଷୟରେ ତୃଣମୂଳସ୍ତରର ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଏହି କର୍ମଶାଳା ଆୟୋଜିତ ହେଉଛି ବୋଲି ରବିବାର କୁଆଁରମୁଣ୍ଡାର ଭାଟିଟୋଲିସ୍ଥିତ ଫୁଟବଲ ପଡିଆରେ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥିମାନେ ଉପସ୍ଥିତ କର୍ମୀମାନଙ୍କୁ ଅବଗତ କରିଛନ୍ତି। ଏହି କର୍ମଶାଳା ଯୁବ ନେତା ତଥା କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ବିଜେଡ଼ି ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଦାସ, ପୂର୍ବତନ ବିଧାୟକ ନିହାର ସୁରିନ, ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗମ୍ବର ଦାସ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ରାଜେଶ ଖାଲଖୋ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ସେହିପରି ପୁରୁଣାପାଣିଠାରେ ସୋମବାର ବିଜେଡ଼ିର ଏକ ବିରାଟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

# ନାବାଳିକା ବଳାତ୍କାର ଉଦ୍ୟମ ଘଟଣାକୁ ଚାପିଦେବା ଉଦ୍ୟମ

**କୁତ୍ରା, ୨୪।୧୨ (ଡି.ଏନ.ଏ)**

କୁତ୍ରା ଥାନା ଉପରବାହାଲ ଗ୍ରାମରେ ଗତ ୧୯ ତାରିଖରେ ଜନୈକା ନାବାଳିକାକୁ ବଳାତ୍କାର ଉଦ୍ୟମ ଅଭିଯୋଗକୁ ଚାପି ଦେବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। କିନ୍ତୁ ପୋଲିସ କୌଣସି ଲିଖିତ ଅଭିଯୋଗ କରୁ ନ ଥିବା ପ୍ରକାଶ କରିଛି। ୧୯ ତାରିଖ ସକାଳେ କୁତ୍ରା ଥାନା ଅଧିନ ଖଡକୁରୁବାହାଲ ଗ୍ରାମର ଦୁଇ ଜଣ ଯୁବକ ଏକ ବାଇକ୍ ଯୋଗେ ଉପରବାହାଲ ଗ୍ରାମକୁ ଗାଈ ଖୋଜିବା ପାଇଁ ଆସିଥିଲେ। ସେମାନେ ଉପରବାହାଲ ଗ୍ରାମର ଧନକୁଆଁର ଗୁଡିଆଙ୍କ ଘରକୁ ଯାଇଥିଲେ। ଧନକୁଆଁରଙ୍କ ଘରେ ତାଙ୍କ ଝିଅ ଏକୁଟିଆ ଥିବା ଦେଖି ଉକ୍ତ ଦୁଇ ଜଣ ଯୁବକ ଗାଡିରୁ ଓହ୍ଲାଇ ଧନକୁଆଁରଙ୍କ ଘର ଭିତରକୁ ପଶି ଝିଅ ମୁହଁକୁ ଚାପି ଧରି ବଳାତ୍କାର କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଘରଠାରୁ କିଛି ଦୂରରେ ଥିବା ଧନକୁଆଁରଙ୍କ ଭାଇ ବିରାଜ ଯୁବକ ଦୁଇ ଜଣ ଘର ଭିତରକୁ ପଶି କିଛି ସମୟ ପାଇଁ ବାହାରି ନ ଥିବାରୁ ସନ୍ଦେହ କରି ଘରକୁ ଆସି ଉକ୍ତ ଯୁବକ ଦୁଇଜଣ ତାଙ୍କ ଝିଆରିଙ୍କ ପ୍ରତି ଖରାପ ଆଚରଣ କରୁଥିବା ଦେଖିଥିଲେ। ଉକ୍ତ ଯୁବକ ଦୁଇ ଜଣ ଝିଅର କାକାଙ୍କୁ ଦେଖି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ବାଇକକୁ ଛାଡିଯାଇଥିଲେ। ଘଟଣା ସମ୍ବନ୍ଧରେ ଜାଣି ଗ୍ରାମବାସୀ ୨୦ ତାରିଖ କୁତ୍ରା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ୬ଦିନ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରକାଶ କରିବା ସାଙ୍ଗକୁ ଅଭିଯୁକ୍ତଙ୍କ ଲୋକ ନାବାଳିକାଙ୍କ ଘର ଲୋକଙ୍କୁ ହତ୍ୟା ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଏବାବଦରେ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡାଙ୍କୁ ପଚାରିବାରୁ ଏଘଟଣାକୁ ନେଇ ଉପରବାହାଲ ଗ୍ରାମବାସୀ ଆସି ତାଙ୍କଠାରେ ଅଭିଯୋଗ କରିଛନ୍ତି। ହେଲେ ଲିଖିତ ଅଭିଯୋଗ ହୋଇ ନ ଥିବାରୁ କୌଣସି ପଦକ୍ଷେପ ନିଆଯାଇ ପାରୁନାହିଁ ବୋଲି କହିଛନ୍ତି। ଏହା ଛଡା ସେ ନିଜେ ଯାଇ ନାବାଳିକାଙ୍କ ବାପା ଓ କାକାଙ୍କୁ ଥାନାରେ ଆସି ଅଭିଯୋଗ କରିବା ପାଇଁ କହିବା ସତ୍ତ୍ୱେ ସେମାନେ ତାଙ୍କୁ ସହଯୋଗ କରୁ ନ ଥିବା ପ୍ରକାଶ କରିଛନ୍ତି।

### ଧୁମଧାମରେ ପାଳିତ ହେଲା ଯୀଶୁଙ୍କ ଜନ୍ମ ଦିବସ

**ରାଜଗାଙ୍ଗପୁର/କୁତ୍ରା, ୨୪।୧୨ (ଡି.ଏନ.ଏ)**

ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚ ତଥା ଗ୍ରାମରେ ଧୁମଧାମରେ ଯୀଶୁଙ୍କ ଜନ୍ମ ଦିବସ ବଡଦିନ ଉତ୍ସବ ସୋମବାର ରାତିରେ ପାଳିତ ହୋଇଯାଇଛି। ଏବର୍ଷ ମଧ୍ୟ ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ଥିବା ବିଭିନ୍ନ ଚର୍ଚ୍ଚରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସକୁ ପାଳନ କରିବା ପାଇଁ ଚର୍ଚ୍ଚଗୁଡିକୁ ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଚର୍ଚ୍ଚରେ ସୋମବାର ସନ୍ଧ୍ୟାରେ ହଜାର ହଜାର ଖ୍ରୀଷ୍ଟ ଭକ୍ତ ସାମୂହିକ ପ୍ରାର୍ଥନା କରିଥିଲେ। ରାତ୍ରି ୧୨ଟାରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସମୟରେ ସାମୂହିକ ପ୍ରାର୍ଥନା କରାଯିବା ପରେ ଭକ୍ତମାନେ ଖୁସିରେ ଝୁମି ଉଠିଥିଲେ। ପରେ ଖ୍ରୀଷ୍ଟ ଭକ୍ତମାନେ ନିଜ ଘରକୁ ଫେରିବାଣ ରୋଶଣୀ ଫୁଟାଇବା ସାଙ୍ଗକୁ ରାତି ତମାମ ନାଚଗୀତର ମସଗୁଲ ହୋଇଯାଇଥିଲେ। ଲୋକେ ନୂତନ ଲୁଗାପଟା, ପୋଷାକ ପତ୍ର, ଘରସଜ୍ଜା ସାମଗ୍ରୀ କିଣି ନିଜ ନିଜ ଘରକୁ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜାଇ ଦେଇଥିଲେ।

# ବିଜେଡିର କର୍ମଶାଳା, ଭାଜପାର ପଦଯାତ୍ରା

**ନୂଆଗାଁ, ୨୪।୧୨ (ଡି.ଏନ.ଏ)**

ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ଉତ୍ତପ୍ତତା ସେତିକି ବୃଦ୍ଧି ପାଉଛି। ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକସ୍ତର ପର୍ଯ୍ୟନ୍ତ ସବୁଠି ରାଜନୈତିକ ତତ୍ପରତା। ସୁନ୍ଦରଗଡ ଜିଲା ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ବ୍ଲକରେ ମଧ୍ୟ ରାଜନୈତିକ ଉତ୍ତପ୍ତତା ଜୋର ଧରିଛି। ଗୋଟିଏ ପଟେ ଶାସକ ଦଳ ବିଜେଡି ଜୋନସ୍ତରୀୟ କର୍ମଶାଳା ଆୟୋଜନ କରୁଥିବାବେଳେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଆରମ୍ଭ ହୋଇଛି ଜନସମ୍ପର୍କ ପଦଯାତ୍ରା। ବିଜେଡି ପକ୍ଷରୁ ଶନିବାର ଓ ସୋମବାର ୨ଦିନ ଧରି ନୂଆଗାଁ ବ୍ଲକର ଜିଲାପରିଷଦ ଜୋନ (କ) ଓ (ଖ)ରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୋମବାର ହାତୀବାରୀଠାରେ ଆୟୋଜିତ କର୍ମଶାଳାରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଦାସ ଯୋଗଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ବରିଷ୍ଠ ନେତା ଗଜେନ୍ଦ୍ର ସାହୁ, ଯୁବନେତା ପରଭେଜ ଖାନ୍, ସୁଜିତ ପଣ୍ଡା, ସଭାନେତ୍ରୀ କଳ୍ପନା ଦାସ, ଶଙ୍କର ତିର୍କୀ, ସୁରେଶ ଦେଶୱାରୀ ପ୍ରମୁଖ ଏହି କର୍ମଶାଳାରେ ଯୋଗଦେଇ ବିଜେଡିକୁ ଆଗାମୀ ଦିନରେ ସକ୍ରିୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ଲକ ସଭାପତି ଦିଗାମ୍ବର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଶତାଧିକ କର୍ମୀ ଉପସ୍ଥିତ ରହି ଦଳକୁ ମଜବୁତ କରିବା ଉପରେ ମତ ରଖିଥିଲେ। ସେହିଭଳି ନୂଆଗାଁ ବ୍ଲକ ସୋରଡାଠାରେ ଭାଜପାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଥିଲା। ଭାଜପାର ବରିଷ୍ଠ ନେତା ଶଙ୍କର ଓରାମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରା ସୋରଡା ପଞ୍ଚାୟତ ସମ୍ମୁଖରୁ ବାହାରି ବଡଯୋଜଦା, ଟାଇନ୍ଦା, କାନବଟରୀ, ଟିର୍କିଦିରି ଆଦି ଗ୍ରାମକୁ ଯାଇ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ପରୀକ୍ଷିତ ସାହୁ, କମଳ ସିଂ, ଶଙ୍କର ସିଂ, ବସନ୍ତ ସାହୁ, ଜଗେଶ୍ୱର କମାର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଭାଜପା ମଧ୍ୟ ତାର ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଓରାମ ଗୁରୁତ୍ୱ ଦେଇଥିଲେ।




ବିଜେଡି ଜୋନସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଦଳୀୟ ନେତା।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

## ସଂକ୍ଷେପରେ

### ଭିଡିଓ କନ୍‌ଫରେନ୍ସିଂରେ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରକଳ୍ପର ଶିଳାନ୍ୟାସ

**ଲଇକେରା,୨୪।୧୨(ଡି.ଏନ୍.ଏ.)-** ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡା ଜିଲା ଲଇକେରା ବ୍ଲକ ଭାତଲଇଡ଼ାଠାରେ ଉର୍ଜା ଗଙ୍ଗା ଯୋଜନାରେ ଗେଲର ବୋକାରୋ-ଅନୁଗୋଳ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଗେଲ ଇଣ୍ଡିଆର ଜେନେରାଲ ମ୍ୟାନେଜର ସଞ୍ଜୀବ ପାଠକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଚୌହାନ, ଦୀନେଶ ଜୈନ, ଲଇକେରା ମଣ୍ଡଳ ସଭାପତି ବିକ୍ରମ ପଟେଲ, କୃଷକ ମୋର୍ଚ୍ଚା ଜିଲା ସଭାପତି ପ୍ରଦୀପ ପଟେଲ, ଜିଲା ସମ୍ପାଦକ ପ୍ରେମସେନ ରାଏ, ସୁନୀଲ ପଣ୍ଡା, ପ୍ରମୋଦ ସେନାପତି ପ୍ରମୁଖ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ। ଜିଲା ସାଧାରଣ ସମ୍ପାଦକ ରଘୁନନ୍ଦନ ପଣ୍ଡା ସଭା ପରିଚାଳନା କରିଥିଲେ। ସଭାରେ ଲଇକେରା, କିର୍ମିରା, କୋଲାବିରା ବ୍ଲକ ଅଞ୍ଚଳର ବହୁ କର୍ମୀ ଯୋଗଦେଇଥିଲେ।

### ହୋଟେଲରେ ଚଢ଼ାଉ: ମଦ ଜବତ, ମାଲିକ ଗିରଫ

**ଲଖନପୁର,୨୪।୧୨(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ ମାର୍କେଟରେ ଥିବା କଲ୍ୟାଣୀ ହୋଟେଲରେ ଶନିବାର ପୋଲିସ ଚଢ଼ାଉ କରି ବିଦେଶୀ ମଦ ଜବତ କରିଛି। ହୋଟେଲ ମାଲିକ ପ୍ରସନ୍ନ ପ୍ରଧାନ (୫୫)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲଣ କରିଛି। ବନ୍ଧବାହାଲ ଫାଣ୍ଡିରେ ଏକ ମାମଲା (ନଂ.୧୪୯/୧୮) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ବନ୍ଧବାହାଲ ମାର୍କେଟ୍ ମୁଖ୍ୟରାସ୍ତାରେ ରହିଛି କଲ୍ୟାଣୀ ହୋଟେଲ। ଏଠାରେ ଦୀର୍ଘଦିନ ହେଲା ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା। ପୂର୍ବରୁ ଏଠାରେ ଅନେକଥର ଗଣ୍ଡଗୋଳ ହୋଇଛି। ସପ୍ତାହକ ତଳେ ୨ଜଣ ଯୁବକ ହୋଟେଲକୁ ମଦ ପିଇବାକୁ ଆସି କୌଣସି କାରଣକୁ ନେଇ ଗଣ୍ଡଗୋଳ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଅନେକ ସମୟରେ ଥାନା ଓ ଫାଣ୍ଡି ପୋଲିସକୁ ଅବଗତ କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ତେଣୁ ଲୋକେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସ୍‌ପି ଅଶ୍ୱିନୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଚଢ଼ାଉ କରିଥିଲା। ଏହି ଚଢ଼ାଉ ପରେ ମଧ ଯଦି ଏଠାରେ ମଦ ବିକ୍ରି ହୁଏ ତେବେ ଲୋକେ ଥାନା ଓ ଫାଣ୍ଡି ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଦୁର୍ଘଟଣାରୁ ବର୍ତ୍ତିବା ଘଟଣା

# ଉପଯୁକ୍ତ ତଦନ୍ତ ଦାବିକରି ଏତଲା ଦେଲା ବିଜେଡି

**ଝାରସୁଗୁଡ଼ା ଅଫିସ,୨୪।୧୨**

ଶୁକ୍ରବାର ଝାରସୁଗୁଡ଼ା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହେଲିକପ୍ଟର ଦୁର୍ଘଟଣାର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ବିମାନବନ୍ଦର ନିର୍ଦ୍ଦେଶକ ଦେଇଥିବା ସଫେଇ ଜିଲା ବିଜେଡିକୁ ଆଶ୍ୱସ୍ତ କରିପାରିନାହିଁ। ବିମାନବନ୍ଦର କର୍ତ୍ତୃପକ୍ଷ ନିଜ ତରଫରୁ ଘଟଣାର ତଦନ୍ତ ପାଇଁ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଜିଲା ବିଜେଡି ପକ୍ଷରୁ ଝାରସୁଗୁଡ଼ା ଥାନାରେ ଏତଲା ଦିଆଯାଇଛି। ଜିଲା ବିଜେଡି ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ ସୋମବାର ଝାରସୁଗୁଡ଼ା ଥାନାରେ ଏହି ଏତଲା ଦେଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭୁବନେଶ୍ୱରରୁ ଝାରସୁଗୁଡ଼ା ଏକ ବିମାନ ଯୋଗେ ଆସି ଭିଏସ୍‌ଏସ୍ ବିମାନବନ୍ଦରରେ ଅବତରଣ କରିଥିଲେ। ସେଠାରୁ ହେଲିକପ୍ଟରରେ କୋଲାବିରା ବାହାରିଥିଲେ। ଏହି ସମୟରେ ବିମାନବନ୍ଦରରେ ପୂର୍ବରୁ ଅପେକ୍ଷା କରିଥିବା ଏକ ଘରୋଇ ହେଲିକପ୍ଟର ବିଧାୟକ ନବ ଦାସଙ୍କୁ ନେଇ ଭୁବନେଶ୍ୱର ଯିବାକୁ ପ୍ରସ୍ତୁତ ହେଉଥିଲା। ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଉଡ଼ିବା କ୍ଷଣି ଘରୋଇ ହେଲିକପ୍ଟର ଉଡ଼ାଣ ଆରମ୍ଭ କରିଥିଲା। କିଛି ସେକେଣ୍ଡ ବ୍ୟବଧାନରେ ଘରୋଇ ହେଲିକପ୍ଟର ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ନିକଟତର ହୋଇଥିଲା। ପ୍ରାୟ ୫୦ ମିଟର ପାଖକୁ ଚାଲିଯାଇଥିଲା। ଫଳରେ ଦୁର୍ଘଟଣା ଆଶଙ୍କା ସୃଷ୍ଟି ହୋଇଥିଲା ବୋଲି ଏତଲାରେ ଦର୍ଶାଯାଇଛି। ଏଟିସି କର୍ମଚାରୀଙ୍କ ନିର୍ଦ୍ଦେଶକ୍ରମେ ଘରୋଇ ହେଲିକପ୍ଟରକୁ ଫେରାଇ ଆଣି ଲ୍ୟାଣ୍ଡିଂ କରାଯାଇଥିବାରୁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା ବୋଲି କୁହାଯାଉଛି। ଏହି ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ ବିମାନବନ୍ଦର କର୍ତ୍ତୃପକ୍ଷ ନିଜ ତରଫରୁ କୌଣସି ପଦକ୍ଷେପ ନ ନେଇ ନୀରବ ରହିଥିବାରୁ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଦର୍ଶାଯାଇଛି।

# ବ୍ରଜରାଜନଗର ଭାଜପାରେ ବିଦ୍ରୋହ

**ବ୍ରଜରାଜନଗର,୨୪।୧୨(ଡି.ଏନ୍.ଏ.)**

ବ୍ରଜରାଜନଗର ସହରାଞ୍ଚଳ ଏବଂ ପୌରାଞ୍ଚଳରେ ଭାଜପାରେ ବିଦ୍ରୋହ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିକଟ ଅତୀତରେ ବହୁ କର୍ମୀ ଦଳତ୍ୟାଗ କରିବା ସହ ଜିଲା ସଭାପତିଙ୍କ ନିଷ୍ପତ୍ତିକୁ ଖୋଲା ଚ୍ୟାଲେଞ୍ଜ ମଧ କରିଛନ୍ତି। ୨ମାସ ତଳେ ଦଳର ୬ଜଣ ମହିଳା ନେତ୍ରୀ ଦଳ ଛାଡ଼ିଥିଲେ। ଗତ ୧୯ ତାରିଖରେ ପୂର୍ବତନ ଯୁବମୋର୍ଚ୍ଚା ସଭାପତି ରାଜେଶ ସାହିସ ଦଳ ଛାଡ଼ିଥିଲେ। ସାହିସଙ୍କୁ ସମର୍ଥନ କରି ୩୦ଜଣ ଯୁବ କର୍ମୀ ମଧ ଦଳ ଛାଡ଼ିଥିଲେ। ଏହି ଘଟଣା ବ୍ରଜରାଜନଗର ଅଞ୍ଚଳରେ ହଟଚମକ ସୃଷ୍ଟି କରିଥିଲା। ନିଲମ୍ବିତ ମହିଳା କର୍ମୀ ସବିତା ପ୍ରଧାନ, ମିକି ନାଏକ, ବିନୋଦିନୀ ପ୍ରଧାନ ଓ ସଙ୍ଗୀତା ସୁନା ଖବରଦାତା ସମ୍ମିଳନୀରେ ଜିଲା ସଭାପତିଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ନିଲମ୍ବନ ସମ୍ବନ୍ଧରେ ରାଜ୍ୟ ସଭାପତିଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସଭାପତି ମଧ ଏହି ୪ କର୍ମୀଙ୍କୁ ନିଲମ୍ବନ କରାଯାଇ ନ ଥିବା ସ୍ପଷ୍ଟ କରିବା ସହ ଦଳ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଏହି ମହିଳା କର୍ମୀମାନେ ସଂଗଠିତ ହୋଇ ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ହେଲେ ଜିଲା ସଭାପତିଙ୍କ ନିଷ୍ପତ୍ତିକୁ ବିରୋଧ କରି ଆସୁଛନ୍ତି। ଦୀର୍ଘବର୍ଷ ଧରି କଂଗ୍ରେସ ସହିତ ଲଢ଼ି ଯେଉଁ କର୍ମୀମାନେ ଭାଜପାକୁ କ୍ଷମତାକୁ ଆଣିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଦଳରେ ଥାଇ ମଧ ଦଳ ପାଇଁ କାର୍ଯ୍ୟ କରୁନାହାନ୍ତି। ସେମାନେ ଖୋଲା ଖୋଲି ଭାବେ ଜିଲା ସଭାପତିଙ୍କୁ ବିରୋଧ କରି ଆସୁଛନ୍ତି। ଦଳରେ ଯେତିକି କର୍ମୀ ସାମିଲ ହେଉଛନ୍ତି ତା'ଠାରୁ ଅଧିକ ଛାଡୁଛନ୍ତି। ନିର୍ବାଚନ ବିଗୁଲ ବାଜିବା ସମୟ ପାଖେଇ ଆସୁଥିବା ବେଳେ ଦଳ ପାଇଁ ଏହା ଶୁଭଙ୍କର ନୁହେଁ ବୋଲି ରାଜନୀତି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ଭାଜପା ଜିଲା ସଭାପତି ରାଧାରାଣୀ ପଣ୍ଡାଙ୍କୁ ଫୋନ୍ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ଜିଲା ସାଧାରଣ ସମ୍ପାଦକ ଅନୀଲ ନାଏକ ବ୍ରଜରାଜନଗର ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିବା ଏବଂ କର୍ମୀମାନେ ଦଳ ଛାଡୁଥିବା କଥାକୁ ସ୍ୱୀକାର କରିଛନ୍ତି। ତାଙ୍କ କହିବା କଥା, ଜିଲା ସଭାପତି ପଣ୍ଡା ପୂର୍ବରୁ ଅନ୍ୟ ଦଳରେ ଥିଲେ। ତାଙ୍କର କିଛି ବ୍ୟକ୍ତିଗତ ସମର୍ଥକ ନିର୍ବାଚନ ମଣ୍ଡଳୀରେ ଅଛନ୍ତି। ସଭାପତି ପଦ ପାଇଲା ପରେ ସେହି ସମର୍ଥକମାନଙ୍କୁ ଦଳର ବିଭିନ୍ନ ପଦ ପଦବୀରେ ପଣ୍ଡା ଅବସ୍ଥାପିତ କରାଇଛନ୍ତି। ଯାହା ପୁରୁଖା କର୍ମୀମାନଙ୍କୁ ଆଘାତ ଦେଇଛି। ତେବେ ପ୍ରତ୍ୟେକ ଦଳରେ ଏଭଳି ଅନ୍ତର୍ଦ୍ୱନ୍ଦ୍ୱ ରହିଥିବା ନାଏକ କହିଛନ୍ତି।

# ଶିକ୍ଷାନିକେତନର ବାର୍ଷିକ ଉତ୍ସବ

**ବ୍ରଜରାଜନଗର,୨୪।୧୨(ଡି.ଏନ୍.ଏ.)**

ବ୍ରଜରାଜନଗର ସହରାଞ୍ଚଳସ୍ଥିତ ଶିକ୍ଷା ନିକେତନ ବିଦ୍ୟାଳୟର ୫୪ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି, ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱନାଥ ନାଏକ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ପ୍ରହଲ୍ଲାଦ ନାଏକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପରିଚାଳନା କମିଟି ସମ୍ପାଦକ ଜୟନ୍ତ ଦୀକ୍ଷିତ ବିଦ୍ୟାଳୟର ଅସୁବିଧା ଓ ଆବଶ୍ୟକତା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବହୁ ଅଭାବ ଅସୁବିଧା ଥିବା ସତ୍ତ୍ୱେ ବିଦ୍ୟାଳୟର ପରିଚାଳନା ଓ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାରଦର୍ଶିତା ନେଇ ଅତିଥିମାନେ ସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଯଥାସମ୍ଭବ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୧୦ଲକ୍ଷ ଓ ଏମ୍‌ପିଙ୍କ ପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୩ଟି ହଲ୍‌କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ବୀରେନ୍ଦ୍ର ମିଶ୍ର, କରୁଣାକର ଓଝା, ସଞ୍ଜୟ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଲଇକେରା,୨୪।୧୨(ଡି.ଏନ୍.ଏ.)**



ମଞ୍ଚରେ ଅତିଥିଙ୍କ ସହ ଛାତ୍ରୀମାନେ।

ଲଇକେରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପରିଚାଳନା କମିଟି ସଭାପତି ପଞ୍ଚାନନ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ନବକିଶୋର ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜୟନାରାୟଣ ଶତପଥୀ, ସମ୍ମାନୀତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ପଶ୍ଚିମ ସମ୍ଭାଗ ସଂଯୋଜକ ସଞ୍ଜୟ ମିଶ୍ର ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ଏକ ମଣିଷ ତିଆରି କାରଖାନା ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପରିଚାଳନା କମିଟି ସମ୍ପାଦକ ସଞ୍ଜୀବ ବେହେରା ଅତିଥି ପରିଚୟ ଦେଇଥିବାବେଳେ ପ୍ରଧାନ ଆଚାର୍ଯ୍ୟ କେଦାର ମହାନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।




ବେଦାନ୍ତ କର୍ମଚାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ଏନ୍‌ସିକ୍ୟୁସିରେ ବେଦାନ୍ତକୁ ୨୬ ପୁରସ୍କାର

**ଝାରସୁଗୁଡ଼ା ଅଫିସ,୨୪।୧୨**

ଡିସେମ୍ବର ୨୧ରୁ ୨୪ ତାରିଖ ଯାଏ ଗ୍ୱାଲିୟରଠାରେ ଆୟୋଜିତ ନ୍ୟାଶନାଲ କନଭେନଶନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟ (ଏନ୍‌ସିକ୍ୟୁସି)-୨୦୧୮ରେ ଝାରସୁଗୁଡ଼ା ବେଦାନ୍ତ ଲିମିଟେଡ୍‌କୁ ୨୬ଟି ପୁରସ୍କାର ମିଳିଛି। ଏଥିରୁ ୧୨ଟି ପାରା-ଏକ୍ସଲେନ୍ସ ଏବଂ ୧୪ଟି ଏକ୍ସଲେନ୍ସ ଶ୍ରେଣୀଭୁକ୍ତ। ଚାରିଦିନିଆ ଏହି ପ୍ରତିଯୋଗିତାରେ ଦେଶର ୫୫୦ଟି ସଂସ୍ଥାର ୨୧ଶହରୁ ଅଧିକ ଟିମ୍ ଯୋଗଦେଇଥିଲେ। କ୍ୱାଲିଟି ଓ ଏକ୍ସଲେନ୍ସ ଏହି ବୃହତ୍ତ ଆଲୁମିନିୟମ କାରଖାନାର ପ୍ରଗତିର ମୂଳଦୁଆ ବୋଲି ପୁରସ୍କାର ପାଇବା ପରେ ବେଦାନ୍ତ ସିଇଓ ଅଭିଜିତ ପତି ପ୍ରକାଶ କରିଛନ୍ତି। ଏହି ପୁରସ୍କାର ହେଉଛି ପ୍ରତିଷ୍ଠିତ ବୈଜ୍ଞାନିକ ଓ ଯୁବ କର୍ମଚାରୀଙ୍କ ଅନବରତ ପ୍ରଚେଷ୍ଟାର ଫଳ ବୋଲି ସେ କହିଛନ୍ତି।



ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।

# କ୍ରିକେଟ ଟୁର୍ନାମେଣ୍ଟ: ସମ୍ବଲପୁର ଚାମ୍ପିୟନ

**କିର୍ମିରା,୨୪।୧୨(ଡି.ଏନ୍.ଏ.)**

କିର୍ମିରା ବ୍ଲକ ଭାଲୁପତ୍ରା ଗ୍ରାମରେ ଅଷ୍ଟମ ନରେନ୍ଦ୍ର ଗୌନ୍ତିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ତଥା ଜିଲା ବାହାରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏମ୍‌ଏମ୍‌ସିସି ସମ୍ବଲପୁର ଏବଂ ହିରମା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ସମ୍ବଲପୁର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଗୌନ୍ତିଆ ଥଣ୍ଡାରାମ ନାୟକ, ଗୌନ୍ତିଆ ରମେଶ ଚନ୍ଦ୍ର ନାୟକ ଭାବେ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ଡେନିସ ନାୟକ, ତ୍ରିନାଥ ବେହେରା, ଜ୍ଞାନରଞ୍ଜନ ନାୟକ, ଅଜିତ ପଶାୟତ, ପ୍ରବୀଣ ନାୟକ, ବିଶ୍ୱଜିତ ନାୟକ, ଆଲୋକ ନାୟକ, ଅମୀୟ ପଟେଲ, ରାଜେଶ ପଟେଲ, ଶରତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ ସେଠ, ଅଞ୍ଜନ ପଟେଲ ମ୍ୟାଚ୍ ପରିଚାଳନା କରିଥିଲେ।

# ଟ୍ରକ୍ ଧକ୍କାରେ ଘର ଭାଙ୍ଗିଲା

**ବ୍ରଜରାଜନଗର,୨୪।୧୨(ଡି.ଏନ୍.ଏ.)**

ସ୍ଥାନୀୟ ଲମତିବାହାଲ କ୍ୟାମ୍ପ ଛକ ଗଳି ଭିତରେ ରବିବାର ବିଳମ୍ବିତ ରାତିରେ ଏକ ଦଶ ଚକିଆ ଟ୍ରକ (ନଂ. ଓଆର୍‌୧୫-ଏଲ୮୧୪୪) ପଶି ବ୍ୟାପକ ଭଙ୍ଗାରୁଜା କରିଛି। ଡ୍ରାଇଭର ଜଣକ ରାତ୍ରି ୧୨ଟା ପରେ କଲୋନୀରେ ଟ୍ରକ୍ ପୂରାଇଥିଲେ। ଗୋଟିଏ ଘରର ଉପର ଅଂଶ ବାଜି ତାହା ଭାଙ୍ଗିବା ସହ ଗାଡ଼ି ଭାଙ୍ଗିଯିବା ପରେ ଅଟକିଥିଲା। ମାଡ଼ ଭୟରେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। କଲୋନୀ ଭିତରେ ଟ୍ରକ୍ ଅଟକି ରହିବାରୁ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ରାସ୍ତା ଜାମ୍ ରହିଥିଲା। ବିଦ୍ୟୁତ୍ ସରବରାହ ମଧ ବନ୍ଦ ରହିଥିଲା। ଗାଡ଼ି ହଟାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ

# ଦହଲଡେରାକୁ ହରାଇ ବନ୍ଧବାହାଲ ଚାମ୍ପିୟନ

**ଲଖନପୁର,୨୪।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପିପିଲିକାନୀ ପଞ୍ଚାୟତ ବଗେଇନଳା ଗ୍ରାମରେ ଜୟ ମା' ସମଲେଶ୍ୱରୀ କ୍ଲବ ପକ୍ଷରୁ ଆୟୋଜିତ ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବନ୍ଧବାହାଲ ଓ ଦହଲଡେରା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦହଲଡେରାକୁ ହରାଇ ବନ୍ଧବାହାଲ ଚାମ୍ପିୟନ ହୋଇଛି। ମହେନ୍ଦ୍ର ବଗର୍ତ୍ତି, ରମଣୀ ମାଝି, ଡୋଲାମଣି କିଷାନ, କାର୍ତ୍ତିକ ଦାସ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମନ୍ଦାକିନୀ ନାୟକ, ସମିତିସଭ୍ୟା କୁମୁଦିନୀ ମିର୍ଦ୍ଧା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଦସ୍ୟ ରବି କିଷାନ, ସୁବାସ କିଷାନ, କୁଳମଣି କାଲୋ ପ୍ରମୁଖ ସହଯୋଗ କରିଥିଲେ।



ଖେଳାଳିଙ୍କ ଗହଣରେ ଅତିଥିମାନେ।




ଷ୍ଟାର୍ ଫ୍ୟାମିଲି କାର୍ନିଭାଲ-୨୦୧୯ରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଷ୍ଟାର୍ ଫ୍ୟାମିଲି କାର୍ନିଭାଲ-୨୦୧୯

# ନୃତ୍ୟ ପରିବେଷଣ କଲେ ଶହେ ଛାତ୍ରୀ

**ବେଲପାହାଡ଼,୨୪।୧୨(ଡି.ଏନ୍.ଏ.)**

ନୃତ୍ୟ ସଙ୍ଗୀତ ଶିକ୍ଷାନୁଷ୍ଠାନ ଷ୍ଟାର୍ ଫ୍ୟାମିଲି ପକ୍ଷରୁ ରବିବାର ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଜୁବୁଲି ହଲ୍‌ଠାରେ କାର୍ନିଭାଲ-୨୦୧୯ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡ. ତାରାପଦ ଦାଶ ମୁଖ୍ୟଅତିଥି, କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ ଦାଶ, ବିଶାଳ ସାହୁ, ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଓ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଷ୍ଟାର୍ ଫ୍ୟାମିଲି ଅନୁଷ୍ଠାନର ଶିକ୍ଷୟିତ୍ରୀ ନର୍ମଦା ରାଉତଙ୍କଠାରୁ ଶିକ୍ଷାଲାଭ କରିଥିବା ୧୦୦ ଛାତ୍ରୀ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପସଭାପତି ସୂର୍ଯ୍ୟକାନ୍ତ ରାଉତ ସଭା ସଞ୍ଚାଳନ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ଝାରସୁଗୁଡ଼ାସ୍ଥିତ କନକଦୁର୍ଗା ଡାନ୍ସ ଇନଷ୍ଟିଚ୍ୟୁଟର ଛାତ୍ରୀ ଗ୍ରୁପ ଚାମ୍ପିୟନ ପୁରସ୍କାର ଅର୍ଜନ କରିଛନ୍ତି। ସବ୍‌ଜୁନିୟର ଗ୍ରୁପର ଦ୍ରିଶିକା ସୋନି ପ୍ରଥମ, ତନଭି ଶର୍ମା ଦ୍ୱିତୀୟ ଏବଂ ପ୍ରୀତି ହାଜରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଜୁନିୟର ଗ୍ରୁପରେ ଯସ୍ମିନ ମୁର୍ମୁ ପ୍ରଥମ, କସ୍ତୁରୀ ନନ୍ଦ ଦ୍ୱିତୀୟ ଓ ଦୀକ୍ଷା ପାଢ଼ୀ ତୃତୀୟ ହୋଇଛନ୍ତି। ସେହିପରି ସିନିୟର ବିଭାଗରେ କଲ୍ୟାଣୀ ନନ୍ଦ, କନକ ମାହାତୋ ଓ ଅଦିତୀ ଇପ୍ସିତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ସୁନିଧି ଏସ୍. ମାହାତୋ ବେଷ୍ଟ ଡାନ୍ସର, କେ. ମନସ୍ୱିନୀ ବେଷ୍ଟ କଷ୍ଟ୍ୟୁମ ଏବଂ ସମ୍ରିଦ୍ଧି ନାୟକ, ପ୍ରତିଜ୍ଞା ବିଶ୍ୱାଳ ଓ ଶିବଶ୍ରୀ ପ୍ରଧାନଙ୍କୁ ବେଷ୍ଟ ଏକ୍ସପ୍ରେଶନ ପାଇଁ ପୁରସ୍କୃତ କରାଯାଇଛି।